DHARITRI
୮+୮=୧୬
ଭୁବନେଶ୍ୱର, ଶନିବାର, ଏପ୍ରିଲ ୨୬/୨୦୨୫ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, April 26/2025 Page 16 ₹ 7.00 | RAYAGADA
୫୧ଶ ଭାଗ ୧୫୧ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 51 ISSUE 151 ମୂଲ୍ୟ ₹୭/-




# ପାକିସ୍ତାନୀଙ୍କୁ ଖୋଜି ବିଦାକର

## ସବୁ ମୁଖ୍ୟମନ୍ତ୍ରୀଙ୍କୁ ଫୋନ୍ କଲେ ଶାହା

**ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସରକାର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଗୋଟେ ପରେ ଗୋଟେ ପଦକ୍ଷେପ ନେଲେଣି। ଆତଙ୍କବାଦୀଙ୍କୁ ସେମାନଙ୍କ କଳ୍ପନା ବାହାରେ ଦଣ୍ଡ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିବାର ଗୋଟିଏ ଦିନ ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଶୁକ୍ରବାର ସବୁ ମୁଖ୍ୟମନ୍ତ୍ରୀଙ୍କୁ ଫୋନ୍ କରି ନିଜ ରାଜ୍ୟରେ ଥିବା ପାକିସ୍ତାନୀଙ୍କୁ ଖୋଜି ବିଦା କରିବାକୁ କହିଛନ୍ତି। ଫଳରେ ପାକିସ୍ତାନୀଙ୍କ ସଂଖ୍ୟା ଜାଣିବା ଲାଗି ତତ୍ପରତା ପ୍ରକାଶ ପାଇଲାଣି। ଇତିମଧ୍ୟରେ ଓଡ଼ିଶାରେ ୧୨ ଜଣ ପାକିସ୍ତାନୀ ରହିଥିବା ନେଇ ଗୃହ ବିଭାଗ ପକ୍ଷରୁ ସୂଚନା ମିଳିଛି।**

**ନୂଆଦିଲ୍ଲୀ,୨୫।୪**

ଜମ୍ମୁ-କଶ୍ମୀରର ପହଲଗାମ୍ ଆକ୍ରମଣରେ ପାକିସ୍ତାନୀ ଆତଙ୍କବାଦୀଙ୍କ ସମ୍ପୃକ୍ତି ସାମ୍ନାକୁ ଆସିବା ପରେ ପାକିସ୍ତାନର ନାଗରିକମାନଙ୍କୁ ଦେଶ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଶୁକ୍ରବାର ସବୁ ମୁଖ୍ୟମନ୍ତ୍ରୀଙ୍କୁ ଫୋନ୍ କରି ସମ୍ପୃକ୍ତ ରାଜ୍ୟଗୁଡ଼ିକରେ ନିର୍ଦ୍ଧାରିତ ଅବଧି ବାହାରେ ରହୁଥିବା ପାକିସ୍ତାନୀ ନାଗରିକମାନଙ୍କୁ ଚିହ୍ନଟ ଓ ବିଦା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ପହଲଗାମ୍‌ର ବୈସରନ୍ ପର୍ଯ୍ୟଟନସ୍ଥଳୀରେ ମଙ୍ଗଳବାର ଆତଙ୍କବାଦୀଙ୍କ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରେ ଜଣେ ସ୍ଥାନୀୟ ଯୁବକ ଓ ଅନ୍ୟ ଜଣେ ନେପାଳ ନାଗରିକ ଥିବାବେଳେ ଅବଶିଷ୍ଟ ୨୪ ଜଣ ଦେଶର ବିଭିନ୍ନ ଭାଗରୁ ସେଠାକୁ ଯାଇଥିବା ପର୍ଯ୍ୟଟକ ଥିଲେ। ଆତଙ୍କବାଦୀଙ୍କ ଏହି ବର୍ବରତାର ଦିନକ ପରେ ବୁଧବାର ଭାରତ ସରକାର ଦକ୍ଷିଣ ଏସୀୟ ଆଞ୍ଚଳିକ ସହଯୋଗ ସଙ୍ଗଠନ (ସାର୍କ) ଭିଜା ଏକ୍‌ଜେମ୍ପଶନ୍ ସ୍କିମ୍ (ଏସ୍‌ଭିଇଏସ୍) ବଳରେ ଭାରତରେ ଥିବା ପାକିସ୍ତାନୀଙ୍କ ଭିଜାକୁ ତତ୍କାଳ ରଦ୍ଦ କରିଛନ୍ତି। ଏଥିସହ ୪୮ ଘଣ୍ଟା ଭିତରେ ଭାରତ ଛାଡ଼ି ଚାଲିଯିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏପ୍ରିଲ ୨୭ରୁ ଭାରତରେ ଥିବା ସମସ୍ତ ପାକିସ୍ତାନୀ ନାଗରିକଙ୍କ ଭିଜା ରଦ୍ଦ ହେବ ବୋଲି ଗୁରୁବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି। ତେବେ ପାକିସ୍ତାନୀଙ୍କୁ ଦିଆଯାଇଥିବା ମେଡିକାଲ ଭିଜା ଏପ୍ରିଲ ୨୯ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ଅବଧି ଶେଷ ହେବା ପରେ ପାକିସ୍ତାନୀମାନେ ଭାରତରେ ରହିପାରିବେ ନାହିଁ ବୋଲି ପ୍ରେସ୍ ବିବୃତିରେ ସ୍ପଷ୍ଟ କରାଯାଇଛି।

ଇତିମଧ୍ୟରେ ଦକ୍ଷିଣ ଏସୀୟ ଆଞ୍ଚଳିକ ସହଯୋଗ ସଙ୍ଗଠନ (ସାର୍କ) ଭିଜା ବଳରେ ଭାରତକୁ ପ୍ରବେଶ କରି ଦେଶରେ ବସବାସ କରୁଥିବା ପାକିସ୍ତାନୀମାନେ ଛାଡ଼ିଆ ହୋଇଯାଇଛନ୍ତି। ଏଭଳି ସମୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା ବ୍ୟକ୍ତିଗତ ଭାବେ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ଫୋନ୍ କଲ୍ କରି ପାକିସ୍ତାନୀ ନାଗରିକଙ୍କୁ ଚିହ୍ନଟ ସହ ସେମାନେ ଯେପରି ଡେଡ୍‌ଲାଇନ୍ ବାହାରେ ଦେଶରେ ନ ରହିବେ ତାହା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅର୍ଥାତ୍ ବର୍ତ୍ତମାନ ମୁଖ୍ୟମନ୍ତ୍ରୀମାନେ ନିଜ ନିଜ ରାଜ୍ୟରେ ରହୁଥିବା ପାକିସ୍ତାନୀଙ୍କୁ ଚିହ୍ନଟ ପରେ ପ୍ରତ୍ୟର୍ପଣ ସକାଶେ କେନ୍ଦ୍ର ସରକାରଙ୍କୁ ସେମାନଙ୍କ ସମ୍ପର୍କରେ ଅବଗତ କରାଇବେ। ଅନ୍ୟପକ୍ଷେ ଦୀର୍ଘଅବଧି ଭିଜା ବଳରେ ଦେଶରେ ରହୁଥିବା ହିନ୍ଦୁ ପାକିସ୍ତାନୀଙ୍କ କ୍ଷେତ୍ରରେ ଏହା ଲାଗୁ ହେବନାହିଁ।

ଉଲ୍ଲେଖଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ବିହାରର ମଧୁବନିରେ ଏକ ସଭାକୁ ସମ୍ବୋଧିତ କରି କହିଥିଲେ, ପହଲଗାମ୍ ଆକ୍ରମଣରେ ସମ୍ପୃକ୍ତ ଆତଙ୍କବାଦୀଙ୍କୁ ଚିହ୍ନଟ ଓ ଟ୍ରାକ୍ କରି ଦଣ୍ଡିତ କରାଯିବ। ଏପରି କି ସେମାନଙ୍କ ସମର୍ଥକ ଓ ହ୍ୟାଣ୍ଡଲର୍ସଙ୍କୁ ମଧ୍ୟ ଖୋଜି ବାହାର କରାଯିବ। ଆତଙ୍କବାଦୀମାନଙ୍କୁ ସେମାନଙ୍କ କଳ୍ପନା ବାହାରେ ଦଣ୍ଡ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଚେତାବନୀ ପରେ ଜମ୍ମୁ-କଶ୍ମୀରରେ ସୁରକ୍ଷା ବଳ ସତର୍କତାର ସହ ଆତଙ୍କବାଦୀଙ୍କୁ ଖୋଜୁଥିବାବେଳେ ଦେଶ ଭିତରେ ଥିବା ପାକିସ୍ତାନୀ ନାଗରିକଙ୍କୁ ଚିହ୍ନଟ ଓ ବିଦା ପାଇଁ ଶାହା ଦେଇଥିବା ନିର୍ଦ୍ଦେଶକୁ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ମନେକରାଯାଉଛି।



ନିୟନ୍ତ୍ରଣରେଖା ଆଡ଼କୁ ଶୁକ୍ରବାର ଆସୁଥିବା ପାକିସ୍ତାନର ଯୁଦ୍ଧ ଟ୍ୟାଙ୍କ। (ରିପୋର୍ଟ ପୃଷ୍ଠା-୪)

## ଓଡ଼ିଶାରେ ୧୨ ପାକିସ୍ତାନୀ

**ଭୁବନେଶ୍ୱର, ୨୫।୪ (ରବିନାରାୟଣ ଜେନା)**

ଓଡ଼ିଶାରେ ଏବେ ୧୨ ଜଣ ପାକିସ୍ତାନୀ ରହିଛନ୍ତି। ସେମାନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଚିହ୍ନଟ କରାଯାଇଛି। ଖୁବ୍‌ଶୀଘ୍ର ସେମାନଙ୍କୁ ବିତାଡ଼ିତ କରିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଶୁକ୍ରବାର ଗୃହ ବିଭାଗ ପକ୍ଷରୁ ଲୋକସେବା ଭବନରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରୁ ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ମଧ୍ୟାହ୍ନ ୧୨ଟା ୩୦ରେ ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ୱାଇ.ବି. ଖୁରାନିଆ ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁଯାୟୀ, ୧୨ ଜଣ ପାକିସ୍ତାନ ନାଗରିକ ଓଡ଼ିଶାରେ ଅଛନ୍ତି। ସେମାନଙ୍କୁ ୪୮ ଘଣ୍ଟା ମଧ୍ୟରେ ଓଡ଼ିଶା ଛାଡ଼ିଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଡିଜିପି କହିଛନ୍ତି, ଯେଉଁମାନଙ୍କର ଭିଜା ଅବଧି ଶେଷ ହୋଇଯାଇଛି ଏବଂ ସେମାନେ ପୁନର୍ବାର ନବୀକରଣ କରିବାକୁ ଆବେଦନ କରିଥିଲେ, ତାହାକୁ ବାତିଲ କରାଯାଇଛି। ଏହାବାଦ୍ ସେମାନଙ୍କ ଲିଙ୍କ୍‌ରେ ଯଦି ଆଉ କେହି ଥାଆନ୍ତି ତା'ର ଅନୁସନ୍ଧାନ କରାଯାଉଛି ବୋଲି ଡିଜିପି କହିଛନ୍ତି।

## ଇସ୍ରୋର ପୂର୍ବତନ ଅଧ୍ୟକ୍ଷ କସ୍ତୁରୀରଙ୍ଗନଙ୍କ ପରଲୋକ



ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ସ୍ୱଚ୍ଛତା ନାହିଁ**

**ଆଜିର ମନ୍ତବ୍ୟ**

"ଭାରତରୁ ପାକିସ୍ତାନକୁ ଯେମିତି ବୁନ୍ଦାଏ ବି ପାଣି ଯିବନାହିଁ, କେନ୍ଦ୍ର ସରକାର ସେଦିଗରେ କାର୍ଯ୍ୟ କରୁଛନ୍ତି।
**-ସି.ଆର୍. ପାଟିଲ, ଜଳଶକ୍ତି ମନ୍ତ୍ରୀ**

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T-: ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ **ତା28.04.2025ରିଖ** ଦିନ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ, ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**

# ଆନ୍ଧ୍ରରେ ମିଶିବାକୁ ସୀମାନ୍ତବାସୀଙ୍କ ଇଚ୍ଛା



ନନ୍ଦପୁର ବିଡିଓ ଏବଂ ତହସିଲଦାର ରାଇପାହାଡ଼ ଗ୍ରାମବାସୀ, ଅଙ୍ଗନୱାଡ଼ି କର୍ମୀଙ୍କ ସହ ଆଲୋଚନା କରୁଛନ୍ତି।

**▪ କୋଟିଆ ପରେ ଏବେ ରାଇପାହାଡ଼**
**▪ ଗାଁରେ ପହଞ୍ଚି ତଦନ୍ତ କଲା ନନ୍ଦପୁର ବ୍ଲକ୍ ପ୍ରଶାସନ**

**ନନ୍ଦପୁର,୨୫।୪ (ତୁଷାର କାନ୍ତ ମହାନ୍ତି)**

ଆନ୍ଧ୍ରର ଅନୁପ୍ରବେଶ ଓ ବିସ୍ତାରବାଦୀ ନୀତି ପାଇଁ ସମସ୍ତଙ୍କ ନଜର ପଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତ ସୀମାନ୍ତ ଗ୍ରାମଗୁଡ଼ିକ ଉପରେ ରହିଛି। ରାଜ୍ୟ ସରକାର କୋଟିଆ ପଞ୍ଚାୟତ ସମସ୍ୟାକୁ ଗୁରୁତ୍ୱ ଦେଇ ଆନ୍ଧ୍ର-ଓଡ଼ିଶା ମଧ୍ୟରେ ଥିବା ବିବାଦକୁ ସମାଧାନ କରିବାକୁ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। କିନ୍ତୁ ନନ୍ଦପୁର ବ୍ଲକ୍ ଅଧୀନ ସୀମାନ୍ତ ଗ୍ରାମଗୁଡ଼ିକ ଅଣଦେଖା ହେଉଛି। ଏଭଳି ଅଭିଯୋଗ କରି ନନ୍ଦପୁର ବ୍ଲକ୍ ଗୋଲୁର ପଞ୍ଚାୟତର ରାଇପାହାଡ଼ ଗ୍ରାମବାସୀ ଗତ ୧୮ ତାରିଖ ଦିନ ଆନ୍ଧ୍ର ଡୁମୁରିଗୁଡା ବ୍ଲକ ବିଡିଓ, ତହସିଲଦାର ଓ କଣ୍ଡୁମ ପଞ୍ଚାୟତ ପ୍ରତିନିଧିଙ୍କୁ ଭେଟି ଆନ୍ଧ୍ରରେ ମିଶିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଆନ୍ଧ୍ର ସେମାନଙ୍କୁ ସହାୟତା ପ୍ରଦାନ କରିବାକୁ ଅନୁରୋଧପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି। ଏ ଘଟଣା ସମ୍ପର୍କରେ କୋରାପୁଟ ଜିଲାପାଳ ଭି.କୀର୍ତ୍ତିଭାସନଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରା ଏବଂ ତହସିଲଦାର ପ୍ରଭାତି ଖୋଡିଆଙ୍କୁ ରାଇପାହାଡ ଗ୍ରାମକୁ ଯାଇ ତଦନ୍ତ କରିବାକୁ ସେ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ଏହାପରେ ଶୁକ୍ରବାର ସେମାନେ ଏହି ଗ୍ରାମକୁ ପରିଦର୍ଶନ କରି ସ୍ଥାନୀୟ ଲୋକେ ଓ ଆନ୍ଧ୍ର ଦ୍ୱାରା ନିଯୁକ୍ତ ଆଶା, ଅଙ୍ଗନୱାଡ଼ି କର୍ମୀଙ୍କ ସହ ଆଲୋଚନା କରିଥିବା ଜିଲାପାଳ କହିଛନ୍ତି।

ସୂଚନା ଅନୁଯାୟୀ, ୨୦୨୩ରେ ନନ୍ଦପୁର ବ୍ଲକ୍ ସୀମାନ୍ତ ପାଟ୍ଟଲୁଙ୍ଗ, ଗୋଲୁର, ଚାଟୁଆ, ଖିନବର୍, ହାତୀବାରି, ପରଜା ବଡପଡ଼ା, ପାଡୁଆ, କୁଲାବିର, କୁଲାରସିଂ ଓ ବିଲାପୁଟ ଆଦି ପଞ୍ଚାୟତବାସୀଙ୍କୁ ଆଧାର, ରାଶନ ଓ ଭୋଟର କାର୍ଡ ଦେଇ ଆନ୍ଧ୍ର ପ୍ରଲୋଭନ ଦେଖାଉଥିବା ଘଟଣା ସାମ୍ନାକୁ ଆସିଥିଲା। ବିଶେଷ ଭାବେ ଗୋଲୁର ପଞ୍ଚାୟତର ରାଇପାହାଡ଼ ଗ୍ରାମକୁ ଆନ୍ଧ୍ର ନିଜର କହି ଏକାଧିକ ସରକାରୀ ଯୋଜନାରେ ସାମିଲ କରିଥିବା ନେଇ ଧରିତ୍ରୀରେ ଖବର ପ୍ରକାଶ ପରେ ଘଟଣା ସାମ୍ନାକୁ ଆସିଥିଲା। ଜିଲା ଓ ବ୍ଲକ୍ ପ୍ରଶାସନ ପକ୍ଷରୁ ତଦନ୍ତ କରାଯିବା ପରେ ଆନ୍ଧ୍ର ଓଡ଼ିଶା ସୀମାର ୨ କି.ମି. ଅତିକ୍ରମ କରି ରାଇପାହାଡ ଗ୍ରାମବାସୀଙ୍କୁ ପ୍ରଲୋଭିତ କରାଯାଇଥିବା ଜଣାପଡ଼ିଥିଲା। କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୩୯୭/୨୩(ରେସ) ଜେଡ୍‌ପି ୨୭।୬।୨୩ରେ ଆନ୍ଧ୍ରର ଆଲୁରି ସୀତାରମଣ ଜିଲାପାଳଙ୍କୁ ଚିଠି ଲେଖି ଆନ୍ଧ୍ରର ଅନୁପ୍ରବେଶ ଓ ସରକାରୀ ଯୋଜନା ପ୍ରଣୟନ ବନ୍ଦ କରି ୨ ରାଜ୍ୟର ଅଧିକାରୀଙ୍କ ଉପସ୍ଥିତିରେ ଦ୍ୱିପାକ୍ଷିକ ଆଲୋଚନା ପାଇଁ ପ୍ରସ୍ତାବ ଦେଇଥିଲେ। ୧୨।୭।୨୩ରେ ରାଇପାହାଡ ଓ ୨୮।୭।୨୩ରେ ଚାଟୁଆ ଫରେଷ୍ଟ ଗେଷ୍ଟ ହାଉସରେ ଦୁଇ ରାଜ୍ୟର ଅଧିକାରୀଙ୍କ ଉପସ୍ଥିତିରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା। ଓଡ଼ିଶା ପକ୍ଷରୁ ତତ୍କାଳୀନ ଉପଜିଲାପାଳ ବେଣୁଧର ଶବର ଓ ଆନ୍ଧ୍ରର ଡୁମୁରିଗୁଡା ତହସିଲଦାର ସି.ଏଚ. ନାଗ୍‌ମା ନିଜ ନିଜ ଟିମ୍ ସହ ଉପସ୍ଥିତ ରହି କଥାବର୍ତ୍ତା କରିଥିଲେ। ଏଥିରେ ଆନ୍ଧ୍ର ପାଖରେ କେବଳ ରାଇପାହାଡ଼ ଗ୍ରାମବାସୀ ତାଙ୍କ ରାଜ୍ୟର ହିତାଧିକାରୀ ଥିବା ପ୍ରମାଣ ବ୍ୟତୀତ ଅନ୍ୟକୌଣସି କାଗଜପତ୍ର ନ ଥିଲା। ଏଥିପାଇଁ ଆନ୍ଧ୍ର ରାଇପାହାଡ ଗ୍ରାମରୁ ନିଜକୁ ଦୂରେଇ ରଖିବ ଓ ଗ୍ରାମବାସୀଙ୍କୁ ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ସରକାରୀ ସୁବିଧା ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା।

ଦ୍ୱିପାକ୍ଷିକ ଆଲୋଚନାର ନିଷ୍କର୍ଷ ସମ୍ପର୍କରେ କୋରାପୁଟ ଜିଲା ପ୍ରଶାସନ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ, ଗ୍ରାମ ଉନ୍ନୟନ ବିଭାଗ(ଆରଡି), ଶକ୍ତି ବିଭାଗ(ଟିପିଏସ୍‌ଓଡିଏଲ୍)କୁ ଅବଗତ କରିଥିଲେ। ରାଜ୍ୟ ସରକାରଙ୍କ ତରଫରୁ ଗ୍ରାମରେ ବସବାସ କରୁଥିବା ୧୬ରୁ ୩ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଅନ୍ୟ ୧୩ ପରିବାରକୁ ବିଜୁ ଗ୍ରାମୀଣ ଆବାସ ଯୋଜନା(ବିପିଜିୱାଇ)ରେ ସାମିଲ କରି ଏକକ ପରିଚୟ ଦେବାକୁ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଉପସଚିବ କୁଳମଣି ମିଶ୍ର ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। କୋରାପୁଟ ଜିଲା ପରିଷଦ ଉନ୍ନୟନ ଅଧିକାରୀ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୫୪୫/ଏକ୍ସଭି-୮୭/୨୪ ତା. ୩।୨।୨୪ରେ ନନ୍ଦପୁର ବ୍ଲକ୍ ପ୍ରଶାସନକୁ ରାଇପାହାଡ଼ର ୧୩ ପରିବାରର କାଗଜପତ୍ର ଯାଞ୍ଚ କରି ନାମ ଆରଏଚ୍(ବିପିଜିୱାଇ) ପୋର୍ଟାଲରେ ପଞ୍ଜୀକରଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କାଗଜପତ୍ର ଯାଞ୍ଚ ପରେ ସେମାନଙ୍କୁ ପଞ୍ଜୀକୃତ କରାଯାଇଥିଲା। ନିର୍ବାଚନ ପରେ ସରକାର ବିପିଜିୱାଇକୁ ପରିବର୍ତ୍ତନ କରିବା ପରେ ସେମାନଙ୍କ ମଧ୍ୟରୁ ୧୦ଜଣଙ୍କୁ ଏଜିୱାଇ ପୋର୍ଟାଲରେ ନାମ ପଞ୍ଜୀକୃତ କରାଯାଇଥିଲା। କିନ୍ତୁ ପାଣ୍ଠି ନ ଥିବା ଦର୍ଶାଇ ଉକ୍ତ ୧୦ ପରିବାରକୁ ଆବାସ ଯୋଜନାରେ ସାମିଲ କରାଯାଇନାହିଁ। ପକ୍କା ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ(ସୁନାବେଡା)ର କାର୍ଯ୍ୟ ତଦାରଖ, ଟିପିଏସ୍‌ଓଡିଏଲ ପକ୍ଷରୁ ଗାଁରେ ବିଦ୍ୟୁତ୍ ଖୁଣ୍ଟ ପୋତା, ଟ୍ରାନ୍ସଫର୍ମର ସ୍ଥାପନ, ଘରକୁ ଗୋଟିଏ ବିଦ୍ୟୁତ୍ ମିଟର ସ୍ଥାପନ କରିବା ସୀମିତ ହୋଇ ରହିଛି। ଓଡ଼ିଶା ବିଦ୍ୟୁତ୍ ବିଭାଗ କର୍ତ୍ତୃପକ୍ଷ ଆନ୍ଧ୍ରର ବିଦ୍ୟୁତ୍ ସଂଯୋଗ କାଟିଲେ ବିଦ୍ୟୁତ୍ ସଂଯୋଗୀକରଣ କରାଯିବ ବୋଲି କହୁଛନ୍ତି।

ଏ ସମ୍ପର୍କରେ କୋରାପୁଟ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବରଙ୍କୁ ପଚାରିବାରୁ ଅଗଷ୍ଟ ୨୦୨୪ଠାରୁ କୌଣସି ହିତାଧିକାରୀଙ୍କୁ ଆବାସ ଯୋଜନା ପାଣ୍ଠି ପ୍ରଦାନ କରାଯାଇ ନାହିଁ। ଶୀଘ୍ର ପଞ୍ଜୀକୃତ ୧୦ ହିତାଧିକାରୀଙ୍କୁ ଅନୁଦାନ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।



# ପ୍ରତିଶ୍ରୁତି ପାଳନରେ ବିଶ୍ୱାସ କରେ ଭାଜପା: ସୂର୍ଯ୍ୟବଂଶୀ



ଭାଜପାର କାର୍ଯ୍ୟକର୍ତ୍ତା ସମ୍ମିଳନୀ ଓ ମିଶ୍ରଣ ପର୍ବରେ ନୂତନ କର୍ମୀଙ୍କ ସହ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଦଳୀୟ ନେତୃବୃନ୍ଦ।

ତିହିଡ଼ି,୨୫।୪(ସଞ୍ଜିତ ବଳ)

ଭାଜପା ପ୍ରତିଶ୍ରୁତି ପାଳନରେ ବିଶ୍ୱାସ କରେ ବୋଲି ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଶୁକ୍ରବାର ଅପରାହ୍ନରେ ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଭାଟପଡ଼ା ପଞ୍ଚାୟତର ତିହିଡ଼ି ବାରୁଣୀ ପୋଖରୀ ନିକଟସ୍ଥ ଗଙ୍ଗାମାତା ପଡ଼ିଆରେ ଅନୁଷ୍ଠିତ ଭାଜପାର କାର୍ଯ୍ୟକର୍ତ୍ତା ସମ୍ମିଳନୀ ଓ ମିଶ୍ରଣ ପର୍ବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସୂର୍ଯ୍ୟବଂଶୀ ଏହା କହିବା ସହ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ପ୍ରକାଶ କରିଥିଲେ। ନିର୍ବାଚନ ସମୟରେ ଦଳ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ବର୍ଷକ ଭିତରେ ପୂରଣ ହୋଇଛି।

## ଦଳରେ ମିଶିଲେ ୫ଶହ ବିଜେଡି, କଂଗ୍ରେସ କର୍ମୀ


ପ୍ରଧାନମନ୍ତ୍ରୀଙ୍କ ଗରିବ କଲ୍ୟାଣ ନୀତିରେ ପ୍ରଭାବିତ ହୋଇ ବହୁ କର୍ମୀ ଦଳରେ ସାମିଲ ହେଉଛନ୍ତି ବୋଲି ସେ କହିଥିଲେ।

ମନ୍ତ୍ରୀଙ୍କୁ ତିହିଡ଼ି ତହସିଲ ଛକଠାରୁ ବାଇକ୍ ଶୋଭାଯାତ୍ରାରେ ସଭାସ୍ଥଳକୁ ପାଛୋଟି ନିଆଯାଇଥିଲା। ସାହାଡ଼ାଶୁଣୀ ମଣ୍ଡଳ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ବରିଷ୍ଠ ନେତା ରଘୁନାଥ ପାତ୍ର ପୌରୋହିତ୍ୟ କରିଥିଲେ। ଏଥିରେ ବାସୁଦେବପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ୯ ପଞ୍ଚାୟତରୁ ୫ଶହ ବିଜେଡି ଓ କଂଗ୍ରେସ କର୍ମୀ ଦଳ ଛାଡ଼ି ଭାଜପାରେ ମିଶିଛନ୍ତି। ମହରମପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁଲୋଚନା ବେହେରା, ତାଙ୍କ ସ୍ୱାମୀ ଗୌରୀଶଙ୍କର ବେହେରା, ଆରସା ସମବାୟ ସମିତିର ପୂର୍ବତନ ସଭାପତି ବୀରେନ୍ଦ୍ର ସାହୁଙ୍କ ସମେତ ଭାଟପଡ଼ା, ସିନ୍ଦୋଳ, ମଙ୍ଗଳପୁର, କୋହ୍ଲ, ସୟା, ବାହାବାଲପୁର, ମହରମପୁର, ମୁକୁନ୍ଦପୁର ଓ ଫତେପୁର ପଞ୍ଚାୟତର କେତେଜଣ ୱାର୍ଡ ସଦସ୍ୟ ଭାଜପାରେ ସାମିଲ ହୋଇଛନ୍ତି। ଧାମନଗର ପ୍ରଭାରୀ ବୁଦ୍ଧଦେବ ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକଦେବ ମଳିକ, ସାହାଡ଼ାଶୁଣୀ ମଣ୍ଡଳ ସଭାପତି କେଶବ ବେହେରା, ସରପଞ୍ଚ ପ୍ରଦୀପ ବଳ, ବରିଷ୍ଠ ନେତା ଦେବେନ୍ଦ୍ର ପୁହାଣ, ଉଦୟ ନାରାୟଣ ମଲ୍ଲିକ, ଶରତ ଦାସ, ପ୍ରମୋଦ ଦାସ, ରାଜାରାମ ମହାକୁଡ଼, ତପନ ପାଢ଼ୀ, ସଂଗ୍ରାମ ମହାନ୍ତି, କାନ୍ତକବି ମଣ୍ଡଳ ସଭାପତି ସରୋଜ ନାୟକ, ଐଶାନ୍ୟଚଣ୍ଡୀ ମଣ୍ଡଳ ସଭାପତି ସାଇଶରଣ ବେହେରା, ଉମାକାନ୍ତ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଯୁବନେତା ସୀତାକାନ୍ତ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସରପଞ୍ଚ କୁନ୍ତଳା ମଳିକ, ନୀହାରିକା ବିଶ୍ୱାଳ, ପୂର୍ବତନ ସରପଞ୍ଚ ଉଷାକାନ୍ତ ନାୟକ, ବରିଷ୍ଠ ନେତା ମଙ୍ଗରାଜ ନାୟକ, ସୁବାସ ସେଠୀ, ସନାତନ ମିଶ୍ର, ଜୟବାଙ୍ଗଲା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଯଯାତି କେଶରୀ ଦାସ, ଗଣେଶ କର, ଅଜୟ ନାୟକ, ସରୋଜ ନାୟକ ପ୍ରମୁଖ ସହଯୋଗ କରିଥିଲେ।।

# କଂଗ୍ରେସର ମିଶ୍ରଣ ପର୍ବ

ବଉଳା,୨୫।୪(ଦୁର୍ଗା ପ୍ରସାଦ ଆଇଚ)

କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ହାଟଡ଼ିହୀ ବ୍ଲକ୍‌ର ସଙ୍ଗଣାଠାରେ ନିର୍ବାଚନ ମଣ୍ଡଳୀସ୍ତରୀୟ କଂଗ୍ରେସର ମିଶ୍ରଣ ପର୍ବ, ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ବାସଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତାଙ୍କ ପୁଅ ମନୋଜ ଜେନା, ଝିଅ ଡ. ସସ୍ମିତା ଜେନା, ବରିଷ୍ଠ କଂଗ୍ରେସ ନେତା ଶ୍ରୀଧର ଦଳେଇ, ଭେଲୁ ମିଶ୍ର, ଚିତ ପାତ୍ର, ପଞ୍ଚାନନ ମଣ୍ଡଳ, ହାଡ଼ିବନ୍ଧୁ ଖୁଣ୍ଟିଆ, ମାନସ ଜେନା ପ୍ରମୁଖଙ୍କ ଉପସ୍ଥିତିରେ ଆନନ୍ଦପୁର ମ୍ୟୁନିସିପାଲଟି, ପଦ୍ମପୁର, କୋଡ଼ପଡ଼ା, କଣ୍ଟିପାଳ, ପଣସଡ଼ିହା, ବାଙ୍ଗୋର ରଗୁଡ଼ିଆ ସାହି, କେ. ବାଲିପାଳ, ଧନୁର୍ଜୟପୁର, ଶାସଙ୍ଗ, ପଡ଼ିଆରିପଲ୍ଲି, ସୋସୋ ଆଦି ପଞ୍ଚାୟତରୁ ପ୍ରାୟ ୩ ଶହରୁ ଊର୍ଦ୍ଧ୍ୱ ଅନ୍ୟ ଦଳର କର୍ମୀ ହାତ ଧରିଛନ୍ତି। କାର୍ଯ୍ୟକ୍ରମରେ ୨ ହଜାରରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ। ଏହି ଅବସରରେ ମନୋଜ ଜେନାଙ୍କ ଜନ୍ମ ଦିନରେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ। ଆଶିଷ ପୃଷ୍ଟି, ମଧୁ ସାମଲ, ପୂର୍ଣ୍ଣ ପାତ୍ର, ଜୁଳି ମହାନ୍ତି ପ୍ରମୁଖ ବରିଷ୍ଠ କର୍ମୀ ସହଯୋଗ କରିଥିଲେ।



ନୂତନ କର୍ମୀଙ୍କୁ ପୂର୍ବତନ ବିଧାୟକ ଜୟଦେବ ଜେନା ଓ ଅନ୍ୟମାନେ ସ୍ୱାଗତ କରୁଛନ୍ତି।

# ୨୮ରେ କଂଗ୍ରେସର ସମ୍ବିଧାନ ବଞ୍ଚାଅ ଦିବସ

ଭୁବନେଶ୍ୱର,୨୫।୪(ରବିନାରାୟଣ ଜେନା)

ଜାତିଗଣନା, ଆଦିବାସୀ ଏବଂ ପଛୁଆବର୍ଗଙ୍କ କଥା ଆସିଲେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଭାରି ଡର ଲାଗୁଛି। କାଳେ କଂଗ୍ରେସ ଅଧିକ ଲୋକପ୍ରିୟ ହୋଇଯିବ ସେଥିପାଇଁ କେନ୍ଦ୍ରର ଭାଜପା ସରକାର ଷଡ଼ଯନ୍ତ୍ର ରଚୁଛନ୍ତି ବୋଲି ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଛନ୍ତି।

ଶୁକ୍ରବାର ରାଜ୍ୟ କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଲଲ୍ଲୁ କହିଛନ୍ତି, ନ୍ୟାଶନାଲ ହେରାଲ୍ଡ ମାମଲା ସମ୍ପୂର୍ଣ୍ଣ ଭିତ୍ତିହୀନ। ଏହାସତ୍ତ୍ୱେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ କଂଗ୍ରେସର ବରିଷ୍ଠ ନେତା ସୋନିଆ ଗାନ୍ଧୀଙ୍କୁ ବଦ୍‌ନାମ କରିବା ପାଇଁ କେନ୍ଦ୍ର ସରକାର ଇଡି'କୁ ହାତବାରିସି କରି ଅଭିଯୋଗଫର୍ଦ୍ଦ ଦାଖଲ କରାଇଛନ୍ତି। ହେଲେ ସେମାନେ ଏଥିରେ ସଫଳ ହେବେନାହିଁ। କଂଗ୍ରେସ ଡରିବାର ଦଳ ନୁହେଁ, ଲଢ଼ିବାର ଦଳ ବୋଲି ସେ କହିଛନ୍ତି।

## ମେ'୨୦ରୁ ଘରକୁ ଘର ସଚେତନତା ଅଭିଯାନ

ଏହି ଅବସରରେ ପିସିସି ସଭାପତି ଭକ୍ତ ଚରଣ ଦାସ କହିଥିଲେ, ଓଡ଼ିଶାରେ ମହିଳାଙ୍କ ଉପରେ ହେଉଥିବା ହିଂସା ଓ ଅତ୍ୟାଚାର କମିବାର ନାଁ ଧରୁନାହିଁ। ପ୍ରତିଦିନ ଏଭଳି ଘଟଣା ବଢ଼ି ଚାଲିଛି। ଏନେଇ ଏପ୍ରିଲ ୨୮ରେ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ସମ୍ବିଧାନ ବଞ୍ଚାଅ ଦିବସ ପାଳନ କରାଯିବ। ଆସନ୍ତା ମେ' ୩ରୁ ୧୦ ତାରିଖ ଯାଏ ରାଜ୍ୟର ପ୍ରତ୍ୟେକ ଜିଲାରେ ସମ୍ବିଧାନ ବଞ୍ଚାଅ କାର୍ଯ୍ୟକ୍ରମ ଜୋର୍‌ଦାର କରାଯିବ। ସେହିପରି ୧୧ରୁ ୧୭ ତାରିଖ ଯାଏ ରାଜ୍ୟର ପ୍ରତ୍ୟେକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏହି କାର୍ଯ୍ୟକ୍ରମ ହେବାକୁ ଥିବାବେଳେ ୨୦ରୁ ୩୦ ତାରିଖ ପର୍ଯ୍ୟନ୍ତ କଂଗ୍ରେସ କାର୍ଯ୍ୟକର୍ତ୍ତା ଓଡ଼ିଶାର ପ୍ରତି ଘରକୁ ଘର ବୁଲି ସଚେତନ କରିବେ।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ, ଓଡ଼ିଶାରେ ବିଜେଡି ଭଳି ଏବେ ଭାଜପା ସରକାର ଥାଇ ମଧ୍ୟ ଓବିସି ବର୍ଗଙ୍କ ପ୍ରତି ଅବିଚାର ହୋଇଚାଲିଛି। ଏହି ସମ୍ମିଳନୀରେ ପୂର୍ବତନ କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ଉପସ୍ଥିତ ଥିଲେ।

# ଡାକ୍ତରଖାନା ପରିଦର୍ଶନ କଲା ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

## ଲିଫ୍ଟରେ ଚାପିହୋଇ ରୋଗୀଙ୍କ ମୃତ୍ୟୁ ଘଟଣା

ଭଦ୍ରକ, ୨୫।୪(ସନାତନ ରାଉତ)

ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ଲିଫ୍ଟରେ ଚାପିହୋଇ ଜଣେ ମହିଳା ରୋଗୀଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ବିଜେଡିର ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଶୁକ୍ରବାର ଅପରାହ୍ନ ୫ଟାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି କ୍ଷେତ୍ର ପରିଦର୍ଶନ କରିଛି। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଯେନା, ପୌରାଧ୍ୟକ୍ଷା ଗୁଲମକ୍କୀ ଦଲାୱାଜି ହବିବ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ଧାମନଗର ବିଜେଡି ନେତା ଡା. ସଞ୍ଜୟ ଦାସ, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଧାମନଗର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ ପ୍ରମୁଖ ଏହି ଟିମ୍‌ରେ ସାମିଲ ଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଉକ୍ତ ଲିଫ୍ଟ ପରିଦର୍ଶନ କରିବା ସହ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦୁର୍ଘଟଣା ବିଷୟରେ ପଚାରି ବୁଝିଥିଲେ।

ପରେ ଟିମ୍ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲା। ସଦ୍‌ଭାବନା ସଭାଗୃହରେ ଜିଲାପାଳଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଲିଫ୍ଟ ବାରମ୍ବାର ଖରାପ ହେଉଥିବାବେଳେ ଉକ୍ତ ଲିଫ୍ଟକୁ ବନ୍ଦ ନ କରି କାହିଁକି ବ୍ୟବହାର କରାଯାଉଥିଲା ବୋଲି ଭଣ୍ଡାରିପୋଖରୀ ବିଧାୟକ ମଲ୍ଲିକ ପ୍ରଶ୍ନ କରିଥିଲେ । ପରିବେଶ ବିଭାଗ ମଞ୍ଜୁରୀ, ଅଗ୍ନି ନିରାପତ୍ତା, ଟାଉନ ପ୍ଲାନିଂର ମଞ୍ଜୁରୀ ମିଳି ନ ଥିବାରୁ ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତରରେ ବିଳମ୍ବ ହେଉଛି ବୋଲି ଜିଲାପାଳ ଦିଲୀପ ରାଉତରାଏ ପ୍ରକାଶ କରିଥିଲେ। ଗୁରୁବାରର ଦୁର୍ଘଟଣା ପାଇଁ ଜିଲା ପ୍ରଶାସନ ଓ ଚିକିତ୍ସା ବିଭାଗ ସମ୍ପୂର୍ଣ୍ଣ ଦାୟୀ ବୋଲି ଚାନ୍ଦବାଲି ବିଧାୟକ ରାୟ ପ୍ରକାଶ କରିଥିଲେ। ୨ଟି ଜାଗାରେ ଜିଲା ମୁଖ୍ୟ ଚିକିତ୍ସାଳୟ ଚାଲୁଥିବାରୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ତୁରନ୍ତ ନୂତନ କୋଠାକୁ ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରିବାକୁ ପୂର୍ବତନ ମନ୍ତ୍ରୀ ସାମଲ ଦାବି କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ଅପରେଶନ ଥିଏଟର୍ ସୁବିଧା ନ ଥିବାବେଳେ ଚିକିତ୍ସା କ୍ଷେତ୍ରରେ ବିଭିନ୍ନ ସମସ୍ୟା ହେଉଥିବା ଧାମନଗର ବିଜେଡି ନେତା ଡା. ଦାସ ପ୍ରକାଶ କରିବା ସହ ମୁଖ୍ୟ ଚିକିତ୍ସାଳୟ ଏକ ରେଫେରାଲ ସେଣ୍ଟର ବୋଲି କହିଥିଲେ। ଏହି ଆଲୋଚନା ବେଳେ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି ଓ ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ଉପସ୍ଥିତ ଥିଲେ।



ବିଜେଡି ଟିମ୍ ଜିଲାପାଳ ଦିଲୀପ ରାଉତରାଏଙ୍କ ସହ ଆଲୋଚନା କରୁଛି।

ଆଜି ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ

# 'ପ୍ରାଣୀ ସ୍ୱାସ୍ଥ୍ୟ ନେଇ ମିଳିତ ଉଦ୍ୟମ ଆବଶ୍ୟକ'



୨୦୦୧ ମସିହାଠାରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ଏପ୍ରିଲ ମାସ ଶେଷ ଶନିବାର (୨୬ତାରିଖ)ପାଳିତ ହେଉଛି 'ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ'। ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ – ସାରା ବିଶ୍ୱରେ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା କରାଯାଉଥିବା ପ୍ରାଣୀ ସମ୍ପଦ ବିକାଶଭିତ୍ତିକ ବହୁମୁଖୀ କାର୍ଯ୍ୟକ୍ରମଗୁଡ଼ିକର ଅଗ୍ରଗତିକୁ ଆଲୋକପାତ ସହ ପ୍ରୋତ୍ସାହିତ କରିବା। ଚଳିତ ବର୍ଷ ଉକ୍ତ ଦିବସ ଲାଗି ମୁଖ୍ୟ ବାର୍ତ୍ତା ରହିଛି-'ପ୍ରାଣୀ ସ୍ୱାସ୍ଥ୍ୟ ନେଇ ମିଳିତ ଉଦ୍ୟମ ଆବଶ୍ୟକ'। ଏହାର ଅର୍ଥ- ଉଚ୍ଚ ଗୁଣାତ୍ମକ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ନିମନ୍ତେ ଏଥିରେ ସଂପୃକ୍ତ ଥିବା ବିଭାଗ ଯଥା- ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ସ୍ୱାସ୍ଥ୍ୟ, ଆୟୁର୍ବେଦିକ, ହୋମିଓପାଥି, ଜଙ୍ଗଲ, କୃଷି ବିଭାଗ ଆଦି ମଧ୍ୟରେ ମିଳିତ ଉଦ୍ୟମ ଓ ସହଯୋଗ ରହିବା ଆବଶ୍ୟକ । ଏଥିସହିତ ଜନ ସ୍ୱାସ୍ଥ୍ୟ ଏବଂ ପ୍ରାଣୀ ସ୍ୱାସ୍ଥ୍ୟ ସେବା ସହିତ ଜୀବ କଲ୍ୟାଣର ଉନ୍ନତି ଆଣିବାରେ ପ୍ରାଣୀ ଚିକିତ୍ସକଙ୍କର ଭୂମିକା ନେଇ ଜନ ସଚେତନତା ସୃଷ୍ଟି କରିବା । ପ୍ରତିବର୍ଷ ବିଶ୍ୱ ପ୍ରାଣୀ ଚିକିତ୍ସକ ସଂଘ ଏବଂ ପ୍ରାଣୀ ସ୍ୱାସ୍ଥ୍ୟ ପାଇଁ ବିଶ୍ୱ ସଂଗଠନ ବା ଓ.ଆଇ.ଇ.ର ମିଳିତ ଆନୁକୂଲ୍ୟରେ ପ୍ରାଣୀଚିକିତ୍ସା ଦିବସର ବିଭିନ୍ନ ବିଷୟବସ୍ତୁ ବା ବାର୍ତ୍ତା ନିର୍ଦ୍ଧାରିତ ହୋଇଥାଏ । ଉଭୟ ପ୍ରାଣୀ ଓ ମନୁଷ୍ୟର ସ୍ୱାସ୍ଥ୍ୟ ରକ୍ଷା ସହିତ ସୁସ୍ଥ ପରିବେଶ ସୃଷ୍ଟି ନେଇ ପ୍ରାଣୀ ଚିକିତ୍ସକମାନଙ୍କ ଭୂମିକା ଅତୁଳନୀୟ । ଏଭଳି ଜୀବନ ସୁରକ୍ଷା ବା ସ୍ୱାସ୍ଥ୍ୟରକ୍ଷା କାର୍ଯ୍ୟରେ ବ୍ରତୀ ଥିବା ପ୍ରାଣୀ ଚିକିତ୍ସକଙ୍କ ଭୂମିକାକୁ ଲୋକଲୋଚନକୁ ଆଣିବା ହେଉଛି ଏହି ଦିବସ ପାଳନର ଲକ୍ଷ୍ୟ ।

## ଆମ ହାତରେ ପ୍ରାଣୀଙ୍କ ସୁରକ୍ଷା

ସବୁ ବର୍ଗର ପ୍ରାଣୀଙ୍କର ଉପଯୁକ୍ତ ଯତ୍ନ ନେବା ସହ ସେମାନଙ୍କୁ ଆଦର କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହି ପରିପ୍ରେକ୍ଷୀରେ ବୁଲା ରୋଗଗ୍ରସ୍ତ ପ୍ରାଣୀଙ୍କ ପାଇଁ ରାଜ୍ୟ ସରକାର ମଧ ଅଧିକ ତତ୍ପର ରହିଛନ୍ତି ଏବଂ ଓଡ଼ିଶାରେ ପ୍ରତି ବ୍ଲକରେ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ସହ ପ୍ରାଣୀ ଆମ୍ବୁଲାନ୍ସ ରହିଅଛି, ଯାହାର ଟୋଲ୍ ଫ୍ରି ନମ୍ବର ୧୯୬୨। ଠିକ୍ ଟିକାକରଣ, ଖାଦ୍ୟପେୟ ଏବଂ ବସବାସ ପାଇଁ ଉପଯୁକ୍ତ ପରିବେଶ ପ୍ରଦାନ କରିଲେ ପ୍ରାଣୀଙ୍କର ସ୍ୱାସ୍ଥ୍ୟାବସ୍ଥା ସଦାସର୍ବଦା ଠିକ୍ ରହିଥାଏ। ଫଳରେ ଚାଷୀ ଲାଭବାନ ହୋଇଥାଏ। ଏହା ସହ ପ୍ରାଣୀ ଚିକିତ୍ସକଙ୍କର ପରାମର୍ଶ ନେବା ମଧ ନିତାନ୍ତ ଆବଶ୍ୟକ। ମଣିଷ, ପଶୁ ଏବଂ ପରିବେଶର ସ୍ୱାସ୍ଥ୍ୟକୁ ନଜରରେ ରଖି 'ଏକ ସ୍ୱାସ୍ଥ୍ୟ ଚିନ୍ତାଧାରା'କୁ ବୈଜ୍ଞାନିକମାନେ ଗୁରୁତ୍ୱ ଦେଉଛନ୍ତି।

**– ଡା. ହିମାଂଶୁ ବେହେରା,** ସହକାରୀ ଅଧ୍ୟାପକ, ପଶୁ ଚିକିତ୍ସା ଏବଂ ପଶୁ ପାଳନ ମହାବିଦ୍ୟାଳୟ, ଓୟୁଏଟି, ଭୁବନେଶ୍ୱର

## ପ୍ରାଣୀଙ୍କ ପ୍ରତି ସମ୍ବେଦନଶୀଳ ହେବା ଜରୁରୀ

ପୃଥିବୀପୃଷ୍ଠରେ ସମସ୍ତ ଜୀବଜଗତ ଯଥା-ଉଦ୍ଭିଦ, ପ୍ରାଣୀ ଏବଂ ମନୁଷ୍ୟଠାରୁ ଆରମ୍ଭକରି କୀଟ ପତଙ୍ଗ ବଞ୍ଚିବା ପାଇଁ ଏକ ପରିବେଶ ରହିଛି। ଆମେ ପାଳୁଥିବା ବିଭିନ୍ନ ପ୍ରକାର ଗୃହପାଳିତ ପ୍ରାଣୀ–ଗୋରୁ, ମଇଁଷି, ଛେଳି, ମେଣ୍ଢା, ଘୁଷୁରି, କୁକୁଡ଼ାଙ୍କଠାରୁ ଆମେ ଦୁଗ୍ଧ, ଅଣ୍ଡା, ମାଂସ ପାଉଛେ। ସେମାନେ ଯେଭଳି ଆମକୁ ସାହାଯ୍ୟ କରୁଛନ୍ତି ଆମର ମଧ ସେମାନଙ୍କ ପ୍ରତି କିଛି କର୍ତ୍ତବ୍ୟ ରହିଛି। ତେଣୁ ଆମେ ବଞ୍ଚିବାକୁ ହେଲେ ସେମାନଙ୍କୁ ଖାଦ୍ୟପେୟ ଦେଇ ବଞ୍ଚାଇ ରଖିବାକୁ ପଡିବ। ଏ ଧରାପୃଷ୍ଠରେ ଆମ ଭଳି ସେମାନଙ୍କର ବଞ୍ଚି ରହିବାର ଅଧିକାର ରହିଛି। ଆମେ ପୋଷା ପ୍ରାଣୀଙ୍କ ମାଲିକ ହୋଇ ସେମାନଙ୍କ ପ୍ରତି ସମ୍ବେଦନଶୀଳ ହେବା ଜରୁରୀ। ସେମାନଙ୍କର ବାସସ୍ଥାନ, ଖାଦ୍ୟପେୟ ଏବଂ ଚିକିତ୍ସା ପ୍ରତି ଯତ୍ନବାନ ହେବା ଆବଶ୍ୟକ। ତେଣୁ ଆମେ ପ୍ରାଣୀଙ୍କ ପ୍ରତି ଦୟା ମନୋଭାବ ରଖିବା ସହ ସେମାନଙ୍କୁ ଶ୍ରଦ୍ଧା କରିବା ଏବଂ ସେମାନଙ୍କ ଉପଯୁକ୍ତ ଯତ୍ନ ନେବା ଦରକାର।

**–ଡା. ବୀରକିଶୋର ପରିଡ଼ା,** ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

## ପ୍ରାଣୀଙ୍କର ସୁରକ୍ଷା ପାଇଁ ସରକାରୀ ଯୋଜନା ରହିଛି

ପ୍ରାଣୀମାନେ କଥା କହିପାରନ୍ତି ନାହିଁ। ତେଣୁ ସେମାନଙ୍କର ମଙ୍ଗଳ ତଥା ସୁରକ୍ଷା ପାଇଁ ବିଶେଷଭାବରେ ସେମାନ(ମାଲିକ)ଙ୍କର ବିଶେଷ ଭୂମିକା ରହିଛି। ଏତଦ୍‌ବ୍ୟତୀତ ବୁଲା ଶଣ୍ଢ, ବୁଲା କୁକୁର ତଥା ଅନ୍ୟାନ୍ୟ ପ୍ରାଣୀଙ୍କ ପାଇଁ ଆମ ମାନବ ସମାଜ ଏବଂ ସରକାର ବିଶେଷ ଭାବରେ ଧ୍ୟାନ ଦେଇ ଆସୁଛନ୍ତି। ଗୃହପାଳିତ ତଥା ବୁଲା ପ୍ରାଣୀଙ୍କର ସୁରକ୍ଷା ପାଇଁ ରାଜ୍ୟ ସରକାର 'ଏନ୍‌ଏଡିସିପି' ଯୋଜନା, ନିଜସ୍ୱ ଗୋମାତା ଯୋଜନାରେ ବ୍ୟାପକ ଟିକାକରଣର ବ୍ୟବସ୍ଥା କରିଛନ୍ତି। ରାଜ୍ୟ ସରକାର ସେଥିପାଇଁ ୧୩ରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରକାର ଟିକା ଦେବା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବରେ ମାଗଣାରେ ବିଭାଗୀୟ କର୍ମଚାରୀଙ୍କ ମାଧ୍ୟମରେ କରୁଛନ୍ତି। ସେହିପରି ରାଜ୍ୟ ସରକାର ଏକ ନିଜସ୍ୱ ଯୋଜନା 'ଗୋମାତା ପ୍ରଚଳନ କରିଛନ୍ତି। ଏଥିସହ ଆମ ରାଜ୍ୟରେ ଥିବା କୋଟି କୋଟି ପ୍ରାଣୀଙ୍କ ଚିକିତ୍ସା, ଟିକାକରଣ, ରୋଗ ନିୟନ୍ତ୍ରଣ ଏବଂ ରୋଗ ନିରୂପଣ ଆଦି କାର୍ଯ୍ୟକ୍ରମକୁ ହାତକୁ ନେଇଛନ୍ତି। ବୁଲା ଗୋରୁଙ୍କ ପାଇଁ ସରକାର ଗୋଶାଳା ପ୍ରତିଷ୍ଠା କରିଛନ୍ତି। ଅନ୍ୟପକ୍ଷରେ ପ୍ରାଣୀଙ୍କର ସୁରକ୍ଷା ଏବଂ ଅଧିକାର ପାଇଁ ତଥା ସେମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକିବା ପାଇଁ ପ୍ରାଣୀ ମଙ୍ଗଳ ବୋର୍ଡ ଗଠନ କରାଯାଇଛି। ତେଣୁ ପ୍ରାଣୀଙ୍କର ସୁରକ୍ଷା ନିଶ୍ଚିତ ଭାବରେ ଆମର, ଆମ ସମାଜର ଏବଂ ସର୍ବୋପରି ସରକାରଙ୍କ ହାତରେ ରହିଛି।

**–ଡା. ନିରାକାର ଜେନା**
ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ, ତିହିଡ଼ି, ଭଦ୍ରକ







# ବ୍ରହ୍ମପୁର କେନ୍ଦ୍ର ସମବାୟ ବ୍ୟାଙ୍କରେ ୨୫ କୋଟି ଦୁର୍ନୀତି ଅଭିଯୋଗ

**ଭୁବନେଶ୍ୱର,୨୫।୪ (ରବିନାରାୟଣ ଜେନା)**

ବ୍ରହ୍ମପୁର କେନ୍ଦ୍ର ସମବାୟ ବ୍ୟାଙ୍କରେ ୨୫ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହୋଇଛି। ପୂର୍ବତନ ସଭାପତି ତଥା ନିର୍ଦ୍ଦେଶକ ବସନ୍ତ କୁମାର ପଟ୍ଟନାୟକଙ୍କ ଏଭଳି ସାଂଘାତିକ ଅଭିଯୋଗକୁ ନେଇ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ବଳସାମନ୍ତ ରାଜ୍ୟ ସମବାୟ ନିବନ୍ଧକ(ଆରସିଏସ୍)ଙ୍କୁ ଦେଇଥିବା ନିର୍ଦ୍ଦେଶରେ ଉଲ୍ଲେଖ କରିଛନ୍ତି ଯେ, ଅଭିଯୋଗର ଅନୁସନ୍ଧାନ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କର । ମନ୍ତ୍ରୀଙ୍କ

**ସମବାୟ ମନ୍ତ୍ରୀଙ୍କ ତଦନ୍ତ ନିର୍ଦ୍ଦେଶ**

ନିର୍ଦ୍ଦେଶ ପରେ ଆରସିଏସ୍‌ଙ୍କ ପକ୍ଷରୁ ବ୍ରହ୍ମପୁର ଡିଭିଜନସ୍ଥ ଡିଆର୍‌ସିଏସ୍‌ଙ୍କୁ ପତ୍ର ଲେଖାଯାଇଛି। ତୁରନ୍ତ ଏହାର ଅନୁସନ୍ଧାନପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅବଗତ କରାଇବାକୁ କୁହାଯାଇଛି। ଅଭିଯୋଗକାରୀ ବସନ୍ତ ପଟ୍ଟନାୟକ ଉଲ୍ଲେଖ କରିଛନ୍ତି, ୨୦୦୯ରୁ ୨୦୧୯ ମଧ୍ୟରେ ବ୍ରହ୍ମପୁର ଡିଭିଜନରେ ବହୁ ଅଭିଯୋଗ ଗଡୁଛି। ଏନେଇ ଗଞ୍ଜାମ ଜିଲାପାଳଙ୍କଠାରୁ ଆରମ୍ଭ କରି ବିଭିନ୍ନ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏପରିକି ୨୦୧୫ରେ ସ୍ୱତନ୍ତ୍ର ସମୀକ୍ଷାରେ ୬୩ କର୍ମଚାରୀ ୯୩ଟି ମାମଲାରେ ୨୫ କୋଟି ଟଙ୍କା ଦୁର୍ନୀତି କରିଥିବା ଜଣାପଡ଼ିଛି। ସେମାନଙ୍କ ବିରୋଧରେ ସରଚାର୍ଜ ପ୍ରୋସିଡିଂ କରିବାକୁ ସମୀକ୍ଷାରେ ଦର୍ଶାଯାଇଥିଲେ ହେଁ ତାହା ହୋଇନାହିଁ। ସଂପ୍ରତି ୪୬ ଲକ୍ଷ ଟଙ୍କା ରିକଭରି ହୋଇଛି। ଏହି ଦୁର୍ନୀତିରେ ବହୁ ଉଚ୍ଚପଦସ୍ଥ ଅଧିକାରୀ ସଂପୃକ୍ତ ରହିଥିବାରୁ ସତ୍ୟ ପଦାକୁ ଆସିପାରୁନାହିଁ। ଏହାର ତଦନ୍ତ କରାଗଲେ ପ୍ରକୃତ ଘଟଣା ଲୋକଲୋଚନକୁ ଆସିପାରିବ ବୋଲି ସେ ଅଭିଯୋଗରେ କହିଛନ୍ତି।

**ସ୍କୁଲ ଗେମ୍ସ ଫେଡେରେଶନ ଇଣ୍ଡିଆ ଇଭେଣ୍ଟ**


# ଚମକ ଦେଖାଇବେ ଗଜପତିର କାର୍ତ୍ତିକ



କୋଚଙ୍କ ସହ କାର୍ତ୍ତିକ

**ପାରଳାଖେମୁଣ୍ଡି,୨୫।୪(ଗିରିଧାରୀ ପରିଛା)**

ନୂଆଦିଲ୍ଲୀରେ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଗଜପତିର ଯୁବ ସ୍କେଟର୍ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ଗଜପତି ଡିଷ୍ଟ୍ରିକ୍ଟ ରୋଲର ସ୍କେଟିଂ ଏକାଡେମୀରେ ସ୍କେଟିଂ ପ୍ରଶିକ୍ଷଣ ନେଉଥିବା ସିଧାମଡଙ୍ଗ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ଛାତ୍ର ପାଲାକାଲା କାର୍ତ୍ତିକ ସ୍କୁଲ ଗେମ୍ସ ଫେଡେରେଶନ ଇଣ୍ଡିଆ (ଏସ୍‌ଜିଏଫ୍‌ଆଇ) ଇଭେଣ୍ଟରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ଏହି ପ୍ରତିଯୋଗିତା ଏପ୍ରିଲ ୩୦ରୁ ମେ ୫ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ହେବ। ଏହା ପୂର୍ବରୁ କାର୍ତ୍ତିକ ନଭେମ୍ବର ୨୬ ଓ ୨୭ ଭୁବନେଶ୍ୱରଠାରେ ହୋଇଥିବା ରାଜ୍ୟସ୍ତରୀୟ ସ୍କେଟିଂ ଚାମ୍ପିୟନଶିପରେ ଏସ୍‌ଜିଏଫ୍‌ଆଇର ଯୋଗ୍ୟତା ପର୍ଯ୍ୟାୟରେ ଦୌଡ ଶେଷ କରି ରୌପ୍ୟ ପଦକ ହାସଲ କରିଥିଲେ। ଏଥିପାଇଁ ସେ ସ୍କୁଲ ଗେମ୍ସ ଫେଡେରେଶନ ଇଣ୍ଡିଆରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ଏସ୍‌ଜିଏଫ୍‌ଆଇ ଇଭେଣ୍ଟ ପାଇଁ କାର୍ତ୍ତିକ ଚୟନ ହେବା ତାଙ୍କ କଠିନ ପରିଶ୍ରମ ଏବଂ କ୍ରୀଡ଼ା ପ୍ରତି ସମର୍ପଣ ମନୋଭାବର ପରିଚୟ ଦିଏ। ଗଜପତି ସ୍କେଟିଂ ଏକାଡେମୀରେ ପ୍ରଶିକ୍ଷକ ସୁକାନ୍ତ ଦଳବେହେରା ଓ ଜିଲା ଶାରୀରିକ ଶିକ୍ଷା କ୍ରୀଡ଼ା ଅଧିକାରୀ ସୁରେନ୍ଦ୍ର ପାତ୍ରଙ୍କ ମାର୍ଗଦର୍ଶନରେ କାର୍ତ୍ତିକ ତାଲିମ ନେଉଛନ୍ତି। କାର୍ତ୍ତିକଙ୍କ ସଫଳତା ଗଜପତି ସ୍କେଟିଂ ଏକାଡେମୀ ଓ ଜିଲା ପ୍ରଶାସନ ଯୁବ ପ୍ରତିଭାଙ୍କୁ ଏହି କ୍ରୀଡ଼ାପାଇଁ ଯେ ପ୍ରୋତ୍ସାହିତ କରୁଛି ତାହା ସ୍ପଷ୍ଟ ହୋଇଛି।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ତଥା ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀରେ ଉତ୍କଳ ସମ୍ମିଳନୀ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଏଜି ଛକ ନିକଟ, ସମୟ: ସକାଳ ୮ଟା ୧୫।
- ରାଷ୍ଟ୍ରୀୟ କ୍ଷତ୍ରିୟ ମହାସଂଘର ଚତୁର୍ଥ ବାର୍ଷିକ ସମ୍ମିଳନୀ, ସ୍ଥାନ: ରେଡକ୍ରସ ଭବନ, ସମୟ: ସକାଳ ୯ଟା।
- ଟ୍ରେନିଂ ଅଫ୍ ଟ୍ରେନର୍ସ ସାର୍ଟିଫିକେଶନ କୋର୍ସ, ସ୍ଥାନ: ବିଜେଇଏମ୍ ସ୍କୁଲ ପରିସର, ସମୟ: ସକାଳ ୯ଟା।
- ୧୮ତମ ୟୁସିମାସ ଓଡ଼ିଶା ରାଜ୍ୟସ୍ତରୀୟ ପ୍ରତିଯୋଗିତା, ସ୍ଥାନ: କଲେଜ୍ ଅଫ୍ ଏଗ୍ରିକଲ୍‌ଚର, ଓୟୁଏଟି, ସମୟ: ସକାଳ ୯ଟା।
- ବରିଷ୍ଠ ସାମ୍ବାଦିକ ରତିକାନ୍ତ ମହାନ୍ତିଙ୍କ ସ୍ମୃତି ସଭା, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଲିଟିଲଷ୍ଟାର ଗ୍ରୁପ ପକ୍ଷରୁ ୨୩ତମ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା, ସ୍ଥାନ: ଏନ୍‌ଏମ୍‌ଆଇଟି, ପାତ୍ରପଡ଼ା, ସମୟ: ମଧ୍ୟାହ୍ନ ୧୨ଟା।
- କଳିଙ୍ଗ ଆଡଭାନ୍ସଡ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଭବାନି ରିସୋର୍ଟ, ସତ୍ୟବିହାର, ସମୟ: ଅପରାହ୍ନ ୪ଟା ୩୦।
- ପହଲଗାମ୍ ଆତଙ୍କୀ ଆକ୍ରମଣ ପ୍ରତିବାଦରେ ଉତ୍କଳ ବିକାଶ ଯୁବ ପରିଷଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ, ସ୍ଥାନ: ଶିଶୁଭବନ ଛକ. ସମୟ: ଅପରାହ୍ନ ୫ଟା ୩୦।
- ଇଶା ଫାଉଣ୍ଡେଶନର ନିଃଶୁଳ୍କ ଯୋଗ କାର୍ଯ୍ୟକ୍ରମ 'ଇଶା କ୍ରିୟା', ସ୍ଥାନ: ନୀଳଶୈଳ ଭିଲ୍ଲା ବିପରୀତ ପାର୍ଶ୍ୱ, ରାଧିକା ଟାୱାର ନିକଟ, ଟଙ୍କପାଣି ରୋଡ୍, ସମୟ: ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟର 'ସାହିତ୍ୟ ମାସିକୀ' କାର୍ଯ୍ୟକ୍ରମ, ସ୍ଥାନ: ଗୀତଗୋବିନ୍ଦ ସଦନ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା।

## କଟକ

- ନିଃଶୁଳ୍କ ଦନ୍ତ ଚିକିତ୍ସା ଶିବିର, ସ୍ଥାନ: କର୍ପୋରେଟର ଅଫିସ ପରିସର, ୱାର୍ଡ ନଂ. ୪୫, ଖାନନଗର, ସମୟ: ସକାଳ ୯ଟା।
- ସିଡିଏ ରଙ୍ଗମ ଫେଷ୍ଟିଭାଲର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ସିଡିଏ ସେକ୍ଟର-୮ ଶିବ ମନ୍ଦିର ନିକଟ ମୁକ୍ତାକାଶ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା ୩୦।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସାରସ୍ୱତ ସାଧକ ରାୟଶ୍ରୀ ଉପେନ୍ଦ୍ର ପ୍ରସାଦ ନାୟକଙ୍କ ତୈଳଚିତ୍ର ଉନ୍ମୋଚନ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ୱାଇଏମ୍‌ସିଏ ଏବଂ ଦି ସେଣ୍ଟ ଥୋମାସ ଫେଲୋସିପ୍ ପକ୍ଷରୁ ମଧୁସୂଦନ ଦାସ ସ୍ମାରକୀ ବକ୍ତୃତା, ସ୍ଥାନ: ୱାଇଏମ୍‌ସିଏ ସମ୍ମିଳନୀ କକ୍ଷ, ମିଶନ ରୋଡ୍, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା

- ଅଖିଳ ଭାରତ ଯୁବସଂଘ ଜିଲାସ୍ତରୀୟ ସମ୍ମେଳନ, ସ୍ଥାନ: ମାଣିକଗୋଡ଼ା, ବୋଲଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ଗଣବିକ୍ଷୋଭ ଶୋଭାଯାତ୍ରା, ସ୍ଥାନ: ଷ୍ଟେଶନ ଛକ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଗଣବିକ୍ଷୋଭ ଓ ଜେଲଭରୋ ଆନ୍ଦୋଳନ, ସ୍ଥାନ: ଜିଲାପାଳଙ୍କ ଦପ୍ତର ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ବୈତରଣୀ ମହୋତ୍ସବର ୩ୟ ସନ୍ଧ୍ୟା, ସ୍ଥାନ: ଦୁର୍ଗାପଡ଼ିଆ, ଚାନ୍ଦବାଲି, ସମୟ: ସନ୍ଧ୍ୟା ୬ଟା।
- ବାସୁଦେବପୁର ସୌରଭ ସମ୍ମାନ ମହୋତ୍ସବର ୨ୟ ସନ୍ଧ୍ୟା, ସ୍ଥାନ: ଯାଦବ ପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ, ସ୍ଥାନ: ଡଙ୍କୁରୀ, ଛେନାପଦି, ସମୟ: ସକାଳ ୭ ଟା ଓ ସନ୍ଧ୍ୟା ୬ ଟା।
- ଶନି ମନ୍ଦିରରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ, ସ୍ଥାନ: ଛେନାପଦି, ସମୟ: ସକାଳ ୭ଟା ଓ ସନ୍ଧ୍ୟା ୬ ଟା।
- ମା' ମଙ୍ଗଳା ମନ୍ଦିରରେ ପ୍ରତିଷ୍ଠା ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଅସିଆ, ଛେନାପଦି, ସମୟ: ଅପରାହ୍ନ ୪ ଟା।
- ୭୦ତମ ବାଦିପାଲା ମହୋତ୍ସବ, ସ୍ଥାନ: ସାମ ଶାସନ, ପାଟଣା ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ମୟୂରଭଞ୍ଜ ରେଡ୍ ସହିତ ମୟୂରଭଞ୍ଜ ଗ୍ରୀନ୍ ଟିମ୍‌ର କ୍ରିକେଟ ମ୍ୟାଚ, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୭ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।
- ନିଶା ନିବାରଣ ସଚେତନତା ଅଭିଯାନ, ସ୍ଥାନ: ଉଦଳା ବ୍ଲକ୍ ଅଧୀନ ଡିହିରାକୁଳ ଗ୍ରାମ ଜଗନ୍ନାଥ ମନ୍ଦିର ଛକ, ସମୟ: ସକାଳ ୮ଟା ୩୦।
- ଆମେ-୮୦ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା, ସମୟ: ସକାଳ ୯ଟା।
- ଶ୍ରୀମା ଅରବିନ୍ଦ ଯୋଗ ସାଧନ କେନ୍ଦ୍ରରେ ଗଠନ ମୂଳକ ଆଲୋଚନାଚକ୍ର, ସ୍ଥାନ: ବିଜିପୁର, ମାଣତ୍ରୀ, ବଡ଼ସାହି, ସମୟ: ସକାଳ ୯ଟା।
- ଶ୍ରୀ ଶ୍ରୀ ଶନିଦେବଙ୍କ ପୀଠରେ ୪୪ତମ ବାର୍ଷିକ ଉତ୍ସବର ପ୍ରସାଦ ସେବନ, ସ୍ଥାନ: ୱାଲିଗଞ୍ଜ, ବାରିପଦା, ସମୟ: ଅପରାହ୍ନ ୩ଟା।
- 'ତୁମେ ନ ଥିଲେ' ଚଳଚ୍ଚିତ୍ରର ଅଡିଓ ରିଲିଜ୍, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ଅପରାହ୍ନ ୪ଟା।

## ବ୍ରହ୍ମପୁର

- କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ଗିରି ମାର୍କେଟ ଛକ, ସମୟ-ସକାଳ ୮ଟା।
- ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ଆଲୋଚନା ସଭା, ସ୍ଥାନ: ଉତ୍କଳ ଆଶ୍ରମ, ସମୟ: ସନ୍ଧ୍ୟା ୬ଟା।
- ଗଞ୍ଜାମ କଳା ପରିଷଦର ୬୮ତମ ବାର୍ଷିକ ଉତ୍ସବ, ସ୍ଥାନ: କବିସୂର୍ଯ୍ୟ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା ୩୦।

## ଗଞ୍ଜାମ

- ରଙ୍ଗେଇଲୁଣ୍ଡା ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ ସଦଭାବନା ଗୃହ, ସମୟ: ପୂର୍ବାହ୍ନ ୧୧ଟା।
- କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳନ, ସ୍ଥାନ: ଗୋଳନ୍ଥରା ବନ୍ଦେ ମାତରଂ ଭବନ, ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ

- ଗୀତା ଜ୍ଞାନଯଜ୍ଞ, ସ୍ଥାନ: କ. ନୂଆଗାଁ ପୁରୁଣାସାହି, ସମୟ: ସନ୍ଧ୍ୟା ୭ଟା।

## ଗଜପତି

- ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୪ତମ ଜୟନ୍ତୀ, ସ୍ଥାନ: ପାରଳାଖେମୁଣ୍ଡିସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ, ସମୟ: ସକାଳ ୯ଟା।

## ଜଗତ୍‌ସିଂହପୁର

- ସିଦ୍ଧ ମହାବୀରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଦୋଛକି, ପାରାଦୀପ, ସମୟ: ସକାଳ ୬ଟା।

## କେନ୍ଦ୍ରାପଡ଼ା

- ଚଇତି ଘୋଡ଼ାନାଚ କାର୍ଯ୍ୟକ୍ରମ, ସ୍ଥାନ: ମା' ବାସୁଳେଇ ଦେବୀ ମନ୍ଦିର ପରିସର, ଡାହାଳପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଜିଲାସ୍ତରୀୟ ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତି ଦେବଙ୍କ ଜୟନ୍ତୀ ପାଳନ, ସ୍ଥାନ : ଯାଜପୁର ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ବିଶ୍ୱ ପ୍ରାଣୀ ଦିବସ, ସ୍ଥାନ: ନୟାଗଡ଼ ଜିଲା ପରିଷଦ ସୃଜନ ସଭାକକ୍ଷ, ସମୟ: ପୂର୍ବାହ୍ନ ୯ଟା।
- ଜିଲାସ୍ତରୀୟ ମହାରାଜା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ନୟାଗଡ଼ ଜିଲାପାଳଙ୍କ ସଦ୍‌ଭାବନା ସଭାକକ୍ଷ, ସମୟ: ସକାଳ ୧୦ ଟା।
- କୁଆଁରିଆ ମହୋତ୍ସବ ଓ ପଲ୍ଲୀ ମେଳାର ଉଦ୍‌ଯାପନ ଦିବସରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଦଶପଲ୍ଲା ଗାନ୍ଧୀ ମଇଦାନ, ସମୟ: ଅପରାହ୍ନ ୪ଟା। ସଭା, ସମୟ: ସନ୍ଧ୍ୟା ୬ଟା। ରାଜ୍ୟ ଭିତର ଓ ବାହାର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ଜିଲାସ୍ତରୀୟ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳନ, ସ୍ଥାନ: ରାଗଡ଼ା ସଂସ୍କୃତି ଭବନ, ସମୟ: ସକାଳ ୮ଟା ୩୦ ।

## ନବରଙ୍ଗପୁର

- ପେଣ୍ଡରାଣୀ ଗୁଡ଼ି ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଉମରକୋଟ ଗୁଲିପାଟଣା, ସମୟ: ସକାଳ ୬ଟା।
- ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣଦେବଙ୍କ ଜନ୍ମ ଜୟନ୍ତୀ, ସ୍ଥାନ: ଜିଲା ସଂସ୍କୃତି ଭବନ, ସମୟ: ସକାଳ ୮ଟା ୩୦।
- ଆମ ପୋଲିସ କାର୍ଯ୍ୟକ୍ରମ, ସ୍ଥାନ: ଉମରକୋଟ ଥାନା ପରିସର, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ, ସ୍ଥାନ: କୋରାପୁଟ ଅଗ୍ନିଶମ କାର୍ଯ୍ୟାଳୟ ଛକ, ସମୟ: ସକାଳ ୯ଟା।

## ସମ୍ବଲପୁର

- ଜିଲା କ୍ରୀଡା ସଂଘ ଆୟୋଜିତ ୬୦ତମ ବାର୍ଷିକ କ୍ରୀଡା ପ୍ରତିଯୋଗୀତା, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୮ଟା।
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା।
- ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଆୟୋଜିତ ସମ୍ଭାଗ ସ୍ତରୀୟ ବାସ୍କେଟ୍ ବଲ କ୍ରୀଡା ଉତ୍ସବ, ସ୍ଥାନ : ସମ୍ବଲପୁର ସ୍ଥିତ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପରିସର, ସମୟ : ସକାଳ ୮ଟା।
- ସମ୍ବଲପୁର କବାଡି କ୍ଲବ ଆୟୋଜନରେ ପଶ୍ଚିମ ଓଡ଼ିଶାସ୍ତରୀୟ କବାଡି ଲିଗ, ସ୍ଥାନ : ଗଙ୍ଗାଧର ମୁକ୍ତି ମଣ୍ଡପ ପଡ଼ିଆ, ସମୟ : ଅପରାହ୍ନ ୪ଟା।

## ରାଉରକେଲା

- ଶ୍ରୀ ଶ୍ରୀ ଦକ୍ଷିଣକାଳୀ ମନ୍ଦିରରେ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ସେକ୍ଟର-୧ ଡି ବ୍ଲକ, ସମୟ: ସକାଳ ୬ଟା।
- ଆଚାର୍ଯ୍ୟ ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୬ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ସକାଳ ୯ଟା।
- ଉତ୍କଳମଣି ହୋମିଓପାଥି ମେଡିକାଲ କଲେଜର ସୁବର୍ଣ୍ଣ ଜୟନ୍ତୀ ପାଳନ ସମାରୋହ, ସ୍ଥାନ: ସେକ୍ଟର-୨୧, ସମୟ: ପୂର୍ବାହ୍ନ ୧୦ଟା।
- ଭାରତ ବିକାଶ ପରିଷଦ ସମାରୋହ ପାଳନ, ସ୍ଥାନ: ରାଉରକେଲା କ୍ଲବ, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼

- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଗୋଡଭଗା, ଅତାବିରା, ସମୟ: ସକାଳ ୭ଟା।
- ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ଜିଲାପାଳଙ୍କ ସାମ୍ମିଳନୀ କକ୍ଷ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ମନ୍ଦିର ପ୍ରତିଷ୍ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗୋଡଭଗା, ଅତାବିରା, ସମୟ: ଅପରାହ୍ନ ୨ଟା।

## କଳାହାଣ୍ଡି

- ଜିଲାସ୍ତରୀୟ ଦିଶା ବୈଠକ, ସ୍ଥାନ: ଭବାନୀପାଟଣା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ପହଲଗାମରେ ହିନ୍ଦୁ ପର୍ଯ୍ୟଟକଙ୍କୁ ଆକ୍ରମଣ ଘଟଣାର ପ୍ରତିବାଦରେ ଶୋଭାଯାତ୍ରା, ସ୍ଥାନ: ଜୁନାଗଡ଼ ଟାଉନ ହଲ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- ମା' ଭୈରବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବର ଦ୍ୱିତୀୟ ଦିନ ଜଳାଧିବାସ, ସ୍ଥାନ: ମା' ଭୈରବୀଙ୍କ ପ୍ରାଙ୍ଗଣ, ପୁରୁଣାକଟକ, ସମୟ: ସକାଳ ୯ ଟା ।

## ଦେବଗଡ଼

- କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୪ ତମ ଜିଲାସ୍ତରୀୟ ଜୟନ୍ତୀ ସମାରୋହ ଓ ଆଲୋଚନା ଚକ୍ର, ସ୍ଥାନ: ସଂସ୍କୃତି ଭବନ, ଦେବଗଡ଼ ସହର, ସମୟ: ସକାଳ ୯ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଅଭିଜିତ୍ ସ୍ମୃତି କମିଟି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ବିନିକା ନୂଆବଜାର, ସମୟ: ସକାଳ ୮ଟା ୩୦ ମିନିଟ।
- ଜିଲାସ୍ତରୀୟ ବିଶ୍ୱ ପ୍ରାଣୀ ଦିବସ ପାଳନ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ସକାଳ ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ର ସହ ମଙ୍ଗଳଙ୍କ ଦୁର୍ବଳଜନିତ ଦୈହିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ବନ୍ଧୁଙ୍କ ଆଦର, ସ୍ନେହ ଏବଂ ସଦିଚ୍ଛା ସବୁ ଦୁଃଖକୁ ଭୁଲାଇଦେବ। ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବା ସାଙ୍ଗକୁ ଆର୍ଥିକ ସ୍ୱଚ୍ଛଳତା ମଧ୍ୟ ଫେରିପାଇବେ। ଅଧ୍ୟାପନା, କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ ତଥା ପ୍ରତିଯୋଗିତାରୁ ପ୍ରଶଂସା ମିଳିବ।

**ବୃଷ** ଉଚ୍ଚସ୍ଥ ଶୁକ୍ରଙ୍କ ସ୍ଥିତି ଅନୁଯାୟୀ ଶାରୀରିକ ସୁସ୍ଥତା ରହିଲେ ମଧ୍ୟ କର୍ମଜଞ୍ଜାଳ ଜନିତ ବ୍ୟସ୍ତତା ମଧ୍ୟରେ ଗତିକରିବେ। ତଥାପି ସଭାସମିତି, ସାହିତ୍ୟ, ସଙ୍ଗୀତାଦି କ୍ଷେତ୍ରରୁ ସୁଫଳ ମିଳିବ। ପାରିବାରିକ ଜୀବନ ସମସ୍ୟାବହୁଳ ହୋଇପାରେ। ବ୍ୟବସାୟିକ ସ୍ଥିତି ବହୁତ ଭଲ ରହିବ ଏବଂ ନୂତନ ବନ୍ଧୁ ସମ୍ପର୍କ ସ୍ଥାପିତ ହୋଇପାରେ।

**ମିଥୁନ** ଧନାଧିପ କର୍ମସ୍ଥ ଯୋଗୁ ଆର୍ଥିକ, ସାମାଜିକସ୍ଥିତି ମନ୍ଦ ହେବନାହିଁ। ମଧୁର ବ୍ୟବହାର, ସୌଜନ୍ୟ ଓ ସୌହାର୍ଦ୍ଦ୍ୟତା ଦ୍ୱାରା ବ୍ୟକ୍ତିତ୍ୱର ପରିପ୍ରକାଶ ଘଟିବ। ବଳକା କାମକୁ ଶୀଘ୍ର ଶେଷ କରିବାକୁ ବ୍ୟସ୍ତ ହେବେ। ପାରିବାରିକ ସ୍ତରରେ କିମ୍ବା ଶତ୍ରୁତା କ୍ରମରେ କେତେକ ସାଧାରଣ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**କର୍କଟ** ଭାଗ୍ୟସ୍ଥାନରେ ଏକାଧିକଗ୍ରହ ଯୋଗ ପ୍ରଭାବରୁ ଉନ୍ନତ ଚିନ୍ତା, ସୁପରିକଳ୍ପିତ ଯୋଜନା ଏବଂ ପ୍ରତିବନ୍ଧକ ବିହୀନ କାର୍ଯ୍ୟରୁ ଖୁସି ରହିବେ। ବାଣିଜ୍ୟ, ଯୋଗାଯୋଗ ଏବଂ ପରିବହନରେ ସଫଳତା ହାସଲ କରିବେ। ଆକର୍ଷଣୀୟ ଭାବମୂର୍ତ୍ତି ପଦସ୍ଥ ବ୍ୟକ୍ତିବିଶେଷ ଓ ବୁଦ୍ଧିଜୀବୀଙ୍କ ଦ୍ୱାରା ଆଦୃତି ଲାଭ କରିବ। ଶନିଙ୍କ ସୁପ୍ରଭାବରୁ ବିବାଦରେ ବିଜୟୀ ହେବେ।

**ସିଂହ** ରାଶ୍ୟାଧିପଙ୍କ ଉଚ୍ଚସ୍ଥାନାଧିରୂଢ଼ ଯୋଗୁ ବିଶିଷ୍ଟ ବ୍ୟକ୍ତିଙ୍କ ଗହଣରେ ପ୍ରଶଂସିତ ହେବେ। ମୁଖଭାବସ୍ଥ କେତୁଙ୍କ ଯୋଗୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଭାଗ ନ ନେଇ ନୀରବଦ୍ରଷ୍ଟା ସାଜିପାରନ୍ତି। ଅତୀତର କେତେକ ଅଶାନ୍ତ ଭାବନା ମନକୁ ଆନ୍ଦୋଳିତ କରିବ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ମୁହଁରେ ସମ୍ମାନ ଦେବାର ଅଭିନୟ କରିପାରନ୍ତି।

**କନ୍ୟା** ଏକାଧିକଗ୍ରହ ସପ୍ତମଭାବସ୍ଥ ଯୋଗୁ ବିବାଦୀୟ ଘଟଣାରୁ ନିଜକୁ ଦୂରେଇ ରଖିବା ଭଲ। କର୍ମକ୍ଷେତ୍ରରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ପାରିବାରିକ ସ୍ଥିତି ଗୁରୁତର ଆକାର ଧାରଣ କରିବ ନାହିଁ। ବୃତ୍ତି, ବାଣିଜ୍ୟ, ଯୋଗାଯୋଗ, କର୍ମାରମ୍ଭ ସାଙ୍ଗକୁ ମନପୂତ କାମ ହାସଲ କରିବେ।

**ତୁଳା** ଷଷ୍ଠାଧିପ ଅଷ୍ଟମସ୍ଥ ଯୋଗୁ ରୋଗର ପ୍ରାଦୁର୍ଭାବ ଆଜି ଦେଖିବାକୁ ମିଳିବ। କିଛି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିବା ବନ୍ଧୁଟି ଠିକଣା ସମୟରେ ବିଭିନ୍ନ ଆଳ ଦେଖାଇ ଦୂରେଇ ରହିବ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଉପରିସ୍ଥ ଅଫିସର ଭୁଲ୍ ବୁଝିପାରନ୍ତି। ଆନୁଷ୍ଠାନିକ କାମ, ସଭାସମିତି, ପ୍ରବଚନ କାର୍ଯ୍ୟକ୍ରମ, ସତ୍‌ସଙ୍ଗରୁ ପ୍ରଶଂସିତ ହେବେ।

**ବିଛା** ଭାଗ୍ୟସ୍ଥାନରେ ରାଶ୍ୟାଧିପ ଥିବାରୁ ଅସଜଡ଼ା କାମକୁ ସଜାଡ଼ି ନେବେ। କିନ୍ତୁ ପରିବାରର ବ୍ୟତିକ୍ରମକୁ ସୁଧାରି ନେବାରେ ସଫଳ ହେବା ଦୁରୂହ ହୋଇପଡ଼ିବ। ପୂର୍ବରୁ ଲାଗି ରହିଥିବା ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ। ପୁରୁଣା ଦିନର କଥାକୁ ନେଇ ମନରେ ଭାବାନ୍ତର ସୃଷ୍ଟି ହେବାର ସୂଚନା ରହିଛି।

**ଧନୁ** ପ୍ରିୟଜନଙ୍କ ଗହଣରେ ହସଖୁସିରେ ସମୟ ବିତାଇବେ। ମୂଳା ନକ୍ଷତ୍ର ପାଇଁ କର୍ମକ୍ଷେତ୍ରରେ ବିଶୃଙ୍ଖଳିତ ବିଚାରଧାରା ବିଷମ ପରିସ୍ଥିତି ସୃଷ୍ଟି କରିପାରେ। ସନ୍ଦେହ ଓ ଭୁଲ୍ ବୁଝାମଣାରୁ ପାରିବାରିକ କ୍ଷେତ୍ର ଶୃଙ୍ଖଳିତ ରହିବ ନାହିଁ। କିନ୍ତୁ ଆଧ୍ୟାତ୍ମିକତା, ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ମକର** ଆଜିର ଗ୍ରହଯୋଗ ପ୍ରଭାବରୁ ପ୍ରତ୍ୟୁଷ ଯାତ୍ରା, କର୍ମାରମ୍ଭ, ଶିକ୍ଷା, ପରୀକ୍ଷା, ବନ୍ଧୁ ସମ୍ପର୍କ କ୍ଷେତ୍ର ବହୁତ ଭଲ ରହିବ। ପ୍ରତ୍ୟେକ କ୍ଷେତ୍ରରେ ଆଶାବାଦୀ ହେବେ ଏବଂ ଆନୁଷଙ୍ଗିକ ସୁବିଧାସୁଯୋଗ ମଧ୍ୟ ପାଇପାରିବେ। ସହକର୍ମୀଙ୍କ ସହ ସମ୍ପର୍କ ହାନି ଦୁଶ୍ଚିନ୍ତାର କାରଣ ହେବ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି।

**କୁମ୍ଭ** ଚତୁର୍ଥକେନ୍ଦ୍ରସ୍ଥ ଗୁରୁଙ୍କ ପ୍ରଭାବରେ ପାରିବାରିକ ଓ କର୍ମକ୍ଷେତ୍ର ପ୍ରୀତିପ୍ରଦ ରହିବ। ଦୀର୍ଘ ଦିନରୁ ଚିନ୍ତା କରୁଥିବା ଯାନବାହନ, ଯାନ୍ତ୍ରିକ ଜିନିଷ କିମ୍ବା ଧାତୁ ଅଳଙ୍କାରାଦି କ୍ରୟର ସୁଯୋଗ ଜୁଟିବ। ଶିଳ୍ପ, ବାଣିଜ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପକ୍ଷପାତିତାକୁ ଆଧାର କରି କିମ୍ବା ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ।

**ମୀନ** ଆଜି ରାଜଯୋଗଜନିତ ଅର୍ଥ, ସମ୍ମାନ ଲାଭପୂର୍ବକ ସମାଜରେ ଆଦରଣୀୟ ରହିବେ। ଆପଣଙ୍କ ବାସ୍ତବବାଦୀ ଚିନ୍ତାଧାରା ଓ ଠୋକ୍‌ଠୋକ୍ କଥାକୁ ବିଜ୍ଞ ବ୍ୟକ୍ତି ସମର୍ଥନ କରିପାରନ୍ତି। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କୌଣସି ମିଥ୍ୟାବାଦିନୀ ଦୋଷାରୋପ ଲଗାଇପାରନ୍ତି। ଆଲୋଚନା ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର କରିବେ।

ଆଜି ଏପ୍ରିଲ ୨୬ ତାରିଖ, ବୈଶାଖ କୃଷ୍ଣ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ, ଶନିବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା। ରାଶିନକ୍ଷତ୍ର-ରେବତୀ/ମୀନ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୧୦।୦୯ ଗତେ ଘ.୦୧।୪୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୦୮।୩୪ ଗତେ ଘ.୧୦।୦୯ ମଧ୍ୟେ ରାହୁ କାଳ।

# ଉଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବଳ ବୟସ ଆଉ କାହିଁ**
**ପାରିବି ପୁତ୍ର ଉପୁଜାଇ ।**

ବୟସ ବା ସମୟ ଆଗରେ ମଣିଷ ହାର ମାନିଥାଏ। କ୍ଷମତାର ସମୟ ଅତିକ୍ରାନ୍ତ ହେବା ପରେ ଆଉ କିଛି କଳକୌଶଳ ପ୍ରଦର୍ଶନ କରିବାକୁ ବାଟ ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ବହୁ ମେଳି ହୋଇ ରାବିଲେ କାକ**
**ରାତିରେ ଭେରଣ୍ଡା ମାଇଲେ ଡାକ**
**କୁକୁର ମେଳି ହୋଇଣ କାନ୍ଦିଲେ**
**ସନ୍ଧ୍ୟା ସମୟେ କପୋତ ରାବିଲେ**
**ଆକାଶରୁ ତାରା ହୋଇଲେ ଭ୍ରଷ୍ଟ**
**ନାଥ ବୋଲେ ପୁତା, ପଡ଼ଇ କଷ୍ଟ ।**

ସାଧାରଣତଃ ଏକତ୍ର କାଉ ରାବିଲେ, ରାତ୍ର କାଳରେ ଅଣ୍ଡିରା ବିଲୁଆ ବୋବାଇଲେ ତଥା କୁକୁର ମେଳି ହୋଇ କାନ୍ଦିଲେ ଓ ସନ୍ଧ୍ୟା ସମୟରେ କପୋତ ରାବିଲେ ଏବଂ ଆକାଶରୁ ତାରା ଖସି ପଡୁଥିବାର ଦେଖିଲେ ବିପତ୍ତି ପଡ଼େ ବୋଲି ବୁଝିବାକୁ ହୋଇଥାଏ। ଉପରୋକ୍ତ ସମସ୍ତ ଲକ୍ଷଣ ଅଶୁଭ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଇସ୍ରୋର ପୂର୍ବତନ ଅଧ୍ୟକ୍ଷ କସ୍ତୁରୀରଙ୍ଗନଙ୍କ ପରଲୋକ

**ବେଙ୍ଗାଲୁରୁ, ୨୫।୪**

ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)ର ପୂର୍ବତନ ଅଧ୍ୟକ୍ଷ ଡ. କ୍ରିଷ୍ଣସ୍ୱାମୀ କସ୍ତୁରୀରଙ୍ଗନଙ୍କର ଶୁକ୍ରବାର ପୂର୍ବାହ୍ନ ୧୦ଟା ୪୩ ମିନିଟ୍ ସମୟରେ ବେଙ୍ଗାଲୁରୁସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ହେଲା ଅସୁସ୍ଥ ଥିଲେ। ଶେଷ ସମ୍ମାନ ପ୍ରଦାନ ଲାଗି ତାଙ୍କ ମରଶରୀରକୁ ରବିବାର ରମନ ରସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ରେ ରଖାଯିବ ବୋଲି ଜଣେ ଅଧିକାରୀ କହିଛନ୍ତି।

କସ୍ତୁରୀରଙ୍ଗନଙ୍କ ପରଲୋକରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। କସ୍ତୁରୀରଙ୍ଗନଙ୍କ ପରଲୋକରେ ମୁଁ ଅତ୍ୟନ୍ତ ମର୍ମାହତ। ଭାରତର ମହାକାଶ କାର୍ଯ୍ୟକ୍ରମରେ ବିପ୍ଳବ ଆଣିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା ବୋଲି ରାଷ୍ଟ୍ରପତି ତାଙ୍କ ଶୋକବାର୍ତ୍ତାରେ ଲେଖିଛନ୍ତି। ଭାରତର ବିଜ୍ଞାନ ଓ ଶୈକ୍ଷିକ ଯାତ୍ରାରେ କସ୍ତୁରୀରଙ୍ଗନ ଜଣେ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ। ଏହି ମହାକାଶ ବୈଜ୍ଞାନିକଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଏବଂ ଦେଶ ପ୍ରତି ନିଃସ୍ୱାର୍ଥପର ଅବଦାନ ସବୁବେଳେ ମନେରହିବ ବୋଲି ପ୍ରଧାନମନ୍ତ୍ରୀ ଏକ୍ସରେ ଲେଖିଛନ୍ତି।

କସ୍ତୁରୀରଙ୍ଗନ ଇସ୍ରୋ ଅଧ୍ୟକ୍ଷ, ସ୍ପେସ୍ କମିଶନ ମୁଖ୍ୟ ଏବଂ ଭାରତ ସରକାରଙ୍କ ମହାକାଶ ବିଭାଗ ସଚିବ ଭାବେ ୯ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଭାରତୀୟ ମହାକାଶ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଭାରତର ପ୍ରଥମ ଦୁଇଟି ଭୂନିରୀକ୍ଷଣ ସାଟେଲାଇଟ୍ ଭାସ୍କର-୧ ଏବଂ ଭାସ୍କର-୨ ପାଇଁ ସେ ପ୍ରୋଜେକ୍ଟ ଡାଇରେକ୍ଟର ଥିଲେ। ପରେ ସେ ଦେଶର ପ୍ରଥମ କାର୍ଯ୍ୟକାରୀ ରିମୋଟ୍-ସେନ୍ସିଂ ସାଟେଲାଇଟ୍ ଆଇଆର୍‌ଏସ୍-୧ଏ ଦାୟିତ୍ୱ ମଧ୍ୟ ନେଇଥିଲେ। ସେ ୧୯୮୨ରେ ପଦ୍ମଶ୍ରୀ, ୧୯୯୨ରେ ପଦ୍ମଭୂଷଣ ଏବଂ ୨୦୦୦ରେ ପଦ୍ମବିଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିଲେ।

# ସୁଭଦ୍ରା ଯୋଜନାର ସଫଳ ରୂପାୟନ ଲାଗି ଗଣମାଧ୍ୟମକୁ ଉପମୁଖ୍ୟମନ୍ତ୍ରୀଙ୍କ ଧନ୍ୟବାଦ

**ଭୁବନେଶ୍ୱର, ୨୫।୪(ସୁନିତ୍ ମିଶ୍ର)**

ମହିଳା ଓ ଶିଶୁ ବିକାଶ ଆନୁକୂଲ୍ୟରେ ଶୁକ୍ରବାର ଆୟୋଜିତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୁଭଦ୍ରା ଯୋଜନାର ସଫଳ ରୂପାୟନ ପାଇଁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି। ଏହି ଯୋଜନାକୁ ଆହୁରି ଉନ୍ନତ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଏହି ଅବସରରେ ସେମାନଙ୍କଠାରୁ ସୁଚିନ୍ତିତ ମତାମତ ଗ୍ରହଣ କରିଛନ୍ତି। ସୁଭଦ୍ରା ଯୋଜନାରେ ଏସ୍‌ଓପି ତଥା ଗାଇଡ୍‌ଲାଇନକୁ ଘରେ ଘରେ ପହଞ୍ଚାଇବା ସହ ଜନସଚେତନତା ସୃଷ୍ଟି କରିବାରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପରିଡ଼ା ମତ ପ୍ରକାଶ କରିଛନ୍ତି। ବିଭିନ୍ନ ଦକ୍ଷତା ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ ସୁଭଦ୍ରା ଯୋଜନାକୁ ଆହୁରି ସମୃଦ୍ଧ କରାଯିବ ବୋଲି ସେ ଉଲ୍ଲେଖ କରିଥିଲେ। ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ପରିଡ଼ା ସେମାନଙ୍କ ସୁଚିନ୍ତିତ ମତାମତ ଉପରେ ଆଗକୁ କାର୍ଯ୍ୟ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଖୁବ୍ କମ୍ ଦିନରେ ସୁଭଦ୍ରା ଯୋଜନାରେ ଏକ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଯୋଡ଼ି ଥିବାରୁ ମହିଳା ଶିଶୁ ବିକାଶ ବିଭାଗର ଅଧିକାରୀବୃନ୍ଦ ସମେତ ତୃଣମୂଳ ସ୍ତରରେ କାର୍ଯ୍ୟରତ ଅଙ୍ଗନୱାଡ଼ି କର୍ମୀ ଓ ମୋ ସେବାକେନ୍ଦ୍ର, ଜନସେବା କେନ୍ଦ୍ର କର୍ମକର୍ତ୍ତାମାନଙ୍କୁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଧନ୍ୟବାଦ ଜ୍ଞାପନ କରିଛନ୍ତି।



ପ୍ରଭାତୀ ପରିଡ଼ା

ଏହି କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ୨୦୦ ବରିଷ୍ଠ ଖବରଦାତା ଯୋଗ ଦେଇଛନ୍ତି। ଏହା ସହ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ଅନୁ ଗର୍ଗ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସୁଭଦ୍ରା ସହ ଜଡ଼ିତ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ମହିଳା ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ବିଭାଗୀୟ ପ୍ରମୁଖ ଅଧିକାରୀବୃନ୍ଦ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି।

# ଏଲ୍‌ଓସିରେ ସେନା ଠୁଳକଲା ପାକିସ୍ତାନ

**ନୂଆଦିଲ୍ଲୀ, ୨୫।୪**

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣକୁ ନେଇ ଭାରତ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ କଡ଼ା ଚେତାବନୀ ଦେଇଥିବାରୁ ସମ୍ଭାବ୍ୟ କାର୍ଯ୍ୟାନୁଷ୍ଠାନ ଆଶଙ୍କା କରି ପାକିସ୍ତାନ ଏଥିପାଇଁ ପ୍ରସ୍ତୁତ ହେଉଛି। ଏକ ସୂତ୍ରରୁ ନିର୍ଦ୍ଦିଷ୍ଟ ଗଣମାଧ୍ୟମକୁ ମିଳିଥିବା ସୂଚନା ଅନୁଯାୟୀ, ନିୟନ୍ତ୍ରଣ ରେଖା (ଏଲ୍‌ଓସି) ଆରପଟେ ପାକିସ୍ତାନୀ ସେନା ଏହାର ପ୍ରତିରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ବହୁସଂଖ୍ୟାରେ ସୈନ୍ୟ ଠୁଳ କରିଛି। ସୈନ୍ୟମାନେ ବଙ୍କର ମଧ୍ୟରେ ରହି ଏଲ୍‌ଓସି ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆକ୍ରମଣକାରୀଙ୍କୁ ଖୋଜି ବାହାର କରିବା ସହ ଆଇନର କାଠଗଡ଼ାକୁ ଆଣିବୁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିଜ୍ଞା କରିଥିବାରୁ ସୀମା ଆରପଟେ ଉତ୍ତେଜନା ଦେଖାଦେଇଛି। ସେନାର ୧୦ କର୍ପସ୍‌କୁ ସତର୍କ ରହିବା ଲାଗି ପାକ୍ ସେନାମୁଖ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଅନ୍ତର୍ଜାତୀୟ ସୀମା ଆରପଟେ ସିଆଲକୋଟ୍ ଡିଭିଜନକୁ ମଧ୍ୟ ଜାଗତିଆର ରହିବାକୁ କୁହାଯାଇଛି।

# ‘ଘଟଣାର ଜଡ଼ରେ ପହଞ୍ଚିବା ସାମ୍ବାଦିକଙ୍କ ଦାୟିତ୍ୱ’

## ବିର୍ଲା ସ୍କୁଲ ଅଫ୍ କମ୍ୟୁନିକେଶନ ପକ୍ଷରୁ ସମ୍ପାଦକ ସମ୍ମିଳନୀ

ଭୁବନେଶ୍ୱର,୨୫।୪
(ଅନୁରାଧା ମହାରଣା)

ସାମ୍ବାଦିକତା ହେଉଛି ସର୍ବପୁରାତନ ଜୀବିକା। କାହିଁ କେଉଁ କାଳରୁ ମଣିଷ ହୁଅନ୍ତୁ ବା ପ୍ରାଣୀ ଜୀବନ ଜୀବିକା ନିର୍ବାହ ପାଇଁ ଖାଦ୍ୟ ସମ୍ପର୍କରେ ସାଥୀଙ୍କୁ ସୂଚନା ଦେଇଥା’ନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ସମାଜକୁ ଠିକ୍ ସୂଚନା ପହଞ୍ଚାଇବାର ଦାୟିତ୍ୱ ଗଣମାଧ୍ୟମ ବହନ କରୁଛି। ପ୍ରତ୍ୟେକ ଘଟଣା ଖୁବ୍‌ଶୀଘ୍ର ବ୍ୟାପିଯାଉଛି। ତେବେ ଲୋକଙ୍କ ପାଖରେ କୌଣସି ଘଟଣାର ପରବର୍ତ୍ତୀ ସ୍ଥିତି ସମ୍ପର୍କରେ ପ୍ରସାରଣ ପାଇଁ ଗଣମାଧ୍ୟମ ବ୍ୟଗ୍ର ଥିବାବେଳେ ତା’ର ଜଡ଼କୁ ଯିବାକୁ ଅନେକେ ଚାହୁଁନାହାନ୍ତି। ତେଣୁ ପ୍ରତି ଘଟଣାର ଜଡ଼କୁ ଯାଇ ସାମ୍ବାଦିକମାନେ ଠିକ୍ ତଥ୍ୟଯୁକ୍ତ ଖବର ଲୋକଲୋଚନକୁ ଆଣିବା ଏବଂ ତାହାକୁ ନିଜ ଗଣମାଧ୍ୟମରେ ସ୍ଥାନିତ କରିବାକୁ ସମ୍ପାଦକ ସମ୍ମତି ଦେବା ଜରୁରୀ। ଭୁବନେଶ୍ୱର ଗୋଠପାଟଣାସ୍ଥିତ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି ସ୍କୁଲ ଅଫ୍ କମ୍ୟୁନିକେଶନ ପକ୍ଷରୁ ଅନୁଷ୍ଠିତ ପ୍ରଥମ ‘ସମ୍ପାଦକ ସମ୍ମିଳନୀ’ରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଯୋଗଦେଇ ଏହା କହିଛନ୍ତି।

ଶୁକ୍ରବାର କ୍ୟାମ୍ପସ୍ ପରିସରରେ ଆୟୋଜିତ ଏହି କନ୍‌କ୍ଲେଭରେ ୨ଟି ଅଧିବେଶନରେ ‘ଗଣମାଧ୍ୟମର ପରିବର୍ତ୍ତନ: ଗଣମାଧ୍ୟମ ସମ୍ପାଦକଙ୍କ ଦୃଷ୍ଟିକୋଣ’ ଏବଂ ‘ମିଡିଆ ସ୍ୱାଧୀନତାର ଭବିଷ୍ୟତ କର୍ପୋରେଟ୍ ପ୍ରଭାବ, ସମ୍ପାଦକୀୟ ସ୍ୱାଧୀନତା ଓ ନିୟାମକ ଆହ୍ୱାନ’ ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। ପ୍ରଥମ ଅଧିବେଶନରେ ବିର୍ଲା ସ୍କୁଲ ଅଫ୍ କମ୍ୟୁନିକେଶନର ଡିନ୍ ଶିବ ଶଙ୍କର ଦାସ ସ୍ୱାଗତ ଭାଷଣ ଦେଇ କହିଲେ, ସମ୍ପାଦକ ସମ୍ମିଳନୀ ହେଉଛି ଛାତ୍ରଛାତ୍ରୀଙ୍କୁ ବାସ୍ତବ ଦୁନିଆର ଆହ୍ୱାନ ଏବଂ ଗଣମାଧ୍ୟମ ଚିନ୍ତାଧାରା ସହିତ ଯୋଡିହେବା ପାଇଁ ଆମ ଲକ୍ଷ୍ୟର ଏକ ପ୍ରତିଫଳନ। ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ, ଓଡ଼ିଶା ଲାଇଭ୍‌ର ସମ୍ପାଦକ ନୀଳାମ୍ବର ରଥ ଯୋଗଦେଇଥିବାବେଳେ ଆଉଟ୍‌ଲୁକ୍‌ର ପୂର୍ବତନ ମୁଖ୍ୟ ସମ୍ପାଦକ ରୁବେନ ବାନାର୍ଜୀ ଭର୍ଚୁଆଲରେ ଯୋଡ଼ିହୋଇଥିଲେ। ଏହି ଅବସରରେ ତଥାଗତ ସାମ୍ବାଦିକତାର ବିକଶିତ ଦୃଶ୍ୟପଟ ଉପରେ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଆଲୋଚନା କର ଡିଜିଟାଲ ଯୁଗରେ ସମ୍ପାଦକୀୟ ନେତୃତ୍ୱରେ ପରିବର୍ତ୍ତନଶୀଳ ଭୂମିକା, ଦାୟିତ୍ୱ ଓ ଆହ୍ୱାନ ଉପରେ ଗୁରୁତ୍ୱାରୋପ କରିଥିଲେ। ପହଲଗାମ ଘଟଣାର ଉଦାହଣ ଦେଇ ସେ କହିଲେ, ଆତଙ୍କବାଦୀ ଆକ୍ରମଣ ପରେ କ’ଣ ପଦକ୍ଷେପ ନିଆଯିବ ତାହା ଜାଣିବା ପାଇଁ ସମସ୍ତେ ଚାହାନ୍ତି। ମାତ୍ର ଏତେ ବଡ଼ ଅଘଟଣ ଘଟିବାର ମୂଳ କାରଣ ଉପରେ କେହିଁ ତଥ୍ୟ ଉପସ୍ଥାପନ କରୁନାହାନ୍ତି। ତେଣୁ ଏଭଳି ଘଟଣାର କାରଣ ଜଣାପଡ଼ିଲେ ଭବିଷ୍ୟତ ପାଇଁ ଏହାର ନିରାକରଣ କରାଯାଇପାରିବ। ସତ୍ୟ ସର୍ବସମ୍ମୁଖକୁ ଆଣିବା ଜଣେ ସାମ୍ବାଦିକତାର ଦାୟିତ୍ୱ ହେବା ଉଚିତ। ନୀଳାମ୍ବର ରଥ ଦାୟିତ୍ୱପୂର୍ଣ୍ଣ ସାମ୍ବାଦିକତାର ଭବିଷ୍ୟତ ବିଷୟରେ ତାଙ୍କର ଅଭିଜ୍ଞତା ଓ ଅନୁଭୂତି ବାଣ୍ଟିଥିଲେ। ସମ୍ବାଦିକତାରେ ଭବିଷ୍ୟତ ଗଢ଼ିବାକୁ ଚାହୁଁଥିବା ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରି ସେ କହିଲେ, ଦିନକୁ ଦିନ ଦର୍ଶକ ବା ପାଠକଙ୍କ ରୁଚି ବଦଳୁଛି। ସାମ୍ବାଦିକାରେ ସଫଳତା ପାଇଁ ନିଜ ଦକ୍ଷତା ଉପରେ ଗୁରୁତ୍ୱ ଦେବା ସହ ଅତ୍ୟାଧୁନିକ ଟେକ୍ନୋଲୋଜିକୁ ଆପଣେଇ ସମୟାନୁସାରେ ପରିବର୍ତ୍ତନ ହେଉଥିବା ଧାରା ସହ ଖାପ ଖୁଆଇବା ପାଇଁ ନିଜକୁ ପ୍ରସ୍ତୁତ କରିବା ଦରକାର। ରୁବେନ ବାନାର୍ଜୀ ବର୍ତ୍ତମାନ ସୋସିଆଲ ମିଡିଆ, ଏପରିକି ପ୍ରମୁଖ ଗଣମାଧ୍ୟମରେ ମଧ୍ୟ ଭୁଲ୍ ସୂଚନା ପ୍ରସାରିତ ହେଉଛି। ଭୁଲ୍ ସୂଚନା ଏବଂ ପ୍ରାୟୋଜିତ ଭ୍ରମାତ୍ମକ ସୂଚନା ପ୍ରଦାନ ସାମ୍ବାଦିକତା କ୍ଷେତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ସେ କହିଥିଲେ। ୟୁନିଭର୍ସିଟିର ଆସିଷ୍ଟାଣ୍ଟ ପ୍ରଫେସର ଅନ୍ୱେଷା ପାଢ଼ୀ ଏହି ଅଧିବେଶନର ସଞ୍ଚାଳନ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି କୁଳଭୂଷଣ ବାଲୁନି ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଦ୍ୱିତୀୟ ଅଧିବେଶନରେ ବିବିସି ଡିଜିଟାଲ କଣ୍ଟେଣ୍ଟ ଏଡିଟର ସର୍ବପ୍ରିୟା ସଙ୍ଗୱାନ୍ ଭର୍ଚୁଆଲରେ ଯୋଡ଼ି ହୋଇଥିବବେଳେ ନ୍ୟୁଜ୍‌ରୁମ୍‌ର ସମ୍ପାଦକ ମନୋରଞ୍ଜନ ମିଶ୍ର, ଏମବିସି ଟିଭିର ସମ୍ପାଦକ ଅଶୋକ କୁମାର ପଣ୍ଡା ଏବଂ ନନ୍ଦିଘୋଷ ଟିଭିର ସମ୍ପାଦକ ଶିଶିର ଭଞ୍ଜମିଶ୍ର ଯୋଗଦେଇ ସମ୍ପ୍ରତି ଗଣମାଧ୍ୟମର ସ୍ୱାଧୀନତା ପ୍ରସଙ୍ଗରେ ଆଲୋଚନା କରିଥିଲେ। ବିର୍ଲା ସ୍କୁଲ ଅଫ୍ କମ୍ୟୁନିକେଶନର ଆସିଷ୍ଟାଣ୍ଟ ପ୍ରଫେସର ଡ. ମେହୁଲ ଅଗ୍ରୱାଲ ଏହି ଅଧିବେଶନର ପରିଚାଳନା କରିଥିଲେ। ବିଭିନ୍ନ ବିଭାଗର ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ ଯୋଗଦେଇଥିବାବେଳେ ବିର୍ଲା ସ୍କୁଲ ଅଫ୍ କମ୍ୟୁନିକେଶନର ଆସିଷ୍ଟାଣ୍ଟ ପ୍ରଫେସର ଡ. ଜ୍ଞାନରଞ୍ଜନ ମିଶ୍ର ଉଦ୍‌ଯାପନୀ ମନ୍ତବ୍ୟ ଦେଇଥିଲେ।



ସମ୍ମିଳନୀରେ ‘ଧରିତ୍ରୀ’ ଏବଂ ‘ଓଡ଼ିଶା ପୋଷ୍ଟ’ ସମ୍ପାଦକ ତଥାଗତ ସତପଥୀ, ଓଡ଼ିଶା ଲାଇଭ୍‌ର ସମ୍ପାଦକ ନୀଳାମ୍ବର ରଥ ଓ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର ଆସିଷ୍ଟାଣ୍ଟ ପ୍ରଫେସର ଅନ୍ୱେଷା ପାଢ଼ୀ।

# ଅଂଶୁଘାତରେ ୧୯ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅସୁସ୍ଥ

ସୋର, ୨୫।୪(ଜନ୍ମେଜୟ ମିଶ୍ର)

ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଆଖିଆଗରେ ରଖି ସରକାର ରାଜ୍ୟରେ ସମସ୍ତ ସ୍କୁଲ, କଲେଜକୁ ଛୁଟି ଘୋଷଣା କରିଛନ୍ତି। ବାଲେଶ୍ୱର ଜିଲା ସୋରଠାରେ ଥିବା ବିଭିନ୍ନ ଘରୋଇ ଶିକ୍ଷାନୁଷ୍ଠାନରେ ରହି ପାଠ ପଢୁଥିବା ୧୯ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଗୁରୁବାର ରାତିରେ ଅଂଶୁଘାତର ଶିକାର ହୋଇଛନ୍ତି। ସେମାନଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅସହ୍ୟ ଗୁଳୁଗୁଳି ପାଇଁ ଏପରି ହୋଇଥିବା କୁହାଯାଉଛି। ପରେ ସମସ୍ତେ ସୁସ୍ଥ ହୋଇ ଫେରିଥିବା ଜଣାପଡିଛି।

# ଟିପ୍ପର ଧକ୍କାରେ ୨ ବାଇକ୍ ଆରୋହୀ ମୃତ

କୋରୁକୋଣ୍ଡା,୨୫।୪( ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ପିରୁଣା ଚିମଟାପାଲ୍ଲୀ ପଞ୍ଚାୟତ ଅଧୀନସ୍ଥ ଗୋମ୍ପାକୋଣ୍ଡା କେନାଲ ରାସ୍ତାରେ ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟାରେ ଏକ ଟିପ୍ପର ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ କତାପାଲୀ ଗ୍ରାମର ମହିଳା ଗାଙ୍ଗେ ପଡିୟାମି ଓ ମୁକା ସୋଡି। ଦୁର୍ଘଟଣା ଘଟାଇଥିବା ଟିପ୍ପରକୁ ପୋଲିସ ଜବତ କରିଛି।

ପୋଲିସ ସୂଚନା ଅନୁଯାୟୀ, ସୋର୍ଲକୋଣ୍ଡା ଗ୍ରାମରେ ଜଣେ ସମ୍ପର୍କୀୟଙ୍କ ପୁଅର ବିବାହ ଉତ୍ସବରେ ଯୋଗଦେବାକୁ କତାପାଲୀ ଗ୍ରାମର ସ୍ୱର୍ଗତ ମୁକା ପଡିୟାମିଙ୍କ ସ୍ତ୍ରୀ ଗାଙ୍ଗେ ଓ ଦେବା ସୋଡିଙ୍କ ପୁଅ ମୁକା ବାଇକ୍ ଯୋଗେ ଯାଉଥିଲେ। ଏହିସମୟରେ ବାଲିମେଳା ପଟୁ ଆସୁଥିବା ଏକ ଟିପ୍ପର ବାଇକ୍‌କୁ ସାମ୍ନା ପଟରୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଚାଳକ ମୁକା ଏବଂ ତାଙ୍କ ପଛରେ ବସିଥିବା ଗାଙ୍ଗେଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ଟିପ୍ପର ଚାଳକ ସେଠାରୁ ଖସି ପଳାଇବାକୁ ଚେଷ୍ଟା କରୁଥିବାବେଳେ ଅଞ୍ଚଳବାସୀ ଉକ୍ତ ଗାଡିକୁ ଅଟକାଇ ପୋଲିସକୁ ହସ୍ତାନ୍ତର କରିଥିଲେ। ଉକ୍ତ ଟିପ୍ପରଟି ପି. ରାମାରାଓଙ୍କର ବୋଲି ଜଣାପଡିଛି। ଖବରପାଇ ଚିତ୍ରକୋଣ୍ଡା ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରଦୋଷ ପ୍ରଧାନଙ୍କ ନେତୃତ୍ୱରେ ଏସ୍‌ଆଇ ମନୋହର ସାହୁ, ମିଳନ ବରିହା, ସଞ୍ଜିତ କୁମାର ଟାକ୍ରି ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟିପ୍ପର ନଂ (ଓଡି -୧୦-ଇ -୬୬୬୭) ଓ ବାଇକ୍‌କୁ ଜବତ କରିଛି। ଟିପ୍ପର ଚାଳକଙ୍କୁ ଥାନାରେ ଅଟକ ରଖି ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

See Career Appointment on every Wednesday & Saturday

ଡ୍ରାଇଭର ଆବଶ୍ୟକ
ଦରମା: ୨୨,୦୦୦/-
ଫୋନ୍ ନଂ: 9861925500
(ଯୋଗାଯୋଗ ସମୟ 10am To 4pm)

ଆବଶ୍ୟକ ନିଃଶୁଳ୍କ ଲଜ୍‌ରେ ରହିବା,
ଭଲ ଖାଦ୍ୟ, ଆକର୍ଷଣୀୟ ଦରମା ସହ
ସିକ୍ୟୁରିଟି ଗାର୍ଡଙ୍କ ନିଯୁକ୍ତି ଆରମ୍ଭ,
ନାଗପୁରର ବିଭିନ୍ନ ଅଞ୍ଚଳ ପାଇଁ, 10ମ ପାସ୍
5’.8” ଉଚ୍ଚତାଧାରୀ ଗାର୍ଡ ତୁରନ୍ତ ଆବଶ୍ୟକ
ୟୁଥ୍ ଫୋର୍ସ ସିକ୍ୟୁରିଟି ସର୍ଭିସେସ୍
ନ୍ୟାଶନାଲ ଫାୟାର୍ କଲେଜ୍ ସାମ୍ନା, ରାଜନଗର, ନାଗପୁର
ମୋ. 9422313968, 8669698959

ASSISTANT REQUIRED
Qualification- +3 Arts (English language mode) Age 32 to 50 years, PGDCA & 2 wheeler Driving License optional/ preference. Monthly salary - up to Rs 16,000/- basing on merit to be finalised on interview. Annual increment scope available. Apply ( male or female) candidate mother tongue Odia with certificate copies and Aadhar card to Sriram Enterpriser, Red cross Road Bhanjanagar-761126
Phone/ Whatsapp: 9438572007

Job Opportunity at
SB Sahoo & Co Pvt. Ltd., Bhubaneswar
Senior Marketing Executive-5 Positions, Junior Marketing Executive-5 Positions, Salary Negotiable.
Send your resume to
sbsahoo11@gmail.com
Contact : 9437035347, 9437468247

WELDER REQUIRED
ମଞ୍ଚେଶ୍ୱର ଭୁବନେଶ୍ୱର
ୱେଲଡ଼ର ଆବଶ୍ୟକ ।
Salary-12k to 17k
ଖାଇବା ରହିବା ସୁବିଧା ଅଛି ।
Contact - 9124614403

# ଆଗୁଆ ଜାମିନ ଆବେଦନ ଖାରଜ

## ମାଲକାନଗିରିର ତତ୍କାଳୀନ ଜିଲାପାଳଙ୍କ ବ୍ୟକ୍ତିଗତ ସହାୟକ ଆତ୍ମହତ୍ୟା ମାମଲା

କଟକ,୨୫।୪(କାର୍ତ୍ତିକ ସାହୁ)

ମାଲକାନଗିରିର ତତ୍କାଳୀନ ଜିଲାପାଳ ମନିଷ ଅଗ୍ରୱାଲଙ୍କ ଅଡୁଆ ବଢ଼ିଛି। ବ୍ୟକ୍ତିଗତ ସହାୟକ ଆତ୍ମହତ୍ୟା ମାମଲାରେ ତାଙ୍କ ଆଗୁଆ ଜାମିନ ଆବେଦନକୁ ହାଇକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ଏଥିସହ ତାଙ୍କର ଦୁଇ ସହଯୋଗୀ ଭି. ବେଣୁଗୋପାଳ ଓ ପ୍ରକାଶ ଚନ୍ଦ୍ର ସ୍ୱାଇଁଙ୍କ ଆଗୁଆ ଜାମିନ ଆବେଦନ ମଧ୍ୟ ହାଇକୋର୍ଟ ଖାରଜ କରିଦେଇଛନ୍ତି। ହାଇକୋର୍ଟ ବିଚାରପତି ଭି. ନରସିଂହଙ୍କ ଖଣ୍ଡପୀଠ ମାମଲାର ଅନ୍ୟ ଜଣେ ଅଭିଯୁକ୍ତ ଭଗବାନ ପାଣିଗ୍ରାହୀଙ୍କ ଆବେଦନକୁ ଗ୍ରହଣ କରି ୩ ସପ୍ତାହ ମଧ୍ୟରେ ନିମ୍ନ ଅଦାଲତରେ ଆତ୍ମସମର୍ପଣ କରି ଜାମିନ ପାଇଁ ଆବେଦନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ମାଲକାନଗିରିର ତତ୍କାଳୀନ ଜିଲାପାଳ ମନୀଷ ଅଗ୍ରୱାଲଙ୍କ ବ୍ୟକ୍ତିଗତ ସହାୟକ ଭାବେ ଦେବ ନାରାୟଣ ପଣ୍ଡା କାର୍ଯ୍ୟ କରୁଥିଲେ। ୨୦୧୯ ମେ’ ୨୭ରେ ସେ ହଠାତ୍ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ଥାନାରେ ଏ ନେଇ ପ୍ରଥମେ ମାମଲା ରୁଜୁ ହୋଇଥିଲା। ଏହାର ୨ଦିନ ପରେ ଦେବ ନାରାୟଣ ପଣ୍ଡାଙ୍କ ମୃତଦେହ ସତୀଗୁଡ଼ା ଡ୍ୟାମ ନିକଟରୁ ମିଳିଥିଲା।

# ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ

ବାହାନଗା,୨୫।୪
(ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଖନ୍ତାପଡା ଥାନା ମହାରାଜପୁର ପଞ୍ଚାୟତ ବୋଇତା ଗ୍ରାମରେ ଶୁକ୍ରବାର ଘଟିଛି ଏକ ଦୁଃଖଦ ଘଟଣା। ଉମେଶ ଯେନାଙ୍କ ୨ ବର୍ଷର ଶିଶୁକନ୍ୟା ଦୀପ୍ତିରେଖା ପୋଖରୀରେ ବୁଡିଯିବାରୁ ତାଙ୍କର ମୃତ୍ୟୁ ଘଟିଛି।

ଶିଶୁକନ୍ୟାଟି ସକାଳ ପ୍ରାୟ ୯ଟା ବେଳେ ଘର ଅଗଣାରେ ଖେଳୁ ଖେଳୁ ପଡ଼ୋଶୀ ଘର ଆଡ଼କୁ ଚାଲିଯାଇଥିଲେ। କିଛି ସମୟ ପରେ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। କେଉଁଠି ନ ପାଇ ଶେଷରେ ପଡୋଶୀ ଘର ଆଗରେ ଥିବା ପୋଖରୀ ପାଖକୁ ଯିବାରୁ ଝିଅ ପାଣିରେ ଭାସୁଥିବା ଦେଖିଥିଲେ। ତୁରନ୍ତ ଉଦ୍ଧାର କରି ପରିବାର ଲୋକେ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

ଧରିତ୍ରୀ DHARITRI Oriya daily
ଧରିତ୍ରୀ 51 Years
WANTED

| POSITION | ELIGIBILITY | LOCATION |
| --- | --- | --- |
| DIGITAL MARKETING EXECUTIVES | ▸ Well versed with Media Clients and Agencies for Digital Platforms.<br>▸ Must have retail, corporate client base.<br>▸ Capable to aggressively chase sales targets.<br>▸ Hands-on experience in content management.<br>▸ Drive new client acquisition.<br>▸ Proficiency in social media platforms.<br>▸ Should have 3-6 years + experience in Digital Marketing. | BHUBANESWAR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com

# ଦଲାଲଙ୍କ ହାତରେ କେନ୍ଦୁପତ୍ର ବ୍ୟବସାୟ

**ମାଲକାନଗିରି ଜିଲା**
- ସରକାରଙ୍କ ପ୍ରୋତ୍ସାହନରୁ ବଞ୍ଚିତ ତୋଳାଳି
- ବେସରକାରୀ ସଂସ୍ଥା ନାମ ପରିବର୍ତ୍ତନ କରି ତୋଳାଳି ଓ ବିଭାଗକୁ ଠକୁଛନ୍ତି
- ବନ ବିଭାଗ-ପୋଲିସ ମଧ୍ୟରେ ରହୁନାହିଁ ସମନ୍ୱୟ

ମାଲକାନଗିରି,୨୫।୪
(ଦୁର୍ଯ୍ୟୋଧନ ପାତ୍ର)

ବନ ବିଭାଗର ବିଭିନ୍ନ ଶାଖା ରାଜ୍ୟରେ କାର୍ଯ୍ୟ କରୁଛି। ସେଥିରୁ କେନ୍ଦୁପତ୍ର ବିଭାଗର ସମସ୍ତ କର୍ମକର୍ତ୍ତା ଓ କ୍ଷେତ୍ର କର୍ମଚାରୀ କେନ୍ଦୁପତ୍ର ସଂଗ୍ରହ ଦାୟିତ୍ୱ ନେଇଥାନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା କେନ୍ଦୁପତ୍ର କେରିର ମୂଲ୍ୟ ଧାର୍ଯ୍ୟ କରାଯାଇଥାଏ। ଏଥିସହ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସମସ୍ତ ଯୋଗ୍ୟ କେନ୍ଦୁପତ୍ର ତୋଳାଳି ଓ ବନ୍ଧେଇ ଶ୍ରମିକ, ସାମୟିକ କର୍ମଚାରୀଙ୍କ ପାଇଁ ବିଭିନ୍ନ ଜନ କଲ୍ୟାଣ ଯୋଜନା କରିଛନ୍ତି। ସାରା ରାଜ୍ୟରେ ସରକାରଙ୍କ ତରଫରୁ କେନ୍ଦୁପତ୍ର କିଣା ଯାଉଥିବା ବେଳେ ମାଲକାନଗିରି ଜିଲାରେ ବେସରକାରୀ ସଂସ୍ଥାକୁ କେନ୍ଦୁପତ୍ର ଖରିଦ ଅନୁମତି ଦିଆଯାଇଛି। ନବରଙ୍ଗପୁର ଜିଲାର ମାତ୍ର ଦୁଇଟି ଫଡ଼ି ପାଇଁ ୬ ପଞ୍ଚାୟତକୁ ଦାୟିତ୍ୱ ଦିଆଯାଇଥିବା ବେଳେ କଳାହାଣ୍ଡି ଜିଲାପାଇଁ ୧୦ ପଞ୍ଚାୟତକୁ ଦାୟିତ୍ୱ ଦିଆଯାଇଛି।

ମାଲକାନଗିରି ଜିଲାରେ ରାଜ୍ୟ ବାହାରର ବ୍ୟବସାୟୀମାନେ ସ୍ଥାନୀୟ ଦଲାଲମାନଙ୍କ ସହାୟତାରେ ବିଭିନ୍ନ ସଂସ୍ଥାରେ ପଞ୍ଜୀକରଣ କରି ପଞ୍ଚାୟତରେ ଲାଇସେନ୍ସ ପାଇଁ ଅର୍ଥ ଦେଇ ଅନୁମତି ନେଇଥାନ୍ତି। ଜିଲାର ୭ ବ୍ଲକର ସବୁ ପଞ୍ଚାୟତରେ ବେସରକାରୀ ସଂସ୍ଥା ଅର୍ଥ ପୈଠ ନ କରି କିମ୍ବା ଅନୁମତି ନ ନେଇ ମନଇଚ୍ଛା ଫଡ଼ି ଖୋଲି ତୋଳାଳିଙ୍କୁ ପ୍ରଥମେ ନଗଦ ଅର୍ଥ ଦେଇଥିବା ବେଳେ ଶେଷ ସପ୍ତାହର ଅର୍ଥ ବାକି ରଖି ପଳାଇ ଯାଇଥାନ୍ତି। ଏଥିସହ ବେସରକାରୀ ସଂସ୍ଥା ତୋଳାଳିମାନଙ୍କୁ କୌଣସି ପ୍ରୋତ୍ସାହନ ଦିଅନ୍ତି ନାହିଁ। ଫଳରେ ନିରୀହ ଆଦିବାସୀ ତୋଳାଳିମାନେ ଘରୋଇ ସଂସ୍ଥାକୁ ବିକ୍ରି କରିଥିବା ଅର୍ଥ ପାଇ ପାରନ୍ତି ନାହିଁ। ଜୟପୁର କେନ୍ଦୁପତ୍ର ବନଖଣ୍ଡ ଦ୍ୱାରା ମାଲକାନଗିରି ଜିଲା ୭ ବ୍ଲକର ବିଭିନ୍ନ ପଞ୍ଚାୟତରେ ପତ୍ର ସଂଗ୍ରହ ପାଇଁ ଅନୁମତି ଅଛି। କିନ୍ତୁ ପ୍ରାରମ୍ଭରେ ଭଲ ପତ୍ରଗୁଡିକ ଘରୋଇ ସଂସ୍ଥାମାନେ ନେଉଥିବା ବେଳେ ଖରାପ ପତ୍ର ସରକାରୀ ଫଡ଼ିରେ ଦେଇ ନାମକୁମାତ୍ର ସେମାନଙ୍କ ନାମ ପଞ୍ଜୀକରଣ କରନ୍ତି। ଫଳରେ ସରକାରଙ୍କ ରାଜସ୍ୱ କ୍ଷତି ହେବା ସହ ବନ ନିଗମ ମାଧ୍ୟମରେ ଖରାପ ପତ୍ରର ମୂଲ୍ୟ କମ୍ ହେଉଥିବାରୁ ସରକାରଙ୍କ ରାଜସ୍ୱ ହ୍ରାସ ହୁଏ।

ଜୟପୁର କେନ୍ଦୁପତ୍ର ବନଖଣ୍ଡ କାର୍ଯ୍ୟାଳୟ ତଥ୍ୟ ଅନୁଯାୟୀ, ମାଲକାନଗିରି ଜିଲା କେନ୍ଦୁପତ୍ରର ୬ ରେଞ୍ଜ ଯଥା ମାଥିଲି, କତାମେଟା, ମାଲକାନଗିରି, ବାଲିମେଳା, କାଲିମେଳା ଓ ଏମ୍‌ଭି ୭୯ରେ ୫୪ ଘରୋଇ ସଂସ୍ଥା କେନ୍ଦୁପତ୍ର ସଂଗ୍ରହ କରୁଛନ୍ତି।

୨୦୨୪ରେ ମାଲକାନଗିରି ଜିଲାରେ ଉକ୍ତ ୬ ରେଞ୍ଜର ୩୭୩ ଫଡ଼ିରେ ୬୩।୮୨୫ ଷ୍ଟାଣ୍ଡାର୍ଡ ବ୍ୟାଗ୍, ୭ କୋଟି ୯୭ ଲକ୍ଷ ୮୦ ହଜାର ୯୦୦ କେରି ଖରିଦ କରିଥିବା ବେଳେ ୯୮୭୧୧ ବସ୍ତା ସଂଗ୍ରହ କରାଯାଇ ୪୨୬୮୧ ତୋଳାଳିଙ୍କଠାରୁ ପତ୍ର କିଣାଯାଇଥିଲା। ସେହିପରି ୫୪ ବେସରକାରୀ ସଂସ୍ଥା ୧୫ କୋଟି ୨୪ ଲକ୍ଷ ୩୬ ହଜାର ୩୭୦ କେରି, ୧ଲକ୍ଷ ୨୧ ହଜାର ୯୪୭.୬୮୨ ଷ୍ଟାଣ୍ଡାର୍ଡବ୍ୟାଗ୍, ସମୁଦାୟ ୨ ଲକ୍ଷ ୩୧ ହଜାର ୫୭୯ ବସ୍ତା ଖରିଦ କରିଛନ୍ତି।

ସେହିପରି ୫୯୪ ଟ୍ରାନ୍‌ଜିଟ୍ ପର୍ମିଟ ଜିଲା ପଞ୍ଚାୟତ ଅଧିକାରୀଙ୍କୁ ଡିଏଫ୍‌ଓ, କେନ୍ଦୁପତ୍ର ମାଧ୍ୟମରେ ଦିଆଯାଇଛି। କିନ୍ତୁ ୫୯୪ ମଧ୍ୟରୁ କେତେ ବ୍ୟବହାର ହୋଇଛି, କେତେ ହୋଇନାହିଁ, ବ୍ୟବହାର ହୋଇ ନ ଥିବା ପର୍ମିଟ୍‌କୁ ଫେରସ୍ତ ଦେବାପାଇଁ ଡିଏଫ୍‌ଓ କେନ୍ଦୁପତ୍ର ବାରମ୍ବାର କହିବା ଏବଂ ଚିଠି ନଂ.୭୫୨ / ୧୧।୩।୨୫ ଅନୁଯାୟୀ ଡିପିଓ, ମାଲକାନଗିରିଙ୍କୁ ମଗା ଯାଇଥିଲେ ମଧ୍ୟ ବହି ଫେରସ୍ତ ନ କରିବା ଓ ତା’ର ଉତ୍ତର ନ ଦେବା ସନ୍ଦେହ ସୃଷ୍ଟି କରିଛି।

ଅନ୍ୟପକ୍ଷରେ କେନ୍ଦୁପତ୍ର ସଂଗ୍ରହ ସମୟରେ ବନ ବିଭାଗ ଟେରିଟୋରିଆଲ, କେନ୍ଦୁପତ୍ର ବିଭାଗ ଓ ପୋଲିସ ମଧ୍ୟରେ ସମନ୍ୱୟ ରହୁ ନ ଥିବାରୁ ବେନିୟମ ଭାବେ ବେସରକାରୀ ସଂସ୍ଥା ଖରିଦ କରୁଥିବା କେନ୍ଦୁପତ୍ର ସମ୍ପର୍କରେ ଠିକ୍ ଭାବେ ଜାଣି ପାରୁନାହାନ୍ତି। ତେବେ ପୂର୍ବରୁ ବନ ବିଭାଗ ଦ୍ୱାରା ରାଜ୍ୟର ବିଭିନ୍ନ ଜଙ୍ଗଲ ଅଞ୍ଚଳ ମୁଖ୍ୟରାସ୍ତା ଗୁଡିକରେ ଯାଞ୍ଚ ଫାଟକ ଥିଲା। ସେହି ଫାଟକ ଦାୟିତ୍ୱରେ ଥିବା କର୍ମଚାରୀ ପରିବହନ ଗାଡି ଯାଞ୍ଚ କରୁଥିଲେ। କିନ୍ତୁ ବିଗତ ସରକାର ଏହି ଫାଟକଗୁଡ଼ିକୁ ଉଠାଇଦେବାରୁ ଯାଞ୍ଚ ହୋଇପାରୁ ନାହିଁ।

ଫଡ଼ିରୁ ଗୋଦାମକୁ ଆସିବା ପାଇଁ ଅନେକ ସଂସ୍ଥା ପର୍ମିଟ ଦେଉନାହାନ୍ତି କିମ୍ବା ଏହାକୁ ବନ ବିଭାଗ, ପୋଲିସ କେହି ଯାଞ୍ଚ କରୁନାହାନ୍ତି। ଏହାକୁ କଡ଼ାକଡ଼ି ଯାଞ୍ଚ ଏବଂ ମାଲକାନଗିରି କେନ୍ଦୁପତ୍ର ସଂଗ୍ରହ ସମ୍ବନ୍ଧରେ ଏକ ସିବିଆଇ ତଦନ୍ତ କରାଗଲେ ସମସ୍ତ ତଥ୍ୟ ପଦାକୁ ଆସିବ ବୋଲି ଦାବି ହେଉଛି। ପ୍ରତିବର୍ଷ କେନ୍ଦୁପତ୍ର ସଂଗ୍ରହ ଏବଂ ପରିଚାଳନା ସମ୍ବନ୍ଧରେ ରାଜ୍ୟସ୍ତରରେ ଏକ କମିଟି ଗଠନ କରାଯାଇଛି। ଏହି କମିଟିର ଅଧ୍ୟକ୍ଷ ମୁଖ୍ୟମନ୍ତ୍ରୀ ଅଛନ୍ତି। ୨୦୧୪ରେ ରାଜ୍ୟ ସରକାରଙ୍କ ବନ ବିଭାଗ ଚିଠି ସଂଖ୍ୟା ୭୦ ଅନୁଯାୟୀ ଏହି କମିଟିରେ ମାଲକାନଗିରି ଜିଲାରେ ତୋଳାଳିମାନେ ତାଙ୍କ କେନ୍ଦୁପତ୍ରଗୁଡ଼ିକୁ ଯେକୌଣସି ବ୍ୟକ୍ତି କିମ୍ବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିକ୍ରି କରିପାରିବେ। କିନ୍ତୁ ସେହି ବ୍ୟକ୍ତି ପଞ୍ଚାୟତରେ ପଞ୍ଜୀକରଣ କରିଥିବା ଆବଶ୍ୟକ ବୋଲି ଆଦେଶ ଥିଲା। କିନ୍ତୁ ଏହି କମିଟି ପ୍ରତିବର୍ଷ ବୈଠକରେ ଭିନ୍ନ ଭିନ୍ନ ସିଦ୍ଧାନ୍ତ ନେଉଥିଲା ବେଳେ ଅଦ୍ୟାବଧି କମିଟିର କୌଣସି ବୈଠକ ହୋଇନାହିଁ। ଫଳରେ ସେହି ପୁରୁଣା ଢାଞ୍ଚାରେ ବାହାର ରାଜ୍ୟର ବ୍ୟବସାୟୀମାନେ ସ୍ଥାନୀୟ ଲୋକମାନଙ୍କୁ ଧରି ପତ୍ର ଖରିଦ କରିବା ସହ ବିଭିନ୍ନ ଅନିୟମିତତା କରୁଥିବା ଅଭିଯୋଗ ହେଉଛି।

ଏ ସମ୍ପର୍କରେ ଜୟପୁର କେନ୍ଦୁପତ୍ର ଡିଭିଜନ ଡିଏଫଓ ଶରତ କୁମାର ସାହୁଙ୍କୁ ପଚାରିବାରୁ କେନ୍ଦୁପତ୍ର ଡିଭିଜନରେ ଅଧିକାରୀ ଏବଂ କର୍ମଚାରୀଙ୍କ ଅଭାବ ଥିଲା ବେଳେ ଚୋରା କେନ୍ଦୁପତ୍ର କିମ୍ବା ଘରୋଇ ସଂସ୍ଥାମାନଙ୍କ ଅନିୟମିତତା ଠିକ୍ ଭାବେ ଯାଞ୍ଚ କରାଯାଇ ପାରୁନାହିଁ। ଅନ୍ୟପକ୍ଷରେ କେନ୍ଦୁପତ୍ର ବିଭାଗର ଚୋରାମାଲ ଜବତ କିମ୍ବା ଅଭିଯୁକ୍ତଙ୍କୁ ଗିରଫ ଇତ୍ୟାଦି କ୍ଷମତା ନାହିଁ। ଯାହାକି ଟେରିଟୋରିଆଲ ଡିଏଫଓଙ୍କ କ୍ଷମତା ରହିଛି। ଅନ୍ୟପକ୍ଷରେ ମାଲକାନଗିରି କେନ୍ଦୁପତ୍ର ବନାଞ୍ଚଳ ଅଧିକାରୀ ରଜନୀକାନ୍ତ ଷଡ଼ଙ୍ଗୀ ଏବଂ ଟେରିଟୋରିଆଲ ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକ କହିଛନ୍ତି, ଘରୋଇ ସଂସ୍ଥାକୁ କେନ୍ଦୁପତ୍ର କିଣିବା ପାଇଁ କିଛି ଲିଖିତ ଚିଠି ଦିଆଯାଇ ନାହିଁ। ଏଥିସହ ଡିଏଫଓ କେନ୍ଦୁପତ୍ର ଏବଂ ଡିଏଫଓ ଟେରିଟୋରିଆଲଙ୍କ ମୌଖିକ ଆଦେଶ ଅନୁସାରେ ଯାଞ୍ଚ ପ୍ରକ୍ରିୟା ତ୍ୱରାନ୍ୱିତ କରାଯିବା ସହ ସରକାରୀ ଫଡିରେ କେନ୍ଦୁପତ୍ର ବିକ୍ରିପାଇଁ ବିଭିନ୍ନ ଅଞ୍ଚଳରୁ ସଭାସମିତି କରାଯାଇ ଲୋକଙ୍କୁ ସଚେତନ କରାଯାଉଛି। ଜିଲା ପଞ୍ଚାୟତ ଅଧିକାରୀ ନାରାୟଣ ସାହୁଙ୍କୁ ପଚାରିବାରୁ ଚଳିତବର୍ଷ ଯଦି କୌଣସି ବେସରକାରୀ ସଂସ୍ଥା ବେନିୟମ ଭାବେ କେନ୍ଦୁପତ୍ର ସଂଗ୍ରହ କରନ୍ତି, ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ ମାଲକାନଗିରି ଡିଏଫ୍‌ଓ ଓ ସମସ୍ତ ବିଡିଓଙ୍କ ସହ ଆଲୋଚନା କରାଯାଇଛି, ବନବିଭାଗ କର୍ମଚାରୀ ବିଭିନ୍ନ ଅଂଚଳ ବୁଲି ତୋଳାଳିଙ୍କୁ ସଚେତନ କରୁଛନ୍ତି।



ଶ୍ରମିକମାନେ ସଂଗ୍ରହ କରିଥିବା କେନ୍ଦୁପତ୍ର ଶୁଖାଉଛନ୍ତି।

DADLS-



ଓଡ଼ିଶା ସରକାର

ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
୨୬ ଅପ୍ରେଲ, ୨୦୨୫
ସକାଳ- ୮ ଘଟିକା ସମୟରେ ପରିବହନ ଭବନ ସମ୍ମୁଖ ଏଜି ଛକ, ଭୁବନେଶ୍ୱରସ୍ଥିତ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।
ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର
-ମୁଖ୍ୟ ଅତିଥି-
ଶ୍ରୀମତୀ ସୁରମା ପାଢ଼ୀ
ବାଚସ୍ପତି, ଓଡ଼ିଶା ବିଧାନସଭା
-ସମ୍ମାନନୀୟ ଅତିଥି-
ଶ୍ରୀ ଦାଶରଥି ଗମାଙ୍ଗୋ, ବିଧାୟକ, ମୋହନା
-ମୁଖ୍ୟବକ୍ତା-
ଶ୍ରୀ ସରୋଜ କୁମାର ସାମଲ, ଅବସରପ୍ରାପ୍ତ ପ୍ରଶାସକ ତଥା ସୁବକ୍ତା
-ଧନ୍ୟବାଦ ଅର୍ପଣ-
ଶ୍ରୀ ଦିଗ୍‌ବିଜୟ ନାଥ ପାଢୀ
ସଭାପତି, ପାରଳା ଗଜପତି ବିକାଶ ମଞ୍ଚ
ଭକ୍ତି ସଂଗୀତ ସଂସଦ, ପାରଳାଖେମୁଣ୍ଡିର କଳାକାରମାନଙ୍କ ଦ୍ୱାରା ଭକ୍ତି ସଂଗୀତ ପରିବେଷଣ ।
ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପାରଳା ଗଜପତି ବିକାଶ ମଞ୍ଚ, ଭୁବନେଶ୍ୱରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗଦେବାକୁ ବିନମ୍ର ଅନୁରୋଧ ।
ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

# ସ୍ୱଚ୍ଛତା ନାହିଁ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନିକଟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ରେ କାର୍ଯ୍ୟରତ ଦୁଇ ବରିଷ୍ଠ ଆଇପିଏସ୍ ଅଧିକାରୀ ସୋନିଆ ନାରଙ୍ଗ ଓ ଅଭିଷେକ ଗୋଏଲଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି। ଏମାନେ ସେଣ୍ଟ୍ରାଲ ଡେପୁଟେଶନରେ ଯାଇ ଇଡିରେ ନିଯୁକ୍ତି ପାଇଥିଲେ। ଆଇପିଏସ୍‌ଙ୍କ କାର୍ଯ୍ୟକାଳ ନୀତିର 'ରିଲାକ୍ସେସନ'ଅନୁଯାୟୀ ସେମାନଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି। ଏବେ ସେହି ବାବୁ କହୁଛନ୍ତି, ଆମେ ନିୟମ ସବୁ କରିଛୁ, କିନ୍ତୁ ସେଗୁଡ଼ିକରେ ଆମେ ସବୁବେଳେ ବାନ୍ଧିହୋଇ ରହିବାକୁ ବାଧ୍ୟ ନୋହୁଁ। ତେବେ ନାରଙ୍ଗଙ୍କ କଥା ଦେଖାଯାଉ। ଏପ୍ରିଲ ପ୍ରାରମ୍ଭରେ ତାଙ୍କୁ ଇଡିର ଦାୟିତ୍ୱରୁ ମୁକ୍ତ କରାଯାଇ କର୍ଣ୍ଣାଟକ କ୍ୟାଡରକୁ ପଠାଇ ଦିଆଯାଇଥିଲା। ଯେଭଳି ପଠାଇ ଦିଆଯାଇଥିଲା ଠିକ୍ ସେମିତି ତାଙ୍କ କାର୍ଯ୍ୟକାଳ ୧ ବର୍ଷ ବୃଦ୍ଧି କରି ପୁନର୍ବାର ଦିଲ୍ଲୀକୁ ଫେରାଇ ଆଣାଯାଇଛି। ସେ ଇଡିରେ ଥିବା ସମୟରେ ପିଏଫ୍‌ଆଇ, ଆଇଏଏଫ୍‌ଏଫ୍‌ସିଓ, ଭିଭୋ, ମାଓବାଦ ଭଳି ପ୍ରାୟ ସମସ୍ତ ହାଇ ପ୍ରୋଫାଇଲ ମାମଲା ସମ୍ଭାଳୁଥିଲେ। ସେ ଏତେ ଦରକାରୀ ଥିଲେ ଯେ, ତାଙ୍କୁ ଯିବାକୁ ଦିଆଯାଇ ନପାରେ ବୋଲି କୁହାଯାଉଥିଲା। କିନ୍ତୁ ପର୍ଯ୍ୟବେକ୍ଷକମାନେ ଆଶ୍ଚର୍ଯ୍ୟ ହେଉଛନ୍ତି, କାହିଁକି ତାଙ୍କୁ ହଠାତ ଶୀଘ୍ର ବିଦା କରାଯାଇଥିଲା। ଗୋଏଲଙ୍କ କାର୍ଯ୍ୟକାଳ ବୃଦ୍ଧିରେ ସମାନ କଥା ଘଟିଛି। ଏବେ ଏଚ୍‌ଆଇୟୁର ନେତୃତ୍ୱ ନେବା ସହ ଉତ୍ତରାଞ୍ଚଳର ଦାୟିତ୍ୱ (ନିକଟରେ ହୋଇଥିବା ମହାରାଷ୍ଟ୍ର ନିର୍ବାଚନ ସହିତ) ସମ୍ଭାଳୁଥିବା ଗୋଏଲଙ୍କ କାର୍ଯ୍ୟକାଳ ମଧ୍ୟ ୧ ବର୍ଷ ବୃଦ୍ଧି କରାଯାଇଛି। ଏକଥା ମଧ୍ୟ ଭୁଲିଯିବା ଉଚିତ ନୁହେଁ, ଇଡିର ପଦାନୁକ୍ରମରେ ସ୍ୱତନ୍ତ୍ର ନିର୍ଦ୍ଦେଶକ ପଦବୀ ହେଉଛି ଦ୍ୱିତୀୟ ଶୀର୍ଷ ର୍‍ୟାଙ୍କ। ଏଭଳି ନଅଟି ପଦବୀ ରହିଛି। ଦେଖାଯାଉଛି ଅଧିକ 'ସ୍ୱତନ୍ତ୍ର' ପଦବୀରେ ଅଧିକ 'ସ୍ୱଚ୍ଛତା' ନାହିଁ। ଏଣୁ ଆମେ ନିୟମଗୁଡ଼ିକ ବଦଳାଇବା କିମ୍ବା ଭାଙ୍ଗିବା ଦେଖିବାକୁ ପାଉଛୁ। ଏସିସି ଏହାକୁ ରିଲାକ୍ସେସନ କହିପାରେ, କିନ୍ତୁ ଅନ୍ୟମାନଙ୍କ ପାଇଁ ଏହା ହେଉଛି ଅମଲାତାନ୍ତ୍ରିକ ଯୋଗର ଏକ ମାଷ୍ଟରକ୍ଲାସ୍।

### ସୋସିଆଲ ମିଡିଆରେ ବାବୁ ବିବାଦ

କେରଳର ବାବୁ ସାମ୍ରାଜ୍ୟ ନିଜର ଏକ ରିୟଲିଟି ଶୋ'ର ସଂସ୍କରଣକୁ ଅନୁଭବ କରୁଛି, ଯାହା ସାର୍ବଜନୀନ ବିବାଦ, ସୋସିଆଲ ମଡ଼ିଆ ଡ୍ରାମା ଏବଂ ଅଭିଯୋଗରେ ପରିପୂର୍ଣ୍ଣ । ଏହା ମୌସୁମୀ ପବନଠାରୁ ମଧ୍ୟ ଅଧିକ ବେଗରେ ବ୍ୟାପୁଛି ଏବଂ ଏହି ଝଡ଼ର କେନ୍ଦ୍ରରେ ଅଛନ୍ତି ଆଇଏଏସ୍ ଅଧିକାରୀ ଏନ୍ ପ୍ରଶାନ୍ତ ଯିଏ କି ସୋସିଆଲ ମିଡିଆରେ 'କଲେକ୍ଟର ବ୍ରୋ' ଭାବେ ପରିଚିତ। ନିକଟରେ ନିଲମ୍ବିତ ହୋଇଥିବା ପ୍ରଶାନ୍ତ ବରିଷ୍ଠ ଅମଲାତନ୍ତ୍ରୀ ଏ. ଜୟତିଲକ ଏବଂ କେ. ଗୋପାଳକ୍ରିଷ୍ଣନଙ୍କ ବିରୋଧରେ ଦୁର୍ନୀତି ଓ ଷଡ଼ଯନ୍ତ୍ର ଅଭିଯୋଗ ଆଣିଛନ୍ତି। ସେ ଦାବି କରିଛନ୍ତି ଯେ, କାର୍ଯ୍ୟାଳୟର ଅପବ୍ୟବହାର ଓ ବଢୁଥିବା ଦୁର୍ନୀତି ବିରୋଧରେ ହ୍ୱିସିଲବ୍ଲୋୟର ଭାବେ କାର୍ଯ୍ୟ କରୁଥିବାରୁ ଏହାର ପ୍ରତିକ୍ରିୟା ସ୍ୱରୂପ ତାଙ୍କୁ ନିଲମ୍ବନ କରାଯାଇଛି। ଏହା ଏକ ଗମ୍ଭୀର ଅଭିଯୋଗ, ଯାହାକୁ ଅଣଦେଖା କରାଯାଇପାରିବ ନାହିଁ। ଗୋପାଳକ୍ରିଷ୍ଣନ ସର୍ଭିସ ନିୟମକୁ ଉଲ୍ଲଂଘନ କରି ଧର୍ମୀୟ ଆଧାରିତ ଏକ ହ୍ୱାଟ୍ସଆପ୍ ଗ୍ରୁପ ସୃଷ୍ଟି କରିବା କାରଣରୁ ନିଲମ୍ବିତ ହୋଇଥିଲେ। ଜୟତିଲକଙ୍କୁ ସାଧାରଣରେ ସୋସିଆଲ ମିଡିଆରେ ସମାଲୋଚନା କରିବା ଯୋଗୁ ପ୍ରଶାନ୍ତଙ୍କୁ ନିଲମ୍ବନ କରାଯାଇଥିଲା । ସୋସିଆଲ ମିଡିଆରେ ଲଢ଼େଇ କେରଳର ତଥାକଥିତ ଶୃଙ୍ଖଳିତ ପ୍ରଶାସନିକ ବ୍ୟବସ୍ଥାର ବିବାଦକୁ ସାମ୍ନାକୁ ଆଣିଛି। ସାର୍ବଜନୀନ ସ୍ତରରେ ଏହି ଅମଲାତାନ୍ତ୍ରିକ ବିବାଦ ପ୍ରଶାସନିକ ବ୍ୟବସ୍ଥାରେ ଗଭୀର ଅସନ୍ତୋଷକୁ ପ୍ରତିଫଳିତ କରୁଛି। ବିଶେଷକରି ସୋସିଆଲ ମିଡିଆରେ ଏହି ବିବାଦର ପ୍ରଚାର ସିଭିଲ ସର୍ଭିସର ଦୁର୍ବଳ ଏକତା ଓ ସର୍ବସାଧାରଣ ବିଶ୍ୱାସର ଅଧୋଗତିକୁ ଦର୍ଶାଉଛି। ଏ କଥା ଭୁଲିଯିବା ଉଚିତ ନୁହେଁ ଯେ, ଏହା ମଧ୍ୟ ଶାସନର ଏକ ବଡ଼ ବିଚ୍ୟୁତି। ସ୍ୱଚ୍ଛତାକୁ ପ୍ରାଥମିକତା ଦିଆଯାଉଥିବା ଯୁଗରେ ବାବୁମାନେ ଖୋଲା ମନୋଭାବ ପୋଷଣ ସହ ଉଚିତ ବ୍ୟବସ୍ଥାଗତ ମାଧ୍ୟମରେ ଆଭ୍ୟନ୍ତରୀଣ ବିବାଦର ସମାଧାନ କରିବା ପାଇଁ ଏହା ସମ୍ଭବତଃ ଏହା ଉପଯୁକ୍ତ ସମୟ।

### ଉତ୍ତରଦାୟିତ୍ୱର ଦୁର୍ବଳତା

ମଧ୍ୟପ୍ରଦେଶର କ୍ଷମତା ପରିସରରେ ବାବୁମାନଙ୍କ ମଧ୍ୟରେ ଚାପା ଅସନ୍ତୋଷ ପ୍ରକାଶ ପାଉଛି। ଆଇଏଏସ, ଆଇପିଏସ୍ ଏବଂ ଆଇଏଫ୍‌ଏସ୍ ଅଧିକାରୀମାନେ ସେମାନଙ୍କ ଅସ୍ଥାବର ସମ୍ପତ୍ତି ସମ୍ପର୍କରେ ପ୍ରତିବର୍ଷ ଘୋଷଣା କରିବାର ବାଧ୍ୟତାମୂଳକ ହୋଇଥିବାବେଳେ ମନ୍ତ୍ରୀମାନେ ୧୫ବର୍ଷରୁ ଊର୍ଦ୍ଧ୍ୱ ହେଲା ଏହାକୁ ଅଣଦେଖା କରିଆସୁଛନ୍ତି। ଏହାକୁ ନେଇ ତୀବ୍ର ବିରୋଧାଭାସ ପ୍ରକାଶ ପାଇଥିଲେ ମଧ୍ୟ କେହି ଜଣେ ଏହା ଉପରେ ମୁହଁ ଖୋଲିବାକୁ ସାହସ କରୁନାହାନ୍ତି। ରାଜ୍ୟର ସାଧାରଣ ପ୍ରଶାସନ ବିଭାଗ ଦୋହରାଇଛି ଯେ, ସମସ୍ତ ସରକାରୀ କର୍ମଚାରୀମାନେ ସେମାନଙ୍କ ସମ୍ପତ୍ତି ସମ୍ପର୍କିତ ତଥ୍ୟ ଦାଖଲ କରିବାକୁ ବାଧ୍ୟ। ଏଥିରେ ପୈତୃକ ଓ ନିଜ ଉପାର୍ଜିତ ସମ୍ପତ୍ତି କେବେ କିଣାଯାଇଥିଲା, ତାହାର ମୂଲ୍ୟ ଏବଂ ଏବକାର ବଜାର ମୂଲ୍ୟ ସମ୍ପର୍କରେ ତଥ୍ୟ ଦେବାକୁ କୁହାଯାଇଛି। ଏହା ପୂରଣ ନ କଲେ ଦରମା ବନ୍ଦ କରାଯିବା ସହ ପଦୋନ୍ନତି ଦିଆଯିବ ନାହିଁ ବୋଲି ସୂଚିତ କରିଛି। ଅନ୍ୟପଟେ ମନ୍ତ୍ରୀମାନେ ୨୦୧୬ରେ ଅନ୍‌ଲାଇନରେ ସେମାନଙ୍କ ସମ୍ପତ୍ତି ସମ୍ପର୍କରେ ଘୋଷଣା କରିବାକୁ ପ୍ରତିବଦ୍ଧତା ପ୍ରକାଶ କରିଥିଲେ ମଧ୍ୟ ଅନେକେ ଲଗାତର ଭାବେ ସମ୍ପତ୍ତିର ତଥ୍ୟ ଦେଇନାହାନ୍ତି। ବିଭିନ୍ନ ସରକାର ମଧ୍ୟ ଏହି ସମସ୍ୟାକୁ ଅଣଦେଖା କରିଆସିଛନ୍ତି। ଏହା କେବଳ ଅନ୍ୟାୟ ନୁହେଁ ବରଂ ଏଭଳି ଦି ପ୍ରକାରର କଥା କେତେଦିନ ଚାଲିବ ବୋଲି ସରକାରୀ ସ୍ତରରେ ଆଲୋଚନାର ବିଷୟ ହୋଇଛି। ମନ୍ତ୍ରୀମାନେ ସ୍ୱଚ୍ଛତା ଅବଲମ୍ବନ କରୁନଥିବାରୁ ଏହା ଦକ୍ଷ ସରକାର ଓ ଉତ୍ତରଦାୟିତ୍ୱର ଦୁର୍ବଳତାକୁ ଦର୍ଶାଉଛି। ବାସ୍ତବରେ ଏକ ସ୍ୱଚ୍ଛ ପ୍ରଶାସନ ପାଇଁ ଅମଲାତନ୍ତ୍ରୀମାନେ ଯେମିତି ସେମାନଙ୍କ ସମ୍ପତ୍ତି ତଥ୍ୟ ଘୋଷଣା କରୁଛନ୍ତି ମନ୍ତ୍ରୀମାନେ ସେଭଳି କରିବା ଅପରିହାର୍ଯ୍ୟ।

Email: dilipcherian@gmail.com

# କଳା–ଗୋରା କାହାଣୀ



ପ୍ରକାଶ ତ୍ରିପାଠୀ

ଗତ ନବେ ଦଶକରେ ମୋର ବିବାହ ପାଇଁ କନ୍ୟା ଖୋଜା ହେଉଥିବା ବେଳେ ମୋ ବୋଉର ଗୋଟିଏ ମାତ୍ର ସର୍ତ୍ତ ଥିଲା ଯେ, ବୋହୂଟି ଗୋରୀ ହେବା ଦରକାର। ଯେହେତୁ ମୋର ରଙ୍ଗ ସଫା, ତେଣୁ ସେ ଗୋରୀ ବୋହୂଟିଏ ଚାହୁଁଥିଲା। କେବଳ ମୋ ବୋଉ ନୁହେଁ, ଭାରତରେ ପ୍ରତ୍ୟେକ ମା'ବାପା ଚାହାନ୍ତି, ସେମାନଙ୍କ ପୁଅ ପାଇଁ ଘରକୁ ଗୋରୀ ବୋହୂଟିଏ ଆସୁ। ତେଣୁ ଜନ୍ମ ସମୟରେ ପୁଅଟିଏ ଶ୍ୟାମଳ ବର୍ଣ୍ଣର ହେଲେ କିଛି ଅସୁବିଧା ନ ଥାଏ, ମାତ୍ର କନ୍ୟାଟିଏ ଶ୍ୟାମଳ ବର୍ଣ୍ଣ ହୋଇଥିଲେ ମନ ଊଣା ହୋଇଯାଏ। କାରଣ ବିବାହ ସମୟରେ ଗୋରା ରଙ୍ଗ ପ୍ରତି ଦୁର୍ବଳତା କେତେକ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିଥାଏ। ଗତ କିଛି ଦିନ ତଳେ ଏଇ କଳା–ଗୋରା ରଙ୍ଗକୁ ନେଇ କିଛିଟା ବିତର୍କ ଗଣମାଧ୍ୟମରେ ସୃଷ୍ଟି ହୋଇଥିଲା। କେରଳର ମୁଖ୍ୟ ଶାସନ ସଚିବ ସାରଦା ମୁରଲୀଧରନ ନିଜର ଶ୍ୟାମଳ ରଙ୍ଗ ପାଇଁ ସେ ନିଜ ପରିବାରରେ ଓ ନିଜ କ୍ୟାରିଅରରେ ସମ୍ମୁଖୀନ ହୋଇଥିବା ଭେଦଭାବ ସମ୍ପର୍କରେ ସୋସିଆଲ ମିଡିଆରେ ପ୍ରକାଶ କରିଥିଲେ। ସେ ଲେଖିଥିଲେ ଯେ, ତାଙ୍କର ଯୋଗ୍ୟତା ଓ ପ୍ରଦର୍ଶନର ତୁଳନା ପୂର୍ବତନ ମୁଖ୍ୟ ସଚିବ, ଯିଏ କି ତାଙ୍କର ସ୍ୱାମୀଙ୍କ ସହ ତ୍ୱଚାର ରଙ୍ଗ ଆଧାରରେ କରାଯାଉଛି। ଆମ ଦେଶରେ ଲୋକମାନେ ଶିକ୍ଷିତ ଓ ଆଧୁନିକ ଭାବନା ସହ ପ୍ରଗତିଶୀଳ ବିଚାର ବି ରଖୁଛନ୍ତି। କିନ୍ତୁ ତ୍ୱଚାର ରଙ୍ଗ ପ୍ରତି ଥିବା ଦୁର୍ବଳତାରୁ ମୁକୁଳି ପାରୁନାହାନ୍ତି। ସେ ପୁଣି କ୍ଷୋଭର ସହ ଲେଖିଥିଲେ ଯେ, ସେ ବିଗତ ପଚାଶ ବର୍ଷରୁ ଅଧିକ ସମୟ ଧରି ସେହି କଳା–ଗୋରାର କାହାଣୀ ତଳେ ଚାପିହୋଇ ବଞ୍ଚିଛନ୍ତି ଯେ ତାଙ୍କର ତ୍ୱଚାର ରଙ୍ଗ ଭଲ ନୁହେଁ। ଏପରିକି ସେ ଚାରି ବର୍ଷର ହୋଇଥିବା ବେଳେ ନିଜ ମାଆଙ୍କୁ ଥରେ ପଚାରିଥିଲେ ଯେ, ସେ ତାଙ୍କୁ ତାଙ୍କ ଗର୍ଭକୁ ଫେରାଇ ନେଇ ପୁଣି ଥରେ ସମ୍ପୂର୍ଣ୍ଣ ଗୋରା ଓ ସୁନ୍ଦର କରି ଜନ୍ମ ଦେଇପାରିବେ କି ?

ସାରଦା ମୁରଲୀଧରନଙ୍କ କ୍ଷୋଦକ୍ତି ପ୍ରଣିଧାନଯୋଗ୍ୟ । କାରଣ ଭାରତୀୟ ସମାଜରେ ତ୍ୱଚାର ରଙ୍ଗକୁ ନେଇ ଥିବା ବିଚାର ଏତେ ଗଭୀର ଯେ ସେଥିରୁ ମୁକୁଳିବା ସହଜ ନୁହେଁ। ରଙ୍ଗ ଭେଦ କେବଳ ସୁନ୍ଦରତା ମଧ୍ୟରେ ସୀମିତ ନୁହେଁ, ଏହା ପ୍ରତି ସକାରାତ୍ମକ ଭାବନା ମଧ୍ୟ ପ୍ରବଳ। ଗୋରା ରଙ୍ଗ କଳା ରଙ୍ଗଠାରୁ ଶ୍ରେଷ୍ଠ। ଏହା ଆମର ସାହିତ୍ୟ, ସିନେମା ଆଦିରେ ବେଶ୍ ପ୍ରତିଫଳିତ। ଆମ ଚଳଚ୍ଚିତ୍ରରେ ଗୋରୀ ମାନଙ୍କର ବର୍ଣ୍ଣନା ବେଶି। ଗୋରେ ରଙ୍ଗ ପେ ନା ଇତନା ଗୁମାନ କର, ଗୋରା ରଙ୍ଗ ଦୋ ଦିନ ମେଁ ଢଲ ଯାଏଗା । ଧୂପ ମେଁ ନିକଲା ନ କରୋ ରୂପ କି ରାନୀ , ଗୋରା ରଙ୍ଗ କାଲା ନ ପଡ ଯାଏ। ଏହିଭଳି ହିନ୍ଦୀ ସିନେମାର ଗୀତ ପ୍ରମାଣ ଦିଏ ଗୋରା ରଙ୍ଗ ପ୍ରତି ଆମର ଦୁର୍ବଳତା ଓ ଆକର୍ଷଣ।



ଗୋରା ରଙ୍ଗ ପ୍ରତି ଆମ୍ଭମାନଙ୍କର ଅଧିକ ଦୁର୍ବଳତା ହେତୁ ଶ୍ୟାମଳ ଅଭିନେତା ଓ ଅଭିନେତ୍ରୀମାନଙ୍କୁ ଆମେ ପରଦା ଉପରେ ଗୋରା ରଙ୍ଗରେ ଦେଖିଥାଉ। ଏପରିକି ଯାତ୍ରା ଓ ଥିଏଟରରେ କଳାକାରମାନେ ରଙ୍ଗ ମାଖିହୋଇ ମଞ୍ଚ ଉପରକୁ ଗୋରା ରୂପରେ ଆସିଥାନ୍ତି। କେବଳ ଆଧୁନିକ ସଙ୍ଗୀତ ନୁହେଁ, ପୁରାତନ ଗୀତ କବିତାରେ ଗୋରୀଙ୍କ ଚର୍ଚ୍ଚା ଅଧିକ। ତ୍ୱଚାର ରଙ୍ଗ ଶ୍ୟାମଳ ହେଲେ ପୁଅମାନଙ୍କଠାରୁ ଝିଅମାନଙ୍କର ଚିନ୍ତା ଅଧିକ। ସେଥିପାଇଁ ଅକ୍ଷୟ ମହାନ୍ତିଙ୍କ ଯା ଯାରେ ଭାସି ଯା ଗୀତରେ 'ଯିଏ ଦେଖୁଛି ନାକ ଟେକୁଛି ମୁଁ ପରା କାଳୀ କନିଆ ' ପଦଟି ବିବାହ ସମୟରେ ଗୋରୀ ଝିଅମାନଙ୍କର ପ୍ରାଧାନ୍ୟକୁ ବୁଝାଏ।

କେବଳ ଭାରତ ନୁହେଁ, ଯୁକ୍ତରାଷ୍ଟ୍ର ଆମେରିକାରେ ମଧ୍ୟ ତ୍ୱଚାର ରଙ୍ଗକୁ ନେଇ ସେଠାକାର ନାଗରିକଙ୍କ ମନରେ ହୀନମନ୍ୟତା ରହିଛି । ୨୦୧୩ ମସିହାରେ ମୂଳ ଭାରତୀୟ ତଥା ଆମେରିକୀୟ ନାଗରିକ ନିନା ମିସ୍ ଆମେରିକା ଟାଇଟଲ ଜିତିବା ପରେ ଓ ବାରାକ ଓବାମା ଆମେରିକାର ରାଷ୍ଟ୍ରପତି ହେବା ପରେ ଅନେକ ଆମେରିକୀୟଙ୍କୁ ଏହା ପସନ୍ଦ ଆସି ନ ଥିଲା। ଉଭୟଙ୍କ କ୍ଷେତ୍ରରେ ସେମାନଙ୍କର କଳା ରଙ୍ଗ ଏଥପାଇଁ ମୁଖ୍ୟ କାରଣ ଥିଲା। ଆଦିତ୍ୟ ବିର୍ଲା ଗ୍ରୁପ ଅଧ୍ୟକ୍ଷ କୁମାରମଙ୍ଗଳମ ବିର୍ଲାଙ୍କ ଝିଅ ତଥା ପ୍ରଖ୍ୟାତ ଗାୟିକା ଅନନ୍ୟା ବିର୍ଲା ନିଜ ପରିବାର ସହ ଏକ ଆମେରିକୀୟ ରେଷ୍ଟୁରାଣ୍ଟରେ ଦୀର୍ଘ ତିନି ଘଣ୍ଟା ଅପେକ୍ଷା କରିବା ପରେ ମଧ୍ୟ ଖାଇବାକୁ ଦିଆଯାଇ ନ ଥିଲା ଓ ସେଠାରୁ ଫେରିଆସିବାକୁ ସେମାନେ ବାଧ୍ୟ ହୋଇଥିଲେ। ତାହା କେବଳ ବର୍ଣ୍ଣବୈଷମ୍ୟ ଯୋଗୁ ହୋଇଥିଲା ବୋଲି ସେ ସୋସିଆଲ ମିଡିଆରେ ପ୍ରକାଶ କରିଥିଲେ। ପ୍ରଖ୍ୟାତ ଲେଖିକା ମନ୍ନୁ ଭଣ୍ଡାରୀ ଓ ପ୍ରଭା ଖୈତାନ ମଧ୍ୟ ସେମାନଙ୍କ କଳା ରଙ୍ଗ ପାଇଁ ସମ୍ମୁଖୀନ ହୋଇଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ସେମାନଙ୍କ ଆତ୍ମଜୀବନୀରେ ଉଲ୍ଲେଖ କରିଛନ୍ତି। ଆମେରିକା ଭଳି ବର୍ଣ୍ଣବୈଷମ୍ୟ ଭାବନା ଭାରତରେ କେବେ ନ ଥିଲା କି ଏବେ ନାହିଁ। ଭୌଗୋଳିକ ସ୍ଥିତି ଅନୁସାରେ ଭାରତୀୟଙ୍କ ରଙ୍ଗ ଶ୍ୟାମଳ। ଅବଶ୍ୟ ଆଫ୍ରିକୀୟ ବା ଦକ୍ଷିଣ ଆମେରିକୀୟ ଦେଶଗୁଡ଼ିକର ନାଗରିକଙ୍କ ଭଳି ଭାରତୀୟ ମାନେ ଏତେଟା କଳା ନୁହନ୍ତି। ଦକ୍ଷିଣ ଭାରତୀୟଙ୍କଠାରୁ ଉତ୍ତର ଭାରତୀୟଙ୍କ ଶରୀରର ତ୍ୱଚା ସାମାନ୍ୟ ସଫା। ମାତ୍ର ଏହାର ଅର୍ଥ ନୁହେଁ ଯେ ଗୋରା ରଙ୍ଗ ପ୍ରତି ଭାରତୀୟମାନଙ୍କର ଦୁର୍ବଳତା ନାହିଁ।

କଳା ରଙ୍ଗକୁ ହୀନ ଦୃଷ୍ଟିରେ ନ ଦେଖିବା ପାଇଁ ଶ୍ୟାମଳ ହିଁ ସୁନ୍ଦର ନାମରେ ଏକ ସାଂସ୍କୃତିକ ଆନ୍ଦୋଳନ ଗତ ଷାଠିଏ ଦଶକରେ ଆଫ୍ରିକୀୟ ଆମେରିକୀୟମାନଙ୍କ ଦ୍ୱାରା ଯୁକ୍ତରାଷ୍ଟ୍ରରେ ଆରମ୍ଭ ହୋଇଥିଲା। ଏହାପରେ ଏହି ଆନ୍ଦୋଳନ ଅନ୍ୟାନ୍ୟ ଦେଶକୁ ବ୍ୟାପିଥିଲା । କଳା ଲୋକଙ୍କ ଭାବପ୍ରବଣତା ଏବଂ ମାନସିକ ସୁସ୍ଥତାକୁ ଉନ୍ନତ କରିବା ପାଇଁ ଏହା ଉଦ୍ଦିଷ୍ଟ ଥିଲା । ରଙ୍ଗଭେଦ ବିରୋଧରେ ସଚେତନତା ଏବଂ ସମର୍ଥନ ଅଭିଯାନ ଭାବରେ ଭାରତରେ ସ୍ୱେଚ୍ଛାସେବୀ ସଂଗଠନ, ଓମେନ ଅଫ ୱର୍ଥ ଦ୍ୱାରା ୨୦୦୯ ମସିହାରେ ଡାର୍କ ଇଜ୍ ବିୟୁଟିଫୁଲ ବା ଶ୍ୟାମଳ ହିଁ ସୁନ୍ଦର ଅଭିଯାନ ଆରମ୍ଭ ହୋଇଥିଲା। ବଲିଉଡ ଅଭିନେତ୍ରୀ ନନ୍ଦିତା ଦାସ ଏହି ଅଭିଯାନର ଜଣେ ସକ୍ରିୟ ସଭ୍ୟା। ପ୍ରଖ୍ୟାତ ଫରାସୀ ଚିତ୍ରକର ପିଏରେ–ଅଗଷ୍ଟ ରେନୋଇର୍‌ଙ୍କ ଭାଷାରେ ସମସ୍ତ ରଙ୍ଗର ରାଣୀ ହେଉଛି କଳା ରଙ୍ଗ। ଏହି ରଙ୍ଗ ଅନ୍ୟ ସମସ୍ତ ରଙ୍ଗ ଉପରେ ରାଜତ୍ୱ କରିଥାଏ। କଳାରଙ୍ଗକୁ ମୃତ୍ୟୁ, ଶୋକ, ଦୁଷ୍ଟ ଯାଦୁ ଏବଂ ଅନ୍ଧକାର ସହିତ ଯୋଡ଼ା ଯାଇପାରେ, କିନ୍ତୁ ଏହା ସୌନ୍ଦର୍ଯ୍ୟ, ଧନ, ସଂଯମ ଏବଂ ଶକ୍ତିର ମଧ୍ୟ ପ୍ରତୀକ ଅଟେ। ପ୍ରାକ୍ ଇତିହାସରେ କଳାକାରମାନଙ୍କ ଦ୍ୱାରା ବ୍ୟବହୃତ ପ୍ରଥମ ରଙ୍ଗଦ୍ରବ୍ୟ ଏବଂ ପୁସ୍ତକ ମୁଦ୍ରକମାନଙ୍କ ଦ୍ୱାରା ବ୍ୟବହୃତ ପ୍ରଥମ ରଙ୍ଗ ହେଉଛି କଳା। କଳା ଏବଂ ସାହିତ୍ୟର ବିକାଶରେ ଏହି ରଙ୍ଗ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।

ଆମ ଚର୍ମରେ ବର୍ଣ୍ଣକୋଷ ମେଲାନିନ ଯୋଗୁ ଶରୀର କଳା କିମ୍ବା ଗୋରା ହୋଇଥାଏ। ଯେଉଁ ଚର୍ମରେ ଅଧିକ ମେଲାନିନ ଥାଏ, ତାହା ଅଧିକ କଳା ହୋଇଥାଏ ଓ କମ୍ ମେଲାନିନ ଥିବା ଚର୍ମ ଗୋରା ଦେଖାଯାଏ। ଅଧିକ ମେଲାନିନ ଥିବା ଚର୍ମ ସୂର୍ଯ୍ୟଙ୍କ କ୍ଷତିକାରକ ଅଲଟ୍ରା ଭାଓଲେଟ ରଶ୍ମିକୁ ଟାଣିନେଇ ଶରୀରକୁ ଏହାର ବିଷାକ୍ତ ବିକିରଣରୁ ରକ୍ଷା କରେ। ତେଣୁ ଗ୍ରୀଷ୍ମପ୍ରଧାନ ଦେଶଗୁଡିକର ଅଧିବାସୀମାନେ ଅଧିକ ମେଲାନିନ ଯୁକ୍ତ ହୋଇଥିବାରୁ କଳା ଦେଖାଯାନ୍ତି। କିନ୍ତୁ କଳାରଙ୍ଗର ଶରୀରରେ ଏତେ ଗୁରୁତ୍ୱ ଥିବା ସତ୍ତ୍ୱେ ଏହି ରଙ୍ଗ ପ୍ରତି ଅଧିକାଂଶଙ୍କର ବିମୁଖତା ଆଶ୍ଚର୍ଯ୍ୟ ଲାଗେ। ଭାରତୀୟଙ୍କ ଗୋରାରଙ୍ଗ ପ୍ରତି ଥିବା ଦୁର୍ବଳତାକୁ ଠିକ୍ ବୁଝିପାରିଛନ୍ତି ପ୍ରସାଧନ ସାମଗ୍ରୀ ନିର୍ମାତାମାନେ। ତେଣୁ ସବୁ ଭାରତୀୟଙ୍କୁ ଗୋରା କରିବା ପାଇଁ ସେମାନେ ଦିନରାତି ଅକ୍ଲାନ୍ତ ପରିଶ୍ରମ କରିଚାଲିଛନ୍ତି। ଭାରତୀୟମାନେ ଗୋରା ହେଉଛନ୍ତି କି ନାହିଁ, ତାହା ଜଣାନାହିଁ, କିନ୍ତୁ ପ୍ରସାଧନ ସାମଗ୍ରୀ ନିର୍ମାତାମାନେ ଭଲ ଲାଭବାନ୍ ହେଉଛନ୍ତି।

ମୋ: ୯୪୩୭୨୩୨୪୬୩

# ମେଦବହୁଳତା ଚିକିତ୍ସାରେ ବୈଜ୍ଞାନିକ ପଦ୍ଧତି



ଡା. ସୁନୀଲ କୁମାର କୋଟା


ନ୍ୟାଶନାଲ ଫାମିଲି ହେଲ୍‌ଥ ସର୍ଭେ–୫ (୨୦୨୨) ଅନୁଯାୟୀ, ବର୍ତ୍ତମାନ ଭାରତରେ ୨୩% ନାରୀ ଓ ୨୨.୧% ପୁରୁଷ ବିଏମ୍‌ଆଇ ଅନୁଯାୟୀ ଅଧିକ ଓଜନ ବିଶିଷ୍ଟ। ପେଟର ସ୍ଥୂଳତା ପ୍ରାୟ ୪୦% ନାରୀ ଓ ୧୨% ପୁରୁଷଙ୍କୁ ପ୍ରଭାବିତ କରୁଛି, ଯାହା ମଧୁମେହ/ ଡାଇବେଟିସ, ଉଚ୍ଚରକ୍ତଚାପ, ହୃଦ୍‌ରୋଗ, ନିଦ୍ରା ସମସ୍ୟା (ଅବଷ୍ଟ୍ରକ୍ଟିଭ ସ୍ଲିପ ଆପ୍ନିଆ/ ଅତ୍ୟଧିକ ଶୟନକାଳୀନ ଘୁଙ୍ଗୁଡ଼ି) ଓ ଗଣ୍ଠି ସମସ୍ୟା ଆଦି ବଢ଼ାଇଦିଏ। ପୂର୍ବରୁ ମେଦବହୁଳତା/ ସ୍ଥୂଳକାୟତାର ଚିକିତ୍ସା ପାଇଁ ଭାରତରେ କେବଳ ଜୀବନଶୈଳୀର ପରିବର୍ତ୍ତନ ଓ ଅର୍ଲିଷ୍ଟାଟ ପରି ପୁରୁଣା ଔଷଧ ବ୍ୟବହୃତ ହେଉଥିଲା, ଯାହାର ଫଳାଫଳ ଏତେ ଉତ୍ସାହଜନକ ନ ଥିଲା । ମାର୍ଚ୍ଚ ୨୦୨୫ରେ ଭାରତରେ ମୋଞ୍ଜାରୋ (ଟିରଜେପାଟାଇଡ)ର ଆଗମନ ସହିତ ଏହିପରି ଦୃଶ୍ୟ ବଦଳୁଛି। ମୋଞ୍ଜାରୋ ସପ୍ତାହକୁ ଥରେ ଚର୍ମତଳେ ଏକ ଇଞ୍ଜେକ୍ସନ ରୂପେ ଦିଆଯାଇଥାଏ। ଅଧିକତମ ୨୨% ଓଜନ କମାଇପାରିବା କ୍ଷମତାଯୁକ୍ତ ଏହି ଜଣାଶୁଣା ଔଷଧକୁ କୋଭିଡ–୧୯ ଟିକା ପରେ ସବୁଠାରୁ ଅଧିକ ଆଲୋଚିତ ଚିକିତ୍ସାଗତ ବିକାଶ ଭାବରେ ପରିଗଣିତ କରାଯାଉଛି। ଏହାକୁ ମେ ୨୦୨୨ରେ ୟୁ.ଏସ୍. ଏଫ୍‌ଡିଏ ଦ୍ୱାରା ଟାଇପ ୨ ଡାଇବେଟିସ ପାଇଁ ଏବଂ ନଭେମ୍ବର ୨୦୨୩ରେ ମେଦବହୁଳ ଲୋକଙ୍କଠାରେ ଦୀର୍ଘକାଳୀନ ଓଜନ ପରିଚାଳନା ପାଇଁ ଅନୁମୋଦନ ମିଳିଥିଲା।

**ଭାରତରେ କାହିଁକି ବିଳମ୍ବରେ ଉପଲବ୍ଧ ହେଲା?**

ବିଶ୍ୱବ୍ୟାପୀ ଚାହିଦା ବୃଦ୍ଧି, ବିଶ୍ୱସ୍ତରୀୟ ଆପୂର୍ତ୍ତି ଅଭାବ ଓ ବିକାଶଶୀଳ ବଜାରକୁ ପ୍ରାଥମିକତା ଦେବାରେ ଉତ୍ପାଦକ ନିୟୋଜିତ ହେଉଥିଲେ। ଏହାସହିତ ଭାରତୀୟ ଚିକିତ୍ସା ଅନୁଗାମୀଙ୍କ ପାଇଁ ଏହାକୁ ଶସ୍ତା ଓ ପହଞ୍ଚଯୋଗ୍ୟ କରିବା ଚେଷ୍ଟା ଜାରି ରହିଥିଲା। ତେଣୁ ଏହା ଭାରତରେ ବିଳମ୍ବରେ ଉପଲବ୍ଧ ହେଲା।

GLP–1 ଓ GIP ଉଭୟ ରିସେପ୍ଟର ଉପରେ କାର୍ଯ୍ୟ କରୁଥିବା ଏହି ଦ୍ୱୈତ–କ୍ରିୟା ପ୍ରଣାଳୀ ବିଶିଷ୍ଟ ଟିରଜେପାଟାଇଡକୁ 1. ଲିରାଗ୍ଲୁଟାଇଡ/ବଜାରନାମ–ସାକସେଣ୍ଡା ଓ 2. ସେମାଗ୍ଲୁଟାଇଡ/ ବଜାରନାମ– ଓଜେମ୍ପିକ/ ୱେଗୋଭି ପରି ଔଷଧଠାରୁ ଅଗ୍ରଣୀରୂପେ ବିବେଚିତ କରାଯାଏ, ଯାହା ଦୁଇଟିକି କେବଳ GLP–1 ରିସେପ୍ଟର ଉପରେ କାର୍ଯ୍ୟ କରିଥାନ୍ତି। ଏହା ମସ୍ତିଷ୍କର ହାଇପୋଥାଲାମସ ଉପରେ କାର୍ଯ୍ୟକରି ଭୋକ କମାଏ ତଥା ତୃପ୍ତତାକୁ ବୃଦ୍ଧି କରିଥାଏ। ପେଟରୁ ଖାଦ୍ୟ ଖାଲି କରିବାର ଗତିକୁ ଧୀର କରି ଅଧିକ ସମୟ ପର୍ଯ୍ୟନ୍ତ ପୂର୍ଣ୍ଣତା ଅନୁଭବ କରାଏ। ଚର୍ବି ସଞ୍ଚୟ କମାଏ, ଲାଇପୋଲାଇସିସ୍ (ଚର୍ବି ଭାଙ୍ଗିବା ପ୍ରକ୍ରିୟା)କୁ ପ୍ରେରିତ କରିଥାଏ। ଉଚ୍ଚ କ୍ୟାଲୋରି ଓ ଚର୍ବିଯୁକ୍ତ ଖାଦ୍ୟ ପ୍ରତି ଇଚ୍ଛା କମାଇଥାଏ।

ଓଜନ ହ୍ରାସ କରୁଥିବା ବର୍ତ୍ତମାନ ସୁଦ୍ଧା ବ୍ୟବହୃତ ହେଉଥିବା ପୁରୁଣା ଔଷଧ ସାଧାରଣତଃ ୫–୮% ଓଜନ କମାଇଥାଏ, ଯେଉଁଥିରେ ସେମାଗ୍ଲୁଟାଇଡ(ଓଜେମ୍ପିକ/ୱେଗୋଭି) ପ୍ରାୟ ୧୫% ଓଜନ କମାଏ। କିନ୍ତୁ ଟିରଜେପାଟାଇଡ ୨୨% ପର୍ଯ୍ୟନ୍ତ ଓଜନ କ୍ଷୟ କରିପାରେ, ଯାହା ବାରିଆଟ୍ରିକ୍ସ ସର୍ଜରୀ (ଓଜନ କ୍ଷୟକାରକ ଶଲ୍ୟ ଚିକିତ୍ସା) ସହିତ ତୁଳନୀୟ।



ବୈଜ୍ଞାନିକ ନିଷ୍କର୍ଷର ଚମତ୍କାରୀ ଫଳାଫଳ ସାମ୍ନାକୁ ଆସିଛି। SURMOUNT ପରୀକ୍ଷଣ ଅନୁଯାୟୀ ୭୨ ସପ୍ତାହ ପରେ, ମେଦବହୁଳ ରୋଗୀଙ୍କଠାରେ: ସାପ୍ତାହିକ ୫ ଏମ୍‌ଜି ଡୋଜରେ: ୧୫% ଓଜନ କମିଛି, ସାପ୍ତାହିକ ୧୦ ଏମ୍‌ଜି: ୧୯.୫%, ସାପ୍ତାହିକ ୧୫ ଏମ୍‌ଜି: ୨୦.୯% ଏବଂ ପ୍ଲାସେବୋ (କେବଳ ଖାଦ୍ୟପେୟ ନିୟନ୍ତ୍ରଣ ଏବଂ ଜୀବନଶୈଳୀ ପରିବର୍ତ୍ତନ): ୩.୧% ମାତ୍ର ଓଜନ କମିଛି।

କେବଳ ଓଜନ ହ୍ରାସ ନୁହେଁ ଆହୁରି ରହିଛି ବହୁବିଧ ଉପାଦେୟତା। SURPASS ନାମକ ବୈଜ୍ଞାନିକ ନିଷ୍କର୍ଷ ଅନୁଯାୟୀ, ଏହା ମଧୁମେହ ରୋଗୀଙ୍କ କ୍ଷେତ୍ରରେ ୪୦–୫୨ ସପ୍ତାହ ମଧ୍ୟରେ, HbA1C (ବିଗତ ୩ ମାସର ହାରାହାରି ରକ୍ତଶର୍କରାର ସୂଚକ)ର ମାତ୍ରା ୧.୫–୨.୪% କମାଇଥାଏ। ଏହା ହୃଦ୍ ଓ ଯକୃତ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଉପକୃତ। ଅବଷ୍ଟ୍ରକ୍ଟିଭ ସ୍ଲିପ ଆପ୍ନିଆ (ରାତି ସମୟରେ ଘୁଙ୍ଗୁଡ଼ି ମାରିବା, ଅତ୍ୟଧିକ ଦିନରେ ନିଦ୍ରା ଏବଂ ଆଳସ୍ୟ ସହିତ ଜଡିତ ଏକ ଅବସ୍ଥା) ରେ ମଧ୍ୟ ଏହି ଔଷଧ ଆମୋଦିତ। ଡିସେମ୍ବର ୨୦୨୪ ରେ USFDA ଦ୍ୱାରା ଏହି ଅବସ୍ଥାର ଚିକିତ୍ସା ପାଇଁ, ଟିରଜେପାଟାଇଡ ହେଉଛି ମାନ୍ୟତା ଲାଭ କରିଥିବା ପ୍ରଥମ ଏବଂ ଏକମାତ୍ର ଔଷଧ। ଭାରତରେ ଏହି ଔଷଧ ଭାୟାଲ (ଶିଶି/ ବୋତଲ) ଆକାରରେ ବିକ୍ରିହୁଏ, ଯାହା ଆମେରିକାରେ ବିକ୍ରି ହେଉଥିବା ପେନଠାରୁ ୮୦% ଶସ୍ତା।

ସାଧାରଣତଃ କେତେକ ପାର୍ଶ୍ୱପ୍ରତିକ୍ରିୟା ଦେଖାଯାଇଥାଏ, ଯଥା ବାନ୍ତି ଅନୁଭୂତି (୩୧%), ପତଳାଝାଡ଼ା (୨୩%) ଏବଂ କୋଷ୍ଠକାଠିନ୍ୟ (୧୭%)। ଏହା ସାଧାରଣତଃ ମୃଦୁ ଧରଣର ଓ ସମୟ ସହିତ ସମାଧାନ ହୁଏ। କେବଳ ୪୭% ଲୋକଙ୍କଠାରେ ପାର୍ଶ୍ୱପ୍ରତିକ୍ରିୟା ଯୋଗୁ ଚିକିତ୍ସା ବନ୍ଦ କରାଯାଇଥିଲା। ଏହି ପ୍ରଭାବଗୁଡ଼ିକୁ କମ୍ କରିବା ପାଇଁ ସାଧାରଣତଃ କମ୍ ଡୋଜ ସହିତ ଚିକିତ୍ସା ଆରମ୍ଭ କରାଯାଏ ଏବଂ କ୍ରମଶଃ ଡୋଜ ବୃଦ୍ଧି କରାଯାଏ – ଶରୀରକୁ ସଜାଡ଼ିବା ପାଇଁ ସମୟ ଦିଆଯାଏ

ମେଡୁଲାରି ଥାଇରଏଡ କ୍ୟାନସର ଓ ଅଗ୍ନ୍ୟାଶୟ ସମସ୍ୟା ଥିବା ଲୋକଙ୍କୁ ଏହି ଔଷଧ ଅନୁଶଂସିତ ନୁହେଁ। ଅତ୍ୟଧିକ ଏବଂ ଦ୍ରୁତଗତିରେ ଓଜନ ହ୍ରାସ ଦ୍ୱାରା ଗଲବ୍ଲାଡର(ପିତ୍ତକୋଷ)ସମସ୍ୟା ବଢ଼ିପାରେ। ଏହି ଟ୍ରାୟାଲ ମଧ୍ୟରେ ପ୍ରାୟ ୦.୬% ଲୋକଙ୍କୁ ଏହି ଅସୁବିଧା ଦେଖାଯାଇଛି।

୨୦୨୪ର ଏକ ଅଧ୍ୟୟନ ଦେଖାଇଛି ଯେ, ଯେଉଁ ଲୋକେ ଔଷଧ ବନ୍ଦ କରିଥିଲେ ସେମାନେ ୧ ବର୍ଷ ମଧ୍ୟରେ ହାରାଇଥିବା ଓଜନର ୧୪% ପୁନଃ ବୃଦ୍ଧି ହୋଇଥିଲା। ଯେଉଁମାନେ ଚାଲୁ ରଖିଥିଲେ, ସେମାନେ ଅତିରିକ୍ତ ୫.୫% ଓଜନ କମାଇଥିଲେ। ଏହା ଏକ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଅସମାହିତ ପ୍ରଶ୍ନ ଉଠାଏ: ରୋଗୀମାନେ କେତେ ସମୟ ଔଷଧ ସେବନ କରିବା ଉଚିତ?

ଯଦିଓ ଦୀର୍ଘକାଳୀନ ଚିକିତ୍ସା ଉପରେ ଅଧ୍ୟୟନ ଚାଲୁଛି, ବର୍ତ୍ତମାନ ଉପଲବ୍ଧ ବୈଜ୍ଞାନିକ ତଥ୍ୟ ଅନୁଯାୟୀ, କେବଳ ଖାଦ୍ୟ ଏବଂ ବ୍ୟାୟାମ ଦ୍ୱାରା ଲାଭାନ୍ୱିତ ନ ହୋଇପାରିଥିବା ଲୋକମାନଙ୍କ କ୍ଷେତ୍ରରେ ଏହି ଔଷଧ ହେଉଛି ଏକ ପ୍ରଭାବଶାଳୀ ବିକଳ୍ପ। ଏହା ମେଦବହୁଳତା ଓ ଏହାସହିତ ସଂପୃକ୍ତ ରୋଗ ସହିତ ଲଢ଼ିବା କ୍ଷେତ୍ରରେ ଏକ ମହତ୍ତ୍ୱପୂର୍ଣ୍ଣ ଅଗ୍ରଗତି। ସମସ୍ତ ନୂଆ ଚିକିତ୍ସା ପରି ଏଥିରେ ମଧ୍ୟ ନିରନ୍ତର ଅନୁସନ୍ଧାନ ଓ ନିରୀକ୍ଷଣ ଆବଶ୍ୟକ।

**ମଧୁମେହ, ଥାଇରଏଡ, ମେଦବହୁଳତା ଏବଂ ହର୍ମୋନ ରୋଗ ବିଶେଷଜ୍ଞ,**
**ସ୍ୱାସ୍ଥ୍ୟସଦନ, ବ୍ରହ୍ମପୁର**
**ମୋ: ୭୭୪୯୮୦୪୪୦୧**

## ଏଇ ଭାରତରେ

ମହାରାଷ୍ଟ୍ରର ଏକ ଛୋଟ ଗାଁ ମାନ୍ୟାଚିୱାଡ଼ି। ଏହାର ଲୋକସଂଖ୍ୟା ୪୨୦। ଏହି ଗାଁ ଏବେ ସମ୍ପୂର୍ଣ୍ଣ ସୌରଶକ୍ତିର ଗାଁ ହୋଇଯାଇଛି। ମାନ୍ୟାଚିୱାଡ଼ିରେ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି) ଦ୍ୱାରା ଏହା ସମ୍ଭବ ହୋଇଛି। ଏସ୍‌ଏଚ୍‌ଜିର ମହିଳା ସଦସ୍ୟମାନେ ଟଙ୍କା ଆଦାୟ କରି ପଞ୍ଚାୟତ ସହଯୋଗରେ ଏହି କାର୍ଯ୍ୟ କରିଛନ୍ତି। ସେମାନେ ଘର ପିଛା ୪,୫୦୦ ଟଙ୍କା ଆଦାୟ କରି ସବୁ ସୋଲାର ପ୍ୟାନେଲ ଲଗାଇବା ସହ ସମସ୍ତଙ୍କ ଘରକୁ ସୋଲାର ଲ୍ୟାମ୍ପ ଯୋଗାଇ ଦେଇଛନ୍ତି। କିଛି ବର୍ଷ ପୂର୍ବେ ଏହି ଗାଁରେ ୮ରୁ ୧୦ ଘଣ୍ଟା ବିଦ୍ୟୁତ ରହୁ ନ ଥିଲା। ପିଲାମାନେ ପଢ଼ିବାରେ ଅସୁବିଧା ହେଉଥିଲା। ଅଧିକ ସମୟ ଅନ୍ଧାରରେ ରହିବା ଯୋଗୁ ମହିଳାମାନେ ଘର କାମ ମଧ୍ୟ କରି ପାରୁ ନଥିଲେ। ଫଳରେ ଗାଁର ଏସ୍‌ଏଚ୍‌ଜି ନିଜସ୍ୱ ଉଦ୍ୟମରେ ଗାଁରେ ବିଦ୍ୟୁତ ସମସ୍ୟା ଦୂର କରିବାକୁ ନିଷ୍ପତ୍ତି ନେଇଥିଲା। ଏବେ ୨୪ ଘଣ୍ଟା ବିଦ୍ୟୁତ୍ ମିଳିପାରୁଛି। ମୋବାଇଲ, ଇଣ୍ଟରନେଟ ସେବା ସହଜ ହେବା ସହ ସ୍କୁଲ, ରାସ୍ତାରେ ଲାଇଟ୍ ଜଳୁଛି। ଏପରିକି ଜଳ ଯୋଗାଣ ହୋଇପାରିଛି। ମାନ୍ୟାଚିୱାଡ଼ିର ଲୋକମାନେ ସେମାନଙ୍କ ଜମି ଦେଇ ରାସ୍ତା ଚଉଡ଼ା କରିବା ସହ ଡ୍ରେନେଜ ବ୍ୟବସ୍ଥା କରିଛନ୍ତି। ସବୁଠୁ ବଡ଼ କଥା ହେଉଛି ଗ୍ରାମସଭା କରାଯାଇ ମୁଖିଆ ଚୟନ କରାଯାଏ ।

## ୫୦ ବର୍ଷ ତଳର ଧରିତ୍ରୀ

୨୬ ଏପ୍ରିଲ ୧୯୭୬

- ପୂର୍ବତନ ବିଧାନସଭା ସଭ୍ୟ ନୀଳାମ୍ବର ରାୟଗୁରୁ ଲୋକଦଳରୁ ଇସ୍ତଫା ଦେବା ସହ ଦଳରୁ ସମସ୍ତ ସମ୍ପର୍କ ତୁଟାଇ ନିଜକୁ ସ୍ୱାଧୀନ ସଭ୍ୟ ରୂପେ ଘୋଷଣା କରିଛନ୍ତି।
- ଆସାମ, ବିହାର, ମଣିପୁର, ମେଘାଳୟ ଓ ରାଜସ୍ଥାନ ଆଦି ୫ଟି ରାଜ୍ୟରେ ସହରାଞ୍ଚଳ ଜମି ସର୍ବୋଚ୍ଚ ସୀମା ଆଇନ ଲାଗୁ।
- ଦେଶର ଲବଣ ଶିଳ୍ପଗୁଡ଼ିକର ଉନ୍ନୟନ ଓ ଶ୍ରମମଙ୍ଗଳ କାର୍ଯ୍ୟ ନିମନ୍ତେ ଲବଣ ସମ୍ପର୍କୀୟ କେନ୍ଦ୍ରୀୟ ପରାମର୍ଶଦାତା ବୋର୍ଡ ୩ କୋଟି ୯୪ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।

## ସୁ–ଡୋ–କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | | 5 | | | 9 | |
| | 9 | | | 3 | | | | |
| 7 | | 5 | | 9 | | 4 | | |
| | | | 5 | 1 | 3 | | | |
| | | 7 | 4 | | | 3 | | |
| | | 1 | | | | | | 8 |
| | | 2 | 9 | | | 6 | | 4 |
| | 5 | | | | 1 | 7 | | |
| | 8 | | 6 | | | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 9 | 7 | 2 | 1 | 3 | 8 | 5 | 4 |
| 2 | 3 | 8 | 4 | 6 | 5 | 1 | 7 | 9 |
| 4 | 5 | 1 | 7 | 9 | 8 | 2 | 3 | 6 |
| 7 | 8 | 6 | 5 | 4 | 2 | 3 | 9 | 1 |
| 9 | 2 | 4 | 1 | 3 | 6 | 5 | 8 | 7 |
| 5 | 1 | 3 | 9 | 8 | 7 | 6 | 4 | 2 |
| 8 | 7 | 2 | 6 | 5 | 9 | 4 | 1 | 3 |
| 1 | 6 | 5 | 3 | 7 | 4 | 9 | 2 | 8 |
| 3 | 4 | 9 | 8 | 2 | 1 | 7 | 6 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଲାଞ୍ଚ ନ ଦେଲେ ପଦୋନ୍ନତି ମିଳୁନାହିଁ

ମହାଶୟ,

ଭଦ୍ରକ ଜିଲାର ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଜିଲାର ୧୩୮ ଜଣ କାର୍ଯ୍ୟରତ ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କୁ ଏଲ୍–୧ ପଦବୀକୁ ପଦୋନ୍ନତି ଦେବା ସହିତ ସେମାନଙ୍କୁ ଜିଲାର ବିଭିନ୍ନ ଏଲ–୧ ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ବଦଳି କରିଛନ୍ତି। ଅଥଚ ଯାହାର ଚାକିରି ଆଉ ମାତ୍ର କମ୍ ଦିନ ବାକି ଅଛି, ଅର୍ଥାତ୍ ଯିଏ ଚଳିତ ମାସ ୩୦ ତାରିଖରେ ଅବସର ଗ୍ରହଣ କରିବେ, ତାଙ୍କର ପଦୋନ୍ନତି କରାଯାଇନାହିଁ। ସେ ଲାଞ୍ଚ ନ ଦେବାରୁ ତାଙ୍କୁ ପଦୋନ୍ନତି ପ୍ରଦାନ କରାଗଲା ନାହିଁ ଶୁଣାଯାଉଛି। ଫଳତଃ ତାଙ୍କୁ ଗୋଟିଏ ଇନକ୍ରିମେଣ୍ଟ କମ୍ ମିଳିବା ସହିତ ଅବସରକାଳୀନ ସୁବିଧା ଓ ମାସିକ ପେନ୍‌ସନ ମଧ୍ୟ କମିଯିବ। ଏ ବିଷୟରେ ଉଚ୍ଚକର୍ତ୍ତୃପକ୍ଷଙ୍କୁ ହ୍ୱାଟ୍‌ସ ଆପ ଓ ଟେଲିଫୋନ ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସେମାନେ କିଛି ପଦକ୍ଷେପ ନେଉ ନାହାନ୍ତି। ୧୩୮ ଜଣ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ପଦୋନ୍ନତିକୁ ବାତିଲ କରିବାର ଆଦେଶ ଦେଇ ପୁନଃ ଯୋଗ୍ୟତା ଆଧାରରେ ପଦୋନ୍ନତି ପ୍ରଦାନ କରାଯିବାର ବ୍ୟବସ୍ଥା କରନ୍ତୁ।

–ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ

## ଚିରନ୍ତନୀ

ସେ କାଳ ଏକାଳ ପୀରତିରେ ସିନା
ବଦଳି ଗଲାଣି ବାହାର ରୂପ
ସବୁରି ତଳରେ ସତ ଯାହା ଅଛି
କହିବାର ନୁହେଁ, ରହିବା ଚୁପ।
–(ପ୍ରେମର ଅର୍ଥ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ହ୍ୱାଟ୍ସଆପ୍‌ରେ ବାର୍ତ୍ତାଳାପ




: ସାର୍ ନମସ୍କାର।
: ଆରେ ଆନନ୍ଦ ତମେ ଏବେ କେଉଁଠି ?
: ସାର୍ ବରପାଲିରେ ଅଛି। ଆପଣ କେବେ ଆସିବେ ସାର୍ ବରପାଲି ? କେତେଦିନ ହେଲା ଆପଣଙ୍କୁ ଦେଖିନାହିଁ।
: ଦେହ ଭଲ ରହୁନାହିଁ ଆନନ୍ଦ।
: କ'ଣ ହେଉଛି ସାର୍ ଆପଣଙ୍କର ?

## ଗଳ୍ପ

**ମଣୀନ୍ଦ୍ର କୁମାର ମେହେର**

: ମୁଁ ବି ଜାଣିନାହିଁ ସେକଥା। ଯାହା ଡାକ୍ତରମାନେ ଜାଣିପାରି ନାହାନ୍ତି ମୁଁ ବା ଜାଣିବି କିପରି ? ପ୍ରୋବ୍ଲେମ୍ ମୋ' ଦେହରେ ଆଉ ଟ୍ରାଭେଲିଂ ଯାଉନାହିଁ।
: ତାହେଲେ ସାର୍ ଆପଣ କ'ଣ ଆଉ ବରପାଲି କେବେ ଆସିବେ ନାହିଁ। ଆପଣଙ୍କୁ ଆଉ କେବେ ଦେଖିବି ତାହେଲେ ?
: ମୁଁ ତ ବରପାଲିରେ ଅଛି। ତୁମ ସହ ବି ପ୍ରତିଟି ମୁହୂର୍ତ୍ତରେ ରହିଛି।
: ଆପଣ ମତେ ଭୁରୁଡଉଛନ୍ତି ସାର୍। ସତ କଥା କୁହନ୍ତୁ କେବେ ଆସିବେ ?
: ଆନନ୍ଦ! ତମେ କେମିତି ଅଛ କହୁନ ଯେ...
: ସାର୍ ମୋ' କଥା ଛାଡ଼ନ୍ତୁ ଆପଣ କେବେ ସୁସ୍ଥ ହେବେ ଆଉ ଆସି ପାରିବେ ତାହା ହିଁ କୁହନ୍ତୁ।
: ଆନନ୍ଦ ତୁମକୁ ତ କହିଲି ମୋର ସମସ୍ୟା। ବୁଝି ପାରୁଥିବ ବୋଲି ମୋର ଆଶା।
: ସାର୍ ଆପଣ ଏତେ ଦୂରରେ ରହି ମତେ ଦେଖିପାରୁଥିଲେ ଜାଣ ମୋ' ଆଖିର ଲୁହ ଅଟକାଇବା କଷ୍ଟ। ମୁଁ ଏ ପୃଥିବୀରୁ ଚାଲିଯିବା ପୂର୍ବରୁ ଥରେ ମାତ୍ର ଦେଖିଥାନ୍ତି ଆପଣଙ୍କୁ।
: ଏମିତି କ'ଣ କହୁଛ ଆନନ୍ଦ ? ତୁମେ ଆୟୁଷ୍ମାନ ହୋଇ ରହିବ ଦୀର୍ଘକାଳ ପର୍ଯ୍ୟନ୍ତ।
: ନାଇଁ ସାର୍ ଆଉ କେତେଦିନ ବଞ୍ଚିବି ତାହା ମୁଁ ବି ଜାଣିପାରୁନାହିଁ।
: ବଡ଼ ଆଶ୍ଚର୍ଯ୍ୟ କଥା! କ'ଣ ହୋଇଛି ତୁମର ? ଖୋଲି କହୁନାହଁ କାହିଁକି ?
: ସେଇଟା ସାର୍ ଆପଣ ଜାଣିଛନ୍ତି। ଯେଉଁ ରୋଗରେ ମୁଁ ପୀଡ଼ିତ ତାହା ମୋର ଯେକୌଣସି ସମୟରେ ଜୀବନ ନେଇଯାଇପାରେ।
: ଓହୋ... ସେଇ ଯେଉଁ ମଝିରେ ମଝିରେ ତୁମେ ସେନ୍ସଲେସ୍ ହୋଇଯାଉଥିଲ। ସେଇ କଥା ?
: ହଁ ସାର୍, ତାହା ବର୍ତ୍ତମାନ ଆହୁରି ଭୀଷଣ ରୂପ ନେଉଛି, ଗତ ମାସରେ ପ୍ରାୟ ତିନିଘଣ୍ଟା କାଳ ଅଚେତ ଅବସ୍ଥାରେ ରହିଥିଲି ମୁଁ।
: ଆଉ ଏକଥା କହୁ ନ ଥିଲ କାହିଁକି ? ତୁମ ଟ୍ରିଟ୍‌ମେଣ୍ଟର ପ୍ରେସ୍କ୍ରିପ୍‌ସନ ମୋ ପାଖକୁ ପଠାଇ ଦିଅ। ଆମେ ଭୁବନେଶ୍ୱର ଏମ୍‌ସରେ ଦେଖାଇବା। ଦିଲ୍ଲୀ ଏମ୍‌ସରେ ମଧ୍ୟ ପରିଚିତ ଡକ୍ଟର ଅଛନ୍ତି, ତାଙ୍କ ନିକଟକୁ କାଗଜ ପଠାଇ ପରାମର୍ଶ ନେବା, ତୁମେ ଆଉ ଡେରି ନ କରି ସେ ସବୁର ସ୍କାନ୍ କରି ମୋ' ପାଖକୁ କାଲି ହିଁ ପଠାଇଦିଅ।
: ହଁ ସାର୍। ପଠାଇ ଦେବି ନିଶ୍ଚୟ। ତେବେ ବିଶାଖାପାଟଣାରେ ମୋର ଟ୍ରିଟ୍‌ମେଣ୍ଟ ଚାଲିଛି।
: ଓହୋ! ଡକ୍ଟର କ'ଣ କହୁଛନ୍ତି ?
: ସାର୍ ସେମାନେ କେବଳ ମେଡିସିନ୍ ଦେଉଛନ୍ତି। କୌଣସି ଆଶାଜନକ କଥା ମୁଁ ଶୁଣିନାହିଁ। ସେଇଥିପାଇଁ ତ ଆପଣଙ୍କୁ ମେସେଜ୍ କଲି। ଅନେକ ବର୍ଷ ହୋଇଗଲାଣି ଆପଣଙ୍କୁ ଥରେ ଦେଖିନାହିଁ।
: ଦେଖିବ ନିଶ୍ଚୟ ଆନନ୍ଦ। ମୁଁ ଯିବି।
: ଆପଣ ସାର୍ ମିଛ କହୁଛନ୍ତି। ସତରେ କ'ଣ ଆସିବେ ଅପଣ ଏ ଆନନ୍ଦ ପାଇଁ। ରିଏଲି ଆପଣ ମତେ ଭୁଲିଗଲେଣି।
: ନାଇଁ ଆନନ୍ଦ। ତାହା କ'ଣ ସମ୍ଭବ!
: ମୁଁ ପ୍ରତିଦିନ ସନ୍ଧ୍ୟାରେ ଆପଣଙ୍କ ପାଖକୁ ଗଲେ କେତେ ଶାନ୍ତି ପାଉଥିଲି, ଆପଣ ଜାଣିପାରିବେନି ସାର୍। ଆପଣ ଏଠାରୁ ଯିବା ପରେ କେବଳ ମତେ ନୁହେଁ ଆପଣଙ୍କ ଛାତ୍ରୀଛାତ୍ରଙ୍କୁ ବରପାଲି ଲାଗି ଯାଉଛି ଶୂନ।
: ବରପାଲିର ପ୍ରତିଟି ଧୂଳିକଣାରେ ରହିଛନ୍ତି ତୁମ ସାର୍।
: ଆପଣ ତ ସବୁବେଳେ ଏଇଭଳି କଥା କହି ଭୁଲାଇ ଦିଅନ୍ତି। ଦିନେ ସକାଳୁ ସକାଳୁ ଆମଘରୁ ଇଡ୍‌ଲି ତିଆରିକରି ନେଇ ଦେଇଥିଲି। ମନେଅଛି ନା ଆପଣଙ୍କର ?
: ହଁ ଆନନ୍ଦ। ତାହା କ'ଣ ଭୁଲିବା ସମ୍ଭବ ?
: ମାଡାମ୍ ଦିନେ ମିର୍ଚ୍ଚା ବରା ମୋ' ପାଇଁ ଦେଇଥିଲେ। ତାହା କେବେବି ଭୁଲିପାରୁ ନାହିଁ।
: ଆନନ୍ଦ! ଆମେ କ'ଣ କେହି କାହାକୁ ଭୁଲିଯିବା ସମ୍ଭବ ? ତୁମେ ସେଥିପାଇଁ ସବୁବେଳେ ନିଶ୍ଚିନ୍ତ ରହିବ ଯେ ତୁମ ସାର୍ ତୁମକୁ ଏବେବି ଛାଡ଼ି ନାହାନ୍ତି।
: ହଁ। ସେଇକଥା ତ କହୁଛି ବାରମ୍ବାର। ଆପଣ କଥା କହି ମନ ଭୁଲାଇ ଦିଅନ୍ତି ଏଇପରି। ଗୋଟିଏ ଅନୁରୋଧ କରିବି ସାର୍। ରଖିବେ ତ ?
: କୁହ ଆନନ୍ଦ। ତୁମେ କହିବ ଆଉ ମୁଁ ତୁମ କଥା ନ ରଖିବି ? ଏହା କ'ଣ ସମ୍ଭବ ?
: ସତ କହୁଛି ସାର୍ କେତେଦିନ ମୋର ଆୟୁଷ ମୁଁ ତାହା ଜାଣେନା। ମୋର ଅନୁରୋଧ ହେଲା– ଆପଣ ଯେକୌଣସି ଅସୁବିଧାରେ ପଡ଼ିଲେ ମତେ ନିଶ୍ଚୟ ଖବର ଦେବେ। ଆପଣଙ୍କ ଦେହ ବିଗିଡ଼ିଗଲେ ମଧ୍ୟ ମତେ ମନେପକାଇବେ। ମୁଁ ସେଇ ମୁହୂର୍ତ୍ତରେ ହିଁ ଆପଣଙ୍କ ନିକଟକୁ ବାହାରି ପଡ଼ିବି।
: ଆନନ୍ଦ ତୁମେ ମୋ' କଥା କାହିଁକି ଭାବୁଛ ? ତୁମେ ପ୍ରଥମେ ସୁସ୍ଥ ରହ ଏହାହିଁ ମୋର ପ୍ରାର୍ଥନା।
: ମୋ' କଥା ଛାଡ଼ନ୍ତୁ ସାର୍। କୁହନ୍ତୁ ଆପଣ ମତେ ଡାକିବେ ନା ନାହିଁ ? ଆପଣଙ୍କ ସକାଶେ ସାମାନ୍ୟ କିଛି କରିପାରିବାର ସୁଯୋଗ ସତକୁ ସତ ଦେବେ ନା ନାହିଁ ?
: ନିଶ୍ଚୟ। ନିଶ୍ଚୟ ଆନନ୍ଦ। ତୁମମାନଙ୍କ ବ୍ୟତୀତ ଆଉ ଅଛି ମୋର କିଏ ?
: ଆପଣ ସେଇ ରୋମାଣ୍ଟିକ କଥା କହନ୍ତୁ ନାହିଁ। ସତ କୁହନ୍ତୁ ଆପଣ ନିଜ ପାଖକୁ ମତେ ଡାକିବେ ନା ନାହିଁ ? ଏ ପୃଥିବୀ ଛାଡ଼ିବା ପୂର୍ବରୁ ଆପଣଙ୍କୁ ଥରେ ଦେଖିପାରିବି ନା ନାହିଁ ? କୁହନ୍ତୁ ସାର୍ ଚୁପ୍ ରହିଲେ କାହିଁକି ?

ମୋ: ୮୮୯୫୮୮୧୫୮୯

## ପୁସ୍ତକ ପରିଚୟ


### ବିଶ୍ୱାସ ଦେ' ପୃଥ୍ୱୀ




**କବି:** ଆଶୁତୋଷ ପରିଡ଼ା
**ପ୍ରକାଶକ:** ପ୍ରବାହ, ଗୋବିନ୍ଦପୁର, ଯାଜପୁର–୭
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୯୦/–

ଆଲୋଚ୍ୟ କାବ୍ୟଗ୍ରନ୍ଥରେ ମୋଟ ୫୪ଟି କବିତା ସଂକଳିତ। ଗ୍ରନ୍ଥର ଶେଷ କବିତା ଶୀର୍ଷକ କବିତା 'ବିଶ୍ୱାସ ଦେ' ପୃଥ୍ୱୀ'। ହାରିଯାଉଥିବା ମଣିଷର ସ୍ୱର ଏ କବିତା। ଯୁଆଡ଼କୁ ଚାହିଁଲେ ଜୀବନ ପ୍ରତାରଣାର ଶିକାର, ଗଳିକନ୍ଦିରେ ବିଷାକ୍ତ ବାଷ୍ପ। କଠିନରୁ କଠିନତର ହେଉଛି ଦୁଃଖ। ଆକାଶ ଭର୍ତ୍ତି ହୋଇଯାଉଛି ଅବିଶ୍ୱାସର ଧୂଆଁରେ। ଏମିତି ଏକ ଅବକ୍ଷୟର ଭୂମି ଉପରେ ପାଦ ଥୋଇ ଛାତି ଭିତରେ କୁହୁଳି ଉଠୁଥିବା ଶବ୍ଦମାନଙ୍କୁ କେଉଁ ରୂପ ବା ଦେଇ ହେବ ? ଏଣୁ ପୃଥ୍ୱୀଠାରୁ କବି ମାଗୁଛନ୍ତି ବିଶ୍ୱାସ। ମାଗୁଛନ୍ତି ସବୁଜିମାର ବିପୁଳ ମହିମା। ନଦୀମାନଙ୍କର ଅବିଶ୍ରାନ୍ତ ଧ୍ୱନି। ପର୍ବତର ଆକାଶୀ ଆସ୍ପର୍ଦ୍ଧା, ସମୁଦ୍ରର ଅନନ୍ତ ସ୍ପନ୍ଦନ, ଆଉ ସମୟ ପାଇଁ ଯଦି କିଛି ଧିକ୍କାର ଅଛି, ତେବେ ସେଇସବୁ ଧିକ୍କାର ବି! କବି 'ଭୋକଯାତ୍ରା' ଶୀର୍ଷକ କବିତାରେ କୋଭିଡ୍ ଲକ୍‌ଡାଉନ୍ ସମୟରେ ତେଲଙ୍ଗାନାର ଲଙ୍କାକ୍ଷେତରୁ ଛତିଶଗଡ଼ର ନିଜ ଗ୍ରାମକୁ ଫେରିଆସୁଥିବା ବାରବର୍ଷୀୟା ଝିଅ ତିନିଦିନ ଜଙ୍ଗଲ ରାସ୍ତାରେ ଚାଲିବା ପରେ ଘରେ ପହଞ୍ଚିବା ପୂର୍ବରୁ କିପରି ପ୍ରାଣ ହରାଇଛି, ତା'ର ଦୁଃଖଦ ଚିତ୍ର ଦେଇଛନ୍ତି ଏହିପରି: "ଝିଅ ପଚାରିଲା– ଗାଆଁ ଆଉ କେତେ ବାଟ ମଉସା ? ଉତ୍ତର ଆସିଲା– ହେଇ ତ ଆଉ ଟିକେ ଆଗରେ। x x ଲଙ୍କାକ୍ଷେତରେ କାମ କରୁଥିବା ବାରବର୍ଷର ଝିଅ/ କେତେ ଯେ କୋଶ ପାଦରେ ଚାଲି ଆସିଲା/ ଓ ଗାଁର କଥା ଭାବୁଭାବୁ ପଡ଼ିଗଲା ଯେ, ଆଉ ଉଠିଲାନି।" (ପୃ:୪୬)। ଏହିଭଳି ଦୁର୍ଗତ, ପରାହତ, କ୍ଲାନ୍ତ, ଅପମାନିତ ଭାଷାହୀନ ମଣିଷଙ୍କର ଅଶ୍ରୁ ଓ ସ୍ୱେଦର ଅସରା କାହାଣୀ ହୋଇଉଠିଛି ସମଗ୍ର ଗ୍ରନ୍ଥରେ ସ୍ଥାନିତ ପ୍ରାୟ ପ୍ରତ୍ୟେକଟି କବିତା। ସାମ୍ପ୍ରତିକ ଓଡ଼ିଆ କବିତାରେ ଆଶୁତୋଷ ନିଜେ ହିଁ ନିଜର ଉପମା– ଉଭୟ କବିତାର ବିଷୟ ଓ ବିନ୍ୟାସରେ। ଆଶା, ବହିଟି ପାଠିକାପାଠକଙ୍କୁ ଜୀବନ ଓ ଜଗତ ସମ୍ପର୍କରେ ଏକ ନୂଆ ପ୍ରତ୍ୟୟ ଆଣିଦେବ।

### ପରମ୍ପରାର କାରାଭଂଗ: କବିତାର ନୂଆ ସ୍ୱର




**ସଂକଳକ:** ଡ. ଶଶଧର ଦାସ
**ପ୍ରକାଶକ:** ଦିବ୍ୟ ପ୍ରକାଶନୀ, ଦିବ୍ୟ ବିହାର, ସାମନ୍ତରାପୁର, ଭୁବନେଶ୍ୱର–୨
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୫୦/–

ନିକଟ ଅତୀତ ଓ ଚଳନ୍ତି ବର୍ତ୍ତମାନରେ କାବ୍ୟ–ସାଧନା–ନିମଗ୍ନ କତିପୟ ଚର୍ଚ୍ଚିତ କବିଙ୍କ କବିତାର ମୂଲ୍ୟାୟନ, ଯାହା ବିଭିନ୍ନ ସମୟରେ ବିଭିନ୍ନ ସମର୍ଥ ସମାଲୋଚକଙ୍କ ଦ୍ୱାରା ପ୍ରସ୍ତୁତ– ତା'ରି ମନୋଜ୍ଞ ଓ ସୁ–ଚୟିତ ଆଲୋଚନା–ଗ୍ରନ୍ଥ "ପରମ୍ପରାର କାରାଭଂଗ: କବିତାର ନୂଆ ସ୍ୱର"। ଏଥିରେ ସ୍ଥାନିତ କବି ସୁଧାଂଶୁ ଶେଖର ରାୟଙ୍କ କବିତାର ଆକଳନ କରିଛନ୍ତି ନିଜେ ଗ୍ରନ୍ଥର ସଂକଳକ ଡ. ଶଶଧର ଦାସ– ଯାହା ନୂଆ ପିଢ଼ିର କବିମାନଙ୍କ ପାଇଁ ଅନୁଧ୍ୟାନର ବିଷୟ। ଏତଦ୍‌ଭିନ୍ନ କବି କମଳାକାନ୍ତ ଲେଙ୍କା, ନିତ୍ୟାନନ୍ଦ ପତି, ମନୋରମା ବିଶ୍ୱାଳ ମହାପାତ୍ର, ରବିନାରାୟଣ ସେନାପତି, ଦୁର୍ଯ୍ୟୋଧନ ଦାସ, ହୃଷୀକେଶ ମଲ୍ଲିକ, ଶଶଧର ଦାସ, ନିରଞ୍ଜନ ବେହୁରିଆ, ହୃଦାନନ୍ଦ ପାଣିଗ୍ରାହୀ, ପ୍ରଭାତ ନଳିନୀ ମହାପାତ୍ର, ଅଶୋକ ମହାନ୍ତି, ବିଷ୍ଣୁ ସେଠୀ, ସୁଚିତ୍ରା ପାଣିଗ୍ରାହୀ ଓ ଶମ୍ଭୁନାଥ ରାଉଳଙ୍କ କବିତାର ଭାବ, ଭାଷା ଓ ଚିନ୍ତନ–ବିବିଧତାକୁ ନେଇ ପ୍ରବୀଣ ଓ ନବୀନ ସମାଲୋଚକଙ୍କ ଦ୍ୱାରା ଯେଉଁ ଆକଳନ ପ୍ରସ୍ତୁତ କରାଯାଇଛି– ତାହା ସମ୍ପୃକ୍ତ କବିମାନଙ୍କୁ ଓଡ଼ିଆ ପାଠିକାପାଠକଙ୍କ ନିକଟରେ ପରିଚିତ କରାଇବାରେ ଯେ ସହାୟତା କରିବ, ଏଥିରେ ସନ୍ଦେହ ନାହିଁ। ଆକଳକଙ୍କ ମଧ୍ୟରେ ଅଛନ୍ତି ଶଶଧର ଦାସ, କାନନ ମହାନ୍ତି, ହୃଦାନନ୍ଦ ପାଣିଗ୍ରାହୀ, ବେଣୁଧର ପାଢ଼ୀ, କ୍ଷୀରୋଦ ଚନ୍ଦ୍ର ପତି, ପ୍ରୀତିଲତା ପଣ୍ଡା, କୁମୁଦ ଚନ୍ଦ୍ର ଦାଶ, ସୁବ୍ରତ କୁମାର ଦାସ, ଅଭୟ କୁମାର ଦାସ, ସୁକାନ୍ତି ମହାପାତ୍ର, ଦଇତାରି ଦାସ, ହରିପ୍ରିୟା ସେଠୀ ଓ ରମେଶ ଦାସ ପ୍ରମୁଖ। ପ୍ରାକ୍ କଥନରେ 'ଉତ୍ତର–ଆଧୁନିକତା'କୁ ନେଇ ସଂକଳକ ଡ. ଦାସଙ୍କର ମତ ବିତର୍କର ଅପେକ୍ଷା ରଖେ। 'ଭାରତୀୟ ଉତ୍ତର–ଆଧୁନିକତା' ପାଶ୍ଚାତ୍ୟର 'Post–Modern' ନୁହେଁ। କବିତାର ପ୍ରତି ଦଶନ୍ଧି ଏକ ନୂଆ ଯୁଗର ବାର୍ତ୍ତା ଆଣେ– ତେଣୁ ସବୁ କବିତାକୁ 'ଆଧୁନିକତା'ର ମାଣରେ କାହିଁକି ମପାଯିବ ? ତେବେ, ଆଲୋଚ୍ୟ ଆକଳନ–ଗ୍ରନ୍ଥଟି ଓଡ଼ିଆ ସମାଲୋଚନା ସାହିତ୍ୟରେ ଏକ ଅଭିନନ୍ଦନୀୟ ଉଦ୍ୟମ।

## କାଳକାଳକୁ



**"ନିଜକୁ ସର୍ବଜ୍ଞ ମଣୁଥିବା ବ୍ୟକ୍ତି ନିର୍ବୋଧ, ଜିଜ୍ଞାସାରେ ନିହିତ ଥାଏ ପ୍ରଜ୍ଞା।"**
**– ମିଲାନ୍ କୁନ୍ଦେରା**

**ମିଲାନ୍ କୁନ୍ଦେରା**ଙ୍କ ଜନ୍ମ ୧ ଏପ୍ରିଲ ୧୯୨୯ରେ ଚେକୋସ୍ଲୋଭାକିଆରେ ଓ ପରଲୋକ ୧୧ ଜୁଲାଇ ୨୦୨୩ରେ ଫ୍ରାନ୍ସରେ। ଚେକ୍ ଓ ଫରାସୀ ଉଭୟ ଭାଷାରେ ଲେଖୁଥିବା ଏହି ଲେଖକଙ୍କର ପ୍ରସିଦ୍ଧ ଉପନ୍ୟାସ ହେଉଛି "ଅନ୍ ବିଅରେବଲ୍ ଲାଇଟ୍‌ନେସ୍ ଅଫ୍ ବିଙ୍ଗ୍।" ଜନ୍ମିତ ରାଷ୍ଟ୍ରର ବିରୋଧ ଯୋଗୁଁ ସେ ୧୯୭୫ରେ ଦେଶ ଛାଡ଼ି ଫ୍ରାନ୍ସ ପଳାଇଥିଲେ ଓ ୧୯୮୧ରେ ଫ୍ରାନ୍ସର ନାଗରିକତ୍ୱ ଲାଭ କରିଥିଲେ, ଯଦିଓ ୨୦୧୯ରେ ପୁନଶ୍ଚ ତାଙ୍କୁ ଚେକୋସ୍ଲୋଭାକିଆର ନାଗରିକତ୍ୱ ମିଳିଥିଲା। ବିଶ୍ୱ ସାହିତ୍ୟକୁ ନିଜର ଅବିସ୍ମରଣୀୟ ଅବଦାନ ପାଇଁ ସେ ୧୯୮୫ରେ 'ଜେରୁଜେଲମ୍ ପ୍ରାଇଜ୍' ଓ ୧୯୮୭ରେ ୟୁରୋପୀୟ ସାହିତ୍ୟକୁ ଅବଦାନ ପାଇଁ ଅଷ୍ଟ୍ରୀୟ ରାଜ୍ୟ ପୁରସ୍କାର ପାଇଥିଲେ।

## କବିତା

### ରାହୁ

**ଗୌରୀଶଙ୍କର ସାହୁ**

ସେଦିନ ସେ କାଳରାତ୍ରି ଦ୍ୱିତୀୟ ପ୍ରହରେ
ଆକାଶକୁ ଆଶ୍ରା କଲାବେଳେ
ବତାସ ନୁହେଁ, ବରଂ ଛେଦ ବିନ୍ଦୁଟିଏ
ତଣ୍ଟିଚିପି ଧରିଥିଲା ତୋଫା ଜୋଛନାର
ଅଧାଫୁଟା କଇଁଫୁଲ ସାକ୍ଷୀ
ତମେ–ଆମେ–ସେମାନେ
ମୁହୂର୍ତ୍ତିଏ ପାଇଁ ଅଣନିଃଶ୍ୱାସୀ।

ହାତରେ ଲାଗିଲାନି ଜହ୍ନର ଜମାନବନ୍ଦୀ
କଇଁନାଡ଼ ଘେରିଛନ୍ତି ବିଷଧର ସର୍ପ
ସେପଟେ ଆଖିରେ ଆଖିଏ ନିଦ,
ବୁଢ଼ୀମା' କାହାଣୀ ଶୁଣି
ରାହୁର ତଣ୍ଟିରୁ ଝରେ ଅମୃତ ଓ ରକ୍ତ
ରିକ୍ତହସ୍ତେ ଫେରିଗଲେ ଅସୁର ସମସ୍ତ।

ଗତକାଲି କେତୁପରି ଆସିଥିଲେ ହେତୁବାଦୀମାନେ
ଧୂମକେତୁ ସାକ୍ଷୀ, ସାକ୍ଷୀ ସେଇ ଆଇଁସିଆ ବାସ୍ନା
ଲହୁର ଆସ୍ୱାଦ ଥିଲା ଜିଭରେ, ଓଠରେ
ହାତରେ ଧରିଥିଲେ ଜମାନବନ୍ଦୀ, ରକତ ରଙ୍ଗର
ଏଣେ, ଉପବାସ କରୁଥିଲା ସଂସାରୀ ମଣିଷ
ଇତସ୍ତତଃ, ପଶୁ–ପକ୍ଷୀ–ଆବର ଜଗତ
ଈଶ୍ୱରଙ୍କ କଣ୍ଠେ ବିଜେ ହଳାହଳ ବିଷ।

ମୋ: ୭୯୭୮୪୨୧୮୩୫

### ଏରସମା

**ଶ୍ରୀହରି ଧଳ**

ମହାବାତ୍ୟାରୁ ବର୍ତ୍ତିଯାଇଥିବା ଗଛଟା
ଏଯାଏଁ ବି ବଞ୍ଚିଛି
ଥୁଣ୍ଟା ଭାଗ୍ୟ ସାଥେ ଟଙ୍ଗେଇ ଧରିଛି
ଫର୍ଦ୍ଦେ ଇତିହାସ
ଏବେ ଥୁଣ୍ଟା ଡାଳ
କଅଁଳିବା ଆରମ୍ଭ କଲେଣି
ଫୁଲ ଫଳର ସ୍ୱପ୍ନଦେଖାରେ
ଗଛ ମନେପକାଇଲାଣି
ପୁନଶ୍ଚ ବସନ୍ତ।

କେତେ ପ୍ରଗତିର ସ୍ୱପ୍ନ ଦେଖେଇ
ଫେରିଗଲେଣି ସେମାନେ
ମଲା ମଣିଷର ଖପୁରି ଖୁଣ୍ଟିଚାଲିଛି ସମୟ
କୁଢ଼କୁଢ଼ ଶବ ଉପରେ ଠିଆ କରିଛି ଇତିହାସ।
ବିଭୀଷିକାର କଳାକୃତି।

ଅଥଚ ସେମିତି ଠିଆହୋଇଛି ଗଛ
ଗୋଟେ ଶତାୟୁ ପୁରୁଷ
ଦୀର୍ଘ ନିଃଶ୍ୱାସମାନେ
ପୋତି ହୋଇଗଲାବେଳେ ମୁଣ୍ଡ ପୋତି ମାଟିରେ
ସେମାନେ ଚିହ୍ନୁଛନ୍ତି ଏହା ହୋଇପାରେ
ଏରସମା, ବିଧ୍ୱସ୍ତ କଙ୍କାଳ ପୁରୁଷ, ଏ ଶତାବ୍ଦୀର।

ମୋ: ୮୧୧୭୦୮୧୯୦୬

### ଭ୍ରମ

**ପ୍ରଶାନ୍ତ କୁମାର ଦାଶ**

ବିଦାୟ ଏକ ମହାଭ୍ରମ।

ବିଦାୟ ହିଁ
ମିଳନର ମୁହୂର୍ତ୍ତକୁ ମହାର୍ଘ କରେ,
ଖୋଲିଦିଏ କବାଟ,
ଯେଉଁ କବାଟର ଦୁଆରବନ୍ଧ ଦାଢ଼ରୁ
ମିଳନର ମହୋତ୍ସବକୁ ଲମ୍ବିଯାଇଥାଏ ବାଟ।

ବିଦାୟକୁ ସହଯାତ୍ରୀ କରି
କେତେ ଦୂର ଯାଇହୁଏ ?
ଛାଡ଼ିଯାଇଥିବା ପାଦଚିହ୍ନ ଥରେ ନୁହଁ
ହଜାରେ ଥର ଡାକେ,
ତା' ଉପରେ ବିଦାୟର
ପାଦ ନ ପଡ଼ିଲା ପର୍ଯ୍ୟନ୍ତ ଡାକେ।

ଚର୍ମଚକ୍ଷୁରେ ବିଦାୟ ବଡ଼ କଠିନ ଓ ଯନ୍ତ୍ରଣାସିକ୍ତ,
ଅନ୍ତର୍ଚକ୍ଷୁରେ ଅଗୋଚରେ ନିର୍ମାଣୁଥାଏ ସେତୁ।

କିଏ ଜଣେ ବିଜନବେଳାରେ ବଜାଉଛି
ବିଦାୟର କରୁଣ ସଂଗୀତ,
କାହାର ସେ ଅନୁପସ୍ଥିତି ପ୍ରସାରୁଛି ହାତ,
କରିବାକୁ ଖୁବ୍ ଆଶ୍ଲେଷରେ କୋଳାଗ୍ରତ।

ପୃଥିବୀ ଏବେ ବି ମହାଭ୍ରମରେ ଅଛି!

ମୋ: ୭୭୩୫୪୧୯୫୭୩

### ଗୀତି–କବିତା

### ଆମ ଗାଁ

**ଜୟନ୍ତୀ ସାହୁ**

ଆକାଶ ପୃଥିବୀ ନିବିଡ଼ ଭାବରେ
ମିଶିଥା'ନ୍ତି ଯହିଁ ବିଭୋର ହୋଇ,
ରୁପାର ଟଗର ସୁନା ସୂର୍ଯ୍ୟମୁଖୀ
ସୌନ୍ଦର୍ଯ୍ୟେ ଅଧୀର ଯେଉଁଠି ଥାଇ।

ଭୋଦୁଅ ପବନେ କାଶତଣ୍ଡୀ ଫୁଲ
ଯହିଁରେ ଅଳସ ଭାଙ୍ଗଇ ନିତି,
ସେହି ଆମ ଗାଁ, ସେହି ଆମ ମା'
ଜଗତରେ ସିଏ ସୁନ୍ଦର ଅତି।

କୁଆଁରୀ ମେଘର ସଜଳ ଆଖିରେ
ପହିଲି ଆଷାଢ଼ ସପନ ଦେଖେ,
ଧାରା ଶ୍ରାବଣର ଘୋର ବାରିପାତ
ସବୁଜିମା ଭରେ ଗାଁଆର ଯେତେ।

ଫୁଲ ସଞ୍ଜବେଳ ମହକି ଉଠଇ
କାକୁଡ଼ି ଓ ଜହ୍ନି ଫୁଲଙ୍କ ହସେ,
ନୁଆଁଣିଆ ଚାଳ ମଥାନ ଉପରୁ
ଧୂଆଁର କୁଣ୍ଡଳୀ ଉଠେ ଆକାଶେ।

ଦୁଃଖ ଲାଗେ ଆଜି ନାହିଁ ସବୁଜିମା
ଧୂଳିଦାଣ୍ଡ କାନ୍ଥ ଗୋମୟ ଲିପା,
ହଳଦୀବସନ୍ତ କୁମ୍ଭାଟୁଆ ଦୂରେ
ଗାଆଁରେ ସବୁଠି କଂକ୍ରିଟ୍ ଛାପା।

ମୋ: ୮୦୯୩୪୮୬୬୭୪

## ଲଘୁ ଗଳ୍ପ

# ପାହାଡ଼

**ଜାହ୍ନବୀ ମିଶ୍ର**

ସ୍ୱପ୍ନଟିଏ ପଥର ପରି ଟାଣ ହେଇ ପଡ଼ିରହିଲା ଗୋଟେ କୋଣରେ। ତା'ପରେ ମାସକୁ ମାସ ଯୋଡ଼ି ହୋଇଥିଲେ ଆଉ କିଛି କିଛି ସ୍ୱପ୍ନ, ଠିକ୍ ପଥର ପରି ଶକ୍ତ ଓ ଓଜନିଆ। ପ୍ରତିବର୍ଷ ବର୍ଷାଋତୁରେ ଖୁବ୍ ବର୍ଷା ହୁଏ। ଅନେକଥର ଲଘୁଚାପ ଓ କାଳବୈଶାଖୀ କାରଣରୁ ବି ପ୍ରଚୁର ଅଦିନିଆ ବର୍ଷା ହେଇଚି। ହେଲେ ପଥରଗୁଡ଼ାକୁ ସେଠୁ କେହି ବୁହେଇ ନେବା ତ ଦୂରର କଥା, ହଲେଇ ମଧ୍ୟ ପାରି ନ ଥିଲେ।

ବର୍ଷ ବର୍ଷ ଧରି ଜମା ହେଇ ଏ ପଥରଗୁଡ଼ାକ ହେଇଯାଇଥିଲେ ସୁଦୃଶ୍ୟ ଏକ ପାହାଡ଼ ପରି। ଦିନେ ସେଇ ପାହାଡ଼ର ସାମ୍ନା ସରୁ ରାସ୍ତାରେ ଚାଲିଯାଉଥିଲେ ଅଶୀ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧ ପ୍ରତ୍ନତତ୍ତ୍ୱ ଗବେଷକ ଓ ବିଶାରଦ। ସାରା ଜୀବନ କଟିଥିଲା ଭାରତର ଅତି ପୁରାତନ ଓ ପ୍ରାଚୀନ ଗୁମ୍ଫାମାନଙ୍କରେ ଗବେଷଣା କରି ଏବଂ ସେମାନଙ୍କ ଉପରେ ତଥ୍ୟସବୁକୁ ଲିଖିତ ଆକାରରେ ପ୍ରସ୍ତୁତ କରିବାରେ। ଏବେ ବି ଜାରିଥାଏ ତାଙ୍କର ଏ କାର୍ଯ୍ୟ, ଯଦିଓ ବୟସାଧିକ୍ୟ କାରଣରୁ ଆଗ ଅପେକ୍ଷା କାମରେ ତୁଳନାତ୍ମକ ଭାବେ ଶିଥିଳତା ଆସିଯାଇଥିଲା।

ବୃଦ୍ଧଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ପାହାଡ଼ଟି। ସେ ରହିଯାଇଥିଲେ ତା'ରି ଆଗରେ। ବର୍ତ୍ତୁଳ ଅଥଚ ତିଖ ପାହାଡ଼ଟିର ଆକାର ତାଙ୍କୁ ଖୁବ୍ ଭଲ ଲାଗିଥିଲା। ହେଲେ ପାହାଡ଼ଟି ଥିଲା ସମ୍ପୂର୍ଣ୍ଣ ଲଣ୍ଡା... ଲଣ୍ଡା ପାହାଡ଼ଟିଏ। ସବୁଜିମାର କ୍ଷଣମାତ୍ର ଝଲକ ଦିଶୁ ନ ଥାଏ ପାହାଡ଼ଟିରେ। ବଡ଼ ବଡ଼ ଗଛ କି ଲଟା ତ ଦୂରର କଥା, ଘାସଟିଏ ବି ନ ଥିଲା ତା' ଦେହରେ। ଏ ଲଣ୍ଡା ପାହାଡ଼ଟି ପ୍ରତି ହଠାତ୍ ତାଙ୍କ ମନରେ ସହାନୁଭୂତି ଆସିଲା। ଭାବିହେଲେ– "କି ସୁନ୍ଦର ତୋ ଆକାର! ତିଖଟି ତୋର ଆକାଶକୁ ଛୁଇଁଚି ଆଉ ପୁଣି ମନ ଦେଇ ଦେଖିଲେ ଲାଗୁଚି ସତେ ଯେମିତି ମହାତ୍ମା ଯୋଗୀ ଜଣେ ଧ୍ୟାନରେ ବସିଛନ୍ତି। ହେଲେ ତୁ ଟା ସମ୍ପୂର୍ଣ୍ଣ ଲଣ୍ଡା। ଘାସଟିଏ ବି ତୋ ଦେହରେ ନାହିଁ। ଯଦି ସତରେ ତୋ ଦେହଟା ଗଛବୃକ୍ଷରେ ମଣ୍ଡି ହେଇଥାନ୍ତା, କି ମନଲୋଭା ଆକର୍ଷଣୀୟ ହେଇ ନ ଥାନ୍ତା ତୋ ରୂପଟା!"

ବୃଦ୍ଧଙ୍କ ଏ ଭାବନା ସରିଆସିଲା ବେଳକୁ ଆଖିରେ ତାଙ୍କର ସହାନୁଭୂତି ସୂଚକ ଲୁହ ଜକେଇ ଆସିଥାଏ। ସେ ଲୁହ ବୋହିଯିବା ପୂର୍ବରୁ ହଠାତ୍ ପାହାଡ଼ଟି ସ୍ୱର ତୋଳି କହିଥିଲା– "ଆରେ, ଆରେ, ଏ କ'ଣ କରୁଚନ୍ତି! ସେ ଲୁହଗୁଡ଼ାକୁ ବୋହିଯିବାକୁ ଦିଅନ୍ତୁନି। ସେମାନଙ୍କ ପ୍ରାବଲ୍ୟତାରେ ମୁଁ ଅଚିରେ ବୋହିଯାଇ ହରାଇ ଦେଇପାରେ ମୋ' ଅସ୍ତିତ୍ୱ। ଏତେ ବର୍ଷ ଭିତରେ କେତେ ବର୍ଷାଋତୁ ଦେଖିଚି, ଦେଖିଚି ବି ଅଦିନିଆ ବର୍ଷା। ହେଲେ କାହାରି ସାମର୍ଥ୍ୟ ନ ଥିଲା ମୋତେ ବୁହେଇ ନେବାକୁ... ମୋ' ଅସ୍ତିତ୍ୱକୁ ମାଟିରେ ମିଶେଇ ଦେବାକୁ। ହେଲେ ଏ ଲୁହର ସାମର୍ଥ୍ୟ ରହିଛି ମୋତେ ଅଚିରେ ମିଳେଇ ଦେବାରେ। ଅଟକାଇ ଦିଅନ୍ତୁ ଲୁହର ଏ ଧାରାକୁ ଆଖିରୁ ବୋହିଯିବା ପୂର୍ବରୁ... ଅଟକାଇ ଦିଅନ୍ତୁ।"

ପାହାଡ଼ଟିର ଏତାଦୃଶ କଥୋପକଥନରେ ଆଚମ୍ବିତ ହେଇଥିଲେ ବୃଦ୍ଧ ଜଣକ। ତଥାପି ଚଟାପଟ୍ ତାଙ୍କ ଆଖିରୁ ଲୁହ ଦୁଇବୁନ୍ଦା ବୋହିଯିବା ପୂର୍ବରୁ ତୋଳି ଧରିଲେ ସେମାନଙ୍କୁ ନିଜ ଡାହାଣ ହାତର ପାପୁଲିରେ। ଲୁହ ଦୁଇବୁନ୍ଦା ଖୁବ୍ ଓଜନିଆ ଲାଗୁଥିଲା ତାଙ୍କୁ। ଏବେ ସେ ଆଖିତୋଳି ଚାହିଁ ଦେଖିଲା ବେଳକୁ ପାହାଡ଼ଟା ଗଛବୃକ୍ଷ, ଲତାମାନଙ୍କରେ ମଣ୍ଡି ହେଇ ଦିଶୁଥିଲା ଅପରୂପ। ତା' ଶିଖରୁ ସୁଦୃଶ୍ୟ ଝରଣାଟିଏ ବୋହି ମିଶିଯାଇଥିଲା ତା'ରି ଭିତରେ ଥିବା ଖୋଲଟିରେ। ହସିଦେଲେ ବୃଦ୍ଧ ଜଣକ। ମୁହଁ ଫେରାଇ ନିଜ ପାପୁଲିକୁ ଚାହିଁ ଦେଖନ୍ତି ତ ତାଙ୍କ ପାପୁଲିରେ ଆଉ ସେ ଲୁହବୁନ୍ଦା ଦୁଇଟି ନ ଥିଲା।



ଏଥର ତାଙ୍କର ବୁଝିବାକୁ କିଛି ବାକି ନ ଥିଲା। ତାଙ୍କ ସ୍ୱପ୍ନମାନଙ୍କୁ ନେଇ ଗଢ଼ିଉଠିଥିବା ପାହାଡ଼ଟିକୁ ସେ ଚିହ୍ନିପାରିଥିଲେ। ଏତେ ବର୍ଷର ଅକ୍ଲାନ୍ତ ପରିଶ୍ରମ ଓ ସଚ୍ଚୋଟତା ସତ୍ତ୍ୱେ ତାଙ୍କୁ ମିଳି ନ ଥାଏ ତାଙ୍କ କାମକୁ ନେଇ ଉଚିତ ନ୍ୟାୟ। ତଥାପି ସେ ସ୍ୱପ୍ନ ଦେଖୁଥାନ୍ତି ତାଙ୍କ ଗବେଷଣାକୁ ନେଇ, ଉଚ୍ଚାକାଂକ୍ଷାକୁ ସାଇତି ରଖୁଥାନ୍ତି ମନତଳେ। ବୃଦ୍ଧ ଜଣକ ଆଗକୁ ବଢ଼ିଲେ, ମନରେ ଭାବନାଟିଏ– "ଅଶୀ ବର୍ଷ ବୟସ ବଞ୍ଚିସାରିଲିଣି। ନିଃସ୍ୱାର୍ଥପର ଭାବେ କରିଚାଲିଚି ମୋ' ଗବେଷଣା। ନ ହେଲେ ନାଇଁ ଖ୍ୟାତି... ନ ମିଳୁ ନ୍ୟାୟ। କିନ୍ତୁ ଜୀବନର ଶେଷମୁହୂର୍ତ୍ତ ପର୍ଯ୍ୟନ୍ତ ମୋ' ସ୍ୱପ୍ନର ପାହାଡ଼କୁ ବଞ୍ଚେଇ ରଖିଥିବି। ସେଥିରେ ସବୁଜିମା ଭରୁଥିବି, ଝରଣାଟିଏ ଝରେଇ ଦେଇ ତା' କଳକଳ ନାଦରେ ଆତ୍ମହରା ହେଉଥିବି। ମୋ' ସ୍ୱପ୍ନର ପାହାଡ଼ର ଅସ୍ତିତ୍ୱ ନଷ୍ଟ ହେଇ ପାରେନା... କେବେ ବି ନୁହେଁ।"

ଏ ଭାବନା ସହ ରାସ୍ତାରେ ଆଗକୁ ବଢ଼ିଯାଇଥିଲେ ବୃଦ୍ଧ ଜଣକ। ବୃଦ୍ଧଙ୍କ ମୁହଁଟି ଖରାଦିନିଆ ଦ୍ୱିପ୍ରହର ପରି ଦିଶୁଥିଲା ଉଜ୍ଜ୍ୱଳ।

ମୋ: ୯୧୩୬୧୧୯୭୫୩

# କେରଳ-ବାଗାନ, ଗୋଆ-ପଞ୍ଜାବ କ୍ୱାର୍ଟର ଫାଇନାଲ

**କଳିଙ୍ଗ ସୁପର କପ୍**

ଭୁବନେଶ୍ୱର, ୨୫।୪ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କଳିଙ୍ଗ ସୁପର କପ୍‌ର ପ୍ରଥମ ଦୁଇ କ୍ୱାର୍ଟର ଫାଇନାଲ ଶନିବାର ଅନୁଷ୍ଠିତ ହେବ। ପ୍ରଥମ ମ୍ୟାଚ୍‌ରେ କେରଳ ବ୍ଲାଷ୍ଟର୍ସକୁ ଭେଟିବ ମୋହନବାଗାନ ସୁପର ଜାଏଣ୍ଟ। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଏଫ୍‌ସି ଗୋଆ ଓ ପଞ୍ଜାବ ଏଫ୍‌ସି ମଧ୍ୟରେ ମୁକାବିଲା ହେବ। କେରଳ ବ୍ଲାଷ୍ଟର୍ସ ଏହାର ପୂର୍ବ ମ୍ୟାଚରେ ଇଷ୍ଟ ବେଙ୍ଗଲକୁ ୨-୦ରେ ହରାଇ ଆଗକୁ ବଢ଼ିଛି। ଅନ୍ୟପକ୍ଷରେ ଚର୍ଚ୍ଚିଲ ବ୍ରଦର୍ସ ଓହରିଯିବାରୁ ୱାକ୍‌ଓଭର ପାଇ ମୋହନ ବାଗାନ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ତେଣୁ ଚଳିତ ଟୁର୍ନାମେଣ୍ଟରେ ମୋହନବାଗାନ ଏହାର ପ୍ରଥମ ମ୍ୟାଚ୍ ଖେଳିବ। ଉଭୟ ଦଳ ସେମିଫାଇନାଲ ପ୍ରବେଶ ଲକ୍ଷ୍ୟ ରଖିଥିବାରୁ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହେବା ଆଶା ରହିଛି।

ଅନ୍ୟପକ୍ଷରେ ଘରୋଇ ଓଡ଼ିଶା ଏଫ୍‌ସିକୁ ୩-୦ରେ ହରାଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଥିବା ପଞ୍ଜାବ ଏଫ୍‌ସି ମନୋବଳ ବେଶ୍ ଉପରେ ରହିଛି। ପୂର୍ବ ମ୍ୟାଚ୍‌ରେ ଏହି ଦଳ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଅନ୍ୟପକ୍ଷରେ ଏଫ୍‌ସି ଗୋଆ ୩-୦ରେ ଆଇ ଲିଗ୍ ଦଳ ଗୋକୁଲମ୍ କେରଳକୁ ହରାଇ ଆଗକୁ ବଢ଼ିଛି। ଗୋଆ ବିପକ୍ଷରେ ପରାଜୟ ଧାରା ଭାଙ୍ଗିବା ମଧ୍ୟ ପଞ୍ଜାବ ଏଫ୍‌ସି ପାଇଁ ବଡ଼ ଚ୍ୟାଲେଞ୍ଜ ହେବ। ଇଣ୍ଡିଆନ ସୁପର ଲିଗ୍ ସିଜନରେ ପଞ୍ଜାବ ଦଳ ଗୋଆରେ ୧-୨ ଓ ଦିଲ୍ଲୀରେ ୦-୧ରେ ଶକ୍ତିଶାଳୀ ଗୋଆ ନିକଟରୁ ପରାଜିତ ହୋଇଥିଲା। ଗୋକୁଲମ୍ କେରଳ ବିପକ୍ଷରେ ଗୋଆ ଦଳର ଇକର ଗୁରୋକ୍ସେନା ଭାଲେଜୋ ଏକାକୀ ୩ଟି ଗୋଲ ଦେଇ ହାଟ୍ରିକ୍ ଅର୍ଜନ କରିଥିଲେ। ତେଣୁ ଆଗାମୀ ମ୍ୟାଚ୍‌ରେ ଇକରଙ୍କ ଉପରେ ନିଶ୍ଚିତ ପଞ୍ଜାବ ଦଳର ନଜର ରହିବ।



ଇକର ଗୁରୋକ୍ସେନା ଭାଲେଜୋ


କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କଳିଙ୍ଗ ସୁପର କପ୍ କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଥିବା ଏଫ୍‌ସି ଗୋଆ ଦଳର ଅଭ୍ୟାସ।

**କଳିଙ୍ଗ ସୁପର କପ୍**

(ଆଜିର ମ୍ୟାଚ୍)
**କେରଳ ବ୍ଲାଷ୍ଟର୍ସ ବନାମ ମୋହନବାଗାନ**
ସମୟ: ଅପରାହ୍ନ ୪.୩୦

**ଏଫ୍‌ସି ଗୋଆ ବନାମ ପଞ୍ଜାବ ଏଫ୍‌ସି**
ସମୟ: ରାତି ୮.୦୦
ସ୍ଥାନ: କଳିଙ୍ଗ ଷ୍ଟାଡିୟମ

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ୩

# ଯାଜପୁର, ରାଉରକେଲା, କେନ୍ଦୁଝର, କିଟ୍, ଜଗତ୍‌ସିଂହପୁର ଓ ମାଲକାନଗିରି ବିଜୟୀ


ଇନ୍ଦ୍ରାଣୀ ଛତ୍ରିଆ


ସୁଚିସ୍ମିତା ପଣ୍ଡା


ସଙ୍ଗୀତା ଖାଡ଼ିଆ

ଭୁବନେଶ୍ୱର, ୨୫।୪(ବିଜୟ ରଣା)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲା ମହିଳା ଟି୨୦ କ୍ରିକେଟ ପ୍ରିମିୟର ଲିଗ୍‌ର ଦ୍ୱିତୀୟ ପର୍ଯ୍ୟାୟରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍ ଗୁଡ଼ିକରେ ଯାଜପୁର, ରାଉରକେଲା, କେନ୍ଦୁଝର, କିଟ୍, ଜଗତ୍‌ସିଂହପୁର ଓ ମାଲକାନଗିରି ସେମାନଙ୍କ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ଯାଜପୁର କେନ୍ଦ୍ରାପଡ଼ାକୁ ୧୪୫ ରନ୍‌ରେ ପରାସ୍ତ କରିଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ଯାଜପୁର ସୁଚିସ୍ମିତା ପଣ୍ଡାଙ୍କ ଅପରାଜିତ ୭୮(୫୫ ବଲ୍) ରନ୍ ବଳରେ ୪ ଉଇକେଟ ବିନିମୟରେ ୧୮୭ ରନ କରିଥିଲା। ଜବାବରେ କେନ୍ଦ୍ରାପଡ଼ା ନିର୍ଦ୍ଧାରିତ ଓଭରରେ ୯ ଉଇକେଟରେ ମାତ୍ର ୪୨ ରନ୍ କରିଥିଲା। ବିଜୟୀ ଦଳର ସୁଚିସ୍ମିତା ପଣ୍ଡା ପ୍ଲେୟର ଅଫ୍ ଦି ମ୍ୟାଚ୍ ହୋଇଥିଲେ। ସେ ୭୮ ରନ୍ କରିବା ସହ ୨ଟି ଉଇକେଟ ମଧ୍ୟ ନେଇଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ଗଞ୍ଜାମ ବିପକ୍ଷରେ ରାଉରକେଲା ୧୨୨ ରନ୍‌ରେ ବିଜୟ ଲାଭ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ରାଉରକେଲା ୩ ଉଇକେଟରେ ୧୮୪ ରନ କରିଥିଲା। ସଙ୍ଗୀତା ଖାଡ଼ିଆ ୫୫ ଓ ନିଧି ସିଂ ଅପରାଜିତ ୫୦ ରନ କରିଥିଲେ। ଗଞ୍ଜାମ ୮ ଉଇକେଟରେ ୬୨ ରନ୍ କରି ହାରିଯାଇଥିଲା। ଏଥିରେ ସଙ୍ଗୀତା ଖାଡ଼ିଆ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ସେ ଅର୍ଦ୍ଧଶତକ ହାସଲ କରିବା ସହ ୨ଟି ଉଇକେଟ ନେଇଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ଖେଳାଯାଇଥିବା ନୂଆପଡ଼ା ବିପକ୍ଷ ମ୍ୟାଚ୍‌ରେ କେନ୍ଦୁଝର ୧୦ ଉଇକେଟରେ ସହଜ ବିଜୟ ହାସଲ କରିଛି। ଏଥିରେ ନୂଆପଡ଼ା ମାତ୍ର ୧୧ ରନ୍ କରିଥିବା ବେଳେ କେନ୍ଦୁଝର .୫ ଓଭରରେ ବିନା କୌଣସି ଉଇକେଟରେ ୧୨ ରନ୍ କରି ମ୍ୟାଚ୍ ଜିତିନେଇଥିଲା। ଏଥିରେ ପୂର୍ଣ୍ଣିମା ରାୟ (୩-୨-୩-୩) ଶ୍ରେଷ୍ଠ ବୋଲିଂ କରି ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ସେହିପରି ଡ୍ରିମ୍ସ ଗ୍ରାଉଣ୍ଡରେ ଢେଙ୍କାନାଳ ବିପକ୍ଷରେ କିଟ୍ ୧୦ ଉଇକେଟରେ ବିଜୟୀ ହୋଇଛି। ଏଥିରେ ପ୍ରଥମେ ବ୍ୟାଟିଂ କରି ଢେଙ୍କାନାଳ ମାତ୍ର ୨୮ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଜବାବରେ କିଟ୍ ବିନା କୌଣସି ଉଇକେଟରେ ୩୧ ରନ୍ କରି ମ୍ୟାଚକୁ ଏକତରଫା ଜିତି ନେଇଥିଲା। ବିଜୟୀ ଦଳର ଇନ୍ଦ୍ରାଣୀ ଛତ୍ରିଆ (୩-୧-୩-୨) ଚମତ୍କାର ବୋଲିଂ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଜଗତ୍‌ସିଂହପୁର ୯ ଉଇକେଟରେ କଳାହାଣ୍ଡିକୁ ପରାସ୍ତ କରିଛି। ଏଥିରେ କଳାହାଣ୍ଡି ମାତ୍ର ୩୩ ରନ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ଜଗତ୍‌ସିଂହପୁର ୧ ଉଇକେଟ ବିନିମୟରେ ୩୭ ରନ କରି ମ୍ୟାଚରେ ବିଜୟ ଲାଭ କରିଥିଲା। ଏଥିରେ ଚମତ୍କାର ବୋଲିଂ କରି ବର୍ଷା ପଣ୍ଡା (୩-୦-୪-୩) ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ମାଲକାନଗିରି ୬ ଉଇକେଟର ବୌଦ୍ଧକୁ ହରାଇ ଦେଇଛି। ଏଥିରେ ବୌଦ୍ଧ ଦଳ ପ୍ରଥମେ ବ୍ୟାଟିଂକରି ୭ ଉଇକେଟରେ ୧୦୦ ରନ କରିଥିଲା। ଜବାବରେ ମାଲକାନଗିରି ୧୭.୩ ଓଭରରେ ୪ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଏଥିରେ ଅନୁଷ୍କା ମିଶ୍ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେ ୨୮ରନ କରି ଅପରାଜିତ ରହିବା ସହ ୮ ରନ ବିନିମୟରେ ୨ଟି ଉଇକେଟ ନେଇଥିଲେ।

# ମହିଳା ଆଥ୍‌ଲେଟଙ୍କ ସଂଖ୍ୟା ଅଧିକ

**ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସ**

ଜେନେଭା, ୨୫।୪ (ଏପି)

ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସ-୨୦୨୮ରେ ପୁରୁଷଙ୍କ ତୁଳନାରେ ମହିଳା ଆଥ୍‌ଲେଟଙ୍କ ସଂଖ୍ୟା ଅଧିକ ହେବ। ଫୁଟ୍‌ବଲରେ ପ୍ରଥମ ଥର ପୁରୁଷ ତୁଳନାରେ ମହିଳା ଟୁର୍ନାମେଣ୍ଟରେ ଅଧିକ ସଂଖ୍ୟାରେ ମହିଳା ଦଳ ଅଂଶ୍ରଗହଣ କରିବେ। ଏଥିରେ ୧୬ଟି ଦେଶର ମହିଳା ଫୁଟ୍‌ବଲ ଦଳ ଭାଗ ନେବାକୁ ଥିବାବେଳେ ମାତ୍ର ୧୨ଟି ପୁରୁଷ ଦଳ ଅଂଶଗ୍ରହଣ କରିବେ। ସେ ତୁଳନାରେ ପ୍ୟାରିସ୍ ଅଲିମ୍ପିକ୍ସରେ ୧୬ ପୁରୁଷ ଦଳ ଓ ୧୨ ମହିଳା ଟୁର୍ନାମେଣ୍ଟରେ ୧୨ ଦଳ ଭାଗ ନେଇଥିଲେ। ଏହି ନିଷ୍ପତ୍ତି ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ର କାର୍ଯ୍ୟନିର୍ବାହୀ ପରିଷଦ ନିଷ୍ପତ୍ତି ଗ୍ରହଣ କରିଛି। ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସରେ ମହିଳା ଆଥ୍‌ଲେଟଙ୍କ ସଂଖ୍ୟା ୫,୩୩୩ ବା ୫୦.୭% ରହିଥିବା ବେଳେ ପୁରୁଷ ବିଭାଗରେ ଏହି ସଂଖ୍ୟା ୫,୧୬୭ ରହିଛି, ଯାହା ହେଉଛି ୪୯.୩%। ଗତ ମାସରେ କିର୍ଷ୍ଟି କୋଭେଣ୍ଟ୍ରି ସଭାପତି ଭାବେ ନିର୍ବାଚିତ ହେବା ପରେ ପ୍ରଥମଥର ପାଇଁ ଲାଉସାନେଠାରେ ଅନୁଷ୍ଠିତ ଏକ ଅନ୍‌ଲାଇନ ବୋର୍ଡ ବୈଠକରେ ମହିଳା ଖେଳାଳିଙ୍କ ଲାଗି ଏକ ଐତିହାସିକ ନିଷ୍ପତ୍ତି ନିଆଯାଇଛି। କୋଭେଣ୍ଟ୍ରି ଆସନ୍ତା ଜୁନ୍‌ରେ ତାଙ୍କ ମେଣ୍ଟର ଥୋମାସ୍ ବ୍ୟାକ୍‌ଙ୍କ ସ୍ଥାନରେ ୧୩୧ ବର୍ଷର ଇତିହାସରେ ଆଇଓସିର ପ୍ରଥମ ମହିଳା ସଭାପତିଭାବେ ବିଧିବଦ୍ଧ ଦାୟିତ୍ୱ ଗ୍ରହଣ କରିବେ। ୱାଟର ପୋଲୋରେ ଦୁଇଟି ଅଧିକ ମହିଳା ଦଳ ଯୋଗ କରାଯାଇଛି। ଫଳରେ ଲସ୍‌ଏଞ୍ଜେଲ୍ସରେ ପୁରୁଷ ଭଳି ମହିଳା ୱାଟର ପୋଲୋରେ ୧୨ ଦେଶ ଅଂଶଗ୍ରହଣ କରିବେ। ସେହିପରି ବକ୍ସିଂରେ ମହିଳା ଓଜନ ଶ୍ରେଣୀରେ ଗୋଟିଏ ବୃଦ୍ଧି କରାଯାଇ ପୁରୁଷ ଲାଇନ୍‌ଅପ୍ ସହ ସମାନ କରାଯାଇଛି। ଅର୍ଥାତ୍ ଏଥିରେ ଉଭୟ ବର୍ଗରେ ୭ଟି ପଦକ ଇଭେଣ୍ଟ ରହିବ। ଏହି ପରିପ୍ରେକ୍ଷୀରେ ଆଇଓସି କ୍ରୀଡ଼ା ନିର୍ଦ୍ଦେଶକ କିଟ୍ ମ୍ୟାକ୍ କୋନେଲ କହିଛନ୍ତି, ଆମ ପାଇଁ ଲିଙ୍ଗଗତ ସମାନତା ବାସ୍ତବିକ ଗୁରୁତ୍ୱପୂର୍ଣ୍ଣ।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା-୮+୮

DHARITRI

ଭୁବନେଶ୍ୱର, ଶନିବାର, ଏପ୍ରିଲ ୨୬/୨୦୨୫ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, April 26/2025 Page 16 ₹ 7.00 RAYAGADA

୫୧ଶ ଭାଗ ୧୫୧ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 51 ISSUE 151 ମୂଲ୍ୟ ₹୭/-

# ଓଡ଼ିଶା ଭାରତର ଇସ୍ପାତ ରାଜଧାନୀ

## ଇଣ୍ଡିଆ ଷ୍ଟିଲ୍ ସମ୍ମିଳନୀରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୫।୪(ଅନୁରାଧା ମହାରଣା)



ମୁମ୍ବାଇର ବମ୍ବେ ପ୍ରଦର୍ଶନୀ କେନ୍ଦ୍ରଠାରେ ଶୁକ୍ରବାର 'ଇଣ୍ଡିଆ ଷ୍ଟିଲ-୨୦୨୫' ରାଉଣ୍ଡ୍ ଟେବୁଲ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ପକ୍ଷରୁ ଫିକି ସହଯୋଗରେ ମୁମ୍ବାଇର ବମ୍ବେ ପ୍ରଦର୍ଶନୀ କେନ୍ଦ୍ରଠାରେ ଶୁକ୍ରବାର 'ଇଣ୍ଡିଆ ଷ୍ଟିଲ-୨୦୨୫' ରାଉଣ୍ଡ୍ ଟେବୁଲ ସମ୍ମିଳନୀ ଆରମ୍ଭ ହୋଇଛି। ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇଛନ୍ତି। ସମୃଦ୍ଧ ଓଡ଼ିଶା ବିଷୟବସ୍ତୁ ଅନ୍ତର୍ଗତ ଓଡ଼ିଶାର ଇସ୍ପାତ ପ୍ରବୃତ୍ତି ଏବଂ ଭବିଷ୍ୟତର ଦୃଷ୍ଟିକୋଣ ନେଇ ହୋଇଥିବା ଆଲୋଚନାରେ ଇସ୍ପାତ ଉତ୍ପାଦନ ଏବଂ କଞ୍ଚାମାଲ ଯୋଗାଣର ପ୍ରସାର ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଇସ୍ପାତ ଏବଂ ଧାତୁ କ୍ଷେତ୍ରରେ ଓଡ଼ିଶାର ରଣନୈତିକ ପଦକ୍ଷେପ ସମ୍ପର୍କରେ ଶିଳ୍ପପତିଙ୍କ ନିକଟରେ ତଥ୍ୟ ଉପସ୍ଥାପନ କରିଥିଲେ। ଭାରତର ଇସ୍ପାତ ରାଜଧାନୀ ଭାବରେ ଓଡ଼ିଶାର ସ୍ଥିତି ସମ୍ପର୍କରେ ସୂଚନା ଦେଇ ସେ କହିଲେ, ଭାରତର ସର୍ବାଧିକ ଲୁହାପଥର ଉତ୍ପାଦନକାରୀ ରାଜ୍ୟ ହେଉଛି ଓଡିଶା। ଏହା ଦେଶର ୫୫% ରୁ ଅଧିକ ଲୁହାପଥର ଉତ୍ପାଦନରେ ଯୋଗଦାନ ଦେଇଥାଏ। ଓଡ଼ିଶାରେ ଇସ୍ପାତ ଏବଂ ସହଯୋଗୀ କ୍ଷେତ୍ରର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜ୍ୟରେ ଶିଳ୍ପଗୁଡିକର ସୁଗମ କାର୍ଯ୍ୟ ତଥା କାର୍ଯ୍ୟକଳାପକୁ ସୁନିଶ୍ଚିତ କରିବା ପାଇଁ ଏକ ଉଚ୍ଚ ସ୍ତରୀୟ ଟାସ୍କଫୋର୍ସ କାର୍ଯ୍ୟ କରୁଛି। କଞ୍ଚାମାଲ ଏବଂ ବାଧାମୁକ୍ତ ଜମି ସୁରକ୍ଷିତ ରଖିବାଠାରୁ ଆରମ୍ଭ କରି ସଡକ ଓ ରେଳପଥ ମାଧ୍ୟମରେ ସଂଯୋଗକୁ ସୁନିଶ୍ଚିତ କରିବା ତଥା ଶକ୍ତି ଓ ଜଳ ଭଳି ଉପଯୋଗିତା ଯୋଗାଇବା ପର୍ଯ୍ୟନ୍ତ ଆବଶ୍ୟକତା ପୂରଣ କରିବାରେ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ସମ୍ମିଳନୀରେ ମୁମ୍ବାଇସ୍ଥିତ ଇସ୍ପାତ ଶିଳ୍ପରୁ ୨୦୦ରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଟାଟା ଷ୍ଟିଲ, ଏମଏନ୍ଏସ୍, ଜେଏସ୍ଡବ୍ଲ୍ୟୁ, ଜେଏସ୍ଏଲ୍ ଏବଂ ସେଲ୍ ଭଳି ଅଗ୍ରଣୀ କମ୍ପାନୀଗୁଡ଼ିକର ଶିଳ୍ପପତିମାନେ ଓଡ଼ିଶା ପାଇଁ ସେମାନଙ୍କ ଦାୟିତ୍ୱ ଓ ବିକାଶ ଯୋଜନା ସମ୍ପର୍କରେ ମତ ଦେଇଥିଲେ। କଲ୍ୟାଣୀ ଇସ୍ପାତ, ଶ୍ୟାମ୍ ଷ୍ଟିଲ, ଶ୍ରୀ ମେଟାଲିକ, କାଲଡେରିସ ଇଣ୍ଡିଆ, ସର୍ଭେ ରେଫ୍ରାକ୍ଟୋରି ସମେତ ଅନ୍ୟ ଅଗ୍ରଣୀ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଆଲୋଚନା କରିଥିଲେ। କୋଇଲା ଶିଳ୍ପ ବିକାଶ ଓ ଶକ୍ତି ମନ୍ତ୍ରଣାଳୟ ନିର୍ଦ୍ଦେଶକ ବବିଲେଭ ପେଟ୍ର, ରୁଷିଆ ବାଣିଜ୍ୟ ଆୟୋଗର ତୈଳ ଓ ଗ୍ୟାସ ବିଭାଗର ମୁଖ୍ୟ ଆର୍ଟେମ ଉକୋଲୋଭ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ୨ଟି ବୈଠକରେ ଦୁଇ ସରକାରଙ୍କ ମଧ୍ୟରେ ସମ୍ଭାବ୍ୟ ସହଯୋଗ ସୁଯୋଗ ଉପରେ କଥା ହୋଇଥିଲେ। ଏଥିସହିତ ମୁଖ୍ୟମନ୍ତ୍ରୀ ଅନ୍ୟାନ୍ୟ କ୍ଷେତ୍ରର ଶିଳ୍ପ ଅଂଶୀଦାରଙ୍କ ସହ ମଧ୍ୟ ବୈଠକ କରିଥିଲେ। ଇଣ୍ଡିଆନ କେମିକାଲ କାଉନ୍ସିଲ (ଆଇସିସି), ଡୋ କେମିକାଲ୍ସ, ଏପସିଲନ କାର୍ବନ, କୋଠାରି ପେଟ୍ରୋକେମିକାଲ୍ସ, ଦୀପକ ଫର୍ଟିଲାଇଜର୍ ଆଦି ରାସାୟନିକ କମ୍ପାନୀଗୁଡିକର ପ୍ରତିନିଧିମାନେ ନିଜ ସମ୍ଭାବ୍ୟ ନିବେଶ ଏବଂ ବିସ୍ତାର ଯୋଜନା ଉପରେ ଆଲୋଚନା କରିଥିଲେ।

## ଆସନ୍ତା ମାସରେ ଲକ୍ଷେ ଘର ବାଣ୍ଟିବେ ସରକାର: ମନ୍ତ୍ରୀ ନାଏକ

ଭୁବନେଶ୍ୱର,୨୫।୪(ସୁନିତ୍ ମିଶ୍ର)

ରାଜ୍ୟରେ ଆଉ ଲକ୍ଷେ ଘର ବାଣ୍ଟିବେ ରାଜ୍ୟ ସରକାର। ଅନ୍ତ୍ୟୋଦୟ ଗୃହ ଯୋଜନାରେ ଲକ୍ଷେ ହିତାଧିକାରୀଙ୍କୁ ସରକାର ସମାଲି କରିବାକୁ ଯୋଜନା କରିଛନ୍ତି। ଏହି ସମସ୍ତ ହିତାଧିକାରୀଙ୍କୁ ପକ୍କାଘର ପ୍ରଦାନ କରିବାକୁ ଯୋଜନା କରାଯାଇଛି। ଆସନ୍ତା ମାସରେ ଏହି ଲକ୍ଷେ ଘର ବଣ୍ଟାଯିବ। ପ୍ରଥମ ପର୍ଯ୍ୟାୟରେ ୬୦ ହଜାର ହିତାଧିକାରୀଙ୍କୁ ସାମିଲ କରାଯାଇଥିଲା। ମେ ମାସ ଶେଷ ପର୍ଯ୍ୟନ୍ତ ଆବାସ ସର୍ଭେ ଚାଲିବ। ଏବେ ସୁଦ୍ଧା ୨୯ ଲକ୍ଷ ହିତାଧିକାରୀ ସର୍ଭେରେ ଯୋଡି ହେଲେଣି। ଏଥିରେ ଯୋଡି ହେବା ଲାଗି ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା ବୋଲି ମନ୍ତ୍ରୀ ରବି ନାଏକ କହିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ପକ୍କାଘର ପାଇବାକୁ ବହୁ ହିତାଧିକାରୀ ଅପେକ୍ଷା କରି ବସିଛନ୍ତି। ଗତ ସରକାର ସମୟରେ ପକ୍କାଘରକୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବହୁ ପ୍ରକାର ସମସ୍ୟା ବିଷୟ ଅନେକ ସମୟରେ ଚର୍ଚ୍ଚାକୁ ଆସୁଥିଲା। ହେଲେ ରାଜ୍ୟରେ ଭାଜପା ସରକାର ଆସିବା ପରେ ସବୁ ଯୋଗ୍ୟ ହିତାଧିକାରୀମାନଙ୍କୁ ପକ୍କାଘର ମିଳିବ ବୋଲି ଘୋଷଣା କରାଯାଇଛି। ସେହିକ୍ରମରେ ଏଥର କେନ୍ଦ୍ର ସରକାର ମଧ୍ୟ ରାଜ୍ୟରେ ଯେତେ ଘର ଆବଶ୍ୟକ ସେତେ ଯୋଗାଇ ଦିଆଯିବ ବୋଲି ପ୍ରତିଶୃତି ଦିଆଯାଇଥିବା ମନ୍ତ୍ରୀ ନାଏକ ପୂର୍ବରୁ ସୂଚନା ଦେଇଥିଲେ।

## ରାଜ୍ୟରେ ୪୩ ନୂଆ ସିଭିଲ ଜଜ୍ କୋର୍ଟ

ଭୁବନେଶ୍ୱର,୨୫।୪(ସୁନିତ୍ ମିଶ୍ର)



ରାଜ୍ୟରେ ୪୬ଟି ନୂଆ ସିଭିଲ୍ ଜଜ୍ କୋର୍ଟ (ଜୁନିୟର ଡିଭିଜନ୍) ଗଠିତ ହୋଇଛି। ପୂର୍ବରୁ ୩ଟି ହୋଇଥିବା ବେଳେ ଶୁକ୍ରବାର ଆଉ ୪୩ଟି କରାଯାଇଛି। ଏହି କୋର୍ଟଗୁଡିକ ବାଲେଶ୍ୱର ଜିଲାର ବାଲିଆପାଳ, ସିମୁଳିଆ, ସୋରୋ, ବାହାନଗା ଓ ଜଳେଶ୍ୱର, ସମ୍ବଲପୁର ଜିଲାର ରେଙ୍ଗାଲି, ବାମରା, କୁଚିଣ୍ଡା ଓ ଜମନକିରା, ରାୟଗଡ଼ା ଜିଲାର ରାୟଗଡା, ପୁରୀ ଜିଲାର ସତ୍ୟବାଦୀ, କେନ୍ଦୁଝର ଜିଲାର ସହରପଡ଼ା ଓ ହରିଚନ୍ଦନପୁର, ମୟୂରଭଞ୍ଜ ଜିଲାର ବହଳଦା, ରରୁଆଁ, ବିଶୋଇ ଓ ବାରିପଦା, ଜଗତସିଂହପୁର ଜିଲାର ବାଲିକୁଦା ଓ ନୂଆଗାଁ, ସୁନ୍ଦରଗଡ଼ ଜିଲାର ବାଲିଶଙ୍କରା, ଲେଫ୍ରିପଡ଼ା, ବରଗାଁ ଓ କୁଆଁରମୁଣ୍ଡା, କଟକ ଜିଲାର ବାରଙ୍ଗ ଓ କଣ୍ଠାପଡ଼ା, ସୋନପୁର ଜିଲାର ଉଲୁଣ୍ଡା, ବରଗଡ଼ ଜିଲାର ଭଟଲି, ଝାରସୁଗୁଡ଼ା ଜିଲାର କୋଲାବିରା, ଖୋର୍ଦ୍ଧା ଜିଲାର ବାଣପୁର, କୋରାପୁଟ ଜିଲାର ପଟାଙ୍ଗୀ, ଯାଜପୁର ଜିଲାର ରସୁଲପୁର, କୋରେଇ ଓ ଧର୍ମଶାଳା, କେନ୍ଦ୍ରାପଡ଼ା ଜିଲାର ମହାକାଳପଡ଼ା, ଗରଦପୁର ଓ ମାର୍ଶାଘାଇ, କନ୍ଧମାଳ ଜିଲାର ଟିକାବାଲି, କେ. ନୂଆଗାଁ ଓ ଖଜୁରିଆପଡ଼ା, ଭଦ୍ରକ ଜିଲାର ତିହିଡ଼ି, ମାଲକାନଗିରି ଜିଲାର ଖଇରପୁଟ, ଢେଙ୍କାନାଳ ଜିଲାର ଢେଙ୍କାନାଳ, ବଲାଙ୍ଗୀର ଜିଲାର ପାଟଣାଗଡ ଏବଂ ଗଞ୍ଜାମ ଜିଲାର କୁକୁଡ଼ାଖଣ୍ଡି, ଧରାକୋଟ ଓ ଗଞ୍ଜାମ। ଓଡ଼ିଶା ଉଚ୍ଚ ନ୍ୟାୟାଳୟ ସହିତ ପରାମର୍ଶ କ୍ରମେ ରାଜ୍ୟ ସରକାର ଏହି କୋର୍ଟଗୁଡିକ ଗଠନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ ଦେବା ପରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ୪୬ଟି କୋର୍ଟ ଗଠନ ହେବା ପରେ ଏହି ସବୁ ରାଜସ୍ୱ ତହସିଲ ଉପରେ କ୍ଷେତ୍ରାଧିକାର(ଜୁରିସ୍ଡିକ୍ସନ) ଥିବା ଅନ୍ୟ ସମସ୍ତ ଜୁନିୟର ଡିଭିଜନ୍ ସିଭିଲ୍ ଜଜ୍ କୋର୍ଟଗୁଡିକର ଅଧିକାର ସମାପ୍ତ ହେଲା ବୋଲି କୁହାଯାଇଛି।

ସୂଚନାଯୋଗ୍ୟ, ଗତ ୨୩ ତାରିଖରେ ଉପୋରକ୍ତ ୪୬ଟି ନୂତନ ସିଭିଲ୍ ଜଜ୍ କୋର୍ଟ ମଧ୍ୟରୁ ୩ଟିର ଘୋଷଣା କରାଯାଇସାରିଥିଲା। ସୁନ୍ଦରଗଡ ଜିଲାର ଲେଫ୍ରିପଡ଼ା,ସମ୍ବଲପୁର ଜିଲାର ରେଙ୍ଗାଲି ଏବଂ ବାଲେଶ୍ୱର ଜିଲାର ବାଲିଆପାଳଠାରେ ନୂଆ ସିଭିଲ୍ ଜଜ୍ କୋର୍ଟ ଗଠିତ ହୋଇସାରିଛି।

DSPL-43



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବିଶ୍ୱ ପ୍ରାଣିଚିକିତ୍ସା ଦିବସ-୨୦୨୫

ପ୍ରାଣିସ୍ୱାସ୍ଥ୍ୟ ପାଇଁ ମିଳିତ ପ୍ରଚେଷ୍ଟା

- ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଗାଈ ଓ ମଇଁଷି ପାଳନ ପାଇଁ ୭୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି
- ଭ୍ରାମ୍ୟମାଣ ପ୍ରାଣିଚିକିତ୍ସା କ୍ଲିନିକ୍ ମାଧ୍ୟମରେ ଗାଁ ଗାଁ ରେ ପ୍ରାଣିସ୍ୱାସ୍ଥ୍ୟ ସେବା
- ଗୋମାତା ଯୋଜନାରେ ପ୍ରାଣିସ୍ୱାସ୍ଥ୍ୟସେବାର ସୁଦୃଢ଼ୀକରଣ
- ବୁଲା ଗାଈଗୋରୁଙ୍କ ପାଇଁ ଗୋଶାଳା ପ୍ରତିଷ୍ଠାରେ ୫୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା

୨୬ ଏପ୍ରିଲ ୨୦୨୫
କନ୍ଭେନ୍ସନ୍ ସେଣ୍ଟର, ଲୋକସେବା ଭବନ, ଭୁବନେଶ୍ୱର

ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର

Follow us farddepartment farddepartment farddepartment @farddepartment


OIPR-

# ଆତଙ୍କବାଦୀଙ୍କୁ ପାଳିଛୁ: ପାକିସ୍ତାନ ମାନିଲା

**ନୂଆଦିଲ୍ଲୀ,୨୫।୪**

ଆତଙ୍କବାଦୀ ସଙ୍ଗଠନଗୁଡ଼ିକୁ ଆକ୍ରମଣ ସକାଶେ ପାଣ୍ଠି ଯୋଗାଉଥିବା ବିଷୟ ପାକିସ୍ତାନ ସ୍ୱୀକାର କରିଛି। ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ମହମ୍ମଦ ଆସିଫ୍ କହିଛନ୍ତି, ଆମେରିକା ଓ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ପାଇଁ ତାଙ୍କ ଦେଶ ଏହି 'ଭୁଲ୍ କାର୍ଯ୍ୟ' କରିଛି। ଜମ୍ମୁ-କଶ୍ମୀରର ପହଲଗାମ୍ ଆକ୍ରମଣରେ ପାକିସ୍ତାନୀ ଆତଙ୍କବାଦୀଙ୍କ ସମ୍ପୃକ୍ତି ନେଇ ବିଶ୍ୱବ୍ୟାପୀ ନିନ୍ଦା କରାଯାଉଥିବାବେଳେ ଆସିଫ୍ ଏଭଳି ମନ୍ତବ୍ୟ ଦେଇଛନ୍ତି।

ବ୍ରିଟିଶ୍ ନ୍ୟୁଜ୍ ନେଟ୍ୱର୍କ ସ୍କାଏ ନ୍ୟୁଜ୍‌କୁ ସାକ୍ଷାତ୍କାର ଦେବାବେଳେ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍‌ଙ୍କୁ ପ୍ରଶ୍ନ କରାଯାଇଥିଲା, ଆତଙ୍କବାଦୀ ସଙ୍ଗଠନଗୁଡ଼ିକୁ ସମର୍ଥନ, ସହାୟତା, ତାଲିମ ଓ ପାଣ୍ଠି ଯୋଗାଣ କରିବା ନେଇ ପାକିସ୍ତାନର ଲମ୍ବା ଇତିହାସ ରହିଛି। ଏହାକୁ ଆପଣ ସ୍ୱୀକାର କରିବେ କି? ଏହାର ଉତ୍ତରରେ ଆସିଫ୍ କହିଥିଲେ, ସୋଭିଏଟ୍-ଆଫଗାନ୍ ଯୁଦ୍ଧ ଏବଂ


ଖ୍ୱାଜା ମହମ୍ମଦ ଆସିଫ୍

୯/୧୧ ଆକ୍ରମଣ ପରେ ଆମେ ଆମେରିକା ପାଇଁ ଏହି 'ଭୁଲ୍ କାର୍ଯ୍ୟ' କରିଆସୁଛୁ। ବିଗତ ୩ ଦଶନ୍ଧି ଧରି ଆମେରିକା, ପାଶ୍ଚାତ୍ୟ ଓ ବ୍ରିଟେନ୍ ପାଇଁ ମଧ୍ୟ କରିଛୁ। ଏଭଳି ଭୁଲ୍ ଯୋଗୁ ପାକିସ୍ତାନକୁ ଫଳ ଭୋଗିବାକୁ ପଡ଼ିଛି। ତେବେ ସୋଭିଏଟ୍-ଆଫଗାନ୍ ଯୁଦ୍ଧ ଏବଂ ୯/୧୧ ପରେ ତାଲିବାନ୍ ବିରୋଧରେ ଆମେରିକା ନେତୃତ୍ୱାଧୀନ ଯୁଦ୍ଧରେ ପାକିସ୍ତାନ ସାମିଲ ହୋଇ ନ ଥିଲେ ଦେଶର ଟ୍ରାକ୍ ରେକର୍ଡ ନିଷ୍କଳଙ୍କ ରହିଥାଆନ୍ତା ବୋଲି ସେ କହିଛନ୍ତି।

## ପହଲଗାମ୍ ଆକ୍ରମଣରେ ହାଫିଜ୍ ସୟିଦ୍‌ଙ୍କ ଭୂମିକା

ଏପ୍ରିଲ ୨୨ରେ ପହଲଗାମ୍‌ରେ ଆତଙ୍କବାଦୀମାନେ ଗୁଳିକରି ୨୬ ଜଣଙ୍କୁ ହତ୍ୟା କରିଥିବାବେଳେ ଏହି ଆକ୍ରମଣରେ ୨୦ରୁ ଊର୍ଦ୍ଧ୍ୱ ଭାରତୀୟ ଆହତ ହୋଇଛନ୍ତି। ସ୍ଥାନୀୟ ଆତଙ୍କବାଦୀଙ୍କ ସହାୟତାରେ ପାକିସ୍ତାନୀ ଆତଙ୍କବାଦୀମାନେ ଏହି ବର୍ବରକାଣ୍ଡ ଭିଆଇଥିବା ସାମ୍ନାକୁ ଆସିଛି। ୨୬/୧୧ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଲସ୍କର-ଇ-ତୋଇବା (ଏଲ୍‌ଇଟି) ମୁଖ୍ୟ ହାଫିଜ୍ ସୟିଦ ଏହି ଆତଙ୍କବାଦୀମାନଙ୍କ ହ୍ୟାଣ୍ଡଲର ବୋଲି ସୁରକ୍ଷା ଏଜେନ୍ସିଗୁଡ଼ିକ ଜାଣିବାକୁ ପାଇଲେଣି।

ସୂତ୍ରରୁ ଜଣାପଡ଼ିଛି ଯେ, ଭାରତ ସରକାରଙ୍କ ପକ୍ଷରୁ ନିଷିଦ୍ଧ ଘୋଷିତ ଦି ରେଜିଷ୍ଟାନ୍ସ ଫୋର୍ସ (ଟିଆର୍‌ଏଫ୍) ଉପତ୍ୟକାରେ ଦୀର୍ଘ ସମୟ ଧରି ସକ୍ରିୟ ରହିଛି। ସୋନ୍‌ମାର୍ଗ, ବୁଟା


ହାଫିଜ୍ ସୟିଦ


ସୈଫୁଲ୍ଲା କସୁରି

ପଥରି ଓ ଗନ୍ଦେରବଲ ସମେତ ଜମ୍ମୁ-କଶ୍ମୀରର ଅନେକ ଆକ୍ରମଣରେ ଏହି ଆତଙ୍କବାଦୀ ଗୋଷ୍ଠୀ ସମ୍ପୃକ୍ତ ରହିଛି। ହାଫିଜ୍ ସୟିଦ ଓ ତାଙ୍କ ଉପମୁଖ୍ୟ ସୈଫୁଲ୍ଲା କସୁରି ପାକିସ୍ତାନରେ ଥାଇ ପହଲଗାମ୍ ଆକ୍ରମଣର ଷଡ଼ଯନ୍ତ୍ର ରଚିଥିଲେ। ଦୁହେଁ ଆତଙ୍କବାଦୀମାନଙ୍କ ମନୋବଳ ବଢ଼ାଇବା ସହ ଅସ୍ତ୍ରଶସ୍ତ୍ର, ତାଲିମ ଦେଇଥିଲେ। ଏପରି କି କେଉଁ ବାଟ ଦେଇ ଭାରତକୁ ଅନୁପ୍ରବେଶ କରିବେ, କିପରି ଆକ୍ରମଣ କଲେ ଅଧିକ ଲୋକଙ୍କ ଜୀବନ ଯିବ ସେନେଇ ହାଫିଜ୍‌ଙ୍କ ଜରିଆରେ ପାକିସ୍ତାନୀ ସେନା ଏବଂ ଗୋଇନ୍ଦା ସଂସ୍ଥା ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ) ସବୁ ପ୍ରକାର ସହଯୋଗ କରିଥିଲା।


ତ୍ରାଲରେ ଆତଙ୍କବାଦୀ ଆସିଫ୍‌ଙ୍କ ଘର ଭାଙ୍ଗିଦିଆଯାଇଛି।

## ଆକ୍ରମଣରେ ସମ୍ପୃକ୍ତ ୨ ଲସ୍କର ଆତଙ୍କବାଦୀଙ୍କ ଘର ଉଡ଼ାଇଦିଆଗଲା

**ଶ୍ରୀନଗର,୨୫।୪**

ପହଲଗାମ୍ ଆକ୍ରମଣରେ ସମ୍ପୃକ୍ତ ଲସ୍କର-ଇ-ତୋଇବାର ୨ ଜଣ ଆତଙ୍କବାଦୀଙ୍କ ଜମ୍ମୁ-କଶ୍ମୀରରେ ଥିବା ଘରକୁ ଗୁରୁବାର ରାତିରେ ବିସ୍ଫୋରଣ ଘଟାଇ ଏବଂ ବୁଲ୍‌ଡୋଜରରେ ଭାଙ୍ଗିଦିଆଯାଇଛି। ଲସ୍କର ଆତଙ୍କବାଦୀ ଆଦିଲ ହୁସେନ ଠୋକର ଏବଂ ଅସିଫ୍ ଶେଖ୍‌ଙ୍କ ଘର ଭିତରେ ବିସ୍ଫୋରକ ରଖାଯାଇଥିବାବେଳେ ସୁରକ୍ଷା ବଳ ତଲାସି ନେଇଥିଲେ। ୨ଟି ଘର ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ଠୋକରଙ୍କ ଘର ଦକ୍ଷିଣ କଶ୍ମୀରର ଅନନ୍ତନାଗ ଜିଲାରେ ଏବଂ ସେ ପହଲଗାମ୍ ଆକ୍ରମଣର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ। ସେହିପରି ଶେଖ୍‌ଙ୍କ ଘର ପୁଲ୍‌ୱାମା ଜିଲାର ତ୍ରାଲରେ ହୋଇଥିବାବେଳେ ଆକ୍ରମଣ ପଛରେ ଥିବା ଷଡ଼ଯନ୍ତ୍ରରେ ତାଙ୍କର ସମ୍ପୃକ୍ତି ସନ୍ଦେହ କରାଯାଉଛି। ଠୋକରଙ୍କୁ ମୋଷ୍ଟ ୱାଣ୍ଟେଡ୍ ଘୋଷଣା କରାଯିବା ସହ ତାଙ୍କ ସମ୍ପର୍କରେ ସୂଚନା ଦେଲେ ୨୦ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ଅନନ୍ତନାଗ ପୋଲିସ କହିଛି। ଏହି ମାମଲାରେ ପାକିସ୍ତାନର ୨ ଜଣ ଆତଙ୍କବାଦୀଙ୍କୁ ମୋଷ୍ଟ ୱାଣ୍ଟେଡ୍ ଘୋଷଣା କରାଯାଇଛି।

## ମଧ୍ୟସ୍ଥତା ପାଇଁ ଇରାନ୍‌ର ପ୍ରସ୍ତାବ

ପହଲଗାମ୍ ଆକ୍ରମଣ ପରିପ୍ରେକ୍ଷୀରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଚରମସୀମାରେ ପହଞ୍ଚିଥିବାବେଳେ ଶୁକ୍ରବାର ଇରାନ୍ ମଧ୍ୟସ୍ଥତା ପାଇଁ ପ୍ରସ୍ତାବ ଦେଇଛି। ଇରାନ୍ ବହିର୍ବ୍ୟାପାର ମନ୍ତ୍ରୀ ସୟଦ ଅବ୍ବାସ୍ ଆରାଘ୍‌ଚି କହିଛନ୍ତି, ଭାରତ ଓ ପାକିସ୍ତାନ ଇରାନ୍‌ର ଭାଇ ଭଳି ପଡ଼ୋଶୀ। ଉଭୟଙ୍କ ଶତାବ୍ଦୀ ପୁରୁଣା ସଂସ୍କୃତି ଓ ସଭ୍ୟତାଗତ ସମ୍ପର୍କ ରହିଛି। ଅନ୍ୟ ପଡ଼ୋଶୀଙ୍କ ଭଳି ଆମେ ଏହି ଦୁଇଦେଶକୁ ସର୍ବାଧିକ ପ୍ରାଥମିକତା ଦେଇଥାଉ। ବର୍ତ୍ତମାନର କଠିନ ସମୟରେ ଇସ୍‌ଲାମାବାଦ ଓ ନୂଆଦିଲ୍ଲୀରେ ଥିବା ନିଜ ଦୂତାବାସ ଜରିଆରେ ତେହରାନ୍ ଆପୋସ ଆଲୋଚନା କରି ସମାଧାନ କରିବାକୁ ପ୍ରସ୍ତୁତ ବୋଲି ଏକ ସୋସିଆଲ ମିଡିଆ ପୋଷ୍ଟରେ ସେ ଉଲ୍ଲେଖ କରିଛନ୍ତି।

## ସୀମାପାର ଗୁଳିର ଜବାବ ଦେଲା ଭାରତ

**ନୂଆଦିଲ୍ଲୀ,୨୫।୪**

ଜମ୍ମୁ-କଶ୍ମୀର ଅନ୍ତର୍ଗତ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ଆରପଟୁ ପାକିସ୍ତାନୀ ସେନା ଗୁରୁବାର ରାତିରେ କେତେକ ଭାରତୀୟ ଘାଟିକୁ ଟାର୍ଗେଟ କରି ଗୁଳିମାଡ଼ କରିଥିବାବେଳେ ଭାରତୀୟ ସେନା ଏହାର ଠିକଣା ଜବାବ ଦେଇଛି। ଏହି ଗୁଳିବିନିମୟ ବେଳେ କେହି ମୃତାହତ ହୋଇ ନ ଥିବା ପ୍ରତିରକ୍ଷା ସୂତ୍ରରୁ ଜଣାପଡ଼ିଛି। ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ପରେ ୨ ପଡ଼ୋଶୀ ଦେଶ ମଧ୍ୟରେ ନୂଆ ସଙ୍କଟ ସୃଷ୍ଟି ହୋଇଥିବାବେଳେ ଏହାର ୨ ଦିନ ପରେ ସୀମାରେ ଗୁଳିବିନିମୟ ହୋଇଛି। ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନକୁ ଦାୟୀ କରି ନୂଆଦିଲ୍ଲୀ ଏହା ବିରୋଧରେ କେତେଗୁଡ଼ିଏ କଠୋର ପଦକ୍ଷେପ ନେଇଛି।

## ଏକାଠି ହେବାକୁ ରାହୁଲଙ୍କ ଆହ୍ୱାନ

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶୁକ୍ରବାର ଶ୍ରୀନଗରରୁ ନୂଆଦିଲ୍ଲୀ ଫେରିବା ପରେ ପହଲଗାମ୍ ଆକ୍ରମଣର ମୃତକଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ମାର୍ଚ୍ଚ କରିଛନ୍ତି। ଏହା ପୂର୍ବରୁ ସେ ଶ୍ରୀନଗରସ୍ଥିତ ସେନା ହସ୍ପିଟାଲରେ ଆହତମାନଙ୍କୁ ଭେଟିଥିଲେ। ପହଲଗାମ୍ ଆକ୍ରମଣ ସମାଜକୁ ବିଭାଜିତ କରିବା ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ରାହୁଲ ସମାଲୋଚନା କରିବା ସହ ଆତଙ୍କବାଦକୁ ଜବାବ ଦେବା ପାଇଁ ସମସ୍ତ ଭାରତୀୟଙ୍କୁ ଏକାଠି ହେବାକୁ ଆହ୍ୱାନ ଦେଇଥିଲେ।

## ଭୁଲ୍ ରିପୋର୍ଟ ଲାଗି ଏନ୍‌ୱାଇଟି ନିନ୍ଦିତ


The New York Times

At Least 24 Tourists Gunned Down by Militants in Kashmir

TERRORISTS

Prime Minister Narendra Modi of India called the shooting, the worst against civilians in the region for years, a "terror attack" and vowed to bring the perpetrators to justice.

ପହଲଗାମ୍ ଆକ୍ରମଣ ସମ୍ପର୍କିତ ଖବରକୁ ଭୁଲ୍ ଭାବେ ଉପସ୍ଥାପନ କରିଥିବା ଆମେରିକାର ଜଣାଶୁଣା ଦୈନିକ ନ୍ୟୁୟର୍କ ଟାଇମ୍ସ (ଏନ୍‌ୱାଇଟି) ସମାଲୋଚିତ ହୋଇଛି। ୨୨ ତାରିଖର ଆତଙ୍କବାଦୀ ଆକ୍ରମଣ ଖବର ଏନ୍‌ଇୱାଇଟିର ୨୩ ତାରିଖ ସଂସ୍କରଣରେ ପ୍ରକାଶ ପାଇଥିଲା। ଏଥିରେ ଆକ୍ରମଣକୁ ଆତଙ୍କବାଦୀଙ୍କ ନୁହେଁ, ବରଂ ଉଗ୍ରପନ୍ଥୀଙ୍କର ବୋଲି ଦର୍ଶାଯାଇଥିଲା। ଏହାକୁ ନେଇ ଆମେରିକା ବହିର୍ବ୍ୟାପାର କମିଟି ସମାଲୋଚନା କରିବା ସହ ଜବାବ ମାଗିଛି। ଏନ୍‌ୱାଇଟିର ଏଭଳି ଦୋମୁହାଁ ନୀତିକୁ ଭାରତୀୟମାନେ ମଧ୍ୟ ସୋସିଆଲ ମିଡିଆରେ ନିନ୍ଦା କରିଛନ୍ତି।


ନୂଆଦିଲ୍ଲୀରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ କ୍ୟାଣ୍ଡେଲ ଶୋଭାଯାତ୍ରା।

## ୨୮ରେ ଜମ୍ମୁ-କଶ୍ମୀର ବିଧାନସଭା ସ୍ୱତନ୍ତ୍ର ଅଧିବେଶନ


ପହଲଗାମ୍ ଆକ୍ରମଣ ପରିପ୍ରେକ୍ଷୀରେ ଜମ୍ମୁ-କଶ୍ମୀର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଆସନ୍ତା ୨୮ରେ କରାଯିବ। କେନ୍ଦ୍ରଶାସିତ ଅଞ୍ଚଳର ଉପରାଜ୍ୟପାଳ ମନୋଜ ସିହ୍ନା ଏହି ଦିନିକିଆ ଅଧିବେଶନ ଡାକିଥିବା ଶୁକ୍ରବାର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଜମ୍ମୁ-କଶ୍ମୀର ପୁନର୍ଗଠନ ଆଇନ, ୨୦୧୯ର ଧାରା ୧୮(୧)ରେ ପ୍ରଦତ୍ତ ସ୍ୱତନ୍ତ୍ର କ୍ଷମତାର ଉପଯୋଗ କରି ଉପରାଜ୍ୟପାଳ ବିଧାନସଭା ଅଧିବେଶନ ଡାକିଛନ୍ତି। ଏଥିଲାଗି ମୁଖ୍ୟମନ୍ତ୍ରୀ ଓମାର ଅବ୍ଦୁଲ୍ଲାଙ୍କ କ୍ୟାବିନେଟ ବୁଧବାର ତାଙ୍କୁ ଅନୁରୋଧ କରିଥିଲା।

## ଏନ୍‌କାଉଣ୍ଟରରେ ଲସ୍କର ଆତଙ୍କବାଦୀ ଅଲ୍‌ତାଫ ନିହତ

**ଶ୍ରୀନଗର,୨୫।୪**

ଜମ୍ମୁ-କଶ୍ମୀରର ବନ୍ଦିପୋରା ଜିଲା ଅନ୍ତର୍ଗତ କୁଲ୍‌ନାର ଅଞ୍ଚଳରେ ସୁରକ୍ଷା କର୍ମୀଙ୍କ ସହ ଏନ୍‌କାଉଣ୍ଟରରେ ଲସ୍କର-ଇ-ତୋଇବାର ସ୍ଥାନୀୟ ଆତଙ୍କବାଦୀ ଅଲତାଫ ଲାଲ୍ଲି ନିହତ ହେବା ସହ ୨ ଜଣ ପୋଲିସ ଆହତ ହୋଇଛନ୍ତି। ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ଗୋଇନ୍ଦା ସୂଚନାକ୍ରମେ ସେନା, ପୋଲିସ ଏବଂ ଅର୍ଦ୍ଧସାମରିକ ବଳ ପକ୍ଷରୁ ମିଳିତ ତଲାସି ଅଭିଯାନ ଚାଲିଥିବାବେଳେ ଗୁଳିବିନିମୟ ହୋଇଥିଲା। ପହଲଗାମ୍ ଆକ୍ରମଣ ପରେ ଜମ୍ମୁ-କଶ୍ମୀରରେ ଏହା ଚତୁର୍ଥ ଏନ୍‌କାଉଣ୍ଟର। ଗୁରୁବାର ଅନ୍ୟ ଏକ ଏନ୍‌କାଉଣ୍ଟରରେ ଜଣେ ସେନା ଯବାନଙ୍କ ମୃତ୍ୟୁ ଘଟିଥିଲା।

## ଗୋଇନ୍ଦା ବିଫଳତା କହିଲେ ପୂର୍ବତନ ସେନାମୁଖ୍ୟ


ଜେନେରାଲ ଶଙ୍କର ରାୟଚୌଧୁରୀ

**କୋଲକାତା,୨୫।୪**

ଗୋଇନ୍ଦା ବିଫଳତା ପାଇଁ ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ଘଟିଲା ବୋଲି ପୂର୍ବତନ ସେନାମୁଖ୍ୟ ଜେନେରାଲ ଶଙ୍କର ରାୟଚୌଧୁରୀ ଶୁକ୍ରବାର କହିବା ସହ ଏଥିପାଇଁ ସର୍ବୋଚ୍ଚ ସ୍ତରରେ ଉତ୍ତରଦାୟୀ ରହିବାକୁ ଦାବି କରିଛନ୍ତି। ଦେଶର ଅଷ୍ଟାଦଶ ସେନାମୁଖ୍ୟ ରାୟଚୌଧୁରୀ କହିଛନ୍ତି, ଗୋଇନ୍ଦା ବିଫଳତା ସନ୍ଦେହ କରାଯାଉଛି ଏବଂ ଏଥିପାଇଁ ନିଶ୍ଚୟ କେହି ଜଣେ ଦାୟୀ। ଆକ୍ରମଣ ପଛରେ ପାକିସ୍ତାନ ଏବଂ ଏହାର ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇର ଭୂମିକା ରହିଥିବା ସେ କହିଛନ୍ତି। ଏତେସଂଖ୍ୟାରେ ଅନୁପ୍ରବେଶକାରୀ ପର୍ଯ୍ୟଟନ ସ୍ଥଳରେ ପହଞ୍ଚି ଆକ୍ରମଣ କରିବାରେ ସଫଳ ହେଲେ, ତାହାର ତଦନ୍ତ କରାଯିବା ଆବଶ୍ୟକ। ଆକ୍ରମଣ ପାଇଁ ଲସ୍କର-ଇ-ତୋଇବାର ପ୍ରକ୍ସି ଗ୍ରୁପ୍ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ ନିଜକୁ ଦାୟୀ କରିଥିଲା। ଭାରତ ସରକାର ପାକିସ୍ତାନ ବିରୋଧରେ ନେଇଥିବା କୂଟନୈତିକ କଟକଣା ଯଥେଷ୍ଟ ନୁହେଁ। ପ୍ରତିରୋଧ ପଦକ୍ଷେପ ନେବାକୁ ହେବ ବୋଲି ରାୟଚୌଧୁରୀ କହିଛନ୍ତି।

## ସଂକ୍ଷେପରେ

### ନ୍ୟାଶନାଲ ହେରାଲ୍ଡ ମାମଲା

## ସୋନିଆ, ରାହୁଲଙ୍କୁ ନୋଟିସ୍ ଜାରି କଲେନି ଅଦାଲତ

**ନୂଆଦିଲ୍ଲୀ,୨୫।୪ (ପି.ଟି.)**

ନ୍ୟାଶନାଲ ହେରାଲ୍ଡ ମନିଲଣ୍ଡରିଂ ମାମଲାରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଏବଂ ଅନ୍ୟମାନଙ୍କୁ ବର୍ତ୍ତମାନ ପାଇଁ ନୋଟିସ୍ ଜାରି କରିବାକୁ ଦିଲ୍ଲୀର ଏକ ଅଦାଲତ ଶୁକ୍ରବାର ମନା କରିଦେଇଛନ୍ତି। ଆଇନର ନୂଆ ବ୍ୟବସ୍ଥା ଅନୁଯାୟୀ ଅଭିଯୁକ୍ତମାନଙ୍କ ଶୁଣାଣି ବିନା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଚାର୍ଜଶିଟ୍ ଉପରେ ନୋଟିସ ଜାରି କରାଯାଇପାରିବ ନାହିଁ ବୋଲି ସ୍ୱତନ୍ତ୍ର ବିଚାରପତି ବିଶାଳ ଗୋଗ୍‌ନେ କହିଛନ୍ତି। କୋର୍ଟ କୌଣସି ନିର୍ଦ୍ଦେଶ ଦେବା ପୂର୍ବରୁ କୌଣସି ତ୍ରୁଟି ରହିଛି କି ନାହିଁ, ତାହା ଦେଖିଥାନ୍ତି। ଚାର୍ଜଶିଟ୍‌ରେ କେତେକ ଦସ୍ତାବିଜ୍ ନ ଥିବା ପ୍ରତିପକ୍ଷ ଓକିଲ କହିବା ପରେ ସେଗୁଡ଼ିକୁ ଦାଖଲ କରିବା ନିମନ୍ତେ ଅଦାଲତ ଇଡିକୁ ନିର୍ଦ୍ଦେଶ ଦେଇଛନ୍ତି।

## ମେଧା ପାଟକର ଗିରଫ

**ନୂଆଦିଲ୍ଲୀ,୨୫।୪(ପି.ଟି.)**

ଦିଲ୍ଲୀର ଏକ ଅଦାଲତ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କ୍ରମେ ନର୍ମଦା ବଚାଓ ଆନ୍ଦୋଳନର ନେତ୍ରୀ ମେଧା ପାଟକରଙ୍କୁ ଶୁକ୍ରବାର ଗିରଫ କରାଯାଇ ସେସନ୍ସ କୋର୍ଟରେ ହାଜର କରାଯାଇଥିଲା। ଅଦାଲତଙ୍କ ପୂର୍ବ ନିର୍ଦ୍ଦେଶକୁ ଅନୁପାଳନ କରିବେ ବୋଲି ତାଙ୍କ ଓକିଲ ପ୍ରତିଶ୍ରୁତି ଦେବା ପରେ ଅତିରିକ୍ତ ଦୌରାଜଜ୍ ବିପିନ୍ ଖର୍ବ ମେଧାଙ୍କୁ ଏକ ବଣ୍ଡ୍ ଓ କ୍ଷତିପୂରଣ ରାଶି ଜମା କରିବା ପରେ ଛାଡ଼ିଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅପମାନଜନକ ମନ୍ତବ୍ୟ ପାଇଁ ମେଧାଙ୍କ ବିରୋଧରେ ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍ସେନା ମାନହାନି ମାମଲା ଦାଏର କରିଥିଲେ। ଅଦାଲତ ଏହାର ଶୁଣାଣି କରି ୧ ଲକ୍ଷ ଟଙ୍କା ଓ ପ୍ରୋବେଶନ ବଣ୍ଡ୍ ଦାଖଲ କରିବାକୁ ମେଧାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସେ ଜାଣିଶୁଣି ଉକ୍ତ ନିର୍ଦ୍ଦେଶନାମାର ଅନୁପାଳନ କରୁ ନ ଥିବାରୁ ଅତିରିକ୍ତ ଦୌରାଜଜ୍ ତାଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି କରିଥିଲେ।

## ୱାକ୍‌ଫ ଚ୍ୟାଲେଞ୍ଜ ଆବେଦନ ଖାରଜ ଲାଗି ସୁପ୍ରିମକୋର୍ଟରେ କେନ୍ଦ୍ରର ସତ୍ୟପାଠ

**ନୂଆଦିଲ୍ଲୀ,୨୫।୪**

ୱାକ୍‌ଫ ସଂଶୋଧନ ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଅନେକ ପିଟିଶନ ଦାଏର ହୋଇଥିବାବେଳେ ସେଗୁଡ଼ିକୁ ଖାରଜ କରାଯିବା ନିମନ୍ତେ ନିବେଦନ କରି କେନ୍ଦ୍ର ସରକାର ଏକ ସତ୍ୟପାଠ ଦାଖଲ କରିଛନ୍ତି। ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ଯୁଗ୍ମ ସଚିବ ଶେର୍ଷା ସି. ଶେଖ୍ ମୋହିଦ୍ଦିନଙ୍କ ଏହି ୧,୩୩୨ ପୃଷ୍ଠାର ସତ୍ୟପାଠ ଦାଖଲ କରି ଆଇନର କୌଣସି ବ୍ୟବସ୍ଥା ଉପରେ ସ୍ଥଗିତାଦେଶକୁ ବିରୋଧ କରିଛନ୍ତି। ସାମ୍ବିଧାନିକ ଭାବେ ପାର୍ଲାମେଣ୍ଟରେ ଆଇନ ଗୃହୀତ ହୋଇଛି। ଏହାର କେତେକ ନିର୍ଦ୍ଦିଷ୍ଟ ବ୍ୟବସ୍ଥାକୁ ନେଇ କୌତୂହଳପୂର୍ଣ୍ଣ ମିଥ୍ୟା ବର୍ଣ୍ଣନା କରାଯାଉଛି। ଶୁଣାଣି ବେଳେ ଉକ୍ତ ଚ୍ୟାଲେଞ୍ଜଗୁଡ଼ିକୁ ଅଦାଲତ ଅନୁଧ୍ୟାନ କରିବେ। ପ୍ରତିକୂଳ ପରିଣାମ ସମ୍ପର୍କରେ ଅବଗତ ନ ହୋଇ ଉକ୍ତ ବ୍ୟବସ୍ଥାଗୁଡ଼ିକୁ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ସ୍ଥଗିତ ନ କରିବାକୁ କେନ୍ଦ୍ର ସରକାର ନିବେଦନ କରିଛନ୍ତି।

## ସାବରକର ମନ୍ତବ୍ୟ: ରାହୁଲଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

**ନୂଆଦିଲ୍ଲୀ,୨୫।୪(ପି.ଟି.)**

କଂଗ୍ରେସ ନେତା ରାହୁଲ ଗାନ୍ଧୀ ମହାରାଷ୍ଟ୍ରର ଏକ ରାଲିରେ ସ୍ୱାଧୀନତା ସଂଗ୍ରାମୀ ବିନାୟକ ଦାମୋଦର ସାବରକରଙ୍କ ପ୍ରତି ଦେଇଥିବା ଦାୟିତ୍ୱହୀନ ମନ୍ତବ୍ୟ ନିମନ୍ତେ ସୁପ୍ରିମକୋର୍ଟ ଶୁକ୍ରବାର ତାଙ୍କୁ ଭର୍ତ୍ସନା କରିଛନ୍ତି। ତେବେ ତାଙ୍କ ବିରୋଧରେ ଅପରାଧିକ କାର୍ଯ୍ୟାନୁଷ୍ଠାନ ପାଇଁ ଆହ୍ଲାବାଦ ହାଇକୋର୍ଟଙ୍କ ନିର୍ଦ୍ଦେଶ ଉପରେ ସର୍ବୋଚ୍ଚ ଅଦାଲତ ସ୍ଥଗିତାଦେଶ ଲଗାଇଛନ୍ତି। ଦାୟିତ୍ୱହୀନ ମନ୍ତବ୍ୟ ଦେଇ ଆମ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ପରିହାସ କରା ନ ଯାଉ ବୋଲି ଜଷ୍ଟିସ୍ ଦୀପଙ୍କର ଦତ୍ତା ଏବଂ ମନମୋହନଙ୍କ ଖଣ୍ଡପୀଠ କହିଛନ୍ତି।

## ଆକ୍ରମଣ ଯୋଗୁ ଭାଙ୍ଗିଲା ସୀମାପାର ବିବାହ

### ପାକିସ୍ତାନ ଯାଉଥିବା ବରଙ୍କୁ ଅଟ୍ଟାରିରୁ ଫେରାଇଦିଆଗଲା

**ବାଡ଼ମେର,୨୫।୪**

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ପରେ ପଡ଼ୋଶୀ ଦେଶ ସହ ତିକ୍ତତା ବଢ଼ିଛି। ଆକ୍ରମଣ ପାଇଁ ପାକିସ୍ତାନକୁ ଦାୟୀ କରି କେନ୍ଦ୍ର ସରକାର ଅଟ୍ଟାରି ସୀମାକୁ ସିଲ୍ କରିବା ସହ ବିଭିନ୍ନ କୂଟନୈତିକ କଟକଣା ଲଗାଇଛନ୍ତି। ଫଳରେ ଏକ ବହୁପ୍ରତୀକ୍ଷିତ ସୀମାପାର ବିବାହ ଅଟକିବା ସହ ରାଜସ୍ଥାନ ବାଡ଼ମେର ଜିଲାର ପୁଅଘର ପରିବାରର ଆଶା ମଉଳିଯାଇଛି। ବାଡ଼ମେରର ଜଣେ ଯୁବକ ଆସନ୍ତା ୩୦ରେ ପାକିସ୍ତାନର ଜଣେ ଯୁବତୀଙ୍କୁ ବିବାହ କରିବାକୁ ସ୍ଥିର ହୋଇଥିଲା। ଏଥିପାଇଁ ବର ଜଣଙ୍କ ଗୁରୁବାର ବାରାତ ନେଇ ୱାଘା-ଅଟାରି ସୀମାରେ ପହଞ୍ଚିଥିଲେ। ତେବେ ସେମାନଙ୍କୁ ପାକିସ୍ତାନରେ ପ୍ରବେଶ ପାଇଁ ଅନୁମତି ନ ମିଳିବାରୁ ସେମାନେ ଫେରିଆସିବାକୁ ବାଧ୍ୟ ହୋଇଛନ୍ତି।


ଶାଇତନ ସିଂ

ବାଡ଼ମେରର ୨୫ ବର୍ଷୀୟ ଶାଇତନ ସିଂଙ୍କର ୪ ବର୍ଷ ପୂର୍ବେ ପାକିସ୍ତାନ ସିନ୍ଧ ପ୍ରଦେଶ ଅନ୍ତର୍ଗତ ଅମରକୋଟ ଜିଲାର କେସାର କନୱାରଙ୍କ ସହ ନିର୍ବନ୍ଧ ହୋଇଥିଲା। ଏହା ପରେ ବର ପରିବାର ଦୀର୍ଘଦିନର ଉଦ୍ୟମ କ୍ରମେ ପାକିସ୍ତାନ ଯିବା ପାଇଁ ଗତ ଫେବୃଆରୀରେ ଭିଜା ପାଇଥିଲେ। ଭିଜା ସମୟ ସୀମା ମେ' ୧୨ ପର୍ଯ୍ୟନ୍ତ ଥିବାରୁ ବିବାହ ତାରିଖ ଏପ୍ରିଲ ୩୦କୁ ଚୂଡ଼ାନ୍ତ ହୋଇଥିଲା। ତେବେ ବାରାତ୍ ଅଟାରି ସୀମା ଅତିକ୍ରମ କରିବା ପୂର୍ବରୁ ଆତଙ୍କବାଦୀ ଆକ୍ରମଣକୁ ନେଇ କୂଟନୈତିକ କଟକଣା ଜାରି ସ୍ୱରୂପ ସୀମା ସିଲ୍ କରିଦିଆଯାଇଥିଲା। ଫଳରେ ବରଙ୍କୁ ନିରାଶ ହୋଇ ଫେରିବାକୁ ପଡ଼ିଛି।

## ଆମୀରଙ୍କ ସ୍ୱପ୍ନର ପ୍ରୋଜେକ୍ଟ 'ମହାଭାରତ'


ଆମୀର ଖାନ୍

**ମୁମ୍ବାଇ**

ବଲିଉଡ୍ ଅଭିନେତା ଆମୀର ଖାନ୍ ଦୀର୍ଘ ଦିନ ଧରି ଅଭିନୟରୁ ଦୂରେଇ ରହିଛନ୍ତି। ୨୦୨୨ରେ ରିଲିଜ୍ ହୋଇଥିବା ଚଳଚ୍ଚିତ୍ର 'ଲାଲ୍ ସିଂ ଚଢ଼ା'ରେ ତାଙ୍କୁ ଶେଷଥର ପାଇଁ ଦେଖିବାକୁ ମିଳିଥିଲା। ଏହି ଚଳଚ୍ଚିତ୍ର ବକ୍ସ ଅଫିସରେ କିଛି ଖାସ୍ କରିପାରି ନ ଥିଲା। ଏହାପରଠାରୁ ଆମୀର ନିଜର ଅନେକ ପ୍ରୋଜେକ୍ଟ ବିଷୟରେ ଘୋଷଣା କରିଥିଲେ ହେଁ ବର୍ତ୍ତମାନ ସୁଦ୍ଧା ସେଗୁଡ଼ିକର କୌଣସି ଅପ୍‌ଡେଟ୍ ସାମ୍ନାକୁ ଆସିନାହିଁ। ନିକଟରେ ଏକ ସାକ୍ଷାତ୍କାରରେ ଆମୀର 'ମହାଭାରତ' ସିରିଜ୍‌ର ନିର୍ମାଣ କରିବାକୁ ଯାଉଛନ୍ତି ବୋଲି ସୂଚନା ଦେଇଛନ୍ତି। ସେ କହିଛନ୍ତି, ହିନ୍ଦୁଧର୍ମର ପ୍ରସିଦ୍ଧ ମହାକାବ୍ୟ 'ମହାଭାରତ' ସିରିଜ୍‌ର ନିର୍ମାଣ କରିବା ତାଙ୍କ ପାଇଁ କୌଣସି ସ୍ୱପ୍ନଠାରୁ କମ୍ ହେବ ନାହିଁ। ଏଥିପାଇଁ ସେ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହି ଚଳଚ୍ଚିତ୍ରର ନିର୍ମାଣ ପାଇଁ ଅଧିକ ସମୟ ଆବଶ୍ୟକ କାରଣ କେବଳ ଫିଲ୍ମର ଲେଖା ପାଇଁ ଅଳ୍ପ କିଛି ବର୍ଷର ସମୟ ଲାଗିଯିବ। ସେହିପରି ମହାଭାରତ ଭଳି ବୃହତ୍ ମହାକାବ୍ୟର ପୂରା କାହାଣୀକୁ ଗୋଟିଏ ଫିଲ୍ମରେ ଦେଖାଇବା ସମ୍ଭବପର ହେବ ନାହିଁ। ତେଣୁ ସେ ନିଜର ଏହି ମହତ୍ତ୍ୱାକାଂକ୍ଷା ପ୍ରୋଜେକ୍ଟକୁ ବିଭିନ୍ନ ନିର୍ଦ୍ଦେଶକଙ୍କ ସହ ଏକାଧିକ ଭାଗରେ ନିର୍ମାଣ କରିବେ ବୋଲି ଆମୀର କହିଛନ୍ତି।

# ପ୍ରାଣୀ ଚିକିତ୍ସା ଶିବିର

ରାମନାଗୁଡ଼ା,୨୫।୪ (ସଞ୍ଜୟ ପ୍ରଧାନ)

ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ -୨୦୨୫ ପାଳନ ଅବସରରେ ରାମନାଗୁଡ଼ା ବ୍ଲକ ଅନ୍ତର୍ଗତ ଭାମିନି ଗ୍ରାମ ପଞ୍ଚାୟତର କାରିଣୀ ଗ୍ରାମରେ ଶୁକ୍ରବାର ଏକ ପ୍ରାଣୀ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ାକ୍ତର ଦେବରାଜ ନାୟକଙ୍କ ନିର୍ଦ୍ଦେଶ ଓ ଗୁଣୁପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ାକ୍ତର ଆଲୋକ କୁମାର ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୋଟ ୫୨ଟି ପ୍ରାଣୀଙ୍କୁ ଚିକିତ୍ସା କରାଯାଇଥିଲା। ସେଥିମଧ୍ୟରୁ ୧୫ଟି କୃମି ଜନିତ, ୫ଟି ଗର୍ଭ ପରୀକ୍ଷା ଜନିତ ଓ ୩୨ଟି ସାଧାରଣ ରୋଗ ଜନିତ ଗାଈ ଓ ଗୋରୁଙ୍କ ଚିକିତ୍ସା କରାଯାଇଥିଲା। ଏହି ଶିବିରରେ ରାମନଗୁଡ଼ା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟର ଅଧିକାରୀ ଡ଼ାକ୍ତର କୃଷ୍ଣାନନ୍ଦ ବେହେରା ଓ ରାମନାଗୁଡ଼ା ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ଅଧିକାରୀ ଡ଼ାକ୍ତର ପାର୍ଥସାରଥୀ ସ୍ୱାଇଁ ଯୋଗଦାନ କରିଥିଲେ। ସେମାନେ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଗୋରୁ ମାଲିକଙ୍କୁ ଉପଯୁକ୍ତ ଔଷଧ ବିତରଣ କରିଥିଲେ। ଏଥିରେ ସ୍ଥାନୀୟ ପ୍ରାଣୀଧନ ନୀରିକ୍ଷକ କରୁଣାକର ଶବର ସହଯୋଗ କରିଥିଲେ।

# ୭ ବର୍ଷ ବିତିଲା, କାର୍ଯ୍ୟକ୍ଷମ ହେଉନି ଛାତ୍ରୀନିବାସ

ଗୁଡାରି,୨୫।୪ (ପ୍ରମୋଦ କୁମାର ପତି )



କଲେଜ ପରିସରରେ ଥିବା ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ କୋଠା।

ରାୟଗଡା ଜିଲା ଗୁଡାରି ବ୍ଲକ୍ ଅଞ୍ଚଳରେ ଆଦିବାସୀ ଛାତ୍ରୀଙ୍କୁ ଉଚ୍ଚ ଶିକ୍ଷା ପ୍ରଦାନ ନିମନ୍ତେ ଯୁକ୍ତ ୨ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଏକ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ନିର୍ମାଣ ହୋଇଛି। କୋଠା ନିର୍ମାଣ ହେବାର ୭ ବର୍ଷ ବିତି ଯାଇଥିଲେ ମଧ୍ୟ ଏହି ଛାତ୍ରୀନିବାସ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଛାତ୍ରୀନିବାସ ପାଇଁ ଆବଶ୍ୟକତା ଅନୁଯାୟୀ ଆସବାବପତ୍ର, ଅତି କମ୍‌ରେ ଜଣେ ଲେଡି ମ୍ୟାଟ୍ରନ, ଜଣେ ସ୍ଥାୟୀ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ନିଯୁକ୍ତି ହୋଇ ନ ଥିବାରୁ ଉକ୍ତ ଛାତ୍ରୀ ନିବାସ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ ବୋଲି କଲେଜ କର୍ତ୍ତୃପକ୍ଷ କହିଛନ୍ତି। ତେବେ ଏହି ହଷ୍ଟେଲ କାର୍ଯ୍ୟକ୍ଷମ ହେଉ ନ ଥିବାରୁ ଗ୍ରାମାଞ୍ଚଳରୁ କଲେଜକୁ ଆସିବାକୁ ଛାତ୍ରୀମାନେ ବହୁତ ହଇରାଣ ହେଉଥିବା ଅଭିଯୋଗ ହେଉଛି। ହଷ୍ଟେଲ କାର୍ଯ୍ୟକ୍ଷମ ହେଲେ ଅଞ୍ଚଳର ବହୁ ଆଦିବାସୀ ଛାତ୍ରୀ ଉପକୃତ ହେବେ ବୋଲି ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି।

ଗୁଡାରି ଯୁକ୍ତ ୨ ବିଜ୍ଞାନ ମହାବିଦ୍ୟାଳୟରେ ୮୦% ଛାତ୍ରୀ ପ୍ରତିଦିନ ଗୁଡାରି ବାହାରୁ କଲେଜକୁ ଯିବାଆସିବା କରିଥାନ୍ତି। ଫଳରେ ଯିବା ଆସିବାରେ ସମୟ ନଷ୍ଟ ହେବା ସହ ପ୍ରତିଦିନ ଗାଡି ଭଡ଼ା ଦେଇ ଯାତାୟତ କରିବା ସମସ୍ତ ଛାତ୍ରୀଙ୍କ କ୍ଷେତ୍ରରେ ସମ୍ଭବ ହୋଇ ନ ଥାଏ ବୋଲି ଅନେକ ଗରିବ ଛାତ୍ରୀ ମତ ଦେଇଛନ୍ତି। ଏହାଛଡା କେତେଜଣ ଛାତ୍ରୀ କଲେଜ ଛାତ୍ରୀନିବାସରେ ରହି ଟ୍ୟୁସନ, କମ୍ପ୍ୟୁଟର ଶିକ୍ଷା କିମ୍ବା ଅନ୍ୟ ତାଲିମ ନେବା ପାଇଁ ଇଚ୍ଛୁକ ଥିଲେ ମଧ୍ୟ ଏହି ସୁବିଧାରୁ ବଞ୍ଚିତ ହେଉଥିବା କହିଛନ୍ତି। ଗୁଡାରି ଅଞ୍ଚଳର ସମସ୍ତ ଗ୍ରାମକୁ ବସ୍ ସେବା ସୁବିଧା ନ ଥିବାରୁ ଅନେକ ଛାତ୍ରୀ ପ୍ରତିଦିନ କଲେଜ ଆସିପାରୁନାହାନ୍ତି। ତେବେ ସରକାରଙ୍କ ପକ୍ଷରୁ ଛାତ୍ରୀନିବାସ ପାଇଁ କୋଠା ନିର୍ମାଣ ହୋଇଥିଲେ ମଧ୍ୟ ଏହା କେବଳ ଫଳକରେ ସୀମିତ ରହିଯାଇଥିବା କଲେଜ କର୍ତ୍ତୃପକ୍ଷ କହିଛନ୍ତି। ଅନ୍ୟପକ୍ଷେ ଏହି କୋଠା ନିର୍ମାଣ ହେବା ପରେ ବ୍ୟବହାର ହେଉ ନ ଥିବାରୁ ଏହାର ଚତୁଃପାର୍ଶ୍ୱରେ ଗଛଲତା ଉଠି ଜଙ୍ଗଲ ଭଳି ଦେଖାଯାଉଛି।

ଏହି କଲେଜରେ ବର୍ତ୍ତମାନ ଯୁକ୍ତ ୨ ବିଜ୍ଞାନରେ ଦ୍ୱିତୀୟ ବର୍ଷରେ ୩ ଜଣ ଆଦିବାସୀ ଛାତ୍ରୀ ପଢ଼ୁଥିବାବେଳେ କଳାରେ ଆଦିବାସୀ ବର୍ଗର ୪୫ ଜଣ ଛାତ୍ରୀ ଓ ହରିଜନ ବର୍ଗର ୧୯ ଜଣ ଛାତ୍ରୀ ମୋଟ ୬୭ ଜଣ ଆଦିବାସୀ ହରିଜନ ବର୍ଗର ଛାତ୍ରୀ ଅଧ୍ୟୟନ କରୁଛନ୍ତି। ଚଳିତ ବର୍ଷ ଯୁକ୍ତ ୨ରେ ପ୍ରଥମ ବର୍ଷରେ ମଧ୍ୟ ବହୁ ଆଦିବାସୀ ହରିଜନ ବର୍ଗର ଛାତ୍ରୀ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସି ନାମ ଲେଖାଇବେ ବୋଲି ସୂଚନା ମିଳିଛି। ଏହି ହଷ୍ଟେଲ କାର୍ଯ୍ୟକ୍ଷମ ହେଲେ ଛାତ୍ରୀମାନେ ବହୁତ ଉପକୃତ ହୋଇପାରିବେ ବୋଲି କହିଛନ୍ତି।

## ଚଳିତ ଶିକ୍ଷା ବର୍ଷରୁ ଆରମ୍ଭ ହେବ ହଷ୍ଟେଲ: ବିଧାୟକ

ଏ ସମ୍ପର୍କରେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ କହିଛନ୍ତି, କିଛି ଦିନ ପୂର୍ବେ ଜିଲା ମଙ୍ଗଳ ଅଧିକାରୀ, ଗୁଣପୁର ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଏହି ହଷ୍ଟେଲ କାର୍ଯ୍ୟକ୍ଷମ କରିବା ପାଇଁ ସମୀକ୍ଷା କରିଥିଲେ। ଏହି ହଷ୍ଟେଲ ସମେତ ସବ୍ ଡିଭିଜନର ଅନ୍ୟ ହଷ୍ଟେଲ ମଧ୍ୟ ଚଳିତ ଶିକ୍ଷା ବର୍ଷରୁ ନିଶ୍ଚିତ ଭାବେ କାର୍ଯ୍ୟକ୍ଷମ ହେବ। ଏହି ହଷ୍ଟେଲ କାର୍ଯ୍ୟକ୍ଷମ ହେଲେ ଅଞ୍ଚଳର ବହୁ ଆଦିବାସୀ ଛାତ୍ରୀ ଉପକୃତ ହେବା ସହ ଅନ୍ୟ ଧନ୍ଦାମୂଳକ ଶିକ୍ଷା ମଧ୍ୟ ପାଇବେ ବୋଲି ବିଧାୟକ ମତ ପ୍ରକାଶ କରିଛନ୍ତି।

# ମୁଖ୍ୟ ଅଭିଯୁକ୍ତ ଗିରଫ

ଅମ୍ବାଦଳା,୨୫।୪ (ରବୀନ୍ଦ୍ର ପଣ୍ଡା)

## ସୁନା ଗହଣା ଭର୍ତ୍ତି ବ୍ୟାଗ୍ ଝାମ୍ପି ନେବା ଘଟଣା

ସୁନା ଦୋକାନ ଆଗରୁ ଗହଣା ଭର୍ତ୍ତି ବ୍ୟାଗ ଝାମ୍ପି ନେଇଥିବା ଘଟଣାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ରାୟଗଡା ଜିଲା ଅମ୍ବାଦଳା ପୋଲିସ ଶୁକ୍ରବାର କୋର୍ଟଚାଲାଣ କରିଛି। ମୁଖ୍ୟ ଆସାମୀ ଡି. ଦାସଙ୍କୁ ଆସ୍କା ଥାନା ଅନ୍ତର୍ଗତ ପାଖାଲାପାଲି ଗ୍ରାମରୁ ପୋଲିସ ଗୁରୁବାର ଗିରଫ କରିଥିବାବେଳେ ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅମ୍ବାଦଳା ଥାନା ଆଇଆଇସି କଳ୍ପନା ବେହେରା ସୂଚନା ଦେଇଛନ୍ତି।

ପୋଲିସ୍ ସୂଚନା ଅନୁଯାୟୀ, ୨୦୨୪ ଡିସେମ୍ବର ୯ ତାରିଖରେ ସାପ୍ତାହିକ ହାଟ ଦିନ ୨ ଜଣ ଦୁର୍ବୃତ୍ତ ଅମ୍ବାଦଳା ସହରର ଜଣେ ସୁନା ବ୍ୟବସାୟୀଙ୍କଠାରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ବ୍ୟାଗ୍ ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ବ୍ୟବସାୟୀ ଜଣଙ୍କ ଅମ୍ବାଦଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସ୍ଥାନୀୟ ଆଇଆଇସି କଳ୍ପନା ବେହେରା ସିସି ଟିଭି ଯାଞ୍ଚ ସହିତ ଘଟଣାର ତଦନ୍ତ ଆରମ୍ଭ କରିଥିଲେ।



ପୋଲିସ ସହ ଗିରଫ ଅଭିଯୁକ୍ତ ।

ଘଟଣାରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ଗତ ଫେବୃଆରି ୨ ତାରିଖରେ କାବୁ କରି ବାଳ ସ୍ୱଧାର ଗୃହକୁ ପଠାଇଥିଲେ। ଉକ୍ତ ନାବାଳକଙ୍କଠାରୁ ପୋଲିସ ଲୁଟ ସୁନା ଅଳଙ୍କାର ମଧ୍ୟ ଜବତ କରି ବ୍ୟବସାୟୀଙ୍କୁ ହସ୍ତାନ୍ତର କରିଥିଲେ। ତେବେ ଘଟଣାର ମାଷ୍ଟର ମାଇଣ୍ଡ କୁହାଯାଉଥିବା ମୁଖ୍ୟ ଅଭିଯୁକ୍ତ ଡି.ଦେବା ଫେରାର ଥିଲା।

# ହିନ୍ଦୁ ସୁରକ୍ଷାକୁ ନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ମୁନିଗୁଡ଼ା,୨୫।୪
(ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡ଼ା ବ୍ଲକ ହିନ୍ଦୁ ସୁରକ୍ଷା ମଞ୍ଚ ତରଫରୁ ଶୁକ୍ରବାର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ମୁନିଗୁଡ଼ା ବିଡ଼ିଓ ଓ ଅତିରିକ୍ତ ତହସିଲଦାରଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମଞ୍ଚର ଆବାହକ ବିନୟ ପଣ୍ଡା ଓ ରାମକୃଷ୍ଣ ପାଣିଗ୍ରାହୀଙ୍କ ମିଳିତ ସଂଯୋଜନାରେ ମୁନିଗୁଡା ବ୍ଲକ କାର୍ଯ୍ୟାଳୟରେ ବିଡ଼ିଓ କୃଷ୍ଣଚନ୍ଦ୍ର ଦଳପତି ଓ ତହସିଲ କାର୍ଯ୍ୟାଳୟରେ ଅତିରିକ୍ତ ତହସିଲଦାର ଶୁଭେନ୍ଦୁ ସାହୁଙ୍କୁ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଛି। ସାରା ଦେଶରେ ଏବେ ହିନ୍ଦୁଙ୍କ ଉପରେ ସୀମାପାର ଆତଙ୍କବାଦୀ ଓ ଆଭ୍ୟନ୍ତର ମୌଲାବାଦୀଙ୍କ ଆକ୍ରମଣ, ହତ୍ୟା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ମୁନିଗୁଡାର ବିଭିନ୍ନ ସ୍ଥାନରେ ବାଂଲାଦେଶୀ ଅନୁପ୍ରବେଶକାରୀମାନେ ବୁଲି ବେପାର କରୁଥିବା ଓ ଅତୀତରେ ଗଞ୍ଜେଇ ଚୋରାଚାଲାଣ ବେଳେ ସେମାନଙ୍କୁ ମୁନିଗୁଡ଼ା ପୋଲିସ ଗିରଫ କରିଛି। ତେଣୁ ଏହି ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ତୁରନ୍ତ ଦେଶାନ୍ତର କରିବାକୁ ଅନୁରୋଧ କରାଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ମଞ୍ଚ କର୍ମକର୍ତ୍ତାଙ୍କ ମଧ୍ୟରେ ଧୀରେନ୍ଦ୍ର ପାଣିଗ୍ରାହୀ, ଶ୍ୱେତ ଦାସ, ପ୍ରଦୀପ ସାହୁ, ମନୋରଞ୍ଜନ ଦଳାଇ, ଗଣେଶ୍ୱର ରାଓ, ସରୋଜ ପଟ୍ଟନାୟକ, ଧନୁ କୁଶୁଲିଆ, ବାମଦେବ ପଟ୍ଟନାୟକ, ସୋମନାଥ ପାଣିଗ୍ରାହୀ, ଭୀମ ବେହେରା, ଶରତ ପଟ୍ଟନାୟକ, ଉତ୍ତମ ଛତର, ଯଦୁମଣି ଗୌଡ଼, ନରେଶ ଶର୍ମା, ଭରତ ଭୋଇ, ପରେମଶ୍ୱର ରାଓ, ଆଶୁତୋଷ ପାଣିଗ୍ରାହୀ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ରହି ହିନ୍ଦୁ ସମାଜ ସୁରକ୍ଷା ଓ ଅନୁପ୍ରବେଶ ସମସ୍ୟା ଉପରେ ଆଲୋଚନା କରିଥିଲେ।



ମୁନିଗୁଡ଼ା ବ୍ଲକ ହିନ୍ଦୁ ସୁରକ୍ଷା ମଞ୍ଚ କର୍ମକର୍ତ୍ତା ସ୍ମାରକପତ୍ର ଦେଉଛନ୍ତି ।

# ସୁଭଦ୍ରା ଟଙ୍କା ପାଇବାରୁ ଲାଞ୍ଜିଆ ସୌରା ମହିଳା ବଞ୍ଚିତ



ଅଭିଯୋଗ କରିବାକୁ ଆସିଥିବା ଲାଞ୍ଜିଆ ସୌରା ମହିଳା।

ଗୁଣପୁର,୨୫।୪(ପ୍ରଦୀପ କୁମାର ପାଢୀ)

ରାୟଗଡା ଜିଲା ଗୁଣପୁର ବ୍ଲକ ଆବାଡା ଏବଂ ଶାର୍ଙ୍ଗିଡି ଗ୍ରାମର ଆଦିମ ଜନଜାତି ଲାଞ୍ଜିଆ ସୌରା ମହିଳାମାନେ ସୁଭଦ୍ରା ଯୋଜନାରେ ଟଙ୍କା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ଏ ନେଇ ଶୁକ୍ରବାର ସେମାନେ ଗୁଣପୁର ଉପଜିଲାପାଳ କୀରଣଦୀପ କୌର ସହୋତାଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରଛନ୍ତି। ଉପ ଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ବିପିନ ଚନ୍ଦ୍ର ନାୟକ ଉକ୍ତ ଦାବିପତ୍ର ଗ୍ରହଣ କରିଥିଲେ। ସୁଭଦ୍ରା ଯୋଜନାରେ ଟଙ୍କା ପାଇବା ପାଇଁ ସେମାନେ ଅନେକ ଥର ଆବେଦନ କରିଥିଲେ ମଧ୍ୟ ସେମାନଙ୍କ ଆବେଦନକୁ ଖାରଜ କରାଯାଉଛି। ଖାରଜର କାରଣ ମାଗିଲେ ୫ ଏକରରୁ ଊର୍ଦ୍ଧ୍ୱ ଜମି ରହିଥିବା କୁହାଯାଉଛି। ତେବେ ସେମାନଙ୍କ ନାଁରେ କୌଣସି ଜମି ନାହିଁ। ଭୂଲ ତଥ୍ୟ ଯୋଗୁ ସେମାନେ ଉକ୍ତ ଯୋଜନାରୁ ବଞ୍ଚିତ ହୋଇଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏ ନେଇ ଅନେକ ଥର ବ୍ଲକ ପ୍ରଶାସନକୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବାରୁ ବାଧ୍ୟ ହୋଇ ଉପଜିଲାପାଳଙ୍କୁ ଜଣାଇବାକୁ ଆସିଛୁ ବୋଲି ମହିଳାମାନେ କହିଛନ୍ତି। ତେଣୁ ଘଟଣାର ତଦନ୍ତ କରାଯାଇ ସୁଭଦ୍ରା ଯୋଜନାରେ ସାମିଲ କରିବାକୁ ମହିଳାମାନେ ଦାବି କରିଛନ୍ତି।

# ପୋକ୍‌ସୋ ଆକ୍ଟ ଉପରେ ସଚେତନତା

ରାୟଗଡା,୨୫।୪(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ସତ୍ୟନାରାୟଣ ଷଡଙ୍ଗୀଙ୍କ ପରାମର୍ଶକ୍ରମେ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୁଲ୍ୟରେ ସଚିବ ସୁବ୍ରତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବାରିଖୋଲା ୟୁପି ସ୍କୁଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁସୂଚିତ ଜାତିର ଲୋକଙ୍କ ପାଇଁ ଥିବା ଆଟ୍ରୋସିଟି ଆକ୍ଟ ସହିତ ପୋକ୍‌ସୋ ଆକ୍ଟ ଉପରେ ଲୋକଙ୍କୁ ସଚେତନ କରାଯାଇଥିଲା। ଅତିଥିଙ୍କ ମଧ୍ୟରେ ରାୟଗଡା ବାର ଆସୋସିଏଶନର ଆଇନଜୀବୀ ସାମୁଏଲ ତାଣ୍ଡି, ଦେବରାଜ ନାୟକ, ହାଲୁଆ ସରପଞ୍ଚ ତାମାରାଓ ବିଡିକା , ନାଏବ ସରପଞ୍ଚ ପୁଲ ବିଡିକା ଓ ଗ୍ରାମର ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ । ଅନୁସୂଚିତ ଜାତିର ଲୋକଙ୍କ ପାଇଁ ଥିବା ଆଟ୍ରୋସିଟି ଆକ୍ଟ ସହିତ ବାଲ୍ୟ ବିବାହ, ଶିଶୁ ଶ୍ରମିକ ଓ ଅନ୍ଧବିଶ୍ୱାସ ଓ ବିଭିନ୍ନ ପ୍ରକାର ଆଇନ ଉପରେ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଆଚାର୍ଯ୍ୟ ବିସ୍ତୃତ ଭାବରେ ବୁଝାଇଥିଲେ। ସେହିପରି ମହିଳାମାନେ କର୍ମକ୍ଷେତ୍ରରେ ଯୌନ ନିର୍ଯାତନର ଶିକାର ହେଉଛନ୍ତି। ତାକୁ କିପରି ପ୍ରତିରୋଧ କରିବା ଓ କିପରି ଯୌନ ନିର୍ଯାତନା ଶିକାର ନ ହୁଅନ୍ତି ସେଥିପାଇଁ ସେମାନେ କମ୍ପ୍ଲେନ କମିଟିରେ ସହଯୋଗ କରିପାରିବେ ବୋଲି ଉପସ୍ଥିତ ଥିବା ଅନ୍ୟ ଅତିଥିମାନେ ନିଜର ବକ୍ତବ୍ୟରେ କହିଥିଲେ ।



ଆଇନ ସଚେତନତା କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଉପସ୍ଥିତ ମହିଳା ।

# ଡେଙ୍ଗୁ, ମ୍ୟାଲେରିଆ ନେଇ ସଚେତନକୁ ଗୁରୁତ୍ୱ

ମୁନିଗୁଡ଼ା୨୫।୪ (ନନ୍ଦ କିଶୋର ପଟ୍ଟନାୟକ)

## ଜିଲା ରୋଟାରୀ ଗଭର୍ନରଙ୍କ ମୁନିଗୁଡ଼ା ଗସ୍ତ

ରାୟଗଡା ଜିଲା ରୋଟାରୀ ଗଭର୍ନର ଯଜ୍ଞାଷିଶ ମହାପାତ୍ର ଶୁକ୍ରବାର ମଧ୍ୟାହ୍ନରେ ମୁନିଗୁଡ଼ା ବ୍ଲକ ଗସ୍ତରେ ଆସି କ୍ଲବ ରୋଟାରିଆନଙ୍କ ସହ ଆଲୋଚନା କରିଛନ୍ତି। ମୁନିଗୁଡ଼ା ଅଞ୍ଚଳର ସମସ୍ୟା, ସାଧାରଣ ଲୋକଙ୍କ ସମସ୍ୟା ମଧ୍ୟରେ ରୋଟାରୀ କ୍ଲବ୍‌ର ଭୂମିକାକୁ ନେଇ ସଭାପତି ରୋଟାରିଆନ ସୁଦାମ ଚରଣ ପଣ୍ଡା, ସମ୍ପାଦକ ନରେଶ ପାତ୍ର, କ୍ଲବର ପ୍ରତିଷ୍ଠାତା ତଥା ପୂର୍ବତନ ସଭାପତି ରୋଟାରିଆନ ପ୍ରବୀଣ ସିପକା ପ୍ରମୁଖ ମହାପାତ୍ରଙ୍କ ସହ ଆଲୋଚନା କରିଥିଲେ। ପରେ ସାମାଜିକ କାର୍ଯ୍ୟ ଓ ସଂଗଠନାତ୍ମକ କାର୍ଯ୍ୟ ଉପରେ ମାର୍ଗଦର୍ଶନ କରିଥିଲେ ଏବଂ ଅଞ୍ଚଳରେ ଚକ୍ଷୁ ଚିକିତ୍ସା ଶିବିର,ରକ୍ତ ଦାନ ଶିବିର କରିବାକୁ ଜିଲା ଗଭର୍ଣ୍ଣର ପରାମର୍ଶ ଦେଇଥିଲେ। ରୋଟାରୀ କ୍ଲବ ତରଫରୁ ଟ୍ରାଫିକ ସମସ୍ୟା ସୁଧାରିବା ପାଇଁ ବିଭିନ୍ନ ଛକରେ ଟ୍ରାଫିକ ଷ୍ଟାଣ୍ଡ ନିର୍ମାଣ, ଗ୍ରୀଷ୍ମ ତାତିରୁ ତ୍ରାହି ପାଇଁ ଗରିବଙ୍କୁ ଛତା, ଚପଲ ଏବଂ ସର୍ବସାଧାରଣ ସ୍ଥାନରେ ଜଳଛତ୍ର ଖୋଲିବାକୁ ମତ ପ୍ରକାଶ ପାଇଥିଲା। ସେହିପରି ଗରିବ ଲୋକଙ୍କୁ ମଶାରୀ ଦେବା ସହିତ ସେମାନଙ୍କୁ ଡେଙ୍ଗୁ ଓ ମ୍ୟାଲେରିଆ ରୋଗ ବିଷୟରେ ସଚେତନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ୭ଜଣ ନୂତନ ପିଏଚଏଫ ସଦସ୍ୟ କ୍ଲବରେ ସଦସ୍ୟତା ପ୍ରାପ୍ତ ହୋଇଥିଲେ। ଚଳିତ ବର୍ଷ ନୂତନ କାର୍ଯ୍ୟକାରିଣୀ ଗଠିତ ହୋଇ ନ ଥିବାରୁ ଜୁଲାଇରେ ରୋଟାରୀ କ୍ଲବ ମୁନିଗୁଡ଼ା ରୟାଲର ନୂତନ ପଦାଧିକାରୀ କାର୍ଯ୍ୟଭାର ଗ୍ରହଣ କରିବା ନେଇ ସେ ସୂଚନା ଦେଇଥିଲେ। ସଭାପତି ଭାବେ ବର୍ତ୍ତମାନର ସମ୍ପାଦକ ନରେଶ କୁମାର ପାତ୍ରଙ୍କୁ ଚୟନ କରାଯାଇଥିଲା।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ବ୍ରହ୍ମପୁର,୨୫।୪(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ପ୍ରଣତି ପଟ୍ଟନାୟକ ଶୁକ୍ରବାର ଏକ ନାବାଳିକା ବଳାତ୍କାର ମାମଲାର ୫ ମାସ ୨୦ ଦିନରେ ଚୂଡ଼ାନ୍ତ ରାୟ ପ୍ରକାଶ କରିଛନ୍ତି। ମାମଲାର ଅଭିଯୁକ୍ତ ନିମଖଣ୍ଡି ଥାନା ଅଞ୍ଚଳର ରାମ ସାହୁ(୫୬)ଙ୍କୁ ସେ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୮ ହଜାର ଟଙ୍କା ଜରିମାନା କରିଛନ୍ତି। ଏହା ଅନାଦାୟ ଦୋଷୀ ଅଧିକ ୯ ମାସ ସଶ୍ରମ କାରାଦଣ୍ଡ ଭୋଗିବେ। ଜରିମାନା ବାବଦ ଟଙ୍କା ପୀଡ଼ିତାଙ୍କୁ ପ୍ରଦାନ କରିବାକୁ ରାୟରେ ଉଲ୍ଲେଖ ରହିଛି। ସେହିପରି ପୀଡ଼ିତାଙ୍କୁ ୧୦ ଲକ୍ଷ ୫୦ ହଜାର ଟଙ୍କା ସହାୟତା ରାଶି ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବ (ଡିଏଲ୍ଏସ୍ଏ)ଙ୍କୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି ।

# ପହଲଗାମ୍ ଘଟଣାକୁ ନେଇ ବାଇକ୍ ଶୋଭାଯାତ୍ରା

ଗୁଣପୁର,୨୫।୪(ପ୍ରଦୀପ କୁମାର ପାଢୀ)

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଜମ୍ମୁ କାଶ୍ମୀରର ପହଲଗାମ୍‌ଠାରେ ହିନ୍ଦୁ ପର୍ଯ୍ୟଟକଙ୍କୁ ଆତଙ୍କବାଦୀ ଗୁଳିକରି ହତ୍ୟା କରିବା ଘଟଣା ଗୁଣପୁର ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଏହାର ପ୍ରତିବାଦରେ ଶୁକ୍ରବାର ହିନ୍ଦୁ ଏକତା ମଞ୍ଚ କର୍ମକର୍ତ୍ତା ବାଇକ ଶୋଭାଯାତ୍ରା କରି ବିଭିନ୍ନ ନାରା ଦେଇ ସହର ପରିକ୍ରମା କରିଥିଲେ। ପରେ ରାଷ୍ଟ୍ରପତିଙ୍କୁ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗୁଣପୁର ଉପ ଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ବିପିନ ଚନ୍ଦ୍ର ନାୟକଙ୍କୁ ପ୍ରଦାନ କରିଥିଲେ।। ଶୋଭାଯାତ୍ରା ଜଗନ୍ନାଥ ମନ୍ଦିରଠାରୁ ବାହାରି ସହର ପରିକ୍ରମା କରି ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲା। ସେଠାରେ ଏକ ପ୍ରତିବାଦ ସଭା କରାଯିବା ସହ ଦାବିପତ୍ର ପ୍ରଦାନ କରାଯାଇଥିଲା। ଶାନ୍ତିପ୍ରିୟ ଦେଶରେ ଅସ୍ଥିରତା ସହ ଆତଙ୍କ ଏବଂ ବିଭାଜନ କରିବାର ପ୍ରୟାସ କରାଯାଉଛି। ଦେଶର ଅଖଣ୍ଡତା ଏବଂ ସାର୍ବଭୌମତ୍ୱ ଉପରେ କୁଠାରଘାତ କରାଯାଇଛି। ଏହି ଆକ୍ରମଣ ପ୍ରାୟୋଜିତ ଥିବାବେଳେ ଆତଙ୍କବାଦୀଙ୍କୁ ବିନାଶ କରାଯିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସରକାର ଉକ୍ତ ଘଟଣାର ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାକୁ ନିବେଦନ କରାଯାଇଛି। ଶୋଭାଯାତ୍ରାରେ ବିଭିନ୍ନ ହିନ୍ଦୁ ସଙ୍ଗଠର କର୍ମକର୍ତ୍ତା ଭାଗ ନେଇଥିଲେ।



ବାଇକ ଶୋଭାଯାତ୍ରାରେ ସାମିଲ ହୋଇଥିବା ଗୁଣପୁର ହିନ୍ଦୁ ଏକତା ମଞ୍ଚର କର୍ମକର୍ତ୍ତା ।

# ପାଣି ସମସ୍ୟା ଦୂର ନ ହେଲେ ଧାରଣା

## ଚାଲିସାହିରେ ଜଳକଷ୍ଟ ନେଇ ଜିଲାପାଳଙ୍କୁ ଦାବିପତ୍ର

ରାୟଗଡ଼ା, ୨୫।୪(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କୋଲନରା ବ୍ଲକର ଥେରୁବାଲି ଚାଲିସାହିରେ ଉତ୍କଟ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଏହାର ପ୍ରତିକାର ପାଇଁ ଶୁକ୍ରବାର ସାହିବାସିନ୍ଦା ଜିଲାପାଳ ପାରୁଲ ପଟୱାରୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ସେଠାରେ ଏକ ନୂତନ ନଳକୂପ ଖନନ କରିବାକୁ ସାହିବାସିନ୍ଦା ଦାବି କରିଛନ୍ତି। ଏହାସହ ନଳକୂପ ଖନନ ହେବା ଯାଏଁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇବାକୁ ସାହିବାସିନ୍ଦା ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି । ଆସନ୍ତା ୩୦ ତାରିଖ ମଧ୍ୟରେ ପାଣି ସମସ୍ୟାର ସମାଧାନ ନ ହେଲେ ଥେରୁବାଲି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଗଣଧାରଣା ଦେବୁ ବୋଲି ୩ ନମ୍ବର ୱାର୍ଡର ବାସିନ୍ଦା ପୁଷ୍ପା ମାଝୀଙ୍କ ସମେତ ଅନେକ ମହିଳା ଚେତାବନୀ ଦେଇଛନ୍ତି।



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ମହିଳାମାନେ।

ମିଳିଥିବା ସୂଚନା ପ୍ରକାରେ, ରାୟଗଡା ଜିଲା ଥେରୁବାଲି ଗ୍ରାମ ପଞ୍ଚାୟତର ୩ ନମ୍ବର ୱାର୍ଡର ଚାଲିସାହିରେ ୨୫ଟି ପରିବାରର ୧୩୦ରୁ ଅଧିକ ଲୋକ ବସବାସ କରୁଛନ୍ତି। ପାଇପ୍ ଯୋଗେ ସାହିକୁ ଜଳଯୋଗାଣ ବ୍ୟବସ୍ଥା ଥିଲେ ମଧ୍ୟ ଲୋକଙ୍କୁ ଆବଶ୍ୟକତା ଅନୁଯାୟୀ ପାଣି ମିଳୁନି। ସେଠାରେ ଥିବା ପମ୍ପ ଚାଲିଲେ ଘର ପିଛା ୨୦ ଲିଟର ମଧ୍ୟ ପାଣି ମିଳୁନି। ଯାହାକି ପର୍ଯ୍ୟାପ୍ତ ନୁହେଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଆଗକୁ ଗ୍ରୀଷ୍ମର ପ୍ରକୋପ ବଢ଼ିବା ନେଇ ପାଣିପାଗ ବିଜ୍ଞାନ କେନ୍ଦ୍ର ସତର୍କ ସୂଚନା ଜାରି କରିଥିବା ବେଳେ ପାଣି ସମସ୍ୟା ନେଇ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ସେମାନେ କହିଛନ୍ତି। ସେପଟେ ୨୩ରୁ ୨୯ ତାରିଖ ପର୍ଯ୍ୟନ୍ତ ମା' ମଝିଘରିଆଣିଙ୍କ ଘଟ ଯାତ୍ରା ଚାଲିଥିବାରୁ ଏଥିପାଇଁ ସମସ୍ତଙ୍କ ଘରେ ବନ୍ଧୁବାନ୍ଧବଙ୍କ ଭିଡ଼ ଜମିଛି। ଗାଁରେ ପାଣି ସମସ୍ୟା ଯୋଗୁ ସେମାନଙ୍କୁ ବହୁ ହଇରାଣ ହେବାକୁ ପଡୁଥିବା କହିଛନ୍ତି। ତୁରନ୍ତ ଏହି ପାନୀୟ ଜଳ ସମସ୍ୟାକୁ ଦୂର କରିବା ପାଇଁ ସେଠାରେ ଏକ ନୂତନ ନଳକୂପ ଖନନ କରିବାକୁ ସାହିବାସିନ୍ଦା ଦାବି କରିଛନ୍ତି। ଆସନ୍ତା ୩୦ ତାରିଖ ମଧ୍ୟରେ ଏହି ପାଣି ସମସ୍ୟାର ସମାଧାନ ନ ହେଲେ ଥେରୁବାଲି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଗଣ ଧାରଣା ଦେବୁ ବୋଲି ଚେତାବନୀ ଦେଇଛନ୍ତି । ଏ ସମ୍ପର୍କରେ କୋଲନରା ବିଡିଓ ରୀନା ପ୍ରଧାନଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କର ପ୍ରତିକ୍ରିୟା ମିଳିପାରି ନାହିଁ।

## ସଂକ୍ଷେପରେ

### ପର୍ଯ୍ୟଟକଙ୍କୁ ହତ୍ୟା ପ୍ରତିବାଦରେ କ୍ୟାଣ୍ଡେଲ ଶୋଭାଯାତ୍ରା

କୋରୁକୋଣ୍ଡା/ କାଲିମେଳା,୨୫।୪ (ଶିବଦତ୍ତ ସାହୁ/ ଜୀବନ କୃଷ୍ଣ ଦାସ)

ଜମ୍ମୁ କାଶ୍ମୀରର ପହଲଗାମ୍‌ଠାରେ ଆତଙ୍କବାଦୀମାନେ ହିନ୍ଦୁ ପର୍ଯ୍ୟଟକଙ୍କୁ ଗୁଳି କରି ହତ୍ୟା କରିବା ପ୍ରତିବାଦରେ ଶୁକ୍ରବାର ବାଲିମେଳା ଓ କୋରୁକୋଣ୍ଡା ବ୍ଲକର ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ଶୁକ୍ରବାର ବନ୍ଦ ପାଳନ କରାଯାଇଥିଲା। ସକାଳ ୬ରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ଦୋକାନ ବଜାର, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ କରାଯାଇଥିଲା। ସନ୍ଧ୍ୟାରେ ବାଲିମେଳା ସହରବାସୀ ଗୋପବନ୍ଧୁ ଛକଠାରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ସହରର ଦୈନିକ ବଜାର, ଡ୍ରଗ ଲାଇନ ଏବଂ ସମସ୍ତ ଅଞ୍ଚଳ ପରିକ୍ରମା କରିବା ପରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶୋଭାଯାତ୍ରାରେ ବିଜୟ କୁମାର ରାଉତ, ଅକ୍ଷୟ ବିଶ୍ୱାଳ, ସଞ୍ଜୀବ ଦୋରା, ବିଜୟ ଦାସ, ଗୌର ଚନ୍ଦ୍ର ଖିଲ, ବିଜୟ ପ୍ରଧାନ, ସିମାଞ୍ଚଳ ପ୍ରଧାନ, କାଉନସିଲର ସୁନିତା ଗୁରୁ, ଜୋସେଫ ଦିଲ୍ଲୀପ, ଅରୁଣ ପାତ୍ର, ଦୀପକ କୁମାର ସାହୁ, ମନୋଜ ନାୟକ, ରାମକୃଷ୍ଣ ପାଢ଼ୀଙ୍କ ସମେତ ଅନ୍ୟ ସଦସ୍ୟମାନେ ସାମିଲ ଥିଲେ। ଶେଷରେ ସମସ୍ତେ ମିଶି ପାକିସ୍ତାନର ପ୍ରଧାନମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ସେହିପରି କାଲିମେଳା ହିନ୍ଦୁ ଜାଗରଣ ମଞ୍ଚ ଖଣ୍ଡ ପକ୍ଷରୁ ଶୁକ୍ରବାର ଅପରାହ୍ନରେ ପହଲଗାମ୍‌ରେ ପ୍ରାଣ ହରାଇଥିବା ହିନ୍ଦୁ ପର୍ଯ୍ୟଟକଙ୍କ ଆତ୍ମାର ସଦ୍‌ଗତି ପାଇଁ ଦୀପ ଶୋଭାଯାତ୍ରା କରାଯାଇଥିଲା। ଏହି ଅବସରରେ ଏକ ନିରବ ପ୍ରାର୍ଥନା କରାଯିବା ସହ ଶୋକ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଆତଙ୍କବାଦୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି।

### କୁଳପତିଙ୍କୁ ପୁନଃ ଅବସ୍ଥାପିତ ଦାବି

ସୁନାବେଡ଼ା,୨୫।୪(କୃତ୍ତିବାସ ପ୍ରଧାନ)

କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଇସ୍ତଫା ଦେଇଥିବା ଓ ତାହା ଗ୍ରହଣ ହୋଇଥିବା ଜାଣିବା ପରେ ଛାତ୍ରୀଛାତ୍ର ତାଙ୍କୁ ପୁନଃ ଅବସ୍ଥାପିତ କରିବାକୁ ନିବେଦନ କରିଥିବା ଜଣାପଡିଛି। ବିଶ୍ୱବିଦ୍ୟାଳୟର ୨୦୭ ଛାତ୍ରୀଛାତ୍ରଙ୍କ ସ୍ୱାକ୍ଷରିତ ଏକ ନିବେଦନପତ୍ର କେନ୍ଦ୍ରୀୟ ଶିକ୍ଷା ବିଭାଗକୁ ପଠାଯାଇଛି। ସେଥିରେ ପ୍ରଫେସର ତ୍ରିପାଠୀଙ୍କ ସମୟରେ ବିଶ୍ୱବିଦ୍ୟାଳୟ ସହ ପିଲାଙ୍କ ବିକାଶ ହୋଇଥିବା ଦର୍ଶାଯାଇଛି। ଏଥିସହ ପ୍ରଫେସର ତ୍ରିପାଠୀଙ୍କ ତ୍ୟାଗପତ୍ର ଅଗ୍ରାହ୍ୟ କରି ପୁନଃ ଅବସ୍ଥାପିତ କରିବାକୁ ଅନୁରୋଧ କରାଯାଇଛି। ଏହି ପତ୍ରର ନକଲ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଚାନ୍ସେଲର, ରେଜିଷ୍ଟ୍ରାର, କେନ୍ଦ୍ର ଶିକ୍ଷା ସମ୍ପାଦକ ଓ ୟୁଜିସି ଚେୟାରମ୍ୟାନ୍‌ଙ୍କ ନିକଟକୁ ପଠାଯାଇଛି। ସୂଚନାଯୋଗ୍ୟ, ୨୦୨୧ ଜୁଲାଇରେ ପୂର୍ବତନ କୁଳପତି ଆଇ.ରାମବ୍ରହ୍ମଙ୍କ ମୃତ୍ୟୁ ପରେ ପଶ୍ଚିମବଙ୍ଗ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ପ୍ରଫେସର ତ୍ରିପାଠୀ ୨୦୨୨ ସେପ୍ଟେମ୍ବର ୧୩ରେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ୫ ବର୍ଷ ପାଇଁ ଅବସ୍ଥାପିତ ହୋଇଥିଲେ।

# ୨ ବର୍ଷରେ ଜିଲାରେ ୧୬,୪୫୮ ମ୍ୟାଲେରିଆ ପଜିଟିଭ

## କୋରାପୁଟରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ

କୋରାପୁଟ,୨୫।୪(ଅମିତାଭ ବେହେରା)




କାର୍ଯ୍ୟକ୍ରମରେ ଉପସ୍ଥିତ କୋରାପୁଟ ଅତିରିକ୍ତ ଜିଲାପାଳ, ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ।

କୋରାପୁଟ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବିଶ୍ୱ ମ୍ୟାଲେରିଆ ଦିବସ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ପାଳିତ ହୋଇଯାଇଛି। କୋରାପୁଟ ଅତିରିକ୍ତ ଜିଲାପାଳ ଦେବୀପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏଡିପିଏଚ୍‌ଓ(ଭିଭିଡି) ଡାକ୍ତର ମୁକ୍ତିକାନ୍ତ ଖଟୁଆ ଯୋଗଦେଇଥିଲେ। ଜିଲାରେ ଗତ ୨ ବର୍ଷର ମ୍ୟାଲେରିଆ ସ୍ଥିତି ନେଇ ଡ.ଖଟୁଆ ରିପୋର୍ଟ ପ୍ରଦାନ କରିଥିଲେ। ୨୦୨୩ରେ କୋରାପୁଟ ଜିଲାରେ ୫ଲକ୍ଷ ୪୩ ହଜାର ୮୦ଜଣଙ୍କ ରକ୍ତ ପରୀକ୍ଷା କରାଯାଇ ଥିବା ବେଳେ ସେଥିରୁ ୭ହଜାର ୭ ଜଣ ପଜିଟିଭ ଚିହ୍ନଟ ହୋଇଥିଲେ। ୨୦୨୪ରେ ମୋଟ ୫ ଲକ୍ଷ ୯୭ ହଜାର ୨୦୯ ଜଣଙ୍କ ମଧ୍ୟରୁ ୯ ହଜାର ୪୫୧ଜଣ ପଜିଟିଭ ଚିହ୍ନଟ ହୋଇଥିଲେ। ଗତ ୨ ବର୍ଷରେ ଜିଲାରୁ ୧୬ ହଜାର ୪୫୮ ମ୍ୟାଲେରିଆ ପଜିଟିଭ ଚିହ୍ନଟ ହୋଇଥିବା ସୂଚନା ଦିଆଯାଇଥିଲା। ସେହିପରି ଜିଲାରେ ମ୍ୟାଲେରିଆ ପଜିଟିଭ ସଂଖ୍ୟା ହ୍ରାସ ପାଇଁ ଗତ ୨୦୨୪ରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୮ ଲକ୍ଷ ୬୦ ହଜାର ୬୮୭ ବିଶୋଧିତ ମଶାରୀ ଲୋକଙ୍କୁ ପ୍ରଦାନ କରାଯାଇଥିବା ଡ.ଖଟୁଆ ସୂଚନା ଦେଇଛନ୍ତି। ମ୍ୟାଲେରିଆ ପ୍ରବଣ ଅଞ୍ଚଳରେ ଜିଲା ପ୍ରଶାସନ ପକ୍ଷରୁ ବିହୀତ ପଦକ୍ଷେପ ନେବାକୁ ଉଦ୍ୟମ ଜାରି ଥିବା ବେଳେ ତୁରନ୍ତ ମଶାରୀ ପ୍ରଦାନ ସହ ସମସ୍ତ ମେଡିକାଲରେ ମ୍ୟାଲେରିଆ କୀଟ୍ ରଖିବା ବ୍ୟବସ୍ଥା ରହିଛି ବୋଲି ମେଡିକାଲ ଅଫିସର ସୂଚନା ଦେଇଥିଲେ। ଅଧିକା ସଚେତନତାର ଆବଶ୍ୟକତା ରହିଛି ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ଡ. ନିଳମାଧବ ଶତପଥୀ, ଏଡିପିଏଚ୍‌ଓ ଶିବସାଇ ସ୍ୱରପ, ମ୍ୟାଲେରିଆ ବିଶେଷଜ୍ଞ ଅଞ୍ଜୁମ୍ ୟୁସନ୍ କେ ଓ ଜିଲା ଶିକ୍ଷାଧିକାରୀ ପ୍ରଶାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# ସ୍ୱୟଂ ସହାୟକ ଗୋଷ୍ଠୀର ଟଙ୍କା ଆତ୍ମସାତ୍ ଅଭିଯୋଗ

## ସମ୍ପାଦକଙ୍କ ବିରୋଧରେ ଅଭିଯୋଗ ପରେ ସଫେଇ ଦେଲେ ସଭାପତି

ଜୟପୁର,୨୫।୪ (ପବନ ପାଣିଗ୍ରାହୀ)


ସ୍ୱୟଂ ସହାୟକ ଗୋଷ୍ଠୀ ସଭାପତି ଉପଜିପାଳଙ୍କ ସହ ଆଲୋଚାନା କରୁଛନ୍ତି ।

ଜୟପୁର ସଦର ବ୍ଲକ୍‌ଜାମୁଣ୍ଡା ମା' ମୁତ୍ୟାଲୁମା ସ୍ୱୟଂସହୟକ ଗୋଷ୍ଠୀର ସମ୍ପାଦିକା ସୁଜାତା ପାଣିଗ୍ରାହୀ ଟଙ୍କା ଆତ୍ମସାତ କରିବା ସହ ଧାନକିଣା ଟଙ୍କା ବଣ୍ଟନରେ ଅନିୟମିତତା କରିଥିବା ନେଇ ସଭାପତି ପଦ୍ମା ପରଜା ଓ ୩ ସଦସ୍ୟ ବୁଧବାର ଅଭିଯୋଗ କରିଛନ୍ତି। ଗୁରୁବାର ପୁଣି ସମ୍ପାଦିକା ଓ ସଭାପତିଙ୍କ ସହ ୯ ସଦସ୍ୟା ଉପସ୍ଥିତ ରହି ସମ୍ପାଦିକାଙ୍କ ନାଁରେ ସଫେଇ ଦେଇଛନ୍ତି। ସଭାପତି ପରଜା,ଗଗାଇ ନାୟକ, ତୁଳସା ପରଜା, ତୁଳାମତି ପରଜା, ତୁଳସା ମୁଦୁଲିଙ୍କ ସହ ଅନ୍ୟ ସଦସ୍ୟଙ୍କୁ ନେଇ ୧୨ ବର୍ଷ ତଳେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇଥିଲା। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ସେମାନେ ଭାଗ ନେଉଛନ୍ତି। ମଣ୍ଡି ପରିଚାଳନା, ମାଛଚାଷ ସହ ବିଭିନ୍ନ ଉନ୍ନୟନ କାମ କରୁଛନ୍ତି। ସଂଘ ସମ୍ପାଦକ ପାଣିଗ୍ରାହୀଙ୍କ ମନମୁଖୀ କାରବାର ପାଇଁ ସଦସ୍ୟାମାନେ ସମସ୍ୟା ଭୋଗୁଥିବା ଅଭିଯୋଗ କରିଥିଲେ। ଯଦ୍ୱାରା ସେମାନଙ୍କ ଜୀବନଜୀବିକରେ ଉନ୍ନତି ହୋଇପାରୁ ନ ଥିବା କହିଛନ୍ତି। ସମ୍ପାଦକ ପାଣିଗ୍ରାହୀ ସେମାନଙ୍କୁ ଅନ୍ଧାରରେ ରଖି ଟଙ୍କା ଆତ୍ମସାତ କରୁଥିବା ଓ ଅଧିକାଂଶ ସଦସ୍ୟା ଶିକ୍ଷିତ ନ ଥିବାରୁ ସେ ଏହାର ଫାଇଦା ଉଠାଉଥିବା ଅଭିଯୋଗ ହୋଇଛି। ଗୋଷ୍ଠୀର ହିସାବ ମିଳୁ ନ ଥିବା ନେଇ ଉପଜିଲାପାଳଙ୍କୁ ଅଭିଯୋଗ କରାଯାଇଥିଲା। କିନ୍ତୁ ସଦସ୍ୟାମାନେ ଗୁରୁବାର ଏହାର ସଫେଇ ଦେଇଛନ୍ତି। ସମ୍ପାଦକଙ୍କ ଏଥିରେ କୌଣସି ଭୁଲ ନ ଥିବା କହିଛନ୍ତି। ଆମକୁ ଜାମୁଣ୍ଡା ଅଞ୍ଚଳର ୭ ଯୁବକ କୋରାପୁଟରେ ସ୍ୱୟଂ ସହାୟକ ଗୋଷ୍ଠୀର ତାଲିମ ଦିଆଯିବ ବୋଲି କହିଥିଲେ। କିନ୍ତୁ ଉପଜିଲାପାଳ କାର୍ଯ୍ୟାଳୟକୁ ଯିବା ଓ ଅଭିଯୋଗ ଦେବା ନେଇ କୌଣସି ଅବଗତ କରାଯାଇ ନ ଥିବା ସେମାନେ କହିଛନ୍ତି। ଦିଆଯାଇଥିବା ସ୍ମାରକପତ୍ର ଭୁଲ ଅଟେ ବୋଲି କହିଥିଲେ। ଏ ନେଇ ଉପଜିଲାପାଳ ଏ.ଶସ୍ୟା ରେଡ୍ଡୀଙ୍କୁ ଭେଟି ସଫେଇ ଦେଇଥିଲେ। ଏହା ପରେ ଉପଜିଲାପାଳ ବିରକ୍ତି ପ୍ରକାଶ କରିଥିଲେ। ଗୋଟିଏ ଦିନ ଅଭିଯୋଗ ଓ ଅନ୍ୟଦିନ ସଫେଇ ଦେବାରେ ତାଳ ମେଳ ରହୁନାହିଁ ବୋଲି କହି ଏହାର ତଦନ୍ତ ହେବ ବୋଲି ସୂଚନା ଦେଇଛନ୍ତି।

### କୋରାପୁଟରେ ଆମ୍ବେଡକର ସମ୍ମାନ ଅଭିଯାନ

କୋରାପୁଟ,୨୫।୪ (ଅମିତାଭ ବେହେରା)

କୋରାପୁଟ ଆଦିବାସୀ ସଂଗ୍ରହାଳୟରେ ଡ. ବି. ଆର୍.ଆମ୍ବେଡକରଙ୍କ ଜୀବନୀ ଓ ସମ୍ମାନକୁ ନେଇ ଭାଜପା ପକ୍ଷରୁ ଶୁକ୍ରବାର ସମ୍ମାନ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଭାଜପା ଉପସଭାପତି ଦେବୀପ୍ରସାଦ କରଙ୍କ ଅଧ୍ୟକ୍ଷତାରେ ନବରଙ୍ଗପୁର ଏମ୍ପି ବଳଭଦ୍ର ମାଝି, ଭାଜପା ନେତା ଯଦୁମଣି ମାଝି, କୋରାପୁଟ ବିଧାୟକ ରଘୁରାମ ମାଛ, ପୂର୍ବତନ ଜିଲା ଭାଜପା ସଭାପତି ସୁମନ୍ତ ପ୍ରଧାନ, କାଳୀରାମ ମାଝି ଓ ରାଜ୍ୟ ସମ୍ପାଦିକା ପୂର୍ଣ୍ଣିମା ନାୟକ ଉପସ୍ଥିତ ଥିଲେ। କଂଗ୍ରେସ ଆମ୍ବେଡକରଙ୍କ ଅସମ୍ମାନିତ କରି ସମ୍ବିଧାନକୁ ଅପମାନିତ କରିଥିବା ନେଇ ଆଲୋଚନା କରାଯାଇଥିଲା। ପୂର୍ବତନ ଭାଜପା ନଗର ସଭାପତି ସିଦ୍ଧାର୍ଥ ଶଙ୍କର ମୁଦୁଲି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ

ମାଲକାନଗିରି, ୨୫।୪ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ହୋଇ ଯାଇଛି। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ଆଶା କର୍ମୀ, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି, ମହିଳା ଆରୋଗ୍ୟ ସମିତିର ସ୍ୱାସ୍ଥ୍ୟ କର୍ମୀମାନେ ଉପସ୍ଥିତ ଥିଲେ। ସିଡିଏମ୍‌ଓ ଜଗନ୍ନାଥ ରାଓଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏଥିସହ ଜିଲାରେ କାର୍ଯ୍ୟରତ ଆଶା କର୍ମୀ ଓ ଅନ୍ୟ କର୍ମୀମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ସମସ୍ତଙ୍କୁ ପୁରସ୍କୃତ କରାଯାଇଥିଲା। ଆଗାମୀ ଦିନରେ କର୍ମୀମାନେ ଯେପରି ଉତ୍ସାହର ସହ କାର୍ଯ୍ୟ କରିବେ ସେଥିପ୍ରତି ବିଶେଷ ଦୃଷ୍ଟି ଦେବା ସହ ସେମାନଙ୍କୁ ଉତ୍ସାହିତ କରିବା ପାଇଁ ବିଭିନ୍ନ ଯୋଜନାରେ ସାମିଲ ନେଇ କାର୍ଯ୍ୟକ୍ରମ ରହିଥିବା ଚିକିତ୍ସାଧିକାରୀ ରାଓ ପ୍ରକାଶ କରିଥିଲେ।

# ଲଟେରିରେ ସ୍କୁଟି ଦେବୁ କହି ଠକିନେଲେ ୧୦ ହଜାର

## ସାଇବର ଠକେଇର ଶିକାର ହେଲେ ମହିଳା

କୋରୁକୋଣ୍ଡା,୨୫।୪(ଶିବଦତ୍ତ ସାହୁ )

ମାଲକାନଗିରି ଜିଲା ବାଲିମେଳା ସହରରେ ପୁଣି ଜଣେ ମହିଳା ସାଇବର ଠକେଇର ଶିକାର ହୋଇ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଲଟେରିରେ ସ୍କୁଟି ମିଳିବ ବୋଲି କହି ସାଇବର ଲୁଟେରା ୧୦ ହଜାର ୫ଶହ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି।

ପାଲିସ ସୂଚନା ଅନୁଯାୟୀ, ବାଲିମେଳା ସହରର ଡ୍ରଗ ଲାଇନରେ ରହୁଥିବା ସ୍ୱର୍ଗତ ଧନୁର୍ଯ୍ୟୟ ଦଣ୍ଡପାଙ୍କ ସ୍ତ୍ରୀ ସତ୍ୟବାଦୀ ଦଣ୍ଡପା (୬୦)ଙ୍କ ମୋବାଇଲକୁ ଗତ ୨୨ ତାରିଖ ସକାଳ ୧୦ଟା ୩୦ରେ ଏକ ଅଜଣା ମୋବାଇ ନମ୍ବର ୭୬୦୯୬୨୮୧୪୧ରୁ କଲ୍ ଆସିଥିଲା। ଉକ୍ତ ବ୍ୟକ୍ତି ଜଣକ ବିଏସ୍‌ଏନ୍‌ଏଲ୍ କମ୍ପାନୀ କର୍ତ୍ତୃପକ୍ଷ ବୋଲି ପରିଚୟ ଦେଇଥିଲେ। ଏହାପରେ ତୁମର ଗୋଟିଏ ଲଟେରୀ ଉଠିଛି, ସେଥିରେ ଏକ ହିରୋ କମ୍ପାନୀର ସ୍କୁଟି ବାହାରିଛି। ଆମର ଏକ ଚାଳକ ଗାଡି ନେଇ ତୁମ ଘରେ ପହଞ୍ଚାଇଦେବେ। ସେଥିପାଇଁ ତୁମକୁ ଡେଲିଭରି ଚାର୍ଜ ବାବଦରେ ଆଗୁଆ ୧୦ ହଜାର ୫୦୦ ଟଙ୍କା ଦେବାକୁ କହିଥିଲେ। ସତ୍ୟବାଦୀ ତାଙ୍କ କଥାକୁ ଆଦୌ ବିଶ୍ୱାସ ନ କରି ଚୁପ ରହିଥିଲେ। ଏହାପରେ ଆଉ ଜଣେ ବ୍ୟକ୍ତି ତାଙ୍କ ଅନ୍ୟ ଏକ ନୂଆ ନମ୍ବର ୮୨୪୯୯୦୬୯୦୧ରେ କଲ୍ କରି ସେ ମାଥିଲି ଅଞ୍ଚଳରେ ବନ ବିଭାଗର କର୍ମଚାରୀ ବୋଲି ପରିଚୟ ଦେବା ସହ ତାଙ୍କର ଲଟେରିରେ ଏକ ସ୍କୁଟି ମିଳିଥିବା କହିଥିଲେ । ତେଣୁ ଆପଣ ଟଙ୍କା ପଠାଇ ସ୍କୁଟି ନେବାକୁ କହିବା ପରେ ମହିଳା ଜଣକ ତାଙ୍କ କଥାକୁ ବିଶ୍ୱାସ କରି ସେ ଦେଇଥିବା ଫୋନ ପେ ନମ୍ବର -୯୭୫୮୭୭୫୯୯୬ ରେ ନିଜ ଫୋନ ପେ ନମ୍ବରରୁ ୧୦ ହଜାର ୫ ଶହ ଟଙ୍କା ପଠାଇଥିଲେ । ତେବେ ଟଙ୍କା ପଠାଇବାର ୩ ଦିନ ବିତିଯାଇଥିଲେ ବି କାହାର ଦେଖା ମିଳିଲାନି କିମ୍ବା ଫୋନ ଲାଗିଲାନି । ଶେଷରେ ମହିଳା ଜଣକ ନିରୁପାୟ ହୋଇ ଗୁରୁବାର ଥାନାରେ ଦ୍ୱାରସ୍ଥ ହୋଇ ଏ ନେଇ ଏକ ଲିଖିତ ଏତଲା ଦେଇଛନ୍ତି । ଉକ୍ତ ଏତଲାକୁ ଭିତ୍ତି କରି ପୋଲିସ ଥାନାରେ କେସ୍ ନମ୍ବର -୧୨୭/୨୦୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରହିଥିବା ଏସ୍‌ଆଇ ମନୋହର ସାହୁ କହିଛନ୍ତି।

# ପୋଷଣ ପଞ୍ଚାୟତ ଭାବେ ରାଣୀଗୁଡ଼ା ପୁରସ୍କୃତ

କୁନ୍ଦୁରା,୨୪।୪(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକର ଉପାନ୍ତ ରାଣୀଗୁଡ଼ା ପଞ୍ଚାୟତ ପୋଷଣ ପଞ୍ଚାୟତ ଭାବେ ଜିଲାସ୍ତରରେ ଗୁରୁବାର ପୁରସ୍କୃତ ହୋଇଛି। ସରପଞ୍ଚ ଶିବ ପ୍ରଧାନୀ ଓ ସୁପରଭାଇଜର ଲକ୍ଷ୍ମୀ ପ୍ରଧାନୀ ଜିଲା ପ୍ରଶାସନ ପକ୍ଷରୁ ପୁରସ୍କାର ବାବଦକୁ ୫୦ ହଜାର ଟଙ୍କା ଚେକ୍ ମାଧ୍ୟମରେ ଗ୍ରହଣ କରିଛନ୍ତି। ଆଇସିଡିଏସ୍ ପକ୍ଷରୁ ବ୍ଲକ୍‌ର ଅନ୍ୟ ପଞ୍ଚାୟତଗୁଡ଼ିକ ମଧ୍ୟରୁ ରାଣୀଗୁଡ଼ା ଶ୍ରେଷ୍ଠ ପଞ୍ଚାୟତ ଭାବେ ପୁରସ୍କୃତ ହୋଇଛି। ରାଣୀଗୁଡ଼ା ପଞ୍ଚାୟତରେ ୧୦ ଅଙ୍ଗନୱାଡି କେନ୍ଦ୍ର ରହିଛି। ପ୍ରତି କେନ୍ଦ୍ରରେ ନିଜସ୍ୱ କୋଠା, ବିଶୁଦ୍ଧ ପାନୀୟ ଜଳ, ପାଇଖାନା, ପୋଷଣ ବାଟିକା ରହିଛି। ଆଇସିଡିଏସର ସମସ୍ତ କାର୍ଯ୍ୟ ନିୟମିତ ଚାଲୁଛି ବୋଲି ସୁପରଭାଇଜର ପ୍ରଧାନୀ ସୂଚନା ଦେଇଛନ୍ତି। ସରପଞ୍ଚଙ୍କ ଆଗ୍ରହରୁ କିଛି ବାଲ୍ୟ ବିବାହ ମଧ ରୋକା ଯାଇଛି। ଏନେଇ ସରପଞ୍ଚ ଶିବ ପ୍ରଧାନୀଙ୍କୁ ପଚାରିବାରୁ ସେ ଯେତେବେଳେ ସରପଞ୍ଚ ଭାବେ ନିର୍ବାଚିତ ହେବା ପରଠାରୁ ପ୍ରତି ଅଙ୍ଗନୱାଡି କେନ୍ଦ୍ରରେ ଶିଶୁ, ଗର୍ଭବତୀ,ପ୍ରସୂତୀ ଓ କିଶୋରୀ ଶତ ପ୍ରତିଶତ ସୁବିଧା ପାଇବା ଲକ୍ଷ୍ୟ ରଖି ପ୍ରତିମାସରେ କେନ୍ଦ୍ର ପରିଦର୍ଶନ କରୁଛନ୍ତି ବୋଲି କହିଛନ୍ତି। ଯୋଗ୍ୟ ବିବେଚିତ ହୋଇ ପୁରସ୍କୃତ ହୋଇଥିବାରୁ ସେ ମହିଳା ବିକାଶ ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି। ପୁରସ୍କାର ରାଶିକୁ ୧୦ କେନ୍ଦ୍ରକୁ ପାଞ୍ଚ ହଜାର ହିସାବରେ ଦେଇ ପ୍ରାକ୍ ବିଦ୍ୟାଳୟର ଶିଶୁମାନଙ୍କ ଶିକ୍ଷଣୀୟ ଦିଗରେ ବିକାଶ କ୍ଷେତ୍ରରେ ଖର୍ଚ୍ଚ କରିବେ ବୋଲି ସେ କହିଛନ୍ତି। ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ ରାଜେଶ୍ୱରୀ ପରଜା, ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ ଓ ସାମାଜିକକର୍ମୀ ସଞ୍ଜୟ ସାହୁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।


କୁନ୍ଦୁରା ସରପଞ୍ଚ ଓ ସୁପରଭାଇଜରଙ୍କୁ ଚେକ୍ ପ୍ରଦାନ କରାଯାଉଛି ।

# ଖୁର୍ଜୀ, ଚାଟୁଆ, ହିକିମପୁଟ ପଞ୍ଚାୟତ ପୁରସ୍କୃତ

ନନ୍ଦପୁର,୨୫।୪(ତୁଷାର କାନ୍ତ ମହାନ୍ତି)

## ସରକାରୀ ଯୋଜନାର ସଫଳ କାର୍ଯ୍ୟକାରିତା

ନନ୍ଦପୁର ବ୍ଲକ୍ ଅଧୀନ ୨୩ ପଞ୍ଚାୟତ ମଧ୍ୟରୁ ୩ ପଞ୍ଚାୟତକୁ ସରକାରୀ ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ ଗୁରୁବାର ପୂର୍ବାହ୍ନ ୧୧ଟାରେ ପୁରସ୍କୃତ କରାଯାଇଛି। ଖୁର୍ଜୀ ପଞ୍ଚାୟତ ପ୍ରଥମ, ଚାଟୁଆ ଦ୍ୱିତୀୟ ଓ ହିକିମପୁଟ ପଞ୍ଚାୟତକୁ ତୃତୀୟ ସ୍ଥାନ ମିଳିଛି। ନନ୍ଦପୁର ବିଡିଓ ଦୁର୍ଗାପ୍ରସାଦ ଦୋରା, ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ କାର୍ତ୍ତୁଲ, ବିଧାୟକ ଓ ଏମ୍ପି ପ୍ରତିନିଧି ଖୁର୍ଜୀ ସରପଞ୍ଚ ପଦଲାମ୍ ହନ୍ତାଳ, ଚାଟୁଆ ସରପଞ୍ଚ ମଣିମା ହନ୍ତାଳ ଓ ହିକିମପୁଟ ନାଏବ ସରପଞ୍ଚଙ୍କୁ ଉପଢ଼ୌକନ ଓ ମୋମେଣ୍ଟୋ ଦେଇ ପୁରସ୍କୃତ କରିଥିଲେ। ସମିତି ଓ ପଞ୍ଚାୟତ ପାଣ୍ଠିର ସମୟାନୁସାରେ ବିନିଯୋଗ ସହ ସମସ୍ତ ସରକାରୀ ଯୋଜନାର ସଫଳ କାର୍ଯ୍ୟକାରିତାର ମାନଦଣ୍ଡ ଅନୁଯାୟୀ ଏହି ୩ ପଞ୍ଚାୟତକୁ ପୁରସ୍କୃତ କରାଯାଇଥିବା ଜିପିଇଓ ବେଦାନ୍ତ ମାଝୀ ସୂଚନା ଦେଇଛନ୍ତି।


ପୁରସ୍କୃତ ୩ ସରପଞ୍ଚଙ୍କ ସହ ବିଡିଓ ଏବଂ ଜିପିଇଓ।

# ସର୍ବସାଧାରଣ ସମ୍ପତ୍ତି ନିଲାମ ପ୍ରକ୍ରିୟା ଆରମ୍ଭ

କୁନ୍ଦୁରା,୨୫।୪(ସନ୍ତୋଷ ପ୍ରହରାଜ)

## ୨୨ରୁ ୪ ସମ୍ପତ୍ତି ନିଲାମ

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ପ୍ରଶାସନ ତଥା ବିଡିଓ କପିଳେଶ୍ୱର ତାଣ୍ଡିଙ୍କ ନିର୍ଦ୍ଦେଶରେ ଶୁକ୍ରବାରଠାରୁ ସର୍ବସାଧାରଣ ସମ୍ପତ୍ତି ନିଲାମ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ପ୍ରଥମ ଦିନରେ ଆସନା ପଞ୍ଚାୟତରେ ସରପଞ୍ଚ ଜୟନ୍ତୀ କୁସପାରିଆଙ୍କ ଅଧ୍ୟକ୍ଷତାରେ ନିଲାମ କରାଯାଇଥିଲା। ପିଇଓ କାଳିଚରଣ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତର ପୋଖରୀ, ଆମ୍ବ ତୋଟା, ତେନ୍ତୁଳି ତୋଟା ଓ କାଜୁ ବଗିଚା ଆଦି ନିଲାମ ଡକାଯାଇଥିଲା। ବିଭିନ୍ନ ଗାଁରୁ ସର୍ବସାଧାରଣ ଯୋଗଦେଇଥିଲେ। ପଞ୍ଚାୟତର ସମୁଦାୟ ୨୨ ସର୍ବସାଧାରଣ ସମ୍ପତ୍ତିରୁ ୪ ନିଲାମ ହୋଇଛି। ନିଲାମକୁ ଆସି ନ ଥିବା ଗାଁ ଲୋକଙ୍କ ପାଇଁ ମେ ୧୯ ଦିନ ଧାର୍ଯ୍ୟ କରାଯାଇଥିବା ପିଇଓ ସ୍ୱାଇଁ ସୂଚନା ଦେଇଥିଲେ। ଏହି ନିଲାମ ପ୍ରକ୍ରିୟା ମେ ୧୭ରେ ମସିଗାଁ ପଞ୍ଚାୟତରେ ଶେଷ ହେବ। କାର୍ଯ୍ୟକ୍ରମରେ ସମିତିସଭ୍ୟା ଗୌରୀ ହରିଜନ, ନାଏବ ସରପଞ୍ଚ ରାମସିଂ ଗୌଡ଼ ଏବଂ ଏଡିଇଓ ସନ୍ତୋଷ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ମୁସଲିମ ଅଞ୍ଜୁମାନ କମିଟି ପକ୍ଷରୁ ଶୋଭାଯାତ୍ରା

ଜୟପୁର,୨୫।୪(ପବନ ପାଣିଗ୍ରାହୀ)

ଜୟପୁର ବ୍ରହ୍ମାସାହି ନିକଟ ମସ୍‌ଜିଦରେ ନମାଜ ପରେ ମୁସଲିମ ଅଞ୍ଜୁମାନ କମିଟି ପକ୍ଷରୁ ଶୁକ୍ରବାର ପ୍ରତିବାଦ ଶୋଭାଯାତ୍ରା କରାଯାଇଛି। କମିଟି ସଦସ୍ୟମାନେ ହିନ୍ଦୁସ୍ତାନ ଜିନ୍ଦାବାଦ୍ ପାକିସ୍ତାନ ମୁର୍ଦ୍ଦାବାଦ ନାରା ଦେଇ ମୁଖ୍ୟ ଟ୍ରାଫିକ ଛକରୁ ପୁଣି ମସ୍‌ଜିଦକୁ ଯାଇଥିଲେ। ଆକ୍ରମଣର ଶିକାର ହୋଇଥିବା ପର୍ଯ୍ୟଟକ ଓ ତାଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ପହଲଗାମ୍‌ରେ ପର୍ଯ୍ୟଟକଙ୍କ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଜୟପୁର ମୁସଲମାନଙ୍କୁ ଆଘାତ ଦେଇଛି। ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ କମିଟି ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜୟପୁର ଉପଜିଲାପାଳ ଆକାବରମ୍ ଶସ୍ୟା ରେଡ୍ଡୀଙ୍କ ଜରିଆରେ ପ୍ରଦାନ କରାଯାଇଛି। ଏହାର ନକଲ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଥିବା ମୁସ୍ତାଫା ବେଗ, ମହମ୍ମଦ ଇଶାକ ଓ ଆକବର ବେଗ ସୂଚନା ଦେଇଛନ୍ତି।



ରାଲିରେ ସାମିଲ ହୋଇଥିବା ମୁସ୍‌ଲିମ୍ ଅଞ୍ଜୁମାନ କମିଟି ସଦସ୍ୟମାନେ।

# ପହଲଗାମ୍ ଘଟଣା ପ୍ରତିବାଦରେ ହିନ୍ଦୁ ଏକତା ମଞ୍ଚର ରାଲି

କୋରାପୁଟ/ବୋରିଗୁମ୍ମା/ସୁନାବେଡ଼ା/ସେମିଳିଗୁଡ଼ା,୨୫।୪(ଅମିତାଭ ବେହେରା/ବିଜୟ ସାହୁ/କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)



କୋରାପୁଟରେ ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା କରାଯାଉଛି।

## ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

କୋରାପୁଟ ହିନ୍ଦୁ ଏକତା ମଞ୍ଚ ପକ୍ଷରୁ କଶ୍ମୀର ପହଲଗାମ୍‌ରେ ପର୍ଯ୍ୟଟକଙ୍କୁ ଆତଙ୍କବାଦୀ ଆକ୍ରମଣର ପ୍ରତିବାଦ କରି ଶୁକ୍ରବାର ଅପରାହ୍ନରେ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା କରାଯାଇଛି। ସ୍ଥାନୀୟ ନିଶାଣି ମୁଣ୍ଡାରୁ ବାହାରି ସହର ପରିକ୍ରମା କରି ଜିଲା ପ୍ରଶାସନଙ୍କ ଅଫିସ ନିକଟରେ ପହଞ୍ଚି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯାଇଥିଲା। ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ମୁସଲମାନ ଆକ୍ରମଣକାରୀଙ୍କୁ କଠୋର ଦଣ୍ଡ ଦେବା, ବାଂଲାଦେଶ ଅନୁପ୍ରବେଶ କାରୀଙ୍କୁ ଦେଶରୁ ବିଦା କରି ଶାନ୍ତିପୂର୍ଣ୍ଣ ବାତାବରଣ ଫେରାଇ ଆଣିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଶୋଭାଯାତ୍ରାରେ ହିନ୍ଦୁ ସଙ୍ଗଠନର ସମସ୍ତ କାର୍ଯ୍ୟକର୍ତ୍ତା ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ।

ସେହିପରି ବୋରିଗୁମ୍ମା ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାର ସଭନ କୁମାର ବେହେରା, ବିଡିଓ ସୁକାନ୍ତ ପଟ୍ଟନାୟକ ଏବଂ ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦିବାଲୋକରେ ପର୍ଯ୍ୟଟକଙ୍କ ଉପରେ ଆକ୍ରୋଶମୂଳକ ଭାବେ ଧର୍ମ ପଚାରି ଓ ତାପରେ ଗୁଳି ଚଳାଇ ନିର୍ମମ ଭାବେ ହତ୍ୟା କରିବା ନିନ୍ଦନୀୟ। ଏହା ଦେଶର ଅଖଣ୍ଡତା ଓ ସାର୍ବଭୌମତ୍ୱ ପ୍ରତି କୁଠାରାଘାତ ଓ ସମଗ୍ର ଦେଶବାସୀଙ୍କ ପାଇଁ ଚିନ୍ତାର ବିଷୟ। ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଜିଲାର ବିଭିନ୍ନ ଅଞ୍ଚଳରେ ରୋହିଙ୍ଗିଆ ଓ ବାଂଲାଦେଶୀଙ୍କ ବିଚରଣ ନେଇ ପ୍ରଶାସନ ପକ୍ଷରୁ ତଦନ୍ତ ସହ ପ୍ରତିକାର ବ୍ୟବସ୍ଥା କରିବାକୁ କୁହାଯାଇଛି। ଏହି ସମୟରେ ହିନ୍ଦୁ ଏକତା ମଞ୍ଚର ଲିଲୁ ବିଶ୍ୱାଳ,ସରୋଜ ପାଣିଗ୍ରାହୀ, ଜି.ମୋହନ ଦୋରା, ସନ୍ତୋଷ ମହାନ୍ତି, କବିବର ନାୟକ,ସବ୍ୟସାଚୀ ଗୌଡ଼, ନରହରି ପେଣ୍ଡିଆ, ତ୍ରିପତି ପଟ୍ଟନାୟକ, ରାଜ ସିଂ, ବିଘ୍ନେଶ୍ୱର ଷଡଙ୍ଗୀ, ଟୋନୀ, କେ.କେଶବ ରାଓ,ବିକ୍ରମ ସୁରଦେଓ ଏବଂ ପି. ଅନନ୍ତ ରାଓ ପ୍ରମୁଖ ଉପସ୍ଥିତ ଥିଲେ। ସୁନାବେଡ଼ା ଓ ସେମିଳିଗୁଡ଼ା ସହରରେ ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ପହଲ୍‌ଗାମ୍ ଘଟଣା ପ୍ରତିବାଦରେ ଏକ ବାଇକ୍ ଶୋଭଯାତ୍ରା କରାଯାଇଛି। ବିଭିନ୍ନ ହିନ୍ଦୁ ସଂଗଠନର କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ। ସେମିଳିଗୁଡ଼ା ସରକାରୀ ବସ୍‌ଷ୍ଟାଣ୍ଡ ପରିସରରେ ଏକତ୍ରିତ ହୋଇ ପାକିସ୍ତାନ ବିରୋଧରେ ନାରା ଦେଇ ଭାରତ ଦୃଢ଼ ଉତ୍ତର ଦେବା ସମୟ ଆସିଛି ବୋଲି କର୍ମକର୍ତ୍ତା କହିଥିଲେ। ସଭାସ୍ଥଳରୁ ଏକ ବାଇକ୍ ଶୋଭଯାତ୍ରା ବାହାରି ସହରର ମୁଖ୍ୟ ରାସ୍ତା ଦେଇ ସେମିଳିଗୁଡା ବ୍ଲକ୍ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ସେମିଳିଗୁଡା ବିଡିଓ ଯସ୍ମୀନ ପ୍ରଧାନଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଜନଜାଗରଣ ଜିଲା ସଂଯୋଜକ କାହ୍ନୁ ପାଙ୍ଗି, ଅସିତ ପରିଚ୍ଛା,ମାନସ ରାଉତ, ଦୀପକ ରାଉତ,ଯୋଗୀ ସ୍ୱାଇଁ, ଡାଲୁ ସମାରେଡ଼ି,ସୁନୀଲ ହନ୍ତାଳ,ସ୍ନିଗ୍ଧାରାଣୀ ମିଶ୍ର,ରଞ୍ଜନ ପାତ୍ର ଓ ମନୋଜ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୨୦ରୁ ଧାନ ସଂଗ୍ରହ ଆରମ୍ଭ

**ନବରଙ୍ଗପୁରରେ ଜିଲାସ୍ତରୀୟ ରବି ଧାନ ସଂଗ୍ରହ କମିଟି ବୈଠକ**

ନବରଙ୍ଗପୁର,୨୫।୪(ସଦାଶିବ ପ୍ରହରାଜ)




ବୈଠକରେ ଜିଲାପାଳ ଶୁଭଙ୍କର ମହାପାତ୍ର, ଅନ୍ୟ ଅଧିକାରୀ ଓ ଜନ ପ୍ରତିନିଧି ଆଲୋଚନା କରୁଛନ୍ତି।

ନବରଙ୍ଗପୁର ଜିଲାରେ ରବି ଧାନ ସଂଗ୍ରହ ନିମନ୍ତେ ଜିଲାସ୍ତରୀୟ ଧାନ ସଂଗ୍ରହଣ କମିଟି ବୈଠକ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଜିଲାପାଳ ଡ ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ରାଜ୍ୟସଭା ସଦ୍ୟଙ୍କ ପ୍ରତିନିଧି ରବି ପଟ୍ଟନାୟକ, ନବରଙ୍ଗପୁର ବିଧାୟକ ପ୍ରତିନିଧି ଦେବଦାସ ମହାକୁଡ ପ୍ରମୁଖ ଆଲୋଚନା ବେଳେ ଉପସ୍ଥିତ ଥିଲେ। ଚଳିତ ବର୍ଷ ଜିଲାର ୫ ବ୍ଲକର ୭ ମଣ୍ଡିରୁ ମେ ୨୦ରୁ ଧାନ କ୍ରୟ କରାଯିବା ନେଇ ନିଷ୍ପତ୍ତି ହୋଇଛି।

ଜିଲା ଯୋଗାଣ ଅଧିକାରୀ ଅଜୟ ମଲ୍ଲିକ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଜିଲାପାଳ ରବି ଧାନ ସଂଗ୍ରହ ସମୟରେ ଚାଷୀମାନଙ୍କ ପାଇଁ ଆବଶ୍ୟକୀୟ ସୁବିଧା ଓ ଉଚିତ ପ୍ରାପ୍ୟ ପ୍ରଦାନ କରିବା ପାଇଁ ସିଏସ୍‌ଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମଣ୍ଡିରେ ପିଇବା ପାଣି ବ୍ୟବସ୍ଥା, ପ୍ରତ୍ୟେକ ଦିନ ଖୋଲିବା, ବିଜୁଳି, ତାର୍ପୋଲିନ, ଆଶ୍ରୟ ସ୍ଥଳ, ଓଜନ ମେସିନ୍ ଓ ଅନ୍ୟାନ୍ୟ ସୁବଧା ଉପରେ ଗୁରୁତ୍ୱ ଦେବାକୁ ନବରଙ୍ଗପୁର ବିଧାୟକ ଆର୍‌ଏମ୍‌ସି ସମ୍ପାଦକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗତ ଖରିଫ ୨୦୨୪-୨୫ରେ ୨୫,୭୮,୪୪୭.୭୬ କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ରହିଛି। ୨୪,୯୪,୬୪୭.୮୬ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥଲା। ୪୦,୩୫୯ ଚାଷୀ ଧାନ ସଂଗ୍ରହଣରେ ଅନ୍ତର୍ଭୁକ୍ତ ହୋଇଥିବା ନେଇ ସିଏସ୍‌ଓ ସୂଚନା ଦେଇଥିଲେ। ୨୦୨୩-୨୪ ରବି ଋତୁରେ ୩୦,୯୨୫.୩୭ କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ଥିଲା। ସେଥିରୁ ୧୦,୯୪୨.୮୫ କୁଇଣ୍ଟାଲ ଧାନ ସଂଗ୍ରହଣ ହୋଇଛି। ବର୍ତ୍ତମାନ ୨୦୨୪-୨୫ ରବି ପାଇଁ ୧୦୫୨ ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ସିଏସ୍‌ଓ ସୂଚନ ଦେଇଛନ୍ତି। ବୈଠକରେ ଚାଷୀ ପ୍ରତିନିଧି ଖାଡ଼େଶ୍ୱର ଖାଡଙ୍ଗା, ଜଗଦୀଶ ଚନ୍ଦ୍ର ବିଷୋୟୀ, ମିଲର ସଭାପତି ପ୍ରଦୀପ ମିଶ୍ର ଓ ସମ୍ପାଦକ ବିଶ୍ୱମ୍ଭର ଦାସ, ଜିଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଏଆର୍‌ସିଏସ୍ ଶିବ ପ୍ରଧାନ ଓ ଆର୍‌ଏମ୍‌ସି ସମ୍ପାଦକ କପିଳେନ୍ଦ୍ର ସାସମାଲଙ୍କ ସହ ବିଭାଗୀୟ ଅଧିକାରୀ ପ୍ରମୁଖ ଥିଲେ।

## ଯୋଗ୍ୟ ମେଟ୍ ଚୟନ କରି ଅଯୋଗ୍ୟଙ୍କୁ ବାଦ୍ ଦାବି

**ଗାଁ ସାଥୀଙ୍କୁ ପରିଚୟ ପତ୍ର ବଣ୍ଟନ**

ତେନ୍ତୁଲିଖୁଣ୍ଟି, ୨୫।୪(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକର ସମୁଦାୟ ୩୫ ଗାଁ ସାଥୀଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ପରିଚୟପତ୍ର ଶୁକ୍ରବାର ପ୍ରଦାନ କରାଯାଇଛି। ତେନ୍ତୁଲିଖୁଣ୍ଟି ପଞ୍ଚାୟତ ଅଧୀନ ଘୁମରେଶ୍ୱରରେ ବ୍ଲକ ଗାଁ ସାଥୀ ସଂଘ ସଭାପତି କାର୍ତ୍ତିକ ଜାନିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ମନୋଜ ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଉପସ୍ଥିତ ଥିଲେ। ଏପିଓ ସାଦବ ଖାନ, ଏସିପି ପ୍ରକାଶ ସୁନା, ସିପି ତପନ ମିଶ୍ର, ଗୌରୀ କର୍କରା ପ୍ରମୁଖ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ନିଜ କର୍ତ୍ତବ୍ୟ ଭଲଭାବେ ସମ୍ପାଦନ କରିବାକୁ ବିଡିଓ ଉପସ୍ଥିତ ଗାଁ ସାଥୀମାନଙ୍କୁ ବୁଝାଇଥିଲେ। ଯୋଗ୍ୟ ମେଟ୍ ଚୟନ କରି ଅଯୋଗ୍ୟଙ୍କୁ ବାଦ୍ ଦେବା, ଲାଇନ ଡିପାର୍ଟମେଣ୍ଟ କାମରେ ମେଟ୍‌ମାନଙ୍କୁ ନିୟୋଜିତ, ଏନ୍‌ଏମ୍‌ଏମ୍‌ଏସ୍ କରିଥିବା କାମରେ ଉଚିତ ପ୍ରାପ୍ୟ ଦେବାକୁ ଗାଁ ସାଥୀ ସଂଘ ଦାବି କରିଛି। ନିୟମ ମୁତାବକ ସମସ୍ତ କାର୍ଯ୍ୟ କରାଯିବା ନେଇ ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଗାଁ ସାଥୀଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ସଙ୍ଘ ସମ୍ପାଦକ ରଞ୍ଜିତ ସୁନା, କୋଷାଧ୍ୟକ୍ଷ ମୁରଲୀ ନାୟକ, ସଭ୍ୟ ବୁଦ୍ଧୁରାମ ଦିଶାରୀ, ଗୟା ନାୟକ, ନୀଳକଣ୍ଠ ଚାଲାଣ, ବିମଳା ଜାନି, ଚମ୍ପା ସାନ୍ତା ଓ ବିନୋଦିନୀ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମ୍ପାଦକ ରଞ୍ଜିତ ସୁନା ଧନ୍ୟବାଦ ପ୍ରଦାନ କରିଥିଲେ।



ଅତିଥିଙ୍କ ସହ ପରିଚୟପତ୍ର ପାଇଥିବା ଗାଁ ସାଥୀମାନେ।

**ସଂକ୍ଷେପରେ**

### ଶିବିରରେ ୨୫ ୟୁନିଟ ରକ୍ତ ସଂଗ୍ରହ

ନବରଙ୍ଗପୁର,୨୫।୪(ସଦାଶିବ ପ୍ରହରାଜ)

ଅନ୍ତର୍ଜାତୀୟ ସମବାୟ ବର୍ଷ ୨୦୨୫ ଉପଲକ୍ଷେ ନବରଙ୍ଗପୁର ସମବାୟ ସମିତି ସମୂହ ପକ୍ଷରୁ ସ୍ଥାନୀୟ ଆର୍‌ଏମ୍‌ସିଠାରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ୨୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ସମବାୟ ସଂସ୍ଥା ଉପନିବନ୍ଧକ ଭୀମସେନ ସାହୁଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡାକ୍ତର ଶୁକାନ୍ତ ଚନ୍ଦ୍ର ଶତପଥୀ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସହକାରୀ ନିବନ୍ଧକ ଶିବଶଙ୍କର ପ୍ରଧାନ, ସିଆରସିଏସ୍ କୈଳାଶ ଚନ୍ଦ୍ର ନାୟକ, ନିମାଇ ନାୟକ ଓ ସମିତି ଇନ୍ସପେକ୍ଟର ଉମେଶ ଚନ୍ଦ୍ର ପୂଜାରୀ କାର୍ଯ୍ୟକ୍ରମରେ ଯୋଗଦେଇ ପରିଚାଳନା କରିଥିଲେ।

## ରୋହିଙ୍ଗ୍ୟାଙ୍କୁ ଚିହ୍ନଟ ସହ କାର୍ଯ୍ୟାନୁଷ୍ଠାନ ନେଇ ଏତଲା

ଉମରକୋଟ, ୨୫।୪ (ସନ୍ତୋଷ ଶତପଥୀ)

ରୋହିଙ୍ଗ୍ୟା ଓ ବାହାରରୁ ଅନୁପ୍ରବେଶ କରି ଆସିଥିବା ମୁସଲମାନ ସମ୍ପ୍ରଦାୟ ଲୋକଙ୍କ ପାଇଁ ନବରଙ୍ଗପୁର ଉମରକୋଟ ସହରରେ ଶାନ୍ତିନଷ୍ଟ ହେଉଛି। ତୁରନ୍ତ ସେମାନଙ୍କୁ ଚିହ୍ନଟ ସହ ଏ ଦିଗରେ କାଯ୍ୟାନୁଷ୍ଠାନ ନେବାକୁ ଉମରକୋଟବାସୀ ଶୁକ୍ରବାର ଥାନାରେ ଲିଖିତ ଏତଲା ଦେଇଛନ୍ତି। ଏଏସ୍‌ଆଇ ପୁଷ୍ପଲତା ସୁନାନୀ ଅଭିଯୋଗପତ୍ର ଗ୍ରହଣ କରିଥିଲେ। ଘଟଣାକୁ ନେଇ ଅନୁଧ୍ୟାନ କରାଯାଉଛି। କେଉଁଠି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନାଧିକାରୀ ରମାକାନ୍ତ ସାଏ କହିଛନ୍ତି।



ଏଏସ୍‌ଆଇ ପୁଷ୍ପଲତା ସୁନାନୀ ଅଭିଯୋଗକାରୀଙ୍କ ସହ ଆଲୋଚନା କରୁଛନ୍ତି।

ନବରଙ୍ଗପୁର ଜିଲା ଉମରକୋଟରେ କିଛି ବର୍ଷ ହେବ ରୋହିଙ୍ଗ୍ୟାମାନଙ୍କ ଅନୁପ୍ରବେଶ ବଢ଼ିବାରେ ଲାଗିଛି। ଏହା ଫଳରେ ସହରରେ ଅପ୍ରୀତିକର ସ୍ଥିତି ଲାଗିରହିଛି। ଏହି ରୋହିଙ୍ଗ୍ୟାମାନେ ଉମରକୋଟ ସହରର ଡଙ୍ଗରିଗୁଡ଼ା, ନୂଆ ବସଷ୍ଟାଣ୍ଡ, କେନାଲ ସାହି, ଡଙ୍ଗରି ସାହି ସହ ବିଭିନ୍ନ ଅଞ୍ଚଳରେ କାୟା ବିସ୍ତାର କରୁଛନ୍ତି। ସେମାନେ ପଶ୍ଚିମବଙ୍ଗରୁ ଆଧାରକାର୍ଡ କରି ଭାରତୀୟ ନାଗରିକ ବୋଲି ଦାବି କରୁଛନ୍ତି। ଏହା ବ୍ୟତିତ ଉତ୍ତରପ୍ରଦେଶ ଓ ବିହାରରୁ ମଧ ମୁସଲମାନ ସମ୍ପ୍ରଦାୟ ଲୋକେ ଆସି ଏଠାରେ ବସତି ସ୍ଥାପନ କରି ଅନେକ ସନ୍ଦେହ ଜନକ କାର୍ଯ୍ୟ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅଞ୍ଚଳ ରେ ଶାନ୍ତି ବଜାୟ ରଖିବା ପାଇଁ ଏମାନଙ୍କୁ ତୁରନ୍ତ ଚିହ୍ନଟ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏତଲାରେ ଉଲ୍ଲେଖ ରହିଛି।

## କମ୍ପ୍ୟୁଟର ଶିକ୍ଷାର ପ୍ରସାର ଲକ୍ଷ୍ୟ

**ପ୍ରଚାର ରଥ ଶୁଭାରମ୍ଭ**

ଉମରକୋଟ, ୨୫।୪(ସନ୍ତୋଷ ଶତପଥୀ)

ହାଇଟେକ କମ୍ପ୍ୟୁଟର ଟ୍ରେନିଂ ଅନୁଷ୍ଠାନ ଉମରକୋଟ ପକ୍ଷରୁ ଓଡିଶା ଷ୍ଟେଟ ସାର୍ଟିଫିକେଟ ଇନ ଇନଫର୍ମେଶନ ଟେକନୋଲଜି ପାଠ୍ୟକ୍ରମ ପ୍ରଚାର ନିମନ୍ତେ ଶୁକ୍ରବାର ଏକ ପ୍ରଚାର ରଥର ଉଦ୍‌ଘାଟନ କରାଯାଇଛି। ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପାଢୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ରଥର ଶୁଭ ଉଦ୍‌ଘାଟନ କରିଥିଲେ। ଏମପି ପ୍ରତିନିଧି ରାମ ନାୟକ, କାଉନସିଲର ମୁନା ପାଢୀ, ସରକାରୀ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ନମିତା ମହାପାତ୍ର, ପେଣ୍ଡରାଣୀ ଡିଗ୍ରୀ ମହାବିଦ୍ୟାଳୟ ଉମରକୋଟ ପ୍ରାଧ୍ୟାପକ ଡ. ରବୀନ୍ଦ୍ର ମିଶ୍ର, ରାଇଘର ପଞ୍ଚାୟତ ସମିତି ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ବରିଷ୍ଠ ଅଧ୍ୟାପକ ରମେଶ ପଟ୍ଟନାୟକ, ହେଲ୍ପ ଲାଇନ ସଂସ୍ଥାର ଉପସଭାପତି ଚନ୍ଦନା ମଲ୍ଲିକ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ହାଇଟେକ୍ କମ୍ପ୍ୟୁଟର ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ ଚେୟାରମ୍ୟାନ ଡ. ପଙ୍କଜ ଲୋଚନ ମିଶ୍ର କମ୍ପ୍ୟୁଟର କୋର୍ସ ତାତ୍ପର୍ଯ୍ୟ, ସରକାରୀ ନିଯୁକ୍ତି ସୁବିଧା, ଡିଜିଟାଲ ଶିକ୍ଷାର ଲାଭ ବିଷୟରେ ଆଲୋକପାତ କରି ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ଅନୁଷ୍ଠାନର ସଂଯୋଜକ ଜଗଦୀଶ ହାଲଦାର, ସୋନାଲି ଦାସ, ସନତ ଗନ୍ତାୟତ ପ୍ରମୁଖ ସହଯୋଗ କରିଥିଲେ। ଏହି ରଥ ଉମରକୋଟ ଅଞ୍ଚଳର ବିଭିନ୍ନ ସ୍ଥାନ ବୁଲି ପ୍ରଚାର କରିବ ।

### ନିଷ୍ଠା ତାଲିମ ଶିବିର ଉଦ୍‌ଯାପିତ

ତେନ୍ତୁଲିଖୁଣ୍ଟି, ୨୫।୫(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଦିବ୍ୟହୃଦୟ ବାଳିକା ଉଚ୍ଚ ବିଦ୍ୟାଳୟରେ ପାଞ୍ଚ ଦିନ ଧରି ଚାଲିଥିବା ନିଷ୍ଠା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ନିଷ୍ଠା ତାଲିମ୍ ଏକ ଯୁଗପଯୋଗୀ ପଦକ୍ଷେପ ବୋଲି କହିଥିଲେ। ବିଇଓ ସୁଦୀପ୍ତ କୁମାର ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଶିକ୍ଷକଙ୍କ ଦ୍ୱାରା ନିଷ୍ଠା ତାଲିମର ସୁଫଳ ପାଇପାରିବେ ବୋଲି ବିଇଓ ଆଶାବ୍ୟକ୍ତ କରିଥିଲେ। ଶିବିର ୩ଟି ପର୍ଯ୍ୟାୟରେ ହୋଇଥିଲା। ପ୍ରଫୁଲ୍ଲ ମହାପାତ୍ର, ସଞ୍ଜୀବ ସାହୁ, ନବୀନ ନାୟକ, ପଦ୍ମନାଭ ହରିଜନ, ନିର୍ମାଳ ହିଆଲ ତାଲିମ ଦେଇଥିଲେ। ବିଆର୍‌ପି ପ୍ରଣବ କିଶୋର ସାହୁ ଓ ଦାମୋଦର ଦିନ ଉପସ୍ଥିତ ଥିଲେ। ଏବିଇଓ ମୋହନ ମଧୁସୂଦନ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ୨ ଘଣ୍ଟା ବଜାର, ଗାଡ଼ି ଚଳାଚଳ ବନ୍ଦ

**ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା**

ଉମରକୋଟ, ୨୫।୪(ସନ୍ତୋଷ ଶତପଥୀ)

ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରି ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ନବରଙ୍ଗପୁର ଜିଲା ଉମରକୋଟରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ସମୟରେ ସମସ୍ତ ଦୋକାନ ବଜାର ୨ ଘଣ୍ଟା ପାଇଁ ବନ୍ଦ କରାଯାଇଥିଲା। ଶତାଧିକ ଲୋକେ ଡିଏନ୍‌କେ ଗୋପବନ୍ଧୁ ଛକରୁ ଏକ ଶୋଭାଯାତ୍ରାରେ ବାହାରି ପୁରୁଣା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଏକ ପଥପ୍ରାନ୍ତ ସଭା କରାଯାଇ ମୃତକଙ୍କ ଆମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପହଲ୍‌ଗାମଙ୍କୁ ଧର୍ମ ପଚାରି ହିନ୍ଦୁମାନଙ୍କୁ ହତ୍ୟା କରାଯାଇଛି। ଆତଙ୍କବାଦୀଙ୍କୁ ସହଯୋଗ କରୁଥିବା ପଡ଼ୋଶୀ ପାକିସ୍ତାନ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଥାନାଧିକାରୀଙ୍କୁ ପ୍ରଦାନ କରାଯାଇଛି।



ଉମରକୋଟରେ ହିନ୍ଦୁ ସଙ୍ଗଠନ ସଦସ୍ୟମାନେ ବିକ୍ଷୋଭ ପଦର୍ଶନ କରୁଛନ୍ତି।

### ମ୍ୟାଲେରିଆ ସଚେତନତା ଶିବିର

ନନ୍ଦପୁର,୨୫।୪(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ୧୦୮ ପରିଚାଳନା କମିଟି ପକ୍ଷରୁ ଶୁକ୍ରବାର ପୂର୍ବାହ୍ନରେ ମ୍ୟାଲେରିଆ ଦିବସ ପାଳନ ନେଇ ଲମତାପୁଟ ବ୍ଲକ୍ ସଦର ମହକୁମା ପଞ୍ଚାୟତ ସଙ୍ଗେଇ ଗ୍ରାମରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ସୋମନାଥ ମୁଦୁଲି, ସରପଞ୍ଚ ପ୍ରଫୁଲ୍ଲ କିଷାନୀ, ଜିଲା ୧୦୮ ସଂଯୋଜକ ମଧୁସୂଦନ ଦଳପତି ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ଗ୍ରାମବାସୀଙ୍କୁ ମ୍ୟାଲେରିଆ ରୋଗ ଓ ଏହାର ନିରାକରଣ ସମ୍ପର୍କରେ ସଚେତନ କରାଯାଇଥିଲା। ଗ୍ରାମବାସୀଙ୍କୁ ଔଷଧଯୁକ୍ତ ମଶାରୀ ବଣ୍ଟନ ସହ ଚିକିତ୍ସା କରାଯାଇ ଔଷଧ ବିତରଣ କରାଯାଇଥିଲା। ଲମତାପୁଟ ୧୦୮ ଫାର୍ମାସିଷ୍ଟ ଲୋକନାଥ ଖେମୁଣ୍ଡୁ, ବୋଟ ଆମ୍ବୁଲାନ୍ସ ଫାର୍ମାସିଷ୍ଟ ରଞ୍ଜନ ନାୟକ ଓ ୧୦୮ ଚାଳକ ଶରତ ପାଙ୍ଗି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ତାଲିମ୍, କାଉନ୍‌ସେଲିଂ ସହାୟତା ଦେଇଛି ରୋଜଗାର

ନବରଙ୍ଗପୁର,୨୫।୪(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାର ଯୁବଗୋଷ୍ଠୀମାନେ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ମାଧ୍ୟମରେ ଆର୍ଥିକ ସହାୟତା ପାଇ ରୋଜଗାରକ୍ଷମ ହୋଇପାରିଛନ୍ତି। ସେମାନେ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କୁ ମଧ୍ୟ କର୍ମ ନିଯୁକ୍ତି ଦେଇପାରୁଛନ୍ତି। ନବରଙ୍ଗପୁର ଜିଲା ରାଇଘର ବ୍ଲକ କରଣପଦର ଗାଁର ନରେନ୍ଦ୍ର କୁମାର ପୂର୍ବରୁ ସହାୟତା ପାଇ ଏକ ଗ୍ୟାରେଜ୍ ଖୋଲି ରୋଜଗାରକ୍ଷମ ହୋଇଥିଲେ। ଏବେ ଉମରକୋଟ ବ୍ଲକ ସେମାଳା ପଞ୍ଚାୟତ ଅଧୀନ ବାକଲିଗୁଡ଼ା ଗାଁର ମଇନୁ ଭତରା(୨୨) ଏକ ସିଏସ୍‌ସି ଖୋଲି ସ୍ୱାବଲମ୍ବୀ ହୋଇପାରିଛନ୍ତି।

ମଇନୁଙ୍କ ବାପା ଅର୍ଜୁନ ଭତ୍ରା ଜଣେ ଚାଷୀ। ବହୁ କଷ୍ଟରେ ସେ ମଇନୁଙ୍କ ପଢ଼ାଖର୍ଚ୍ଚ ଉଠାଉଥିଲେ। ଆର୍ଥିକ ଅନାଟନ ଲାଗି ରହିଥିବାରୁ ମଇନୁ ଯୁକ୍ତ ୨ ପଢ଼ିବା ବେଳରୁ ହିଁ ଅନ୍ୟର ଦୋକାନରେ କାମ କରୁଥିଲେ। ସ୍ୱଳ୍ପ ଟଙ୍କାରେ ତାଙ୍କର ପରିବାର ଚଳିବା କଷ୍ଟକର ହେଉଥିଲା। ପ୍ରଶାସନ ନିକଟରେ ଆର୍ଥିକ ସହାୟତା ପାଇଁ ନିବେଦନ କରିଥିଲେ। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ମାଧ୍ୟମରେ ଆର୍ଥିକ ସହାୟତା ମିଳି ପାରିବା ନେଇ ଜନଜାତି ଜୀବିକା ପରିଷଦ ସୁପାରିଶ କରିଥିଲେ। ଏହାପରେ ମଇନୁଙ୍କୁ ଆଇଟିଡିଏ ପକ୍ଷରୁ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଅନୁସୂଚିତ ଜନଜାତି ଯୁବ ଲଘୁ ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଏକ ଲକ୍ଷ ଟଙ୍କା ଆର୍ଥିକ ସହାୟତା ୨୦୨୪ ଡିସେମ୍ବର ୫ରେ ପ୍ରଦାନ କରାଗଲା। ଏହାପରେ ବାକଲିଗୁଡ଼ା ଗାଁରେ ସେ ଏକ ସିଏସ୍‌ସି ଖୋଲିଥିଲେ। ଏବେ ମାସିକ ୨୦ରୁ ୨୫ ହଜାର ଟଙ୍କା ରୋଜଗାର କରିପାରୁଥିବା ମଇନୁ କହିଛନ୍ତି। ଅନ୍ୟ ରାଜ୍ୟକୁ ଯାଇ ଦାଦନ ନ ଖଟି ସରକାରୀ ଯୋଜନାର ଫାଇଦା ଉଠାଇ ନିଜ ଗାଁରେ ରହି ରୋଜଗାର କରିହେବ ବୋଲି ମଇନୁ କହିଛନ୍ତି। ଏନେଇ ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରବନ୍ଧକ ଗୋବିନ୍ଦ କୁମାରଙ୍କୁ ପଚରିବାରୁ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ମାଧ୍ୟମରେ ବିଭିନ୍ନ ବ୍ୟବସାୟୀ ଓ ଯୁବଗୋଷ୍ଠୀ ସ୍ୱାବଲମ୍ବୀ ହୋଇପାରୁଛନ୍ତି। ୪୬୩ ଜଣଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଥିବା ସେ କହିଛନ୍ତି। ୧୮ରୁ ୪୫ ବର୍ଷ ଓ ଅନ୍ୟୁନ ୮ମ ପାସ୍‌ଙ୍କୁ ଏହି ଜୀବିକା ମିଶନ ମାଧ୍ୟମରେ ସହାୟତା ମିଳିପାରିବ। ଏନେଇ ୨ ମାସ ତାଲିମ ସହ କାଉନ୍‌ସିଲିଂ କରାଯାଇ ଆର୍ଥିକ ସହାୟତା ପ୍ରଦାନ କରାଯାଉଥିବା ସେ କହିଛନ୍ତି। ଏସ୍‌ଏମ୍‌ଏସ୍ (ଏସ୍‌ଏମ ଏଣ୍ଡ ଆଇବି) ପୁଷ୍ପାଞ୍ଜଳି ସେଠ କହିଛନ୍ତିଯେ ଆର୍ଥିକ ସହାୟତା ପାଇବା ପରେ ହିତାଧିକାରୀ କିଭଳି ନିଜର ବ୍ୟବସାୟ କରୁଛନ୍ତି ତାହାର ତଦାରଖ କରାଯାଉଛି।




ନିଜ ସିଏସ୍‌ସି ଆଗରେ ମଇନୁ ଭତରା।


# ODISHA PUBLIC SERVICE COMMISSION, CUTTACK

**NOTICE**

**No.2712 / P.S.C., Dt.24.04.2025**
**(1R-34-2024/25) (DR-V)**

**No.D-31:** It is for information of all concerned that, document verification of candidates having **PPSAN** mentioned below for the post of **Associate Professor in Mechanical Engineering**, pursuant to Advertisement No.32 of 2023-24 shall be held from **05.05.2025 to 15.05.2025 (except 10.05.2025, 11.05.2025 & 12.05.2025)** as per the following programme in the Office of the Commission at 19, Dr. P.K. Parija Road, Cuttack-753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 05.05.2025 | 10.30 A.M. | P220034366, P220085403, P220087283 & P230165418 = **04 Candidates** |
| | 02.30 P.M. | P230169824, P230177804 & P230177924 = **03 Candidates** |
| 06.05.2025 | 10.30 A.M. | P230182731, P230187086, P230187231 & P230234742 = **04 Candidates** |
| | 02.30 P.M. | P240294700, P240295521 & P240299927 = **03 Candidates** |
| 07.05.2025 | 10.30 A.M. | P240301403, P240301434, P240301661 & P240301703 = **04 Candidates** |
| | 02.30 P.M. | P240301798, P240301994 & P240302034 = **03 Candidates** |
| 08.05.2025 | 10.30 A.M. | P240302121, P240302725, P240302745 & P240303155 = **04 Candidates** |
| | 02.30 P.M. | P240303686, P240303819 & P240303875 = **03 Candidates** |
| 09.05.2025 | 10.30 A.M. | P240303899, P240303927, P240303962 & P240304007 = **04 Candidates** |
| | 02.30 P.M. | P240304269, P240304390 & P240304475= **03 Candidates** |
| 13.05.2025 | 10.30 A.M. | P240304540, P240305063, P240305684 & P240305776 = **04 Candidates** |
| | 02.30 P.M. | P240306336, P240306470 & P240306737= **03 Candidates** |
| 14.05.2025 | 10.30 A.M. | P240306740, P240306756, P240308491 & P240308616 = **04 Candidates** |
| | 02.30 P.M. | P240308850, P240309794 & P240310039 = **03 Candidates** |
| 15.05.2025 | 10.30 A.M. | P240310401, P240311817 & P240311917= **03 Candidates** |
| | 02.30 P.M. | P240312350 & P240312378 = **02 Candidates** |

The candidates are required to submit the following documents (both original & one set of photo-copies) at the time of verification:-

1. The hard copies of **online application forms** indicating their **PPSAN at the top right-hand corner.**
2. Four recent passport size photographs (unsigned & unattested) which has been uploaded with online application form.
3. Duly filled in & attested **"Attestation Form"** and duly filled in **"Bio-data Form"** (downloaded from the website of the Commisison).
4. H.S.C. or equivalent Certificate in support of declaration of age issued by the concerned Board/ Council.
5. Bachelor's Degree (BE/B.Tech.) Certificate issued by the recognized University in the relevant branch.
6. M.E./ M.Tech./M.S./ Integrated M.Tech Certificate issued by the recognized University in the relevant branch.
7. Ph.D. Degree Certificate.
8. Mark-lists in support of all the aforesaid examination (i.e. H.S.C. to Ph.D.) issued by the concerned Board/ Council/ University/ Institution.
9. Research Papers.
10. Reasearch Publications.
11. Experience Certificate in support of having minimum 8 years of experience in teaching/research/industry (level 10, entry pay 57770).
12. Experience Certificate in support of having minimum of 02 years of post- Ph.D. experience.
13. Caste Certificate wherever applicable.
14. **No Objection Certificate** from the competent authorities in case of Government Servants.
15. Any proof of identity.
16. Copies of all the Documents in support of Research Score as provided in Annexure-A (Table-2) of Advt. No. 32 of 2023-24.
17. Any other documents as mentioned in para-09 of Advt. No.32 of 2023-24.

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note:-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

**Sd./- Secretary**

## ପହଲଗାମ୍ ଆକ୍ରମଣ ବିରୋଧରେ କ୍ୟାଣ୍ଡେଲ ରାଲି

ପଡିଆ,୨୫।୪(ଭାସ୍କର ରାଓ)

କଶ୍ମୀରର ପହଲଗାମ୍‌ଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଶୁକ୍ରବାର ମାଲକାନଗିରି ଜିଲା ପଡିଆ ବ୍ଲକ ସଦର ମହକୁମାରେ ଏକ କ୍ୟାଣ୍ଡେଲ ରାଲି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପଡିଆ ବଜାରର ସମସ୍ତ ଦୋକାନ ବଜାର ବନ୍ଦ କରାଯାଇଥିଲା। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପଡିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଶୁକ୍ରବାର ସକାଳୁ ପଡିଆ ରାମ ମନ୍ଦିର ଛକଠାରୁ ବିରୋଟ ରାଲି ବାହାରି ପଡିଆ ମୁଖ୍ୟ ବଜାର ହୋଇ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଆତଙ୍କବାଦୀଙ୍କ ଏଭଳି ବର୍ବରକାଣ୍ଡକୁ ତୀବ୍ର ବିରୋଧ କରି ବିଭିନ୍ନ ନାରା ଦେଇଥିଲେ। ଏହି ଅମାନୁଷିକ କାଣ୍ଡ ଘଟାଇଥିବା ଆତଙ୍କବାଦୀ ସଂଗଠନ ବିରୋଧରେ ସରକାର ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ରାଲି ରେ ପଡିଆ ବ୍ଲକ ଏମ୍‌ପି ପ୍ରତିନିଧି ପି. ରେଙ୍କଟେଶ୍ୱର ରାଓ, କୋଟାମ ବାଲାୟା, ଓଜେନ ମଜୁମଦାର, ମାଝୀ ରାମଚନ୍ଦ୍ରଙ୍କ ସମେତ ପ୍ରାୟ ଶହେରୁ ଊର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ।

# ହିନ୍ଦୁ ଜାଗରଣ ମଞ୍ଚ ତରଫରୁ ମାଲକାନଗିରି ବନ୍ଦ

### ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର

ମାଲକାନଗିରି,୨୫।୪ (ଗୌରୀଶଙ୍କର ପଣ୍ଡା)

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ମୁସଲମାନମାନେ ହିନ୍ଦୁ ପର୍ଯ୍ୟଟକଙ୍କୁ ବିନା କାରଣରେ ହତ୍ୟା ଘଟାଇବାକୁ ବିଶ୍ୱ ହିନ୍ଦୁ ପରିଷଦ ମାଲକାନଗିରି ଶାଖା ତରଫରୁ ତୀବ୍ର ନିନ୍ଦା କରାଯାଇଛି। ଏହାର ପ୍ରତିବାଦରେ ଶୁକ୍ରବାର ବିଶ୍ୱ ହିନ୍ଦୁ ପରିଷଦ ତରଫରୁ ୧୨ ଘଣ୍ଟିଆ ମାଲକାନଗିରି ବନ୍ଦ ପାଳନ କରାଯାଇଛି। ଆତଙ୍କବାଦୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପରିଷଦ କର୍ମକର୍ତ୍ତା ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିବା ସହ ମାଲକାନଗିରି ବନ୍ଦର ଡାକରା ଦେଇଥିଲେ। ଏହି ଅବସରରେ ହିନ୍ଦୁ ଜାଗରଣ ମଞ୍ଚ ତରଫରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବନ୍ଦ ପାଳନ ସମୟରେ ଜିଲା ସଦର ମହକୁମାର ସମସ୍ତ ଦୋକାନ ବଜାର, ବସ୍, ଟ୍ରକ ଚଳାଚଳ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ବସ୍‌ଗୁଡ଼ିକ ବନ୍ଦ ଥିବାରୁ ଭୀଷଣ ଖରାରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଥିଲା। ସନ୍ଧ୍ୟା ସମୟରେ ସମସ୍ତ ଗାଡ଼ି ଚଳାଚଳ ସ୍ୱାଭାବିକ ହେବା ପରେ ଯାତ୍ରୀମାନେ ଆଶ୍ୱସ୍ତ ହୋଇଥିଲେ। ପହଲଗାମ୍‌ରେ ଉଦ୍ଦେଶ୍ୟମୂଳକ ଭାବେ ହିନ୍ଦୁମାନଙ୍କ ଉପରେ ମୁସଲମାନମାନେ ଆକ୍ରମଣ କରିଛନ୍ତି। ଉକ୍ତ ଅଞ୍ଚଳରେ ହିନ୍ଦୁମାନଙ୍କୁ ବସବାସ କରିବାକୁ ଦେଉ ନ ଥିବା ବେଳେ ଆମ ରାଜ୍ୟରେ ଯେତେକଣ ବାଂଲାଦେଶୀ ଅଛନ୍ତି, ସମସ୍ତଙ୍କୁ ଚିହ୍ନଟ କରି ତାଙ୍କ ଦେଶକୁ ପଠାଇବାର ବ୍ୟବସ୍ଥା କରାଯାଉ। ପହଲଗାମ୍‌ରେ ହିନ୍ଦୁ ପର୍ଯ୍ୟଟକଙ୍କୁ ଆକ୍ରମଣ କରିଥିବା ଆତଙ୍କବାଦୀଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ବନ୍ଦ ପାଳନରେ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ, ଦିବାକର ପାଳ, ବିଜୟ ମହାରଣାଙ୍କ ସହ ସମ୍ପୂର୍ଣ୍ଣ ବିଶ୍ୱ ହିନ୍ଦୁ ପରିଷଦର ବହୁ କର୍ମୀ ଅଂଶଗ୍ରହଣ କରିଥିଲେ।




ମାଲକାନଗିରି ବନ୍ଦ ପାଳନ ସମୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ସ୍ୱାଭିମାନ ଅଞ୍ଚଳରୁ ମାଓବାଦୀ ଡମ୍ପ ଜବତ

ମାଲକାନଗିରି,୨୫।୪ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ସ୍ୱାଭିମାନ ଅଞ୍ଚଳରୁ ବିଏସ୍‌ଏଫ୍ ଯବାନମାନେ ମାଓବାଦୀ ଡମ୍ପ ଜବତ କରିଛନ୍ତି। ପଣସପୁଟ ଓ ଜବାନ୍ ପଞ୍ଚାୟତ ଅନ୍ତର୍ଗତ କେନ୍ଦୁଗୁଡ଼ା ଓ ସାଲଗାନପୁଟ ଗ୍ରାମ ନିକଟ ଜଙ୍ଗଲରେ ମାଓବାଦୀ ଡମ୍ପ ଥିବା ବିଶେଷସୂତ୍ରରୁ ଖବରପାଇ ଘନବେଡ଼ା ଓ ଗୁରାସେତୁ କ୍ୟାମ୍ପର ୧୭୭ ବାଟାଲିୟନ ବିଏସ୍‌ଏଫ୍ ଯବାନମାନେ ଶୁକ୍ରବାର ସକାଳେ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ କରିଥିଲେ। ଜଙ୍ଗଲର ଗୋଟିଏ ସ୍ଥାନରେ ମାଟି ତଳେ ପୋତା ହୋଇଥିବା ମାଓବାଦୀ ଡମ୍ପ ଠାବ କରିଥିଲେ। ଉକ୍ତ ଡମ୍ପରୁ ଦୁଇ କେଜି ବିଶିଷ୍ଟ ୪ଟି ଟିଫିନ ଆଇଇଡ଼ି, ଗୋଟିଏ ୧୨ ଭୋଲ୍ଟର ଛୋଟ ବ୍ୟାଟେରି, ୫୦ ମିଟର ବିଦ୍ୟୁତ ତାର, ପ୍ଲାଷ୍ଟିକ ଡ୍ରମ୍, ୫ଟି ଛୋଟ ଅକ୍ସିଜେନ ସିଲିଣ୍ଡର ଜବତ କରିଛନ୍ତି। ତେବେ ଏକଦା ଏହି ଅଞ୍ଚଳ ମାଓବାଦୀଙ୍କ ଆଖୁ ଥିବା ସମୟରେ ଯବାନଙ୍କୁ ଟାର୍ଗେଟ କରି ଏହିସମସ୍ତ ଅସ୍ତ୍ରଶସ୍ତ୍ର ମାଓବାଦୀମାନେ ଏଠାରେ ଲୁଚାଇ ରଖିଥିଲେ ବୋଲି ବିଏସ୍‌ଏଫ୍ ତରଫରୁ ସୂଚନା ମିଳିଛି।

## ପିଲାଙ୍କୁ ମ୍ୟାଜିକ୍ ସ୍ଲେଟ୍ ବାଣ୍ଟିଲେ ଜିଲାପାଳ

ମାଲକାନଗିରି,୨୫।୪ (ନୃସିଂହ ଚରଣ ମହାନ୍ତି)

ମାଲକାନଗିରି କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷ ଡ. କୈଳାସ ମୀନାଙ୍କ ଅଧକ୍ଷତାରେ ଶୁକ୍ରବାର ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଯୋଗଦେଇ ପ୍ରାଥମିକ ଛାତ୍ରୀଛାତ୍ରଙ୍କୁ ମ୍ୟାଜିକ୍ ସ୍ଲେଟ୍ ବଣ୍ଟନ କରିଥିଲେ। ଏହାସହିତ ବିଦ୍ୟାଳୟରେ ୫୦୦ ଲିଟର କ୍ଷମତା ବିଶିଷ୍ଟ ବିଶୁଦ୍ଧ ପାନୀୟ ଜଳ ପାଇଁ ଆର.ଓ. ୱାଟର ପ୍ଲାଣ୍ଟ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅଧକ୍ଷ ଡ. ମୀନା ପିଏମ୍‌ଶ୍ରୀ ଯୋଜନାର ସବିଶେଷ ବିବରଣୀ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ମାଣିକଲାଲ ଚକ୍ରବର୍ତ୍ତୀ, ଡା. ସାଗର ବାଳା, କୃଷ୍ଣ ମିର୍ଦ୍ଧା ଏବଂ ମହିଳା ମହାବିଦ୍ୟାଳୟର ଅଧକ୍ଷ ଦୁଷ୍ମନ୍ତ ଜେନା ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ। ଅମିତ ଦାସ ଓ ନିରଞ୍ଜନ କୁମାର ମଞ୍ଚ ପରିଚାଳନା କରିଥିଲେ।



ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଜଣେ ଛାତ୍ରଙ୍କୁ ମ୍ୟାଜିକ୍ ସ୍ଲେଟ୍ ପ୍ରଦାନ କରୁଛନ୍ତି।

# ବର୍ଷା ପୂର୍ବରୁ ରାସ୍ତା, ସେତୁ କାମ ସାରିବାକୁ ନିର୍ଦ୍ଦେଶ

### ୭୩ତମ ଜିଲା ପରିଷଦ ସାଧାରଣ ବୈଠକ



ଜିଲାପରିଷଦ ବୈଠକରେ ନୀରବ ପ୍ରାର୍ଥନା କରାଯାଉଛି।

ମାଲକାନଗିରି, ୨୫।୪(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ପରିଷଦ ଅଧକ୍ଷା ସମାରୀ ତାଙ୍ଗୁଲଙ୍କ ଅଧକ୍ଷତାରେ ୭୩ତମ ଜିଲା ପରିଷଦ ବୈଠକ ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମି, ଜିଲା ପରିଷଦ ଉପାଧକ୍ଷ ପତିତପାବନ ବୈଦ୍ୟ, ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଏମ୍‌ପିଙ୍କ ପ୍ରତିନିଧି ସଞ୍ଜୟ ସରକାର, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଗୋବିନ୍ଦ ପାତ୍ର ମଞ୍ଚାସୀନ ଥିଲେ।

ବୈଠକ ଆରମ୍ଭରେ ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ମୃତକଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ସଭାରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରା ଯାଇଥିଲା। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପୂର୍ବ ବୈଠକ ସୂଚନା ସହ ସମସ୍ତ ପ୍ରତିନିଧି ପଚାରିଥିବା ପ୍ରଶ୍ନର ଉତ୍ତର ରଖିଥିଲେ।

ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ସମସ୍ତ ରାସ୍ତା, ସେତୁ ନିର୍ମାଣ କାର୍ଯ୍ୟର ଗୁଣବତା ଉପରେ ଧ୍ୟାନ ଦେଇ ବର୍ଷା ପୂର୍ବରୁ କାର୍ଯ୍ୟ ସାରିବାକୁ ବିଧାୟକ ମାଡ଼କାମି ନିର୍ଦ୍ଦେଶ ଦେଇଥିଲେ। ପାନୀୟ ଜଳ ସମସ୍ୟାରେ ଆସିଥିବା ଅଭିଯୋଗ ସମାଧାନ ତଥା ନୂଆ ପ୍ରକଳ୍ପ ବିଷୟରେ ଆଲୋଚନା କରାଯାଇଥିଲା। ସେହିପରି କ୍ଷେତ୍ରସ୍ତରୀୟ କର୍ମଚାରୀ ଓ ଅଧିକାରୀଙ୍କ ସହ ସମନ୍ୱୟ ରଖି କାମ କରିବାକୁ ଜିଲା ପରିଷଦ ଅଧକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଅଗ୍ରାଧିକାର ଭିତ୍ତିରେ ଘାଟି ଅଞ୍ଚଳରେ ନଳକୂପ ଖନନ କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟୁତ୍ ବିଭାଗ କର୍ମଚାରୀ ଉପଭୋକ୍ତାଙ୍କ ନିକଟକୁ ଯାଇ ସମସ୍ୟା ସମାଧାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ ପାରା ମେଡିକାଲ ଷ୍ଟାଫ ଅଭାବ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବାସିକ ଗୃହ ପାଇଁ ଉପୁଜିଥିବା ଅସୁବିଧା ବାବଦରେ ବୈଠକରେ ଆଲୋଚନା ହୋଇଥିଲା। ଜିଲାପାଳଙ୍କ ଜନଶୁଣାଣି ସମୟରେ ସମ୍ପୃକ୍ତ ଅଞ୍ଚଳକୁ ବୁଲି ପୂର୍ବରୁ ଥିବା ଅଭିଯୋଗ ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ପ୍ରସ୍ତାବ ଦିଆଯାଇଛି। ବୈଠକରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

## ୧୩୦ ଲିଟର ଦେଶୀ ମଦ ଜବତ

କୁନ୍ଦୁରା,୨୫।୪(ସନ୍ତୋଷ ପ୍ରଧାନ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଲିମା ପଞ୍ଚାୟତ ସଦର ନିକଟ ଗୁର୍ଲୁ ନଦୀ କୂଳରେ ଏକ ଭାଟିରେ ଦେଶୀ ମଦ ପ୍ରସ୍ତୁତ କରାଯାଉଥିବା ବେଳେ ଶୁକ୍ରବାର ଅପରାହ୍ନରେ କୁନ୍ଦୁରା ପୋଲିସ ଚଢ଼ାଉ କରିଛି। ଏଥିରେ ୧୩୦ ଲିଟର ଦେଶୀ ମଦ ଓ ୩ ହଜାର ଲିଟର ପଚାମହୁଆ ଜବତ କରି ନଷ୍ଟ କରାଯାଇଥିଲା। ମଦଭାଟି ସରଞ୍ଜାମ ଓ ଅନ୍ୟ ସାମଗ୍ରୀ ପୋଲିସ ଜବତ କରିଛି। ମଦଭାଟି ମାଲିକଙ୍କ କୌଣସି ଖବର ମିଳିନାହିଁ।

## ଗୋଷ୍ଠୀ ଗଣ୍ଡଗୋଳରେ ୩ ଅଭିଯୁକ୍ତ କୋର୍ଟ ଚାଲାଣ

ଜୟପୁର,୨୫।୪(ପବନ ପାଣିଗ୍ରାହୀ)

ଜୟପୁର ସଦରଥାନା ଅନ୍ତର୍ଗତ ବ୍ରାହ୍ମଣିଗାଁ ଓ ଟାଙ୍କୁଆ ଯୁବକଙ୍କ ମଧ୍ୟରେ ହୋଇଥିବା ଗୋଷ୍ଠୀ ଗଣ୍ଡଗୋଳରେ ଶୁକ୍ରବାର ସଦର ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ବ୍ରାହ୍ମଣୀଗାଁର ରମେଶ ହରିଜନ, ଟାଙ୍କୁଆ ଗ୍ରାମର କାର୍ତ୍ତିକ ସଗରିଆ ଓ ଅଭି ହରିଜନ। ସୂଚନା ଅନୁଯାୟୀ, ମଙ୍ଗଳବାର ବ୍ରାହ୍ମଣୀଗାଁ ଓ ଟାଙ୍କୁଆ ଗ୍ରାମର କେତେକ ଯୁବକଙ୍କ ମଧ୍ୟରେ ଏକ ଯାତ୍ରାକୁ ନେଇ କଳହ ହୋଇଥିଲା। ଏହା ପରେ ଦୁଇ ଗୋଷ୍ଠୀ ପକ୍ଷରୁ ସଦର ଥାନାରେ ମାମଲା ରୁଜୁ ହୋଇଥିଲା।


**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011, Odisha, India

**EMPLOYEE RELATION & CANTEEN DEPARTMENT**

REF.NO.ER&C / TENDER / BISCUIT, GROCERY & SOFT-DRINKS / 2025-26 / 267 DATED: 17-04-2025

Sealed tender is invited from registered dealers with GST Registration No. for supply of items as per schedule given for a period of 12 months from the date of issue of order.

| SL.NO. | SCHEDULE-A | EMD |
|---|---|---|
| 1. | BISCUITS, GROCERY, & SOFT-DRINKS (PACKED & NON-PACKED) | Rs.15,000.00 |

Tender form can be obtained from the office of the AGM (H.R-TA, G, E.R & C), Employee Relation & Canteen Department, on all working days during the working hours on payment of Rs.110/- (Rupees one hundred ten only) inclusive of all taxes through SB collect.

The tenders complete in all respect will be received up to 15-05-2025, 3.00 PM in the tender box kept in the office of AGM (H.R-TA, G, E.R & C). The tender will be opened at 4.00 PM on the same day i.e 15-05-2025.

The tender shall remain valid for a period of 3 months from the date of receipt of the tender. If the tenderer resiles from the offer or varies the terms of offer, the EMD shall be forfeited. A copy of this advertisement can also be seen on the company website www.sailtenders.co.in.

AGM (H.R-TA, G, E.R & C)

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in

There's a little bit of SAIL in everybody's life



**OFFICE OF THE COLLECTOR & DISTRICT MAGISTRATE, SUBARNAPUR**
(SOCIAL WELFARE SECTION)

**Tender Call Notice**
No.1523 / SW Dt.25.04.2025

Sealed Tenders are invited for engagement of Transport agent / contractor for transportation of food stuff (Rice & Wheat) in Subarnapur district for the year 2025-26. For other details please see notice board of Collector / DSWO or may visit the official website of Subarnapur District "https://subarnapur.odisha.gov.in"

Sd./- Collector, Subarnapur



**OFFICE OF THE EXECUTIVE ENGINEER**
Road Construction Department, Road Division, Daltonganj
**e-Procurement Notice**
e-Tender Ref No.-1/RCD/Daltonganj/2025-26/ 401
Dated:-24.04.2025

| | | |
|---|---|---|
| 1. | Name of Work | Construction of Bridge/High Level Bridge at Ch 16.00 Km of Patan -Daltonganj (Bairiya Chowk to Saguna More) Road for the year 2025-26. |
| 2. | Estimated Cost | Rs. 10,20,46,031.00 (Rupees Ten Crore Twenty Lacs Forty Six Thousand Thirty One) Only. |
| 3. | Bid Security (Amount) | Rs. 10,20,500.00 (Rupees Ten Lacs Twenty Thousand Five Hundred) Only. |
| 4. | Time of Completion | 18 Months |
| 5. | Date of Publication of Tender on Website | 08.05.2025, 10:30 AM |
| 6. | Last Date/Time of Online Bid Submission | 29.05.2025, 12:00 Noon |
| 7. | Date and Time of Bid opening | 30.05.2025, 12.30 PM |
| 8. | Bid (Tender Fee & EMD) Submission Address | Cost of bidding document (for a non refundable fee) & Bid security as indicated shall be payable online through http://jharkhandtenders.gov.in |
| 9. | Name & address of officer Inviting tender | Executive Engineer, R.C.D., Road Division, Daltonganj.06562—225019 |
| 10. | E-mail Id | eercdmedini-jhr@nic.in |
| 11. | Helpline number of e Procurement cell | 0651-2401010 |

Note : Estimated amount may vary.
For further details can be seen on website http://jharkhandtenders.gov.in

Executive Engineer
Road Construction Department
Road Division, Daltonganj.

PR 351028 Road(25-26)D



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 08/ET/SBP/ ENGG/2025-26, ତା.22.04.2025ରିଖ

(1) ଇ-ଟେଣ୍ଡର ସଂ. 01-eT-SDENW-SBP-25
କାର୍ଯ୍ୟର ନାମ : ସହାୟକ ମଣ୍ଡଳ ଯନ୍ତ୍ରୀ/କଣ୍ଟାବାଞ୍ଜି ପରିସୀମା ଅଧୀନସ୍ଥ ନୂଆପଡ଼ା ରୋଡ଼ (IN)-ଟିଟିଲାଗଡ଼ (EX) ସେକ୍ସନରେ 30.06.2026ରେ ଶେଷ ହେଉଥିବା ଅବଧି ପାଇଁ ସିଭିଲ୍ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 1,72,38,297.79,
ବିଡ୍ ସିକ୍ୟୁରିଟୀ : ₹ 2,36,200/-

(2) ଇ-ଟେଣ୍ଡର ସଂ. 02-eT-SDENW-SBP-25
କାର୍ଯ୍ୟର ନାମ : ସହାୟକ ମଣ୍ଡଳ ଯନ୍ତ୍ରୀ/ମହାସମୁନ୍ଦ ପରିସୀମା ଅଧୀନସ୍ଥ ଲଖୋଲି (EX)-ନୂଆପଡ଼ା ରୋଡ଼ (EX) ସେକ୍ସନରେ 30.06.2026ରେ ଶେଷ ହେଉଥିବା ଅବଧି ପାଇଁ ସିଭିଲ୍ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 1,69,40,591.89,
ବିଡ୍ ସିକ୍ୟୁରିଟୀ : ₹ 2,34,800/-

(3) ଇ-ଟେଣ୍ଡର ସଂ. 03-eT-SDENW-SBP-25
କାର୍ଯ୍ୟର ନାମ : ସହାୟକ ମଣ୍ଡଳ ଯନ୍ତ୍ରୀ/କଣ୍ଟାବାଞ୍ଜି ଅଧୀନସ୍ଥ ସମ୍ବଲପୁର ମଣ୍ଡଳର ନୂଆପଡ଼ା ରୋଡ଼ (IN)-ଟିଟିଲାଗଡ଼ (EX) ସେକ୍ସନ ମଧ୍ୟରେ 30.06.2026ରେ ଶେଷ ହେଉଥିବା ଅବଧି ପାଇଁ ଜୋନାଲ (Zonal) କାର୍ଯ୍ୟ (ବ୍ରିଜ୍ ମରାମତି କାର୍ଯ୍ୟ ନିମନ୍ତେ)ଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 51,39,303.19,
ବିଡ୍ ସିକ୍ୟୁରିଟୀ : ₹ 1,02,800/-

(4) ଇ-ଟେଣ୍ଡର ସଂ. 04-eT-SDENW-SBP-25
କାର୍ଯ୍ୟର ନାମ : ସହାୟକ ମଣ୍ଡଳ ଯନ୍ତ୍ରୀ/ମହାସମୁନ୍ଦ ଅଧୀନସ୍ଥ ସମ୍ବଲପୁର ମଣ୍ଡଳର ଲଖୋଲି (EX)-ନୂଆପଡ଼ା ରୋଡ଼ (EX) ସେକ୍ସନ ମଧ୍ୟରେ 30.06.2026ରେ ଶେଷ ହେଉଥିବା ଅବଧି ପାଇଁ ଜୋନାଲ (Zonal) କାର୍ଯ୍ୟ (ବ୍ରିଜ୍ ମରାମତି କାର୍ଯ୍ୟ ନିମନ୍ତେ)ଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 99,58,714.56,
ବିଡ୍ ସିକ୍ୟୁରିଟୀ : ₹ 1,99,200/-

(5) ଇ-ଟେଣ୍ଡର ସଂ. 01-eT-SETT-SBP-25
କାର୍ଯ୍ୟର ନାମ : ସହାୟକ ମଣ୍ଡଳ ଯନ୍ତ୍ରୀ/ ସେଟେଲମେଣ୍ଟ/ସମ୍ବଲପୁର ପରିସୀମା ଅଧୀନସ୍ଥ କଲୋନୀ ଏରିଆରେ ବିଟୁମିନସ୍ (Bituminous) ରୋଡ଼ଗୁଡ଼ିକର ମରାମତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 62,37,331.16,
ବିଡ୍ ସିକ୍ୟୁରିଟୀ : ₹ 1,24,800/-

କାର୍ଯ୍ୟ ଶେଷ ହେବା ଅବଧି : 30.06.2026 (କ୍ରମ ସଂଖ୍ୟା 1, 2, 3 ଓ 4 ପାଇଁ) ଏବଂ 06 (ଛଅ) ମାସ (କ୍ରମ ସଂଖ୍ୟା 5 ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 16.05.2025, 1500 ଘଟିକା (ସମସ୍ତ ଟେଣ୍ଡର ପାଇଁ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ସମ୍ବଲପୁର
PR-69/Q/25-26


**କର୍ମଚାରୀ ଭବିଷ୍ୟନିଧି ସଂଗଠନ**
(ଶ୍ରମ ଏବଂ ରୋଜଗାର ମନ୍ତ୍ରାଳୟ, ଭାରତ ସରକାର )
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭବିଷ୍ୟନିଧି ଭବନ, ପାନପୋଷ ରୋଡ଼, ରାଉରକେଲା- ୭୬୯୦୧୨, ଜିଲ୍ଲା - ସୁନ୍ଦରଗଡ଼

**ପ୍ରେସ୍ ବିଜ୍ଞପ୍ତି**

ଆଞ୍ଚଳିକ ଇ.ପି.ଏଫ୍. କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା ମଇ ମାସ ପାଇଁ "ନିଧି ଆପକେ ନିକଟ" ଏବଂ "ପେନ୍‌ସନ୍ ଅଦାଲତ" ତା.୧୨.୦୫.୨୦୨୫ରିଖ (ସୋମବାର) ଦିନ ଆୟୋଜିତ ହେବାକୁ ଯାଉଛି। ଏହି ଅବସରରେ ପି.ଏଫ ଏବଂ ପେନ୍‌ସନ୍ ସଂପର୍କିତ ସମସ୍ୟାଗୁଡ଼ିକର ଶୁଣାଣି ଏବଂ ସମାଧାନ କରାଯିବ। ପୂର୍ବାହ୍ନ ୧୧ଟାରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭାଗନେବାପାଇଁ, ଆପତ୍ତି ଅଭିଯୋଗଥିବା ସମସ୍ତ ପେନ୍‌ସନଧାରୀ ତଥା ଇ.ପି.ଏଫ୍. ଅଂଶୀଦାରମାନେ ସେମାନଙ୍କ ସମସ୍ୟାର ପଞ୍ଜିକରଣ ନିଜର ଠିକଣା ଏବଂ ଫୋନ୍ ନମ୍ବର ସହ ଲିଖିତ ଭାବେ ପୋଷ୍ଟ ମାଧ୍ୟମରେ କିମ୍ବା ଅଫିସରେ ଥିବା ଡ୍ରପ୍ ବକ୍ସରେ ଦାଖଲ କରିବାକୁ ନିବେଦନ କରାଯାଇଛି। ଏଥିସହିତ ପ୍ରୋଭିଡେଣ୍ଟ ଫଣ୍ଡ ଆକାଉଣ୍ଟର ସବିଶେଷ ବିବରଣୀ କିମ୍ବା ପି.ପି.ଓ ନମ୍ବର ଇତ୍ୟାଦି ଆସନ୍ତା ୦୫.୦୫.୨୦୨୫ ତାରିଖ ପୂର୍ବରୁ ଦାଖଲ କରିବାକୁ ହେବ ବୋଲି ଆଞ୍ଚଳିକ ପି.ଏଫ୍. କମିଶନର୍ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

କ୍ଷେତ୍ରୀୟ ଭବିଷ୍ୟନିଧି ଆୟୁକ୍ତ
ଆଞ୍ଚଳିକ ଭବିଷ୍ୟନିଧି କାର୍ଯ୍ୟାଳୟ, ରାଉରକେଲା
SAI/RKL/0058/25


**କାନାରା ବ୍ୟାଙ୍କ Canara Bank** A Government of India Undertaking
ସିଣ୍ଡିକେଟ Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ, ଏଫ୍-୪, ୨ୟ ମହଲା, ଇନ୍ଦ୍ରଧନୁ ମାର୍କେଟ, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଫୋନ୍ ନଂ.: ୦୬୭୪-୨୫୫୦୦୧୧

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ ଋଣଗ୍ରହୀତାଙ୍କ ଆଇନଗତ ଉତ୍ତରାଧିକାରୀ/ଜାମିନ୍‌ଦାରମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ ଜଣେଇଦେଇଥିଲେ। ଯେହେତୁ ଋଣଗ୍ରହୀତା/ଋଣଗ୍ରହୀତାଙ୍କ ଆଇନଗତ ଉତ୍ତରାଧିକାରୀ/ ଜାମିନ୍‌ଦାରମାନେ ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଋଣଗ୍ରହୀତାଙ୍କ ଆଇନଗତ ଉତ୍ତରାଧିକାରୀ/ ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪) ସହ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିକୁ **ଦଖଲ** କରିଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ ଋଣଗ୍ରହୀତାଙ୍କ ଆଇନଗତ ଉତ୍ତରାଧିକାରୀ/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କ, ସମ୍ପୃକ୍ତ ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଦେୟ ପାଇଁ ଦାୟୀ ରହିବେ।

| ଶାଖା / ଋଣଗ୍ରହୀତା / ଋଣଗ୍ରହୀତାଙ୍କ ଆଇନଗତ ଉତ୍ତରାଧିକାରୀ / ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ / (ଖ) ଧାରା ୧୩(୨) ନୋଟିସ୍ ତାରିଖ / (ଗ) ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ରାଶି |
|---|---|
| **ନିମାପଡା ଶାଖା (୩୦୫୦) / (ସାଙ୍କେତିକ ଦଖଲ)** ଋଣଗ୍ରହୀତାମାନେ: ୧) ଶ୍ରୀ ବେଦ ପ୍ରକାଶ ବରାଳ, ପିତା: ୰ ବିଭୁ ଦତ୍ତ ବରାଳ, ୨) ୰ ବିଭୁ ଦତ୍ତ ବରାଳ, ପିତା: ୰ ଅଭିମନ୍ୟୁ ବରାଳ / ୰ ବିଭୁ ଦତ୍ତ ବରାଳଙ୍କ ଆଇନଗତ ଉତ୍ତରାଧିକାରୀମାନେ: ୧) ଶ୍ରୀ ବେଦ ପ୍ରକାଶ ବରାଳ, ପିତା: ୰ ବିଭୁ ଦତ୍ତ ବରାଳ, ୨) ଶ୍ରୀମତୀ ଶୋଭାରାଣୀ ବରାଳ, ସ୍ୱାମୀ: ୰ ବିଭୁ ଦତ୍ତ ବରାଳ, ୩) ଶ୍ରୀମତୀ ବିଦ୍ୟୁଲତା ବରାଳ, ସ୍ୱାମୀ: ୰ ଅଭିମନ୍ୟୁ ବରାଳ, ସମସ୍ତଙ୍କ ଠିକଣା- ସା/ପୋ: ବଳଙ୍ଗା, ବଳଙ୍ଗା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ନିକଟ, ପୁରୀ-୭୫୨୧୦୫ | (କ) ୰ ବିଭୁ ଦତ୍ତ ବରାଳଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ପୁରୀ, ଥାନା: ନିମାପଡ଼ା, ଥାନା ନଂ.: ୬୧, ସବ୍-ରେଜିଷ୍ଟର୍ଡ: ନିମାପଡା, ତହସିଲ: ନିମାପଡା, ମୌଜା: ବଳଙ୍ଗା, ଖାତା ନଂ.: ୧୮୫୯/୩୦୫, ପ୍ଲଟ୍ ନଂ.: ୬୮୪, କ୍ଷେତ୍ର: ଏକର୦.୦୫୦ ଡିସିମିଲି, ସ୍ଥିତି: ସ୍ଥିତିବାନ, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ବକ୍ରେଶ୍ୱର ମନ୍ଦିର ଜମି, ପୂର୍ବ: ଭାଗିରଥୀ ବେହେରା, ପଶ୍ଚିମ: ବିଶ୍ୱରଞ୍ଜନ ବିଶ୍ୱାଳ, ସିଇଆର୍‌ଏସ୍‌ଏଆଇ ଆଇଡ଼ି: ୪୦୦୦୧୧୭୦୩୬୩୫ / (ଖ) ୦୭.୦୨.୨୦୨୫ / (ଗ) ୨୨.୦୪.୨୦୨୫ / (ଘ) ଟ.୧,୫୯,୨୧୧.୪୪ (ଏକ ଲକ୍ଷ ଅଣଷଠି ହଜାର ଦୁଇ ଶହ ଏଗାର ଟଙ୍କା ଏବଂ ଚଉରାଳିଶି ପଇସା ମାତ୍ର) ତତ୍‌ସହିତ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ। |
| **ଜଟଣୀ ଶାଖା (୩୬୭୩) / (ସାଙ୍କେତିକ ଦଖଲ)** ଋଣଗ୍ରହୀତାମାନେ: ୧) ମେସର୍ସ ଜ୍ୟୋତିକ୍ଷା ଟ୍ରେଡ଼ର୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ସୋମନାଥ ପ୍ରସାଦ ଗୁପ୍ତା, ପିତା: ଲୋକନାଥ ପ୍ରସାଦ ଗୁପ୍ତା, ୨) ଶ୍ରୀ ସୋମନାଥ ପ୍ରସାଦ ଗୁପ୍ତା, ପିତା: ଲୋକନାଥ ପ୍ରସାଦ ଗୁପ୍ତା, ଉଭୟଙ୍କ ଠିକଣା- ବଡ଼ବଜାର, ଶ୍ରୀରାମ ମାର୍କେଟ କମ୍ପ୍ଲେକ୍ସ ନିକଟ, ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୫୦ | (କ) ଶ୍ରୀ ସୋମନାଥ ପ୍ରସାଦ ଗୁପ୍ତାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ଥାନା: ଜଟଣୀ, ଥାନା ନଂ.: ୩୬, ସବ୍-ରେଜିଷ୍ଟର୍ଡ: ଜଟଣୀ, ତହସିଲ: ଜଟଣୀ, ମୌଜା: ଜଟଣୀ, ମ୍ୟୁଟେସନ୍ ଖାତା ନଂ.: ୧୦୨/୪୫୮, ପ୍ଲଟ୍ ନଂ.: ୯୯/୩୯୨, କ୍ଷେତ୍ର: ଏକର ୦.୧୦୦ ଡିସିମିଲି, ସବ୍-ରେଜିଷ୍ଟ୍ରାର ଅଫିସ୍, ଜଟଣୀ ଅନ୍ତର୍ଗତ, ଅନୁରୂପ ପୁରୁଣା ଖାତା ନଂ.: ୧୦୨/୩୪, ମୌଜା: ଜଟଣୀ, ସ୍ଥିତି: ସ୍ଥିତିବାନ, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ରେଭିନ୍ୟୁ ପ୍ଲଟ୍ ନଂ. ୧୦୧ ଏବଂ ୧୦୨, ପୂର୍ବ: ପ୍ଲଟ୍ ନଂ. ୯୯ର ଅଂଶ, ପଶ୍ଚିମ: ରେଭିନ୍ୟୁ ପ୍ଲଟ୍ ନଂ. ୧୦୦, ସିଇଆର୍‌ଏସ୍‌ଏଆଇ ଆଇଡ଼ି: ୪୦୦୦୭୩୬୪୬୪୨୨ / (ଖ) ୧୨.୦୨.୨୦୨୫ / (ଗ) ୨୧.୦୪.୨୦୨୫ / (ଘ) ଟ.୩୯,୩୨,୫୧୨.୦୧ (ଅଣଚାଳିଶି ଲକ୍ଷ ବତିଶି ହଜାର ପାଞ୍ଚ ଶହ ବାର ଟଙ୍କା ଏବଂ ଏକ ପଇସା ମାତ୍ର) ତତ୍‌ସହିତ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ। |
| **ପୁରୀ-୧ ଶାଖା (୧୦୩୯) / (ସାଙ୍କେତିକ ଦଖଲ)** ଋଣଗ୍ରହୀତାମାନେ: ୧) ମେସର୍ସ ରୟାଲ ଏଣ୍ଟରପ୍ରାଇଜେସ୍ ଆଣ୍ଡ୍ ସପ୍ଲାଏର୍ସ, ସ୍ୱତ୍ୱାଧିକାରୀ: ଶ୍ରୀମତୀ କୋଭିରି ରାୟାଲୁ, ୨) ଶ୍ରୀମତୀ କୋଭିରି ରାୟାଲୁ, ସ୍ୱାମୀ: ୰ କୋଭିରି ପ୍ରସାଦ/ ଜାମିନ୍‌ଦାର: ଶ୍ରୀ ମାର୍କ କୋଭିରି, ପିତା: ୰ କୋଭିରି ପ୍ରସାଦ, ସମସ୍ତଙ୍କ ଠିକଣା- ସା: ପେଣ୍ଠକଟା, ନୋଳିଆ ସାହି, ସି.ଟି. ରୋଡ୍, ପୁରୀ, ଓଡ଼ିଶା, ପିନ୍-୭୫୨୦୦୨ | (କ) ଶ୍ରୀମତୀ କୋଭିରି ରାୟାଲୁଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଚକ୍ରତୀର୍ଥ, ଖାତା ନଂ.: ୨୩୨, ପ୍ଲଟ୍ ନଂ.: ୪୦୭, କ୍ଷେତ୍ର: ଏକର୦.୦୬୪ଡିସିମିଲି, ସ୍ଥିତି: ସ୍ଥିତିବାନ, କିସମ: ଘରବାରି, ଅନୁରୂପ ପୁରୁଣା ସାବିକ ମୌଜା: ବାଲୁଖଣ୍ଡ, ସାବିକ ଖାତା ନଂ.: ୧୫୧, ସାବିକ ପ୍ଲଟ୍ ନଂ.: ୧୧୬୩, କ୍ଷେତ୍ର: ଏକର୦.୦୬୪ଡିସିମିଲି, ଥାନା: ପୁରୀ ଟାଉନ, ଥାନା ନଂ. ୨୭, ସବ୍-ରେଜିଷ୍ଟ୍ରାର ଅଫିସ୍: ପୁରୀ ସହର, ଜିଲ୍ଲା: ପୁରୀ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ଶ୍ରୀ ରବିନ୍ଦ୍ର କୁମାର ସ୍ୱାଇଁ, ପୂର୍ବ: ଶ୍ରୀ ରବିନ୍ଦ୍ର କୁମାର ସ୍ୱାଇଁ, ପଶ୍ଚିମ: ରାସ୍ତା, ସିଇଆର୍‌ଏସ୍‌ଏଆଇ ଆଇଡ଼ି: ୪୦୦୦୧୮୧୯୨୪୭୦ / (ଖ) ୨୨.୦୨.୨୦୨୪ / (ଗ) ୨୫.୦୪.୨୦୨୫ / (ଘ) ଟ.୬୮,୨୧,୨୩୪.୬୩ (ଅଠଷଠି ଲକ୍ଷ ଏକୋଇଶି ହଜାର ଦୁଇ ଶହ ଚଉତିରିଶି ଟଙ୍କା ଏବଂ ତେଷଠି ପଇସା ମାତ୍ର) ତତ୍‌ସହିତ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ। |

ତାରିଖ : ୨୫.୦୪.୨୦୨୫
ସ୍ଥାନ : ଭୁବନେଶ୍ୱର

କ୍ଷମତାପ୍ରାପ୍ତ ଅଧିକାରୀ,
କାନାରା ବ୍ୟାଙ୍କ



ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: କେନ୍ଦୁଝର ଅଞ୍ଚଳ,
ସା.: କୁଲଡେରା, ପୋ.: ମାଣ୍ଡୁଆ, କେନ୍ଦୁଝର-୭୫୮୦୧୪

**ଗାଡିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ବ୍ୟାଙ୍କ ଦ୍ୱାରା ଜବତ କରାଯାଇଥିବା ନିମ୍ନଲିଖିତ ଗାଡ଼ିଗୁଡ଼ିକ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ନିମ୍ନଲିଖିତ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ କ୍ରୟ କରିବାକୁ ଆଗ୍ରହୀ ନିଲାମଧାରୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ଏହି ସର୍ବସାଧାରଣ ନୋଟିସ୍‌ଟି ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାଙ୍କୁ ଏକ ନୋଟିସ୍ ଭାବେ ଗ୍ରହଣ କରାଯିବ। ସେମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ନିଲାମ ତାରିଖ ପୂର୍ବରୁ ସମସ୍ତ ବକେୟା ରାଶି ପୈଠ କରନ୍ତୁ ଅନ୍ୟଥା ଗାଡ଼ିଗୁଡ଼ିକ ନିଲାମ କରାଯିବ ଏବଂ ବକେୟା ଯଦି କିଛି ରହିଯାଏ ତାହା ସୁଧ ଏବଂ ଖର୍ଚ୍ଚ ସହିତ ଆଦାୟ କରାଯିବ।

| କ୍ର. ନଂ. | ଶାଖାର ନାମ | ଋଣଗ୍ରହୀତାଙ୍କ ନାମ | ଗାଡିର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ଜମା ରାଶି | ପାର୍କିଂ ୟାର୍ଡର ବିବରଣୀ |
|---|---|---|---|---|---|
| ୧. | ଯୋଡା | ଶ୍ରୀ କ୍ଷିରୋଦ କୁମାର ମହାନ୍ତି | COMMERCIAL TRUCK ASHOK LEYLAND GM4220/66 ନିର୍ମାଣ ବର୍ଷ: 2020 ପଞ୍ଜିକୃତ ନଂ.: OD09K9757 ଇଞ୍ଜିନ ନଂ.: LDHZ407946 ଚେସିସ୍ ନଂ.: MB1NGCHD4LRDE5761 | ଟ.୧୨,୨୫,୦୦୦/- / ଟ.୧,୨୨,୫୦୦/- | ସା/ପୋ: ସାହାରାପଡା, ଜିଲ୍ଲା: କେନ୍ଦୁଝର-୭୫୮୦୧୬ |
| ୨. | ଯୋଡା | ଶ୍ରୀ ବିଜୟ କୁମାର ସିଂହ | COMMERCIAL TRUCK ASHOK LEYLAND GM4220/66 ନିର୍ମାଣ ବର୍ଷ: 2020 ପଞ୍ଜିକୃତ ନଂ.: OD09K8287 ଇଞ୍ଜିନ ନଂ.: LDHZ407308 ଚେସିସ୍ ନଂ.: MB1NGCHD2LRDE4513 | ଟ.୧୩,୧୨,୫୦୦/- / ଟ.୧,୩୧,୨୫୦/- | ସା/ପୋ: ସାହାରାପଡା, ଜିଲ୍ଲା: କେନ୍ଦୁଝର-୭୫୮୦୧୬ |
| ୩. | ଯୋଡା | ନଫସା ଖାତୁନ | COMMERCIAL TATA TRUCK, ନିର୍ମାଣ ବର୍ଷ: 2019, ପଞ୍ଜିକୃତ ନଂ.: OD09K5464, ଇଞ୍ଜିନ ନଂ.: 91B84863776, ଚେସିସ୍ ନଂ.: MAT466621K5C04526 | ଟ.୮,୫୦,୫୦୦/- / ଟ.୮୫,୦୫୦/- | ଏସ୍ ଆଣ୍ଡ୍ ଡି ଷ୍ଟକୟାର୍ଡ ସା/ପୋ.: କାନପୁର, ଥାନା: ରାସଗୋବିନ୍ଦପୁର, ଭାୟା: ବାରିପଦା, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୧୬ |

ନିଲାମ ତାରିଖ: ୧୫.୦୫.୨୦୨୫ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ, ଇ-ନିଲାମ ପୋର୍ଟାଲ **https://baanknet.com**

ଅମାନତ ରାଶି, ଦରଖାସ୍ତ ଏବଂ କାଗଜାତ୍ ଜମା କରିବାର ଅନ୍ତିମ ତାରିଖ: ୦୫.୦୫.୨୦୨୫ ରୁ ୧୫.୦୫.୨୦୨୫, ପୂର୍ବାହ୍ନ ୧୦.୦୦ ଘଟିକା ରୁ ଅପରାହ୍ନ ୨.୦୦ ଘଟିକା

**ନିୟମ ଏବଂ ସର୍ତ୍ତାବଳୀ :** ଇଚ୍ଛୁକ ନିଲାମଧାରୀମାନେ ଗାଡ଼ିଗୁଡ଼ିକୁ ଉପରଦର୍ଶିତ **ପାର୍କିଂ ୟାର୍ଡ** ପରିସରରେ **ତା.୦୫.୦୫.୨୦୨୫ ରୁ ତା.୧୪.୦୫.୨୦୨୫, ପୂର୍ବାହ୍ନ ୧୦.୦୦ଘଟିକା ରୁ ଅପରାହ୍ନ ୪.୦୦ ଘଟିକା** ମଧ୍ୟରେ ଯାଞ୍ଚ କରିପାରିବେ। ସଫଳ ନିଲାମଧାରୀଙ୍କ ସପକ୍ଷରେ ନିଲାମ ସ୍ଥିର ହେଲେ ସେ ନିଲାମ ରାଶିର **୨୫%** ନିଲାମର ୧ ଦିନ ମଧ୍ୟରେ ଦାଖଲ କରିବେ ଏବଂ ଅବଶିଷ୍ଟ ରାଶି **୧୫ ଦିନ** ମଧ୍ୟରେ ଦାଖଲ କରିବେ ଅନ୍ୟଥା ସଫଳ ନିଲାମଧାରୀଙ୍କ ଦ୍ୱାରା ଜମା କରାଯାଇଥିବା ରାଶି ବାଜ୍ୟାପ୍ତି କରାଯିବ। ସଫଳ କ୍ରେତା, ମାଲିକାନା ହସ୍ତାନ୍ତରିତ ଏବଂବୈଧାନିକ ଦେୟ / ସମସ୍ତ ଆନୁଷଙ୍ଗିକ ଦେୟ ଯଦିଥାଏ ତାହା ବହନ କରିବେ। ସଫଳ ନିଲାମଧାରୀମାନେ ସମ୍ପୂର୍ଣ୍ଣ ନିଲାମ ରାଶି ପୈଠ କରି ଷ୍ଟକ୍ ୟାର୍ଡରୁ **୧୫ ଦିନ** ମଧ୍ୟରେ ଗାଡ଼ିଗୁଡ଼ିକ ନେବା ସେମାନଙ୍କର ଦାୟିତ୍ୱ ଅଟେ। ଗାଡି **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି'' ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ନିଲାମ କରାଯିବ। ବ୍ୟାଙ୍କ ଯେକୌଣସି ସମୟରେ ନିଜର ସ୍ୱତନ୍ତ୍ର କ୍ଷମତା ବଳରେ ଗାଡିର ନିଲାମ ପ୍ରକ୍ରିୟାକୁ ଗ୍ରହଣ / ରଦ୍ଦ / ବାତିଲ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି। ନିଲାମ ଡାକରେ ସର୍ବୋଚ୍ଚ ନିଲାମଧାରୀଙ୍କୁ ସଫଳ ନିଲାମଧାରୀ ଭାବେ ଘୋଷଣା କରାଯିବ। **ପରବର୍ତ୍ତୀ ସୂଚନା ଏବଂ ସ୍ପଷ୍ଟୀକରଣ ନିମନ୍ତେ ଯୋଗାଯୋଗ କରନ୍ତୁ : ଲକ୍ଷ୍ମୀ ନାରାୟଣ ପ୍ରସାଦ, ମୋ.: ୯୧୦୧୫୦୮୦୧୯।** ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା / ଆଇନଗତ ଉତ୍ତରାଧିକାରୀମାନଙ୍କୁ ଏହା ଏକ ୧୫ ଦିନିଆ ନୋଟିସ୍ କି ସେମାନେ ସେମାନଙ୍କର ବକେୟାଦେୟ ପୈଠ କରି ଆକାଉଣ୍ଟକୁ ଫଇସଲା କରନ୍ତୁ ଏବଂ ଉପରଦର୍ଶିତ ତାରିଖରେ ସର୍ବସାଧାରଣ ନିଲାମ/ଇ-ନିଲାମରେ ଅଂଶଗ୍ରହଣ କରନ୍ତୁ।

ସ୍ଥାନ: କେନ୍ଦୁଝର, ତାରିଖ: ୨୫.୦୪.୨୦୨୫
ଆଞ୍ଚଳିକ ପ୍ରବନ୍ଧକ, ବ୍ୟାଙ୍କ ଅଫ୍ ଇଣ୍ଡିଆ

# Classified Everyday
0674-2580101, 9692975378



## REAL ESTATE
## SALE

Book 3BHK, 4BHK flat Jharapada, near Jagannath Avenue, Canal Road, Bhubaneswar with amenities. Contact: 7978584549. D-76811

**Duplex sale with gated society AIIMS Hospital, Bhubaneswar. 8455909543, 7735579312.** D-76262

**2BHK flat for sale at Naharakanta Chhaka, NH Facing. Contact- 7978209277, 7008789347.** D-260


**Ready to move 1/2 BHK flat for sale @13/24 Lakh at Sundarpada and Gudiapokhari, Bhubaneswar. Call- 9861642492.** D-200

ହଂସପାଳରୁ 11K.M. ସିଙ୍ଗଡ଼ାସାହି ଛକ ପାଖରେ 1300sqft 3,12,000/- ପ୍ଲଟ୍ ବିକ୍ରିହେବ। 9114705579. D-76258

**13720sqft Commercial Land with boundary wall sale at NH- 57, Pitapalli Square, Bhubaneswar. 7008634668.** D-76259


ଭୁବନେଶ୍ୱର– ପିପିଲି **Toll Gate Puri road** ନିକଟରେ **Gharabari Plot** ଏବଂ ନଖରାରେ **3/4 BHK Duplex** ବିକ୍ରିହେବ। **8327785834.** D-76261

**Plot for sale Mahanadi Vihar, Cuttack. Mob- 9937657114 no broker allowed.** D-291



## CONSTRUCTION

Do you want to construct a building on your own plot please contact K.K. Construction. 7008268129, 9439143273. D-71397



For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

1 Hall 800-1000sqft. (attach Bathroom) plot No.-104/965, Road No.- 16, Mahaveer Nagar near Gangua Bridge, Samantrapur, BBSR. Contact- 6372096033. D-76054

1 Room Kitchen & Bathroom, 42, Swostidham, Shanti Nagar, Jharpada, Bhubaneswar. Contact- 9885043645. D-76053




Full body massage by experience therapist with homely atmosphere. 9114559860. D-275

Full body massage by odia therapist in homely atmosphere. 9556498382. D-75381



## BUSINESS

**Newly opened Dance Group, Coriographer with efficient dancers (Boys, Girls & Manager). Contact- 7853844427.** D-75844

## LOST

ମୁଁ ସୁନିତା ସାହୁ, ୩୧ବର୍ଷ, ସ୍ୱାମୀ– ସଞ୍ଜୟ କୁମାର ସାହୁ, ଗ୍ରାମ–ଛକିଲୋ ସିମିଲିପାଟଣା, ପୋଷ୍ଟ–କାକୁଡ଼ିଭାଗ, ଥାନା–ସଦର, ଜିଲ୍ଲା–ଢେଙ୍କାନାଳ, ପିନ୍–୭୫୯୦୧୫ ଜଣାଉଅଛି କି, ଗତ ୧୦।୦୪।୨୦୨୫ ସକାଳ ୧୦ଟା ସମୟରେ ମୂଳ ପଞ୍ଜୀକୃତ ବିକ୍ରୟ ଦଲିଲ ନମ୍ବର–୪୪୩୪/୨୦୦୨ ଏବଂ ୪୪୩୫/୨୦୦୨, ତା।୨୩।୧୨।୨୦୦୨ରେ ପତିତପାବନ ସାହୁ ଏବଂ ବସନ୍ତ କୁମାର ପଣ୍ଡା ଏବଂ ଲକ୍ଷ୍ମୀଧର ପଣ୍ଡାଙ୍କ ମଧ୍ୟରେ ପଞ୍ଜୀକୃତ ହୋଇଥିବା ସମ୍ପତ୍ତିର ଲିଙ୍କ୍ କାଗଜପତ୍ର ହେଉଛି ଯାହା–ସୁନିତା ସାହୁ, ପ୍ଲଟ୍ ନମ୍ବର–୧୪୧,୧୪୧/୬୧୬୧,୧୪୧/୬୧୬୨,୧୩୮/୬୦୯୮,୧୩୯ ଏବଂ ୧୩୯/୬୧୬୩, ଖାତା ନମ୍ବର–୭୮୪/୧୪୯୩ ମୌଜା–ଭାପୁର, ତହସିଲ–ସଦର ଢେଙ୍କାନାଳ, ଜିଲ୍ଲା–ଢେଙ୍କାନାଳ। ମୋ ସ୍ୱାମୀଙ୍କ ସହିତ ଢେଙ୍କାନାଳରୁ ଭାପୁରକୁ ଆସୁଥିବା ବାଟରେ କେଉଁଠାରେ ହଜିଯାଇଛି। ସମସ୍ତ ପ୍ରୟାସ ସତ୍ତ୍ୱେ ଉକ୍ତ ଡକ୍ୟୁମେଣ୍ଟଟି ମିଳିନାହିଁ। ମୁଁ ଉପର କଥିତ ସମ୍ପତ୍ତିକୁ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ଏମ୍‌ସିସି, ଲିଙ୍କ୍‌ରୋଡ୍, କଟକରେ ବନ୍ଧକ ରଖିବାକୁ ଯାଉଛି। ଯଦି କେହି ଉପରୋକ୍ତ ଦଲିଲଗୁଡିକ ପାଆନ୍ତି, ତେବେ ଦୟାକରି ମୋବାଇଲ–୯୯୩୭୭୯୮୨୮୬ କିମ୍ବା ଉପରୋକ୍ତ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। କିମ୍ବା କଥିତ ବ୍ୟାଙ୍କ୍‌ର ଶାଖା ପରିଚାଳକଙ୍କୁ ଯୋଗାଯୋଗ କରିବାକୁ ଅନୁରୋଧ। ଧ–୨୯୨

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Krushnakanta Pradhan, At/P.O.- Purunakatak, Boudh-762013 have lost possession of residues of my already damaged Transfer cum Conduct Certificate which was issued by Ravenshaw University, Cuttack bearing the SI No.-11059. If anyone found kindly contact on- 6371487351. D-285

## AFFIDAVIT

Affidavit before Executive Magistrate, Jagannathprasad, Ganjam No.- 253/21.04.2025. That I Kumuti Naik (old name), S/o- Duari Naik, At- Khairanati, P.O.- Kumpapada, P.S.- Jagannathprasad, Ganjam changed my name from Kumuti Naik to Bipra Naik. Henceforth, I shall be known as Bipra Naik for all future purposes. D- 296

I, Mamata Sahu, D/o- Yudhisthir Sahu, R/o- Village- Kankabira, P.S./ Dist.- Bargarh declare that in my Aadhaar card my name has been mentioned as Mamata Sahu, but in previous Aadhaar card wrongly mentioned as Mamata Duan. By this affidavit No.- 829, dated 16.04.2025 sworn before the Notary Public, Sohela now onwards I shall be known as Mamata Sahu for all future purposes. D-297

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM BHARAT INTERFACE FOR MONEY | UPI UNIFIED PAYMENTS INTERFACE
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## LEGAL NOTICE

Letter No.- 712
dt- 24.04.2025

ମାନ୍ୟବର ଆଡିସିନାଲ କମିଶନର
ଶ୍ରୀ ପ୍ରଦୀପ କୁମାର ନାୟକ,
ଆଇ.ଏ.ଏସ୍. ଆଡିସିନାଲ ରିଭିଜନ
କୋର୍ଟ ନଂ.– ୪ଙ୍କ ଅଦାଲତ,
ଭୁବନେଶ୍ୱର, ୪ର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର
ଓ.ଏସ୍.ଏସ୍. କେଶ୍ ନଂ.– ୨୦/୨୦୨୪

ଶ୍ରୀ ଅକ୍ଷୟ କୁମାର ସାହୁ
....ବାଦୀ/ଦରଖାସ୍ତକାରୀ
ବନାମ
ତହସିଲଦାର, ଭୁବନେଶ୍ୱର ଓ ଅନ୍ୟମାନେ
....ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁ,
୧) ଭାଗୀରଥି ରାଉତ, ପିତା– ୰ଦିଗମ୍ବର ରାଉତ, ସା/ପୋ– ପଟିଆ, ଥାନା– ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା, ଓଡ଼ିଶା
....ପ୍ରତିବାଦୀ ନଂ.–୨
୨) ଗଗନ ବିହାରୀ ରାଉତ, ପିତା– ୰ଦିଗମ୍ବର ରାଉତ, ସା/ପୋ– ପଟିଆ, ଥାନା– ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା, ଓଡ଼ିଶା
....ପ୍ରତିବାଦୀ ନଂ.– ୪
୩) ଏମ୍/ଏସ୍ ସିଟିକନ ଇଞ୍ଜିନିୟର୍‌ସ ଲିମିଟେଡ ପ୍ରତିନିଧିତ୍ୱ କରିଥିବା ନିର୍ଦ୍ଦେଶକ ଇଂ ଦୀପକ ମହାନ୍ତି, ପିତା– ୰ହୃଷୀକେଶ ମହାନ୍ତିଙ୍କ କାର୍ଯ୍ୟାଳୟ ଠିକଣା ପ୍ଲଟ୍ ନଂ.– ୫୪୦, ପୋ/ଥାନା– ସହୀଦନଗର, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା, ଓଡ଼ିଶା
....ପ୍ରତିବାଦୀ ନଂ.– ୫

ନୋଟିସ୍

ସିପିସି ଅର୍ଡର–୫, ରୁଲ–୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ ୧୯୫୮ ଧାରା– ୧୫(ଖ) ମୁତାବକ ମାନ୍ୟବର ଆଡ଼ିସିନାଲ କମିଶନର, ଆଡ଼ିସିନାଲ ରିଭିଜନ କୋର୍ଟ ନଂ.– ୪, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ଶ୍ରୀ ଅକ୍ଷୟ କୁମାର ସାହୁ ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମକଦ୍ଦମା ଦାଏର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ.– ୨,୪ ଓ ୫ ଙ୍କ ଠିକଣାରେ ନୋଟିସ୍ ରେଜିଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା, କିନ୍ତୁ ଉକ୍ତ ନୋଟିସ୍ ବିନା ଜାରି ହୋଇ ଫେରିଆସିଥିଲା। ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ.– ୨,୪ ଓ ୫ ମାନଙ୍କୁ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଇ ଅଛିକି ଯେ, ଉପରୋକ୍ତ ରିଭିଜନ କେଶ୍‌ର ଶୁଣାଣି ମାନ୍ୟବର ଆଡ଼ିସିନାଲ ରିଭିଜନ କୋର୍ଟ ନଂ.–୪, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୧୬।୦୬।୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେଶ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ଜିଲ୍ଲା– ଖୋର୍ଦ୍ଧା, ତହସିଲ– ଭୁବନେଶ୍ୱର, ଥାନା– ଚନ୍ଦ୍ରଶେଖରପୁର, ମୌଜା– ଚନ୍ଦ୍ରଶେଖରପୁର, ସାବକ ଖାତା ନଂ.– ୧୯୦, ସାବକ ପ୍ଲଟ୍ ନଂ.– ୫୬୪, ଅନୁରୂପ ହାଲ ଖାତା ନଂ.– ୯, ହାଲ ପ୍ଲଟ୍ ନଂ.– ୮୧୬, ଏରିଆ ଏ.୦.୧୨୦ ଡେସିମାଲରୁ କ୍ରୟବୃତ୍ତି ଏରିଆ ଏ୦.୦୪୬ ଡେସିମାଲ (ଦୁଇହଜାର ବର୍ଗଫୁଟ) ଚିହ୍ନିତ ଅନୁସାରେ ସବ ପ୍ଲଟ୍ ନଂ.– ୦୭, ଚୌପଦି: ଉତ୍ତର– ରେଭେନ୍ୟୁ ପ୍ଲଟ୍ ନଂ.– ୮୨୪, ଦକ୍ଷିଣ– ରାସ୍ତା, ପୂର୍ବ– ରେଭେନ୍ୟୁ ପ୍ଲଟ୍ ନଂ.– ୮୧୬(ଅଂଶ), ପଶ୍ଚିମ– ସବ ପ୍ଲଟ୍ ନଂ.– ୦୬

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ.–୨,୪ ଓ ୫ କିମ୍ବା ମୃତ ହୋଇଥିଲେ ଔରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବିଲ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଏସଲା କରାଯିବ।

ସ୍ୱା./– ଆଡିସିନାଲ ରିଭିଜନ କୋର୍ଟ ନଂ.–୪, ଭୁବନେଶ୍ୱରଙ୍କ ଆଦେଶକ୍ରମେ,
କୋର୍ଟ ଅଫିସର
ଧ–୨୮୬

I.R. No.- 630
Date- 23.04.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନଂ.– ୨
(ଶ୍ରୀ ପ୍ରଦୀପ କୁମାର ନାୟକ)
ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର,
ଜିଲ୍ଲା– ଖୋର୍ଦ୍ଧା ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ
ଓ.ଏସ୍.ଏସ୍. ମକଦ୍ଦମା ନମ୍ବର– ୧୦୩୩/୨୦୨୧

ଅମିତ କୁମାର ମଲ୍ଲିକ, ପିତା– ଉପେନ୍ଦ୍ରନାଥ ମଲ୍ଲିକ
.....ବାଦୀ
ବନାମ
ରାମଚନ୍ଦ୍ର ଦାଶ ଏବଂ ଅନ୍ୟମାନେ
....ପ୍ରତିବାଦୀ

ନୋଟିସ୍ ସି.ପି.ସି. ଅର୍ଡର–୫, ରୁଲ– ମୁତାବକ

୩) ହାଡ଼ିବନ୍ଧୁ ମହାପାତ୍ର, ୪) ସୁଦର୍ଶନ ମହାପାତ୍ର ଉଭୟଙ୍କର ପିତା ସ୍ୱର୍ଗତ ଗୋପୀନାଥ ମହାପାତ୍ର, ୫) ଟୁକୁନା ମହାପାତ୍ର, ସ୍ୱାମୀ ସ୍ୱର୍ଗତ ସୁରେନ୍ଦ୍ରନାଥ ମହାପାତ୍ର, ୬) ମଳୟ ମହାପାତ୍ର, ପିତା ସ୍ୱର୍ଗତ ସୁରେନ୍ଦ୍ରନାଥ ମହାପାତ୍ର, ୭) ରବିନ୍ଦ୍ର ନାଥ ମହାପାତ୍ର, ପିତା ସ୍ୱର୍ଗତ ମଗୁଣୀ ମହାପାତ୍ର, ୮) ହୃଷୀକେଶ ମହାପାତ୍ର, ପିତା– ସ୍ୱର୍ଗତ ଗୋବିନ୍ଦ ମହାପାତ୍ର, ପ୍ରତିବାଦୀ ନଂ.– ୩ ଠାରୁ ୮ ମାନଙ୍କର ବାସସ୍ଥାନ ସା/ପୋଷ୍ଟ– ଘାଟିକିଆ, ଥାନା– ଖଣ୍ଡଗିରି, ଜିଲ୍ଲା–ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାର ବାଦୀ ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନଂ.– ୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ୍ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ୍ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନଂ.– ୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୦୩।୦୬।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ମୌଜା– ଶଙ୍କରପୁର, ତହସିଲ– ଭୁବନେଶ୍ୱର, ଥାନା– ଚନ୍ଦକା, ଜିଲ୍ଲା– ଖୋର୍ଦ୍ଧା

ସାବକ

ଖାତା ନଂ.– ୨୭୬, ପ୍ଲଟ୍ ନଂ.– ୫୭୩, ସବ– ପ୍ଲଟ୍ ନଂ.– ୫୭୩/ଏ, କିସମ– ଶାରଦ–ଅଣଜଳସେଚିତ–୩, ରକବା– ଏ.୦.୨୩୦ଡି ସ୍ୱଧରୁ ଏ.୦.୧୩୮ଡି, ସ୍ୱତ୍ୱ– ସ୍ଥିତିବାନ,

ହାଲ

ଖାତା ନଂ.– ୧୩୬୬, ପ୍ଲଟ୍ ନଂ.– ୧୦୩୭, କିସମ– ଶାରଦ– ଅଣଜଳ ସେଚିତ–୩, ରକବା– ଏ.୦.୦୬୨ଡି., ସ୍ୱତ୍ୱ– ସ୍ଥିତିବାନ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା–
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./–କୋର୍ଟ ଅଫିସର
ଧ–୨୯୩

# ଆନ୍ଧ୍ରରୁ ଚାଲାଣ ବେଳେ ୪୭୩ କଇଁଛ ଜବତ

ଏମ୍‌ଭି–୭୯,୨୫।୪ (ଭିକି ବାରିକ)



ଜବତ ଗାଡ଼ି ସହ କଇଁଚ।

ଏକ ବୋଲେରୋରେ ଆନ୍ଧ୍ରରୁ ଓଡ଼ିଶାକୁ ଚୋରା ଚାଲାଣ ହେଉଥିବା ୪୭୩ଟି କଇଁଛକୁ ମାଲକାନଗିରି ଜିଲା ସୀମାନ୍ତରୁ ଶୁକ୍ରବାର ଭୋର ୪ଟାରେ ମୋଟୁ ବନ ବିଭାଗ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତ ଫେରାର ହୋଇଯାଇଥିବା ଜଣାପଡ଼ିଛି।

ଆନ୍ଧ୍ରରୁ ଓଡ଼ିଶାକୁ କଇଁଛ ଚୋରା ଚାଲାଣ ହେଉଥିବା ମୋଟୁ ବନ ବିଭାଗର ରେଞ୍ଜର ରଶ୍ମି ରଞ୍ଜନ ସ୍ୱାଇଁଙ୍କୁ ସୂଚନା ମିଳିଥିଲା। ରେଞ୍ଜରଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ମୁରଲୀଧର ଅନୁଗୁଳିଆଙ୍କ ନେତୃତ୍ୱରେ ଏକ ଟିମ୍ ମୋଟୁ ଦେଇ ମାଲକାନଗିରିକୁ ସଂଯୋଗ କରୁଥିବା ୨ଟି ବର୍ଡର ଚେକ୍‌ଗେଟ ଯଥା ଆନ୍ଧ୍ରର କାଲେରୁ ଏବଂ ଛତିଶଗଡର କୋଣ୍ଟା ମୋଟୁ ପୋଲଠାରେ ଜଗି ରହିଥିଲେ। ତେବେ କୋଣ୍ଟା ମୋଟୁକୁ ସଂଯୋଗ କରୁଥିବା ପୋଲ ଦେଇ ଆସୁଥିବା ଏକ ବୋଲେରୋ ନଂ (ଓଆର ୧୦ଇ ୫୮୭୭)କୁ ବନ କର୍ମଚାରୀ ଅଟକାଇବାକୁ ଚେଷ୍ଟା କରିବାରୁ ଗାଡ଼ି ଛାଡ଼ି ୨ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଗାଡ଼ିକୁ ଯାଞ୍ଚ କରିବା ପରେ ସେଥିରେ ୪୭୩ଟି କଇଁଛ ରହିଥିବା ଦେଖିବାକୁ ମିଳିଥିଲା। ବନ ବିଭାଗ ଗାଡ଼ିକୁ ଜବତ କରି ମୋଟୁ ବନାଞ୍ଚଳ କାର୍ଯ୍ୟାଳୟକୁ ଆଣିଛି। ଏହି କଇଁଛ ଆନ୍ଧ୍ରରୁ ଅଣାଯାଇ ମାଲକାନଗିରି ଜିଲାର କାଲିମେଳାର ବିଭିନ୍ନ ଅଞ୍ଚଳରେ ବିକ୍ରି କରିବା ପାଇଁ ନିଆଯାଉଥିବା ଜଣାପଡ଼ିଛି। ଫେରାର ୨ଅଭିଯୁକ୍ତଙ୍କୁ ଗିରଫ ପାଇଁ ଚେଷ୍ଟା କରାଯାଉଥିବା ମୋଟୁ ଫରେଷ୍ଟର ଅନୁଗୁଳିଆ ସୂଚନା ଦେଇଛନ୍ତି।

# ୨୦୩୬ ସୁଦ୍ଧା ମହାବଳ ସଂଖ୍ୟା ୧୦୦ ଛୁଇଁବ: ପିସିସିଏଫ୍

ବାରିପଦା,୨୫।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

**ଶିମିଳିପାଳ ଜାତୀୟ ଉଦ୍ୟାନ**

ମୟୂରଭଞ୍ଜ ଜିଲାର ଶିମିଳିପାଳ ଅଭୟାରଣ୍ୟ ଦେଶର ୧୦୭ ତମ ଜାତୀୟ ଉଦ୍ୟାନ ମାନ୍ୟତା ପାଇଛି। ବନ୍ୟଜନ୍ତୁ, ଔଷଧୀୟ ବୃକ୍ଷଲତା, ଅର୍କିଡ୍, ହସ୍ତୀ ଅଭୟାରଣ୍ୟ ଓ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପକୁ ନେଇ ଶିମିଳିପାଳ ପ୍ରସିଦ୍ଧି ଲାଭ କରିଛି। ମହାବଳ ବାଘ ସଂଖ୍ୟା ୪୦କୁ ବୃଦ୍ଧି ପାଇଥିବା ନେଇ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ (ପିସିସିଏଫ୍) ପ୍ରେମ କୁମାର ଝା ସୋସିଆଲ ମିଡିଆ ଏକ୍ସ ମାଧ୍ୟମରେ ସୂଚନା ଦେଇଛନ୍ତି। ଏହାକୁ ନେଇ ପ୍ରାଣୀପ୍ରେମୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଆଗାମୀ ୨୦୩୬ ସୁଦ୍ଧା ବାଘ ସଂଖ୍ୟା ୧୦୦ ପାର ହେବା ନେଇ ସମସ୍ତ ପ୍ରସ୍ତୁତି ଆଗେଇ ଚାଲିଛି ବୋଲି ପିସିସିଏଫ୍ କହିଛନ୍ତି।

ଦୀର୍ଘ ୪୫ ବର୍ଷ ପରେ ଶିମିଳିପାଳକୁ ଜାତୀୟ ଉଦ୍ୟାନର ମାନ୍ୟତା ମିଳିଛି। ୮୪୫.୭୦ବର୍ଗ କି.ମି. ଅଞ୍ଚଳ ଜାତୀୟ ଉଦ୍ୟାନ ଘୋଷଣା ହେବା ପରେ ଶିମିଳିପାଳ ଉପରେ କୌଣସି ବ୍ୟକ୍ତିବିଶେଷଙ୍କ ଅଧିକାର ରହିବ ନାହିଁ। ଏହି ଅଞ୍ଚଳରେ କୌଣସି ଜନବସତି ନ ଥିବା ବେଳେ ମହାବଳ ବାଘ ସଂଖ୍ୟା ବୃଦ୍ଧି ପାଉଥିବା ନେଇ ପିସିସିଏଫ କହିଛନ୍ତି। ମହାରାଷ୍ଟ୍ରରୁ ଆସିଥିବା ବାଘୁଣୀ ଜିନ୍ନତ ଓ ଯମୁନା ବ୍ୟତୀତ ଶିମିଳିପାଳରେ ମହାବଳ ବାଘ ସଂଖ୍ୟା ୪୦ରେ ପହଞ୍ଚିଛି। ସେଥି ମଧ୍ୟରେ ୮ଟି ଶାବକ, ୧୩ଟି ଅଣ୍ଡିରା ଓ ୧୭ଟି ବାଘୁଣୀ ରହିଥିବା ବେଳେ ୨ଟି ମହାବଳ ଅଣ୍ଡିରା ନା ମାଈ ତାହା ସ୍ପଷ୍ଟ ହୋଇପାରିନାହିଁ। ଏହି ବାଘଙ୍କ ମଧ୍ୟରେ ୧୮ଟି କଳାବାଘ(ମିଲେନାଷ୍ଟିକ ଟାଇଗର) ରହିଛନ୍ତି। କଳାବାଘ ମଧ୍ୟରେ ୯ଟି ଅଣ୍ଡିରା ଓ ୯ଟି ମାଈ ବାଘୁଣୀ ରହିଛନ୍ତି। ଆଗାମୀ ୧୦ ବର୍ଷ ମଧ୍ୟରେ ଏହି ସଂଖ୍ୟା ୧୦୦ ଛୁଇଁବ ବୋଲି ବନ ବିଭାଗ ଲକ୍ଷ୍ୟ ରଖିଥିବା ପିସିସିଏଫ୍ ଝା ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି, ୨୦୨୩ରେ ଏନ୍‌ଟିସିଏ ପକ୍ଷରୁ ପ୍ରକାଶିତ ବାଘ ଗଣନା ରିପୋର୍ଟରେ ଶିମିଳିପାଳରେ ୨୭ଟି ମହାବଳ ବାଘ ରହିଥିବା ବେଳେ ୮ଟି ଶାବକ ଥିବା ପ୍ରକାଶ ପାଇଥିଲା। ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ପୁନଃ ଗଣତି କରାଯାଇ ଟ୍ରାପ କ୍ୟାମେରାରେ ୧୨ଟି ବାଘ ଶାବକ ରହିଥିବା ଜଣାପଡ଼ିଥିଲା।

# ଗର୍ଭବତୀ ନାବାଳିକାଙ୍କ ନାମରେ ରହିଛି ମାଆ ଓ ଶିଶୁ ସୁରକ୍ଷା କାର୍ଡ

ନବରଙ୍ଗପୁର,୨୫।୪(ସଦାଶିବ ପ୍ରହରାଜ)


- ଖବରପାଇ ନାବାଳିକାଙ୍କୁ ଉଦ୍ଧାର କଲା ଚାଇଲ୍ଡଲାଇନ୍
- ଘଟଣାର ତଦନ୍ତ ସହ ଥାନାରେ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ ନିର୍ଦ୍ଦେଶ

ନବରଙ୍ଗପୁର ଅଞ୍ଚଳର ଜଣେ ୧୬ ବର୍ଷୀୟା ନାବାଳିକା ଏବେ ୩ ମାସର ଗର୍ଭବତୀ। ତାଙ୍କ ନାମରେ ରହିଛି ମାଆ ଓ ଶିଶୁ ସୁରକ୍ଷା କାର୍ଡ। ଜଣେ ଗର୍ଭବତୀ ନାବାଳିକା ଏହି କାର୍ଡ ପାଇବାକୁ ଯୋଗ୍ୟ ନୁହନ୍ତି। ଏହି ଘଟଣା ଜଣାପଡ଼ିବା ପରେ ନାବାଳିକାଙ୍କୁ ଉଦ୍ଧାର କରି ଶୁକ୍ରବାର ଜିଲା ଶିଶୁ କଲ୍ୟାଣ କମିଟି ନିକଟରେ ହାଜର କରାଯାଇଛି। ଥାନାରେ ମାମଲା ରୁଜୁ ସହ ଘଟଣାର ତଦନ୍ତ କରିବାକୁ ଜିଲା ଶିଶୁ କଲ୍ୟାଣ କମିଟି ନିର୍ଦ୍ଦେଶ ଦେଇଛନ୍ତି। ନାବାଳିକାଙ୍କୁ ଉତ୍ତମ ଚିକିତ୍ସା, ରକ୍ଷଣାବେକ୍ଷଣ ପାଇଁ ସଖୀ ୱାନ ଷ୍ଟପ କେନ୍ଦ୍ରର ସ୍ୱଳ୍ପ ରହଣି ପାଇଁ ଚିଠି କରି ଦର୍ଶାଇଛନ୍ତି। ନାବାଳିକାଙ୍କୁ କିଭଳି ମାଆ ଓ ଶିଶୁ ସୁରକ୍ଷା କାର୍ଡ ମିଳିଲା ତାହାର ତଦନ୍ତ କରାଯିବ ବୋଲି ଜିଲା ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷା ଅଜନ୍ତା ଶୁଭପ୍ରିୟଦର୍ଶନୀ କହିଛନ୍ତି।

ସୂଚନାନୁଯାୟୀ, ନବରଙ୍ଗପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ଆଲାମ ଖାନ ନାମକ ଜଣେ ଯୁବକଙ୍କ ସହ ପ୍ରେମ ସମ୍ପର୍କ ଥିଲା। ପୂର୍ବରେ ଯୁବକ ଜଣକ ନାବାଳିକାଙ୍କୁ ଅପହରଣ କରିଥିବା ନେଇ ନବରଙ୍ଗପୁର ଥାନାରେ ୨୦୨୪ ଫେବୃଆରୀ ୯ରେ କେସ୍ ନମ୍ବର ୬୯/୨୪ରେ ଏକ ମାମଲା ରୁଜୁ ହୋଇଥିଲା। ସେତେବେଳେ ଏ ସମ୍ପର୍କରେ ପୋଲିସ ଶିଶୁ କଲ୍ୟାଣ କମିଟିକୁ ଜଣାଇ ନ ଥିଲା। କୋର୍ଟରେ ନାବାଳିକା ନିଜ ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯାଇଥିବା ଏବଂ ତାଙ୍କୁ ଅପହରଣ ହୋଇ ନ ଥିବା ନେଇ ବୟାନ ଦେଇଥିଲେ। ପରେ କେସ୍ ବନ୍ଦ ହୋଇଯାଇଥିଲା। ଏହାପରେ ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ଗଢ଼ିଉଠିଥିଲା। ଏବେ ନାବାଳିକା ଜଣକ ୩ ମାସର ଗର୍ଭବତୀ। ନାବାଳିକାଙ୍କ ନାମରେ ସେଠାକାର ଆଶାକର୍ମୀ ମାଆ ଓ ଶିଶୁ ସୁରକ୍ଷା କାର୍ଡ କରାଇ ଦେଇଥିଲେ। ଏହି ଖବର ଜଣାପଡ଼ିବା ପରେ ଚାଇଲ୍ଡଲାଇନ ସଂଯୋଜକ ଚିନ୍ମୟୀ ନାୟକ ଓ ନମୁଚି ବିଷୋଇ ନାବାଳିକାଙ୍କୁ ଆଣି ଶିଶୁ କଲ୍ୟାଣ କମିଟି ନିକଟରେ ହାଜର କରିଥିଲେ। କମିଟି ଅଧ୍ୟକ୍ଷା ଅଜନ୍ତା ଶୁଭ ପ୍ରିୟଦର୍ଶନୀ, ସଭ୍ୟ ଅନିତା ହୋତା, ବିଜୟଲକ୍ଷ୍ମୀ ସାହୁ, ସନ୍ତୋଷ ଷଡ଼ଙ୍ଗୀ ଓ ରବୀନ୍ଦ୍ର ପଧାନ ନାବାଳିକାଙ୍କ ସହ କଥା ହୋଇ ତାଙ୍କୁ ଥାନାକୁ ପଠାଇଥିଲେ। ଥାନାରେ ପୋକ୍‌ସୋ ମାମଲା ରୁଜୁ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଡାକ୍ତରୀ ଚିକିତ୍ସା ଓ ସ୍ୱଳ୍ପ ରହଣି ପାଇଁ ୱାନ ଷ୍ଟପରେ ରହିବାକୁ ଚିଠି ନମ୍ବର ୭୦୭–ସିଡବ୍ଲ୍ୟୁସି–୨୦୨୫ରେ ଦର୍ଶାଇଛନ୍ତି।


**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତା ଉର୍ମିଳା ମହାନ୍ତି
ଗ୍ରାମ– ସମସରପୁର
ଶ୍ରୀଜଗନ୍ନାଥଙ୍କର ଚରଣାରବିନ୍ଦରେ ଆପଣଙ୍କ ଅମର ଆତ୍ମା ଶାନ୍ତି ଲାଭ କରୁ।
ଜଗତର ନାଥ ଜଗନ୍ନାଥଙ୍କ ପାଦପଦ୍ମରେ ଆମର ଏତିକି ଲୋତକଭରା ନିବେଦନ।
ଇତି ଆପଣଙ୍କର ଶୋକସନ୍ତପ୍ତ ପରିବାରବର୍ଗ।
ଧ–୨୮୧

# ୨୦୫୭ ସୁଦ୍ଧା ନେଟ୍ ଜିରୋ ଲକ୍ଷ୍ୟ ହାସଲ

ଭୁବନେଶ୍ୱର,୨୫।୪: (ଅଭୟ ଦାଶ)



ବ୍ୟାଙ୍କର ଇଏସ୍‌ଜି ନୀତି ଉନ୍ମୋଚନ ଅବସରରେ ବିଓବିର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଦେବଦତ୍ତ ଚାନ୍ଦଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବ୍ୟାଙ୍କ ଅଫ୍ ବରୋଦା (ବିଓବି)ରେ ପୃଥିବୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଓବି ପକ୍ଷରୁ ପରିବେଶ, ସାମାଜିକ ଓ ପ୍ରଶାସନ (ଇଏସ୍‌ଜି) ନୀତି ଉନ୍ମୋଚନ କରାଯିବାର ଐତିହାସିକ ଘୋଷଣା କରାଯାଇଥିବା ବେଳେ ୨୦୫୭ ସୁଦ୍ଧା ନେଟ୍ ଜିରୋ ଏମିସନ୍ (ନିର୍ଗମନ) ଲକ୍ଷ୍ୟ ହାସଲ କରିବା ଲାଗି ପ୍ରତିବଦ୍ଧତା ପ୍ରଦର୍ଶନ କରାଯାଇଛି। ଏହି ରଣନୈତିକ ପଦକ୍ଷେପ ଦାୟିତ୍ୱବାନ ଏବଂ ସ୍ଥାୟୀ ବ୍ୟାଙ୍କିଙ୍ଗ ଅଭ୍ୟାସକୁ ପ୍ରୋତ୍ସାହିତ କରିବା, ଇଏସ୍‌ଜି ବିପଦକୁ ହ୍ରାସ କରିବା ଏବଂ କମ୍ କାର୍ବନ ଭବିଷ୍ୟତ ପାଇଁ ସୁଯୋଗ ହାସଲ କରିବା, ଗ୍ଲୋବାଲ ସଷ୍ଟେନେବିଲିଟି ଫ୍ରେମୱାର୍କ ସହିତ ସମନ୍ୱିତ ହେବା ଏବଂ ବ୍ୟାଙ୍କ ମଧ୍ୟରେ ଏକ ଇଏସ୍‌ଜି-କେନ୍ଦ୍ରିତ ସଂସ୍କୃତି ସୃଷ୍ଟି କରିବା ପାଇଁ ବ୍ୟାଙ୍କର ଦୀର୍ଘଦିନର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ସେହିଭଳି ଅକ୍ଷୟ ଶକ୍ତି ଉତ୍ସର ଗୁରୁତ୍ୱ ଉପରେ ଆଲୋକପାତ କରୁଥିବା ପୃଥିବୀ ଦିବସ-୨୦୨୫ର ବିଷୟବସ୍ତୁ 'ଆମ ଶକ୍ତି, ଆମ ଗ୍ରହ'ର ବିଷୟବସ୍ତୁ ଅନୁଯାୟୀ ବ୍ୟାଙ୍କ ଅଫ୍ ବରୋଦା ନବୀକରଣୀୟ ଶକ୍ତି କ୍ଷେତ୍ରକୁ ଋଣ ଆବଣ୍ଟନରେ ପ୍ରାଥମିକତା ଦେବ। ସେହିପରି ବ୍ୟାଙ୍କ୍ ପରିବେଶ ସୁରକ୍ଷା ଦିଗରେ ନିଜର ଯୋଗଦାନ 'ପ୍ଲାଣ୍ଟ-ଏ-ଟ୍ରି' କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟାଙ୍କ ଦ୍ୱାରା ପ୍ରଦତ୍ତ ପ୍ରତ୍ୟେକ ଅଟୋ ଏବଂ ଗୃହ ଋଣ ପାଇଁ ଗ୍ରାହକମାନଙ୍କ ପକ୍ଷରୁ କ୍ୟାଲେଣ୍ଡର ବର୍ଷ ୨୦୨୫ରେ ଏପର୍ଯ୍ୟନ୍ତ ୩୦,୦୦୦ରୁ ଅଧିକ ବୃକ୍ଷରୋପଣ କରାଯାଇଛି। ଏ ସମ୍ପର୍କରେ ବ୍ୟାଙ୍କ ଅଫ୍ ବରୋଦାର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଦେବଦତ୍ତ ଚାନ୍ଦ କହିଛନ୍ତି, ପୃଥିବୀ ଦିବସ-୨୦୨୫ ବ୍ୟାଙ୍କ ଅଫ୍ ବରୋଦାର ସ୍ଥାୟିତ୍ୱପୂର୍ଣ୍ଣ ବୃଦ୍ଧି ଯାତ୍ରାରେ ଏକ ନିର୍ଣ୍ଣାୟକ ମୁହୂର୍ତ୍ତ ହେବ। ଆମ ଇଏସ୍‌ଜି ନୀତି ଏବଂ ଆମର ନେଟ୍ ଜିରୋ ପ୍ରତିବଦ୍ଧତାର ଉନ୍ମୋଚନ ହେଉଛି, ପରିବେଶ ସୁରକ୍ଷାରେ ଅର୍ଥପୂର୍ଣ୍ଣ ଯୋଗଦାନ, ସାମାଜିକ କଲ୍ୟାଣକୁ ପ୍ରୋତ୍ସାହିତ କରିବା ଏବଂ ଶାସନର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବା ମାଧ୍ୟମରେ ବ୍ୟାଙ୍କ ଏକ ଦାୟିତ୍ୱବାନ କର୍ପୋରେଟ୍ ନାଗରିକ ଭାବରେ ଗୁରୁତ୍ୱ ଦେଉଛି। ଆମର ଲକ୍ଷ୍ୟ ହେଉଛି ଇଏସ୍‌ଜି ଅଭ୍ୟାସକୁ ଆମର କାର୍ଯ୍ୟନୀତି ଏବଂ ପରିଚାଳନାରେ ସାମିଲ କରିବା।

# ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୨୫।୪

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରି କି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୫୮୯ (୫୮୮.୯୦) ପଏଣ୍ଟ ହ୍ରାସ ଘଟି ୭୯,୨୧୨ (୭୯,୨୧୨.୫୩) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୨୦୭ (୨୦୭.୩୫) ପଏଣ୍ଟ କମି ୨୪,୦୩୯ (୨୪,୦୩୯.୩୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରି କି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ସୁନୀଲ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ନୂଆ ଅଧ୍ୟକ୍ଷ



ଖବରଦାତା ସମ୍ମିଳନୀକୁ ସିଆଇଆଇ ଓଡିଶା ରାଜ୍ୟ ପରିଷଦର ପ୍ରତିନିଧି ସମ୍ବୋଧିତ କରୁଛନ୍ତି।

ଭୁବନେଶ୍ୱର,୨୫।୪

ଭାରତୀୟ ଶିଳ୍ପ ମହାସଂଘ ବା ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ନୂତନ ଅଧ୍ୟକ୍ଷ ଭାବେ ବେଦାନ୍ତ ଲିମିଟେଡ୍‌ର ଝାରସୁଗୁଡ଼ା ଆଲୁମିନିୟମ ବିଜ୍‌ନେସ୍ ବିଭାଗର ସିଇଓ ସୁନୀଲ ଗୁପ୍ତା ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲାବେଳେ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ ବା ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଓଡ଼ିଶା ଆସେଟ୍‌ସ ଅପରେଶନ ବିଭାଗର କାର୍ଯ୍ୟକାରୀ ନିର୍ଦ୍ଦେଶକ ସୁରେଶ ଜି ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଏପରି କି ୨୦୨୫-୨୬ ବର୍ଷ ପାଇଁ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ଭାବେ ଉଭୟଙ୍କୁ ନିର୍ବାଚିତ କରାଯାଇଥିବା ପରିଷଦ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଏହି ପରିପ୍ରେକ୍ଷୀରେ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ଅବସରରେ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ (ନବନିର୍ବାଚିତ) ସୁନୀଲ ଗୁପ୍ତା ଏବଂ ଉପାଧ୍ୟକ୍ଷ (ନବନିର୍ବାଚିତ) ସୁରେଶ ଜି ଓ ଅଶୋକ ବାରାତ ପ୍ରମୁଖ ଉପସ୍ଥିତ ରହି ସମ୍ମିଳନୀର ଆଭିମୁଖ୍ୟ ଓ ପରିଷଦର ସ୍ୱତନ୍ତ୍ର ବୈଠକ ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

# ଅନ୍ତର୍ଜାତୀୟ ଶିକ୍ଷା ମେଳା ଉଦ୍‌ଘାଟିତ

ଭୁବନେଶ୍ୱର,୨୫।୪

ପ୍ରତି ବର୍ଷ ଭଳି ଚଳିତବର୍ଷ ମଧ୍ୟ ଆଇଡିପି ଏଡୁକେଶନ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱରରେ ଏକ ସର୍ବବୃହତ୍ ଅନ୍ତର୍ଜାତୀୟ ଶିକ୍ଷାମେଳାର ଆୟୋଜନ କରାଯାଇଥିଲା। ଏପରି କି ଏହି ମେଳା ଜରିଆରେ ଆମେରିକା, ୟୁକେ ଭଳି ପ୍ରମୁଖ ସହରଗୁଡ଼ିକରେ ଉଚ୍ଚଶିକ୍ଷା କରିବାକୁ ଆଶାୟୀ ଛାତ୍ରୀଛାତ୍ରଙ୍କ ବିଦେଶର ୧୩ ପ୍ରମୁଖ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବା ସହିତ ଉଚ୍ଚ ଶିକ୍ଷା ଲାଭ ପାଇଁ ଚାହୁଁଥିବା ପ୍ରାର୍ଥୀଙ୍କ ଲାଗି ଆବଶ୍ୟକ ସମର୍ଥନ ଯୋଗାଇ ଦେବ। ସେହିଭଳି ଏହି ଅନ୍ତର୍ଜାତୀୟ ଶିକ୍ଷା ମେଳାରେ ଛାତ୍ର ଓ ଅଭିଭାବକମାନଙ୍କୁ ସେମାନଙ୍କ ପସନ୍ଦର ଶିକ୍ଷାନୁଷ୍ଠାନ ଓ ପାଠ୍ୟକ୍ରମ ବିଷୟରେ ଧାରଣା ପ୍ରଦାନ ସହିତ ଅଂଶଗ୍ରହଣକାରୀମାନେ ସେମାନଙ୍କ ଶିକ୍ଷାଗତ ଓ ବୃତ୍ତିଗତ ଭବିଷ୍ୟତ ବିଷୟରେ ନିଷ୍ପତ୍ତି ନେଇପାରିବେ। ଏ ସମ୍ପର୍କରେ ଆଇଡିପି ଏଡୁକେଶନର ଦକ୍ଷିଣ ଏସିଆ, କାନାଡ଼ା ଓ ଲାଟିନ ଆମେରିକାର ଆଞ୍ଚଳିକ ନିର୍ଦ୍ଦେଶକ ପୀୟୂଷ କୁମାର କହିଛନ୍ତି, ଭୁବନେଶ୍ୱର ଅନ୍ତର୍ଜାତୀୟ ଶିକ୍ଷା ଲାଗି ଏକ ପ୍ରମୁଖ ବଜାର ହୋଇଥିଲା ବେଳେ ପିଲାମାନଙ୍କ ଚାହିଦା ପୂରଣ ପାଇଁ ଏହି ପରିବର୍ତ୍ତନଶୀଳ ଯାତ୍ରାରେ ସେମାନଙ୍କୁ ମାର୍ଗଦର୍ଶନ ଲାଗି ଆମେ ପ୍ରୟାସ କରୁଛୁ। ଏହି ପ୍ଲାଟଫର୍ମ ଜରିଆରେ ସେମାନେ ନିଜର ଭବିଷ୍ୟତ ଶିକ୍ଷା ବିଷୟରେ ନିଷ୍ପତ୍ତି ନେଇପାରିବେ। ସେହିପରି ଏହି ମେଳା ଛାତ୍ରୀଛାତ୍ରମାନଙ୍କୁ ସୁବିଧାରେ ପଢ଼ିବା ଲାଗି ବିସ୍ତୃତ ଜ୍ଞାନପ୍ରଦାନ କରିବ; ଯେଉଁଥିରେ ଭିଜା ନୀତି, ଶିକ୍ଷା ପର ସୁଯୋଗ, ବୃତ୍ତି ଏବଂ ଉଭୟ ଛାତ୍ର ଓ ସେମାନଙ୍କ ଅଭିଭାବକଙ୍କ ଲାଗି ଜରୁରୀ ବିଷୟଗୁଡ଼ିକ ବୁଝିବାରେ ସହାୟକ ହୋଇପାରିବ। ସେମାନଙ୍କୁ ଅଧିକ ସହାୟତା କରିବା ଲାଗି ଆଇଡିପି ଏଡୁକେଶନ ମାଗଣା ସେବା ପ୍ରଦାନ କରୁଛି; ଯାହା ଆବେଦନ, ପ୍ରସ୍ଥାନ ପୂର୍ବ ମାର୍ଗଦର୍ଶନ ଓ ଭିଜା ସହାୟତା ଅନ୍ତର୍ଭୁକ୍ତ, ଯାହା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଏକ ସୁଗମ ଯାତ୍ରା ସୁନିଶ୍ଚିତ କରିଥାଏ।

# ଅରୁନ୍ଧତୀ ଜୁଏଲର୍ସଙ୍କୁ ୨ଟି ଜାତୀୟ ସମ୍ମାନ

ଭୁବନେଶ୍ୱର,୨୫।୪



ଅତିଥିଙ୍କଠାରୁ ଅରୁନ୍ଧତୀ ଗ୍ରୁପ୍‌ର ନିର୍ଦ୍ଦେଶକ ପ୍ରତୀକ ମେହେର ପୁରସ୍କାର ଗ୍ରହଣ କରୁଛନ୍ତି।

ରାଜ୍ୟର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସଙ୍କୁ ନିକଟରେ ୨ଟି ଜାତୀୟ ସମ୍ମାନ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଅଲ ଇଣ୍ଡିଆ ଜେମ୍ସ ଆଣ୍ଡ ଜୁଏଲେରି ଡୋମେଷ୍ଟିକ୍ କାଉନସିଲ ପକ୍ଷରୁ ମୁମ୍ବାଇ ଜିଓ ୱାର୍ଲଡ କନ୍‌ଭେନଶନ ସେଣ୍ଟରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଉତ୍ସବରେ ଅରୁନ୍ଧତୀ ଜୁଏଲର୍ସଙ୍କୁ ପ୍ରିଫର୍ଡ ରିଟେଲର ଅଫ୍ ଇଣ୍ଡିଆ-୨୦୨୫ ସମ୍ମାନିତ କରାଯାଇଥିଲାବେଳେ ଅରୁନ୍ଧତୀ ଗ୍ରୁପ୍‌ର ନିର୍ଦ୍ଦେଶକ ପ୍ରତୀକ ମେହେରଙ୍କୁ 'ଜିଜେସି ନେକ୍ସଟ୍ ଜେନେରେଶନ ଫ୍ୟୁଚର ଅଫ୍ ଜୁଏଲେରି ଇଣ୍ଡଷ୍ଟ୍ରି' ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଅରୁନ୍ଧତୀ ଗ୍ରୁପ୍‌ର ଏମ୍‌ଡି ବ୍ରହ୍ମାନନ୍ଦ ମେହେର ଏବଂ ନିର୍ଦ୍ଦେଶକ ପ୍ରତୀକ ମେହେର ସମ୍ମାନ ସମାରୋହରେ ଯୋଗଦେଇ ଅତିଥିଙ୍କଠାରୁ ଉପରୋକ୍ତ ସମ୍ମାନ ଗ୍ରହଣ କରିଥିଲେ। ସେହିଭଳି ପ୍ରଥମ ଥର ପାଇଁ ୨ଟି ଜାତୀୟ ସମ୍ମାନରେ ସମ୍ମାନିତ ହୋଇଥିବା ଓଡ଼ିଶାର ପ୍ରଥମ ବ୍ରାଣ୍ଡ୍ ଭାବେ ଅରୁନ୍ଧତୀ ଏହି ଗୌରବର ଅଧିକାରୀ ହୋଇପାରିଛି।

ଏ ସମ୍ପର୍କରେ ଅରୁନ୍ଧତୀ ଗ୍ରୁପ୍‌ର ଏମ୍‌ଡି ବ୍ରହ୍ମାନନ୍ଦ ମେହେର କହିଥିଲେ, ପାଇଥିବା ଦୁଇଟି ଜାତୀୟ ସମ୍ମାନ ଅରୁନ୍ଧତୀକୁ ଦୀର୍ଘ ବର୍ଷ ଧରି ସ୍ନେହ, ଶ୍ରଦ୍ଧା, ଭଲ ପାଇବା ଦେଇ ବଳିଷ୍ଠ କରିଥିବା ପ୍ରତ୍ୟେକ ଓଡ଼ିଶାବାସୀଙ୍କୁ ସମର୍ପିତ। ଦୀର୍ଘ ୨୫ ବର୍ଷ ଧରି ଗ୍ରାହକଙ୍କ ପ୍ରତି ବିନମ୍ର ସେବା ମନୋଭାବ, ଗ୍ରାହକଙ୍କ ଚାହିଦା ମୁତାବକ ନୂତନ ଡିଜାଇନର ଅଳଙ୍କାର ଯୋଗାଇ ଦେଇ ସର୍ବାଦୃତି ହୋଇଥିବା ଅରୁନ୍ଧତୀ ତା'ର ପ୍ରତ୍ୟେକ ବ୍ୟବସାୟିକ ପଦକ୍ଷେପରେ ସ୍ୱଚ୍ଛତା, ଗହଣା ମାନରେ ଶୁଦ୍ଧତା, ସୃଜନଶୀଳତା ଓ ଦୂରଦୃଷ୍ଟି ସମ୍ପନ୍ନ ଅଭିଜ୍ଞତା ପରିପୂର୍ଣ୍ଣ ବ୍ୟବସାୟ ଅରୁନ୍ଧତୀକୁ ଗୋଟିଏ ମଞ୍ଚରେ ଦୁଇ ଦୁଇଟି ପ୍ରତିଷ୍ଠିତ ଜାତୀୟ ପୁରସ୍କାର ଲାଭ କରିବାରେ ସହାୟକ ହୋଇଛି।

# ଆଇଆର ପ୍ଲାନର ଶୁଭାରମ୍ଭ

ଭୁବନେଶ୍ୱର,୨୫।୪

ଭାରତୀ ଏୟାରଟେଲର ବହୁ ପ୍ରତୀକ୍ଷିତ ତଥା ଅନ୍ତର୍ଜାତୀୟ ରୋମିଂ (ଆଇଆର୍) ପ୍ଲାନର ଶୁଭାରମ୍ଭ କରାଯାଇଛି। ଏପରି କି ଆର୍‌ଆଇ ପୋର୍ଟଫୋଲିଓରେ ନୂଆ ପ୍ଲାନ ଗ୍ରାହକଙ୍କ ପାଇଁ ସହଜ, ଅଧିକ ସୁଲଭ ଏବଂ ସମ୍ପୂର୍ଣ୍ଣ ଅସୁବିଧାମୁକ୍ତ ବୋଲି କୁହାଯାଉଛି। ଅପରପକ୍ଷରେ କମ୍ପାନୀ ଭାରତର ପ୍ରଥମ ଅସୀମିତ ଆଇଆର୍ ପ୍ଲାନ୍‌କୁ ନିକଟରେ ଉନ୍ମୋଚନ କରିଛି, ଯାହା ୧୮୯ ଦେଶରେ ଅସୀମିତ ଡାଟା ପ୍ରଦାନ କରୁଛି। ଏହା ବ୍ୟତୀତ ଦୀର୍ଘଦିନ ଧରି ରହୁଥିବା ପ୍ରବାସୀ ଭାରତୀୟ (ଏନ୍‌ଆର୍‌ଆଇ) ସମ୍ପ୍ରଦାୟ ପାଇଁ ଏୟାରଟେଲ ଏକ ବର୍ଷ ବୈଧତା ସହିତ ୪,୦୦୦ ଟଙ୍କାର ଏକ ନିଆରା ରିଚାର୍ଜ ପ୍ଲାନର ମଧ୍ୟ ଶୁଭାରମ୍ଭ କରିଛି। ବିଦେଶରେ ବ୍ୟବହାର ପାଇଁ ଏହି ପ୍ଲାନରେ ୫ଜିବି ଡାଟା ଏବଂ ୧୦୦ ଭଏସ୍ ମିନିଟ୍‌ର ସୁବିଧା ମିଳୁଥିବାବେଳେ ଭାରତରେ ଗ୍ରାହକମାନେ ସମାନ ପ୍ଲାନ ବ୍ୟବହାର କରି ଦୈନିକ ୧.୫ ଜିବି ଡାଟା ଏବଂ ଅସୀମିତ କଲ୍ ସୁବିଧା ପାଇପାରିବେ। ଏହି ପ୍ଲାନ୍ ଗ୍ରାହକଙ୍କୁ ୧୮୯ଟି ଦେଶର ଯେକୌଣସି ସ୍ଥାନରେ ଅସୁବିଧାମୁକ୍ତ ସଂଯୋଗ ଅନୁଭୂତି ପ୍ରଦାନ କରିବ ଏବଂ ଭାରତରେ ଅଲଗା ରିଚାର୍ଜ ନ କରି ସମାନ ନମ୍ବର ବ୍ୟବହାର କରିବା ସୁବିଧା ପ୍ରଦାନ କରିବ। ଭାରତୀ ଏୟାରଟେଲର ନିର୍ଦ୍ଦେଶକ ମାର୍କେଟିଂ ଓ ସିଇଓ ସିଦ୍ଧାର୍ଥ ଶର୍ମା କହିଛନ୍ତି, ଆମେ ଗ୍ରାହକଙ୍କ ଜୀବନକୁ ସରଳ କରିବା ଏବଂ ସେମାନଙ୍କୁ ଅଧିକ ମୂଲ୍ୟ ଓ ସୁବିଧା ପ୍ରଦାନ କରିବା ପାଇଁ ଉତ୍ସର୍ଗୀକୃତ ରହିଛୁ। ଆମେ ଆମର ଆଇଆର ଯୋଜନାର ସରଳୀକରଣ କରିଛୁ, ଯାହା ଗ୍ରାହକମାନଙ୍କ ପାଇଁ ଆମର ମୂଲ୍ୟ ପ୍ରସ୍ତାବକୁ ପ୍ରକୃତରେ ପୁନଃପରିକଳ୍ପିତ କରିବ ଏବଂ ସେମାନଙ୍କୁ ଦୁନିଆରେ ଭ୍ରମଣ କରିବା ସମୟରେ ଡାଟା ଏବଂ ଭଏସ୍ ଉଦାର ଭାବେ ବ୍ୟବହାର କରିବାକୁ ସ୍ୱାଧୀନତା ଦେବ। ଗ୍ରାହକଙ୍କ କ୍ରମାଗତ ବିକଶିତ ଆବଶ୍ୟକତାକୁ ପୂରଣ କରୁଥିବା ସମାଧାନ ପ୍ରଦାନ କରିବାକୁ ଆମେ ନିରନ୍ତର ପ୍ରତିଶ୍ରୁତିବଦ୍ଧ।

## ଅପରାଧ

# ୫ ଅଭିଯୁକ୍ତଙ୍କୁ ଆଜୀବନ ଜେଲ

### ଗୁଣିଗାରେଡ଼ିକୁ ନେଇ ହତ୍ୟା ମାମଲା

ଝାରସୁଗୁଡା, ୨୫।୪ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲା ରେଙ୍ଗାଲି ଥାନା ଅଧୀନ ବିଜାପାଲି ଗ୍ରାମରେ ଗୁଣିଗାରେଡିକୁ ନେଇ ଘଟିଥିବା ହତ୍ୟା ମାମଲାରେ ଝାରସୁଗୁଡା ଅତିରିକ୍ତ ଜିଲା ଓ ଦୌରାଜଜ୍ ସୁବାସ ଚନ୍ଦ୍ର ଧଳ ଶୁକ୍ରବାର ୫ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ ସୌଦାମିନୀ ଜୟପୁରିଆ(୨୨), ସନ୍ତୋଷିନୀ ଜୟପୁରିଆ(୨୩), ପତ୍ରମାଲ ଗ୍ରାମର ନବୀନ ଭୋଇ(୨୨), ସହଦେବ ଜୟପୁରିଆ(୧୯), ଅକ୍ଷୟ ଜୟପୁରିଆ(୧୯)। ସୂଚନା ଅନୁଯାୟୀ, ୨୦୧୭ ମାର୍ଚ୍ଚ ୨ରେ ବିଜାପାଲି ଗ୍ରାମରେ ସଂଯୁକ୍ତା ଜୟପୁରିଆ ନାମ୍ନୀ ଜଣେ କଲେଜ ଛାତ୍ରୀ ଅସୁସ୍ଥ ହୋଇପଡିଥିଲେ। ଫଳରେ ୨ ଯୁବତୀ ଗୁଣିଗାରେଡି ପୂଜା କରିବାକୁ ଡାକିନେଇ ତାଙ୍କ ଉପରେ ଶିବତାଣ୍ଡବ ନୃତ୍ୟ କରିଥିଲେ। ଏପରି କି ତାଙ୍କ ମୁଣ୍ଡର ଚୁଟିକୁ ଟାଣିବା ସହ ଦେହସାରା ଧୂପକାଠି ଚେଙ୍କ ଦେଇଥିଲେ। ଫଳରେ ଘଟଣାସ୍ଥଳରେ ସଂଯୁକ୍ତାଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ କ୍ରାଇମବ୍ରାଞ୍ଚ ମାମଲା ରୁଜୁ କରିବା ସହ ତଦନ୍ତ କରି ଶିବତାଣ୍ଡବ ନୃତ୍ୟ କରିଥିବା ୨ ଯୁବତୀ, ତାଙ୍କର ୩ ସହଯୋଗୀ ଓ ମୃତା ଛାତ୍ରୀଙ୍କ ମା'ବାପାଙ୍କୁ ଗିରଫ କରିଥିଲା। ବିଚାରପତି ସମସ୍ତ ସାକ୍ଷ୍ୟ ପ୍ରମାଣ ଆଧାରରେ ଉକ୍ତ ୨ ଯୁବତୀଙ୍କ ସମେତ ୫ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅପରପକ୍ଷରେ ଛାତ୍ରୀଙ୍କ ମା'ବାପା ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ସରକାରୀ ଓକିଲ ପ୍ରକାଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ପୋଲିସ ଗୁଳିରେ ୨ ଅଭିଯୁକ୍ତ ଆହତ

### ଢାବାରେ ଡକାୟତି ବେଳେ ମାଲିକଙ୍କୁ ଗୁଳିମାଡ଼ ଘଟଣା

### ଆହତଙ୍କ ସମେତ ୩ ଗିରଫ, ଜଣେ ଫେରାର

ରାଉରକେଲା,୨୫।୪(ସଙ୍ଗୀତା ଜେନା)

ସୁନ୍ଦରଗଡ଼ ଜିଲା ବିଶ୍ରା ଥାନା ଅନ୍ତର୍ଗତ ସାରୁବାହାଲ ଗ୍ରାମରେ ଥିବା ଢୁଗ୍ଗୁ ଢାବାରେ ଗୁରୁବାର ବିଳମ୍ବିତ ରାତିରେ ସଶସ୍ତ୍ର ଡକାୟତି ହୋଇଛି। ଡକାୟତମାନେ ଢାବା ମାଲିକଙ୍କୁ ଗୁଳିମାଡ଼ କରି ୨୦ହଜାର ଟଙ୍କା, ୩ଟି ମୋବାଇଲ ଫୋନ୍ ନେଇ ଫେରାର ହୋଇଯାଇଥିଲେ। ଖବର ପାଇ ବିଶ୍ରା ଥାନା ପୋଲିସ ସେମାନଙ୍କୁ ଧରିବା ପାଇଁ ଉଦ୍ୟମ କରୁଥିବାବେଳେ ଅଭିଯୁକ୍ତମାନେ ପୋଲିସ ଉପରକୁ ଅତର୍କିତ ଗୁଳି ଚଳାଇଥିଲେ। ଜବାବରେ ପୋଲିସ ସେମାନଙ୍କ ଉପରକୁ ପାଲଟା ଗୁଳି ଚଳାଇବାରୁ ୨ଜଣ ଆହତ ହୋଇଥିଲେ। ଆହତଦ୍ୱୟ ହେଲେ ଉଦୁସୁ ଜଟାଟୋଲାର ଶବିନାଥ ସିଂହ(୨୬) ଓ ବାଣେଶ୍ୱର ସିଂହ(୨୦)। ଏହି ଘଟଣାରେ ପୋଲିସ ୨ ଆହତଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି। ଆହତମାନଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଶୁକ୍ରବାର ଅପରାହ୍ନ ସାଢେ ୨ଟାରେ ଢାବା ମାଲିକଙ୍କ ସ୍ତ୍ରୀ ସୁମନ ଖାଲଖୋ(୪୦)ଙ୍କ ଲିଖିତ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୧୬୦/୨୫) ରୁଜୁ କରି ତଦନ୍ତ କରୁଛି। ଏ ସମ୍ପର୍କରେ ଶୁକ୍ରବାର ଅପରାହ୍ନ ୫ଟାରେ ରାଉରକେଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ନିତେଶ ୱାଧୱାନୀ ସୂଚନା ପ୍ରଦାନ କରିଛନ୍ତି।

ଏସ୍‌ପି ୱାଧୱାନୀ ଆହୁରି କହିଥିଲେ, ସାରୁବାହାଲ ଅଞ୍ଚଳରେ ଅଭିଯୋଗକାରିଣୀ ସୁମନଙ୍କ ସ୍ୱାମୀ ଗଙ୍ଗେଇ ଖାଲଖୋଙ୍କ ଏକ ଢାବା ରହିଛି। ଗୁରୁବାର ରାତିରେ ୭/୮ ଜଣ ତେତରକେଲା ଗ୍ରାମରୁ ୨ଟି ବାଇକ୍‌ରେ ଉକ୍ତ ଢାବାକୁ ଆସି ବନ୍ଧୁକ ଦେଖାଇ କ୍ୟାଶ୍ କାଉଣ୍ଟରରୁ ୨୦ହଜାର ଟଙ୍କା ଏବଂ ୩ ମୋବାଇଲ ନେଇଯାଇଥିଲେ। ଏହାର ବିରୋଧ କରିବାରୁ ସେମାନେ ଢାବା ମାଲିକଙ୍କ ଗୋଡକୁ ଗୋଟିଏ ରାଉଣ୍ଡ ଗୁଳିମାଡ଼ କରିଥିଲେ। ସୂଚନା ପାଇ ବିଶ୍ରା ପୋଲିସ ଟିମ୍ ତେତରକେଲା ପର୍ଯ୍ୟନ୍ତ ଡକାୟତମାନଙ୍କ ପିଛା କରିବା ପରେ ମଣ୍ଡପ ଗ୍ରାମ ନିକଟରେ ୪ଜଣଙ୍କୁ ଦେଖିଥିଲା। ଗିରଫ କରିବାକୁ ଯିବାବେଳେ ସେମାନେ ପୋଲିସ ଉପରକୁ ଗୁଳି ଚଳାଇଥିଲେ। ପୋଲିସ ପାଲଟା ଗୁଳି ଚଳାଇବାରୁ ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଗୋଡ଼ରେ ଗୁଳି ବାଜିଥିଲା। ଫଳରେ ପୋଲିସ ୨ ଆହତଙ୍କ ସମେତ ୩ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଫେରାର ହୋଇଯାଇଥିଲେ। ଅଭିଯୁକ୍ତମାନଙ୍କ ମଧ୍ୟରୁ କେତେଜଣ ଝାଡ଼ଖଣ୍ଡର ଅଛନ୍ତି। ଯଥାଶୀଘ୍ର ସେମାନେ ଧରାପଡ଼ିବେ। ଆହତ ଅଭିଯୁକ୍ତଙ୍କ ନାଁରେ ପୂର୍ବରୁ ବିଶ୍ରା ଥାନାରେ ଗୋଟିଏ ଲେଖାଏ ଆପରାଧିକ ମାମଲା ରହିଛି। ସେମାନଙ୍କଠାରୁ ଗୋଟିଏ ଦେଶୀ ପିସ୍ତଲ, ଖାଲି ମାଗାଜିନ୍ ଏବଂ ନଗଦ ୪ହଜାର ୮ଶହ ଟଙ୍କା ଜବତ ହୋଇଛି ବୋଲି ଏସ୍‌ପି ୱାଧୱାନୀ ସୂଚନା ଦେଇଥିଲେ।

# ବ୍ରହ୍ମପୁରରେ ୫ ଜଣଙ୍କୁ ଜେରା କଲାଣି କ୍ରାଇମବ୍ରାଞ୍ଚ

### ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ମାମଲା

ବ୍ରହ୍ମପୁର,୨୫।୪ (ସୁବାସ ଚନ୍ଦ୍ର ପାଢ଼ୀ)

ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ମାମଲାର ପୁନଃ ତଦନ୍ତ ଚାଲିଛି। କ୍ରାଇମବ୍ରାଞ୍ଚ ଟିମ୍ ଝାରସୁଗୁଡ଼ା ପରେ ଏବେ ବ୍ରହ୍ମପୁରରେ ଆସି ଖୋଳତାଡ଼ କରୁଛି। ମାମଲାରେ ଯେଉଁଠି ଯାହାକୁ ସନ୍ଦେହ କରାଯାଉଛି, ସେଠି ସେମାନଙ୍କୁ ଥାନାକୁ ଡାକି ପଚରାଉଚରା ଚାଲିଛି। ଆଉ କେତେଜଣଙ୍କୁ ମଧ୍ୟ ପଚରାଉଚରା କରାଯିବ ବୋଲି କ୍ରାଇମବ୍ରାଞ୍ଚର ଅତିରିକ୍ତ ଏସ୍‌ପି ବିଜୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

ଅତିରିକ୍ତ ଏସ୍‌ପି ମଲ୍ଲିକଙ୍କ ନେତୃତ୍ୱରେ ୩ ଜଣିଆ ଟିମ ଗତ ବୁଧବାରଠାରୁ ବ୍ରହ୍ମପୁର ଆସି ତଦନ୍ତ କରୁଛନ୍ତି। ଘଟଣାର ୬ମାସ ପୂର୍ବରୁ ଅଭିଯୁକ୍ତ ଗୋପାଳଙ୍କୁ କେଉଁମାନେ ଫୋନ କରିଥିଲେ ଓ ସେ କ'ଣ ସବୁ କଥାବାର୍ତ୍ତା କରିଥିଲେ ତାହାର ତଥ୍ୟ ସଂଗ୍ରହ କରାଯାଇ ତଦନ୍ତ ଚାଲିଛି। ଏହି ଅବଧି ଭିତରେ ଗୋପାଳଙ୍କ ସହିତ କଥା ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରୁ କେତେଜଣଙ୍କ ଫୋନ୍ ନମ୍ବର ସନ୍ଦେହଘେରକୁ ଆସିଛି। ଗୋପାଳଙ୍କ ଭାଇ ସତ୍ୟନାରାୟଣ ଝାରସୁଗୁଡାରେ ହୋଟେଲ କରିଥିଲେ। କିନ୍ତୁ ନବ ଦାସ ହତ୍ୟାକାଣ୍ଡ ପୂର୍ବରୁ ସେ ହୋଟେଲ ବନ୍ଦ କରି ବ୍ରହ୍ମପୁର ଆସିଯାଇଥିଲେ। ତେଣୁ ସତ୍ୟନାରାୟଣ ଏହି ହତ୍ୟାକାଣ୍ଡ ପୂର୍ବରୁ ନିଶ୍ଚୟ କୌଣସି ସୂତ୍ରରୁ ସୁରାକ୍ ପାଇଥିଲେ ବୋଲି ସନ୍ଦେହ କରାଯାଉଛି। ସେ ନେଇ ତାଙ୍କୁ ବାରମ୍ବାର ଜେରା କରାଯାଉଛି। ଗୁରୁବାର କ୍ରାଇମବ୍ରାଞ୍ଚ ଟିମ୍ ସତ୍ୟନାରାୟଣଙ୍କ ସମେତ ଗୋପାଳଙ୍କ ପୁଅ ମନୋଜ ଦାସ ଓ ପୁତୁରା ପ୍ରଦୀପ ଦାସଙ୍କୁ ପଚରାଉଚରା କରିଥିଲା। ସେହିପରି ଟିମ୍ ଶୁକ୍ରବାର ବୈଦ୍ୟନାଥପୁର ଥାନାରେ ପହଞ୍ଚି ଗୋପାଳଙ୍କ ଜଣେ ଏଏସ୍‌ଆଇ ବନ୍ଧୁ ଓ ଜଣେ ଓଏସ୍‌ଆର୍‌ଟିସି ବସ୍ କଣ୍ଡକ୍ଟରଙ୍କୁ ପଚରାଉଚରା କରିଛି। ସେମାନଙ୍କର ବୟାନ ରେକର୍ଡ କରାଯାଇଛି। ହତ୍ୟାକାଣ୍ଡ ପଛରେ ଛପି ରହିଥିବା ଷଡ଼ଯନ୍ତ୍ର ସମ୍ପର୍କିତ ଅନେକ ପ୍ରଶ୍ନକୁ ସେତେବେଳ ଅଣଦେଖା କରାଯାଇଥିବାରୁ ତଦନ୍ତକାରୀ ଟିମ୍ ଏବେ ସେ ସବୁ ଦିଗକୁ ନେଇ ପୁଣିଥରେ ପଚରାଉଚରା କରୁଥିବା କୁହାଯାଉଛି।

# ହତ୍ୟା ମାମଲା: ୪ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ଖୋର୍ଦ୍ଧା,୨୫।୪ (ପ୍ରଭାତ ପାଣିଗ୍ରାହୀ)

୧୦ବର୍ଷ ପରେ ଶୁକ୍ରବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଖୋର୍ଦ୍ଧା ଅତିରିକ୍ତ ଜିଲା ଓ ଦୌରାଜଜ୍ (ପ୍ରଥମ) ମଞ୍ଜୁଲତା ଲେଙ୍କା ଏହି ମାମଲାର ବିଚାର କରି ୪ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତମାନେ ହେଲେ ବାଣପୁର ଅଞ୍ଚଳର ଆଶିଷ ବିଶ୍ୱାଳ, ମାନସ ପାତ୍ର, ସନାତନ ବିଶ୍ୱାଳ ଏବଂ ଆଲୋକ ବିଶ୍ୱାଳ। ଏହି ଘଟଣାରେ ପୂର୍ବରୁ ଦୁଇ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଏବଂ ଶ୍ରୀନିବାସ ବିଶ୍ୱାଳଙ୍କ ମୃତ୍ୟୁ ହୋଇଛି।

ବାଣପୁର ଥାନା ହଳନ୍ତରା ଗ୍ରାମର ପ୍ରଶାନ୍ତ ବିଶୋୟୀ ଗ୍ରାମର ଏକ କଂକ୍ରିଟ ରାସ୍ତା ନିର୍ମାଣ କରୁଥିଲେ। ଏହାକୁ ଅଭିଯୁକ୍ତମାନେ ବିରୋଧ କରିଥିଲେ। ୨୦୧୪ ଅକ୍ଟୋବର ୨୨ରେ ଅଭିଯୁକ୍ତମାନେ ତାଙ୍କ ଘରେ ପଶି ବୋମାମାଡ଼ କରିଥିଲେ। ବୋମାମାଡ଼ରେ ପ୍ରଶାନ୍ତଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏନେଇ ମୃତକଙ୍କ ମା'କନ୍ଧୁଣୀ ବିଶୋୟୀଙ୍କ ଅଭିଯୋଗକ୍ରମେ ଥାନାରେ ଏକ ହତ୍ୟା ମାମଲା(ନଂ.୩୧୧/୧୪) ରୁଜୁ ହୋଇଥିଲା। ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲା କୋର୍ଟରେ ବିଚାରାଧୀନ ଥିଲା। ଆସିଷ୍ଟାଣ୍ଟ ପବ୍ଲିକ୍ ପ୍ରସିକ୍ୟୁଟର(ଏପିପି) ସଲିଳ ପ୍ରଧାନ ଏହି ମାମଲା ପରିଚାଳନା କରିଥିଲେ।

# ଠିକାଦାରଙ୍କୁ ଗିରଫକଲା ଭିଜିଲାନ୍ସ

### ୫୭ ଲକ୍ଷ ସରକାରୀ ଅନୁଦାନ ହେରଫେର

କଟକ,୨୫।୪(କାର୍ତ୍ତିକ ସାହୁ)

କଟକ,୨୫।୪(କାର୍ତ୍ତିକ ସାହୁ) ସରକାରୀ ଅନୁଦାନ ଅର୍ଥ ପାଖାପାଖି ୫୭ ଲକ୍ଷ ଟଙ୍କା ହେରଫେର କରିବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ବିଭାଗ ଶୁକ୍ରବାର ଜଣେ ଠିକାଦାରଙ୍କୁ ଗିରଫ କରିଛି। ଅଭିଯୁକ୍ତ ଠିକାଦାର ହେଲେ ଲକ୍ଷ୍ମୀଧର ରାଉତରାୟ। ଏ ନେଇ କୋରାପୁଟ ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ. ୧୭/୨୦୨୫) ରୁଜୁ ହୋଇଛି। ତାଙ୍କୁ ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ କୋର୍ଟକୁ ଚାଲାଣ କରାଯାଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ସେ ନୂଆପଡ଼ା ଜିଲା ଖରିଆର ୱାଟରଶେଡ୍‌ରେ ୨୨ଟି ଲୁଜ୍ ବୋଲଡର ଚେକ୍‌ଡ୍ୟାମ୍ ନିର୍ମାଣ ନ କରି ଅର୍ଥ ହେରଫେର କରିଥିବା ଅଭିଯୋଗ ରହିଛି। ସେ ସଏଲ୍ କନ୍‌ଜରଭେସନ ତଥା ପ୍ରୋଜେକ୍ଟ ଇମ୍ପ୍ଲିମେଣ୍ଟିଂ ଏଜେନ୍ସିର ସହକାରୀ ନିର୍ଦ୍ଦେଶକ ହରିଶ୍ଚନ୍ଦ୍ର ବେଷ୍ଟକାରଙ୍କ ସହ ମିଳିତ ଭାବେ ଏହି କାର୍ଯ୍ୟ କରିଛନ୍ତି। ଭିଜିଲାନ୍ସ ଏବେ ମୁଖ୍ୟ ଅଭିଯୁକ୍ତ ସହକାରୀ ନିର୍ଦ୍ଦେଶକ ବେଷ୍ଟକାର ଓ ଆଉ ଜଣେ ଠିକାଦାର ଅଭିଳାଷ ମେହେରଙ୍କୁ ଗିରଫ କରିବାକୁ ଯୋଜନା କରୁଥିବା ସୂଚନା ମିଳିଛି।

# ସୁରକ୍ଷା ଦାବି କରି ଥାନା ଦ୍ୱାରସ୍ଥ ହେଲେ ବାପି ପଣ୍ଡା

ବାଲେଶ୍ୱର,୨୫।୪(ବାଞ୍ଛାନିଧି ଦେ)

ଓଡ଼ିଶା ଯାତ୍ରା କଳାକାର ଓ କର୍ମଚାରୀ ସଂଘର ଉପଦେଷ୍ଟା ତଥା ବିଶିଷ୍ଟ ଯାତ୍ରା କଳାକାର ବାପି ପଣ୍ଡା ଓରଫ୍ ସମରେନ୍ଦ୍ର କୁମାର ପଣ୍ଡା ଶୁକ୍ରବାର ବାଲେଶ୍ୱର ଟାଉନ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କ ଜୀବନ ପ୍ରତି ବିପଦ ଥିବାରୁ ସେ ଆଇଆଇସି ବିଜୟ କୁମାର ଦାସଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ପାର୍ବତୀ ଏବଂ ରାଜଧାନୀ ଗଣନାଟ୍ୟର ମୁଖ୍ୟ ପରିଚାଳକ ଜଗତ୍‌ଜୀବନ ପଣ୍ଡା ଓ ଅନ୍ୟ ସହଯୋଗୀମାନେ ସାମାଜିକ ଗଣମାଧ୍ୟମରେ ତାଙ୍କୁ ଧମକ ଦେଇଥିବା ଏତଲାରେ ଦର୍ଶାଇଛନ୍ତି।

ଯାତ୍ରା କଳାକାରଙ୍କୁ ନ୍ୟାୟ ପ୍ରଦାନ ଦିଗରେ ସେ ସଂଘର ଉପଦେଷ୍ଟା ଭାବେ ମାଲିକ ମହାସଂଘ ବିରୋଧରେ ସ୍ୱର ଉଠାଇଥିଲେ। ଏହାପରେ ତାଙ୍କୁ ଧମକ ମିଳୁଥିବାରୁ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସେ ବିଭିନ୍ନ ସ୍ଥାନକୁ ଯାଇ ମଞ୍ଚ ଅଭିନୟ କରୁଥିବାରୁ ତାଙ୍କ ନିରାପତ୍ତା ପାଇଁ ସୁରକ୍ଷା ଯୋଗାଇ ଦେବାକୁ ସେ ଅନୁରୋଧ କରିଛନ୍ତି।

# ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ: ଶିକ୍ଷକ ଗିରଫ

ବାଲେଶ୍ୱର,୨୫।୪(ବାଞ୍ଛାନିଧି ଦେ)

ଛାତ୍ରୀମାନଙ୍କୁ ଅଶ୍ଳୀଳ ଇଙ୍ଗିତ ଓ ଅସଦାଚରଣ କରିବା ଜଣେ ଶିକ୍ଷକଙ୍କୁ ମହଙ୍ଗା ପଡ଼ିଛି। ଛାତ୍ରୀଙ୍କ ପରିବାର ପକ୍ଷରୁ ଅଭିଯୋଗ ପରେ ଅଭିଯୁକ୍ତ ଶିକ୍ଷକଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଲେଶ୍ୱର ଟାଉନ ଥାନା ଅଧୀନ ବଡ଼ଖୁଆ ମଧୁସୂଦନ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ କରୁଣାକର ଗିରି। ସେ ଦୀର୍ଘଦିନ ଧରି ବିଦ୍ୟାଳୟର କେତେକ ଛାତ୍ରୀଙ୍କୁ ଅଶାଳୀନ ବ୍ୟବହାର ସହ ଅସଦାଚରଣ କରିଆସୁଥିଲେ। ବୁଧବାର ଜଣେ ଷଷ୍ଠ ଶ୍ରେଣୀ ପାସ୍ ଛାତ୍ରୀ ବିଦ୍ୟାଳୟକୁ ମାର୍କସିଟ୍ ଆଣିବା ପାଇଁ ଯାଇଥିଲେ। ଶିକ୍ଷକ ଜଣକ ତାଙ୍କୁ ଏଣୁତେଣୁ ପଚାରି ଅସଦାଚରଣ କରିଥିବା ଏତଲାରେ ଦର୍ଶାଯାଇଛି। ଶିକ୍ଷକଙ୍କ କଳାକାରନାମାର ସୀମା ଟପିବା ପରେ ଛାତ୍ରୀ ଜଣକ ଏ ସମ୍ପର୍କରେ ଘରେ ଜଣାଇଥିଲେ। ପରିବାର ପକ୍ଷରୁ ଗୁରୁବାର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ପୋଲିସ ପୋକ୍‌ସୋ ଆକ୍ଟ ଅନୁଯାୟୀ ଏକ ମାମଲା (ନଂ. ୯୯/୨୦୨୫) ରୁଜୁ କରି ଅଭିଯୁକ୍ତ ଶିକ୍ଷକଙ୍କୁ ଗିରଫ କରିଥିଲା। ପୋକ୍‌ସୋ କୋର୍ଟରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା ୧୮୩ ଧାରାରେ ୪ଜଣ ଛାତ୍ରୀଙ୍କ ବୟାନ ରେକର୍ଡ କରାଯାଇଛି।

# ମହିଳାଙ୍କୁ ଗଣବଳାତ୍କାର ଘଟଣା: ୫ ଗିରଫ

ଦେବଗଡ,୨୫।୪ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ୫ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଅଞ୍ଚଳର ବିକାଶ ଖାଁ, ରାକେଶ ଖାଁ, ସାମୁଏଲ୍ ଖାଁ, ସାହିଲ ଖାଁ ଓ ମୁନା ଖାଁ। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।


ସୂଚନା ଅନୁଯାୟୀ, ଏହି ଥାନା ଅଞ୍ଚଳର ଜଣେ ବ୍ୟକ୍ତି ଘରେ ନ ଥିଲେ। ଏହି ସୁଯୋଗରେ ତାଙ୍କର ଜଣେ ବନ୍ଧୁ ତାଙ୍କୁ ଡାକିବା ପାଇଁ ଗତ ୧୯ ତାରିଖ ରାତିରେ ତାଙ୍କ ଘରକୁ ଆସିଥିଲେ। ହେଲେ ସେ ଦୀର୍ଘ ସମୟଧରି ଘରୁ ବାହାରି ନ ଥିଲେ। ଗୃହକର୍ତ୍ତାଙ୍କ ସ୍ତ୍ରୀଙ୍କ ସହିତ ତାଙ୍କର ଅନୈତିକ ସମ୍ପର୍କ ଥିବା ସନ୍ଦେହ କରି ଅଭିଯୁକ୍ତମାନେ ତାଙ୍କ ଘରେ ପଶିଥିଲେ। ପରେ ସମ୍ପୃକ୍ତ ମହିଳାଙ୍କୁ ଗଣବଳାତ୍କାର କରିବା ସହ ମାଡ଼ ମାରିଥିଲେ। ଏପରି କି ତାଙ୍କ ଯୌନାଙ୍ଗରେ କୌଣସି ଧାରୁଆ ଅସ୍ତ୍ର ପୂରାଇ ଦେବାରୁ କ୍ଷତ ସୃଷ୍ଟି ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅପରପକ୍ଷରେ ଗୃହକର୍ତ୍ତାଙ୍କ ବନ୍ଧୁଙ୍କୁ ମଧ୍ୟ ଅଭିଯୁକ୍ତମାନେ ମାଡ଼ ମାରିଥିଲେ। ଏନେଇ ଗୃହକର୍ତ୍ତା ମଙ୍ଗଳବାର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୮୦/୨୫) ରୁଜୁ କରିଥିଲା।

ଧରିତ୍ରୀ 51 Years

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଏପ୍ରିଲ ୨୬/୨୦୨୫ Bhubaneswar, Saturday, April 26/ 2025

# ସନ୍‌ରାଇଜର୍ସର ପ୍ରଭାବୀ ବୋଲିଂ



ଉଇକେଟ ନେବାପରେ ଜୟଦେବ ଉନାଡକଟ୍‌।

**ଚେନ୍ନାଇ, ୨୫।୪**

ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଶୁକ୍ରବାର ସନ୍‌ରାଇଜର୍ସ ହାଇଦ୍ରାବାଦ ବୋଲରମାନେ ପ୍ରଭାବୀ ବୋଲିଂ କରି ଚେନ୍ନାଇ ସୁପର କିଙ୍ଗ୍ସକୁ ୧୯.୫ ଓଭରରେ ୧୫୪ ରନରେ ଅଲ୍‌ଆଉଟ କରି ଦେଇଛନ୍ତି। ହର୍ଷଲ ପଟେଲ, ପ୍ୟାଟ୍‌ କମିନ୍ସ ଓ ଜୟଦେବ ଉନାଡକଟ ଚମତ୍କାର ବୋଲିଂ କରି ସୁପର କିଙ୍ଗ୍ସକୁ ବ୍ୟାକ୍‌ଫୁଟକୁ ଠେଲି ଦେଇଥିଲେ।

ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଚେନ୍ନାଇ ପ୍ରଥମ ବଲ୍‌ରେ ହିଁ ଉଇକେଟ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଶେକ ରଶିଦ ଖାତା ଖୋଲିପାରି ନ ଥିବାବେଳେ ସାମ୍‌ କୁରାନ ମାତ୍ର ୯ ଓ ଭଲ ଆରମ୍ଭ କରିଥିବା ଆୟୁଷ ମାହାତ୍ରେ ୧୯ ବଲ୍‌ରୁ ୩୦ ରନକରି ଆଉଟ ହେବାରୁ ସୁପର କିଙ୍ଗ୍ସ ପାୱାର ପ୍ଲେ ମଧ୍ୟରେ ୪୭ ରନରେ ୩ଟି ଉଇକେଟ ହରାଇଥିଲା। ରବୀନ୍ଦ୍ର ଜାଡେଜା ଓ ଡେୱାଲ୍ଡ ବ୍ରେଭିସ ଇନିଂସ ସଜାଡ଼ିବାକୁ ଉଦ୍ୟମ କରିଥିଲେ। ମାତ୍ର ଜାଡେଜା ୨୧ ରନକରି ଆଉଟ ହୋଇଥିବାବେଳେ ବ୍ରେଭିସ ୨୫ ବଲ୍‌ରୁ ୧ ଚୌକା ଓ ୪ ଛକା ସହାୟତାରେ ୪୨ ରନ କରିଥିବାବେଳେ କାମିନ୍ଦୁ ମେଣ୍ଡିସଙ୍କ ଏକ ଅବିଶ୍ୱସନୀୟ କ୍ୟାଚ ଜରିଆରେ ପ୍ୟାଭିଲିୟନ ଫେରିଥିଲେ। ଶିବମ୍‌ ଦୁବେ ମଧ୍ୟ ମାତ୍ର ୧୨ ଓ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ୬ ରନରେ ପ୍ୟାଭିଲିୟନ ଫେରିଥିଲେ। ଫଳରେ ବାଧ୍ୟ ହୋଇ ଚେନ୍ନାଇ ଇମ୍ପାକ୍ଟ ପ୍ଲେୟର ଭାବେ ଅନସୁଲ କାମ୍ବୋଜଙ୍କୁ ଖେଳାଇଥିଲା। ମାତ୍ର ସେ ମଧ୍ୟ ମାତ୍ର ୨ ରନରେ ଆଉଟ ହୋଇ ନିରାଶ କରିଥିଲେ। ସୁପର କିଙ୍ଗ୍ସ ପୂରା ୨୦ ଓଭର ଖେଳି ନ ପାରି ୧୯.୫ ଓଭରରେ ୧୫୪ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ହାଇଦ୍ରାବାଦ ପକ୍ଷରୁ ହର୍ଷଲ ପଟେଲ ୪ଟି, ଅଧିନାୟକ ପ୍ୟାଟ୍‌ କମିନ୍ସ ଓ ଜୟଦେବ ଉନାଡ୍‌କଟ ୨ଟି ଲେଖାଏ ଏବଂ ମହମ୍ମଦ ଶାମି ଓ କାମିନ୍ଦୁ ମେଣ୍ଡିସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ ୧୯.୫ ଓଭରରେ ୧୫୪/ଅଲ୍‌ଆଉଟ (ଡାୱିଲ୍ଡ ବ୍ରେଭିସ-୪୨, ଆୟୁଷ ମାହାତ୍ରେ-୩୦, ହର୍ଷଲ ପଟେଲ-୪/୨୮, ପ୍ୟାଟ୍‌ କମିନ୍ସ-୨/୨୧, ଜୟଦେବ ଉନାଡକଟ-୨/୨୧, ମହମ୍ମଦ ଶାମି-୧/୨୮, କାମିନ୍ଦୁ ମେଣ୍ଡିସ-୧/୨୬)।

**ଆଇପିଏଲ୍‌ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ୍‌)

**କୋଲ୍‌କାତା**

**ବନାମ ପଞ୍ଜାବ**

ସ୍ଥାନ: କୋଲ୍‌କାତା

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍‌ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୮ | ୬ | ୨ | ୧୨ | +୧.୧୦୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୬ | ୨ | ୧୨ | +୦.୬୫୭ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୯ | ୬ | ୩ | ୧୨ | +୦.୪୮୨ |
| ମୁମ୍ବାଇ ଇଣ୍ଡିଆନ୍ସ | ୯ | ୫ | ୪ | ୧୦ | +୦.୬୭୩ |
| ପଞ୍ଜାବ କିଙ୍ଗ୍ସ | ୮ | ୫ | ୩ | ୧୦ | +୦.୧୭୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୯ | ୫ | ୪ | ୧୦ | -୦.୦୫୪ |
| କୋଲକାତା ନାଇଟ ରାଇଡର୍ସ | ୮ | ୩ | ୫ | ୬ | +୦.୨୧୨ |
| ରାଜସ୍ଥାନ ରୟାଲ୍ସ | ୯ | ୨ | ୭ | ୪ | -୦.୬୨୫ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୮ | ୨ | ୬ | ୪ | -୧.୩୬୧ |
| ଚେନ୍ନାଇ ସୁପର କିଙ୍ଗ୍ସ | ୮ | ୨ | ୬ | ୪ | -୧.୩୯୨ |

# ମାଇକେଲ କିଣ୍ଡୋ ସ୍ମାରକୀ ଜୁନିୟର ହକି ଆରମ୍ଭ

**ଭୁବନେଶ୍ୱର, ୨୫।୪(ତପନ ସ୍ୱାଇଁ)**

ହକି କିମ୍ବଦନ୍ତୀ ମାଇକେଲ କିଣ୍ଡୋ ସ୍ମାରକୀ ଜୁନିୟର(୧୯ ବର୍ଷରୁ କମ୍‌) ଚାମ୍ପିୟନଶିପ୍‌ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଯାଇଛି। ଭୁବନେଶ୍ୱର ହକି କ୍ଲବ(ବିଏଚ୍‌ସି) ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ୪ଟି ମ୍ୟାଚ୍‌ ପ୍ରଥମ ଦିବସରେ ଅନୁଷ୍ଠିତ ହୋଇଛି। ଏଥିରେ ଆୟୋଜକ ବିଏଚ୍‌ସି, ଏଟ୍‌ସି ଛତ୍ରପୁର, ଏସ୍‌ପିସି ରଣପୁର, ଏସ୍‌ପିସି ଭୁବନେଶ୍ୱର ଦଳ ବିଜୟ ହାସଲ କରିଛନ୍ତି। ପ୍ରଥମ ମ୍ୟାଚରେ ବିଏଚ୍‌ସି ୮-୦ ଗୋଲରେ ଏସ୍‌ପିସି ପୁରୀକୁ ହରାଇ ଦେଇଛି। ପରବର୍ତ୍ତୀ ୩ ମ୍ୟାଚରେ ଛତ୍ରପୁର ଏଟ୍‌ସି ଯାଜପୁରକୁ ୫-୧, ରଣପୁର ଏଟ୍‌ସି କଟକକୁ ୬-୦ ଏବଂ ଭୁବନେଶ୍ୱର ୪-୧ ଗୋଲରେ ଏସ୍‌ପି ଭେଙ୍ଗାନାଲକୁ ପରାସ୍ତ କରିଛି। ଏହି ଟୁର୍ଣ୍ଣାମେଣ୍ଟ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ।



କଳିଙ୍ଗ ଷ୍ଟାଡିୟମରେ ଏଟିସି କଟକ ଓ ରଣପୁର ମଧ୍ୟରେ ଅନୁଷ୍ଠିତ ହକି ମ୍ୟାଚ ପୂର୍ବରୁ ଉଭୟ ଦଳର ଖେଳାଳି ଓ ଅଫିସିଆଲ।

# ଓଡ଼ିଶା ଫେନ୍‌ସିଂ ଦଳର ପ୍ରଶିକ୍ଷଣ ଶିବିର ଆରମ୍ଭ

**ଭୁବନେଶ୍ୱର, ୨୫।୪ (ତପନ ସ୍ୱାଇଁ)**

ଆଗାମୀ ଜାତୀୟ ଫେନ୍‌ସିଂ ପ୍ରତିଯୋଗିତାକୁ ଦୃଷ୍ଟିରେ ରଖି ବଲାଙ୍ଗୀର ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଫେନ୍‌ସିଂ ହଲରେ ଓଡ଼ିଶା ୧୦,୧୨ ଓ ୧୪ ବର୍ଷରୁ କମ୍‌ ବାଳିକା ଓ ବାଳକ ଦଳର ପ୍ରଶିକ୍ଷଣ ଶିବିର ଶୁକ୍ରବାର ଆରମ୍ଭ ହୋଇଛି। ଏଥିରେ ମୋଟ ୮୦ ଖେଳାଳି ଭାଗ ନେଉଛନ୍ତି। ରାଜ୍ୟ କ୍ରୀଡ଼ା ବିଭାଗ ସହଯୋଗରେ ଆୟୋଜିତ ଏହି ଶିବିର ୧୫ ଦିନ ଧରି ଚାଲିବ। ଏହି ଶିବିରରେ ପ୍ରଦର୍ଶନ ଭିତ୍ତିରେ ରାଜ୍ୟ ଫେନ୍‌ସିଂ ଆସୋସିଏଶନ ପକ୍ଷରୁ ଉଭୟ ବର୍ଗରେ ମୋଟ ୨୪ ଖେଳାଳିଙ୍କୁ ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯିବ ବୋଲି ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ ଏବଂ ଯୁଗ୍ମ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି। ବଲାଙ୍ଗୀର ଉପ ଜିଲ୍ଲାପାଳ ଆଲୋକ କୁମାର ପଟେଲ ଏହି ଶିବିରକୁ ଉଦଘାଟନ କରିଥିଲେ। ପୋଲିସ ଏସଡିପିଓ ସରୋଜ କୁମାର ଉପାଧ୍ୟାୟ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।



ଫେନ୍‌ସିଂ ଶିବିରରେ ଅଂଶଗ୍ରହଣ କରିଥିବା ଖେଳାଳିମାନେ ଅତିଥି ଓ କର୍ମକର୍ତ୍ତାଙ୍କ ସହ।

# ସୁତଭ୍ୟ ଓ ଆହାନଙ୍କୁ ଦ୍ୱିମୁକୁଟ

**ଭୁବନେଶ୍ୱର, ୨୫।୪ (ତପନ ସ୍ୱାଇଁ)**

ଓଡ଼ିଶା ଟେନିସ ଆସୋସିଏଶନ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ୧୪ ଓ ୧୬ ବର୍ଷରୁ କମ୍‌ ଏଆଇଟିଏ-ଉଟିଏ ଚାମ୍ପିୟନଶିପ୍‌ ସିରିଜ (ସିଏସ୍‌୭)ଟେନିସ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏଥିରେ ପ୍ରଭାବୀ ପ୍ରଦର୍ଶନ କରି ଓଡ଼ିଶାର ସୁତଭ୍ୟ କର୍ମକାର ଓ ଆହାନ ଯଥାକ୍ରମେ ବାଳକ ଓ ବାଳିକା ବିଭାଗରେ ଦ୍ୱିମୁକୁଟ ହାସଲ କରିଛନ୍ତି। ୧୪ ବର୍ଷରୁ କମ୍‌ ବାଳକ ସିଙ୍ଗଲ୍ସ ଫାଇନାଲରେ ଓଡ଼ିଶାର ସୁୟାଶ ପଟ୍ଟନାୟକ କର୍ଣ୍ଣାଟକର କେମ୍ପେଗୌଡ଼ା ମଞ୍ଜୁନାଥଙ୍କୁ ହରାଇ ଟାଇଟଲ ଜିତିଛନ୍ତି। ୧୬ ବର୍ଷରୁ କମ୍‌ ଫାଇନାଲରେ ସୁତଭ୍ୟ ଅନ୍ୟତମ ଓଡ଼ିଆ ଖେଳାଳି ସୁୟାସଙ୍କୁ ୬-୧, ୬-୨ ସେଟ୍‌ରେ ହରାଇ ଚାମ୍ପିଅନ ହୋଇଛନ୍ତି। ୧୬ ବର୍ଷରୁ କମ୍‌ ଡବଲ୍ସ ଫାଇନାଲରେ ସୁତଭ୍ୟ ଓ ଶ୍ରେୟମ ସାହୁ ଯୋଡ଼ି ଅନ୍ୟତମ ଓଡ଼ିଶା ଯୋଡ଼ି ଅଂଶୁମାନ ଆଚାର୍ଯ୍ୟ ଓ ସୁୟାସ ପଟ୍ଟନାୟକଙ୍କୁ ୬-୧, ୬-୦ରେ ହରାଇ ଦେଇଛନ୍ତି। ୧୪ ବର୍ଷରୁ କମ୍‌ ବାଳିକା ସିଙ୍ଗଲ୍ସରେ ଓଡ଼ିଶାର ଶାଜଫା ସେକ୍‌ ୬-୪, ୬-୨ରେ ସଂରଚନା ଦାସଙ୍କୁ ହରାଇ ଟ୍ରଫି ଜିତିଛନ୍ତି। ସେହିପରି ୧୬ ବର୍ଷରୁ କମ୍‌ ବାଳିକା ଫାଇନାଲରେ ଆହାନ ୬-୨, ୬-୩ରେ ଶାଜଫାଙ୍କୁ ହରାଇ ଚାମ୍ପିଅନ ହୋଇଛନ୍ତି। ୧୬ ବର୍ଷରୁ କମ୍‌ ବାଳିକା ଡବଲ୍‌ସରେ ଆହାନ ଓ ସାନଭି ମହାନ୍ତି ଯୋଡ଼ି ଶାଜଫା ଓ ସଂରଚନା ଯୋଡ଼ିଙ୍କୁ ୬-୨, ୬-୦ରେ ହରାଇ ଟାଇଟଲ ହାସଲ କରିଛନ୍ତି। ଓଟିଏ ସମ୍ପାଦକ ସଞ୍ଜିତ ମହାନ୍ତି ପୁରସ୍କାର ପ୍ରଦାନ କରିଥିଲେ। ଯୁଗ୍ମ ସମ୍ପାଦକ ସଞ୍ଜୀବ ପଣ୍ଡା, ପ୍ରଶାସନିକ ଅଧିକାରୀ ସମ୍ବିତ ପଟ୍ଟନାୟକ, ଟୁର୍ଣ୍ଣାମେଣ୍ଟ ରେଫରି ଜତୀନ ବୈଶ୍ୟ ପ୍ରମୁଖ ଉପସ୍ଥିତ ଥିଲେ।



କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

# ଭାରତର ୫୯ ଜଣିଆ ଦଳ ଘୋଷଣା

**ନୂଆଦିଲ୍ଲୀ, ୨୫।୪(ପି.ଟି.)**

**ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌**

ଦକ୍ଷିଣ କୋରିଆରେ ହେବାକୁଥିବା ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ ଲାଗି ଭାରତ ଶୁକ୍ରବାର ଏକ ୫୯ଜଣିଆ ଦଳ ଘୋଷଣା କରିଛି। ନିକଟରେ କୋଚିଠାରେ ଅନୁଷ୍ଠିତ ଫେଡେରେଶନ କପ୍‌ରେ ଚମତ୍କାର ପ୍ରଦର୍ଶନ କରିଥିବା ଷ୍ଟାର ଜାଭେଲିନ୍‌ ଥ୍ରୋୟର ନୀରଜ ଚୋପ୍ରା ଏହି ଇଭେଣ୍ଟରୁ ଓହରିଯାଇପାରନ୍ତି ବୋଲି ଆଶା କରାଯାଉଛି। ଡବଲ ଅଲିମ୍ପିକ ପଦକ ବିଜେତା ଚୋପ୍ରା ଏହି ସିଜନରେ ଡାଇମଣ୍ଡ ଲିଗ୍‌ ମିଟ୍‌ ଓ ସେପ୍ଟେମ୍ବରରେ ବିଶ୍ୱ ଚାମ୍ପିୟନଶିପ୍‌ ବ୍ୟତୀତ ମେ'୨୪ରେ ତାଙ୍କ ଦ୍ୱାରା ବେଙ୍ଗାଲୁରୁରେ ଆୟୋଜିତ ଏନ୍‌ସି କ୍ଲାସିକ୍‌ ଉପରେ ତାଙ୍କର ବିଶେଷ ଧ୍ୟାନ ରହିବ। ଚୋପ୍ରା ଭୁବନେଶ୍ୱରରେ ୨୦୧୭ ସଂସ୍କରଣ ପରଠାରୁ ଏହି ମହାଦେଶୀୟ ଇଭେଣ୍ଟରେ ଅଂଶଗ୍ରହଣ କରିନାହାନ୍ତି, ଯେଉଁଠାରେ କି ସେ ଏକ ସ୍ୱର୍ଣ୍ଣ ପଦକ ଜିତିଥିଲେ। ମହାଦେଶୀୟ ଚାମ୍ପିୟନଶିପ୍‌ର ଗତ ସଂସ୍କରଣରେ ସ୍ୱର୍ଣ୍ଣ ଜିତିଥିବା ଜାତୀୟ ରେକର୍ଡଧାରୀ ତାଜିନ୍ଦରପାଲ ସିଂ ତୁର ଫେଡେରେଶନ କପ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ଦଳରୁ ବାଦ୍‌ ଦିଆଯାଇଛି। ପୋଲ୍‌ଭଲ୍ଟର ଦେବକୁମାର ମୀନା ତାଙ୍କ ଜାତୀୟ ରେକର୍ଡରେ ସୁଧାର ଆଣିଥିଲେ ସୁଦ୍ଧା ଏସିଆନ ଚାମ୍ପିୟନଶିପ୍‌ ପାଇଁ ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍‌ ଇଣ୍ଡିଆ(ଏଏଫ୍‌ଆଇ) ଦ୍ୱାରା ଧାର୍ଯ୍ୟ ଯୋଗ୍ୟତା ଅଙ୍କ ହାସଲ କରିପାରି ନ ଥିବାରୁ ତାଙ୍କୁ ଦଳରେ ନିଆଯାଇନାହିଁ। କିନ୍ତୁ ଅବିନାଶ ସାବ୍‌ଲେ(ପୁରୁଷ ୩,୦୦୦ ମିଟର ଷ୍ଟିପଲଚେଜ୍‌), ପାରୁଲ ଚୌଧାରୀ (ମହିଳା ୩୦୦୦ ମିଟର ଷ୍ଟିପଲଚେଜ୍‌) ଓ ଗୁଲ୍‌ବୀର ସିଂ(୫୦୦୦ ମିଟର ଓ ୧୦,୦୦୦ ମିଟର) ପ୍ରମୁଖଙ୍କୁ ଦଳରେ ସାମିଲ କରାଯାଇଛି। ଏମାନେ ଯଦିଓ ଫେଡେରେଶନ କପ୍‌ରେ ଅଂଶଗ୍ରହଣ କରିନାହାନ୍ତି ତଥାପି ଏଏଫ୍‌ଆଇର ଅନୁମତି ନେଇ ବିଦେଶରେ ଟ୍ରେନିଂ ଅବା ପ୍ରତିଯୋଗିତାରେ ଭାଗ ନେଇଥିଲେ। ଗୁମିଠାରେ ମେ'୨୭ରୁ ୩୧ ପର୍ଯ୍ୟନ୍ତ ହେବାକୁଥିବା ଏସିଆନ ଚାମ୍ପିୟନଶିପ୍‌ ପାଇଁ ଦଳରେ ସ୍ପ୍ରିଣ୍ଟର ଅନିମେଶ କୁଜୁର ସ୍ଥାନ ପାଇଛନ୍ତି। ଫେଡେରେଶନ କପ୍‌ର ୨୦୦ ମିଟରରେ ସେ ଏକ ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଟ୍ରିପଲ ଜମ୍ପର ପ୍ରବୀଣ ଚିତ୍ରାଭେଲ ଏଥିରେ ତାଙ୍କ ଜାତୀୟ ରେକର୍ଡର ସମକକ୍ଷ ହୋଇ ପାରିଛନ୍ତି। ଜାତୀୟ ରେକର୍ଡଧାରୀ ମହିଳା ଜାଭେଲିନ୍‌ ଥ୍ରୋୟର ଅନୁ ରାଣୀ ମାର୍ଚ୍ଚରେ ମୁମ୍ବାଇଠାରେ ଅନୁଷ୍ଠିତ ଇଣ୍ଡିଆନ ଓପନ୍‌ ଥ୍ରୋ ପ୍ରତିଯୋଗିତାରେ ତାଙ୍କ ୫୮.୮୨ ମିଟର ପ୍ରୟାସ ଭିତ୍ତିରେ ଦଳରେ ସ୍ଥାନ ପାଇଛନ୍ତି। ଏହି ୩୨ ବର୍ଷୀୟା ଆଥ୍‌ଲେଟ ଫେଡେରେଶନ କପ୍‌ ବେଳେ ଏସିଆନ ଚାମ୍ପିୟନଶିପ୍‌ ପାଇଁ ୫୮ ମିଟର ଯୋଗ୍ୟତା ଅଙ୍କ ହାସଲ କରିପାରି ନ ଥିଲେ। ଯଦିଓ ସେ ୫୬.୬୬ ମିଟର ଥ୍ରୋ ସହ ସ୍ୱର୍ଣ୍ଣ ଜିତିଛନ୍ତି ତଥାପି ୬୦ ମିଟର ଅଙ୍କ ହାସଲ ପାଇଁ ସେ କିଛି ସମୟଧରି ସଂଘର୍ଷ ଚଳାଇଛନ୍ତି। ଏସିଆନ ଚାମ୍ପିୟନଶିପ୍‌ ଲାଗି ଫେଡେରେଶନ କପ୍‌(ଏପ୍ରିଲ ୨୧ରୁ ୨୪) ଥିଲା ଶେଷ ସିଲେକ୍ସନ ଇଭେଣ୍ଟ। ବାଦ୍‌ ପଡ଼ିଥିବା ଖେଳାଳିଙ୍କ ବ୍ୟତୀତ ଏହି ମହାଦେଶୀୟ ଚାମ୍ପିୟନଶିପ୍‌ରେ ଭାଗନେବା ଲାଗି ଯେଉଁମାନେ ଆଗ୍ରହୀ ସେମାନଙ୍କ ଲାଗି ଫେଡେରେଶନ କପ୍‌ରେ ଅଂଶଗ୍ରହଣ ବାଧ୍ୟତାମୂଳକ। ବ୍ୟାଙ୍କକରେ ଏସିଆନ ଚାମ୍ପିୟନଶିପ୍‌ର ଗତ ସଂସ୍କରଣରେ ଚାଇନା ଓ ଜାପାନ ପଛକୁ ଭାରତ ମୋଟ ୨୭ ପଦକ(୬ ସ୍ୱର୍ଣ୍ଣ, ୧୨ ରୌପ୍ୟ ଓ ୯ ବ୍ରୋଞ୍ଜ) ସହ ତୃତୀୟ ସ୍ଥାନ ଅଧିକାର କରିଥିଲା।

# ଓଡ଼ିଶାକୁ ଅଗ୍ରଣୀ କଲେ ସୁମିତ୍‌

**ଭୁବନେଶ୍ୱର, ୨୫।୪(ତପନ ସ୍ୱାଇଁ)**

**ଏକ୍ସପୋଜର ଦଳର ଶ୍ରୀଲଙ୍କା ଟୁର୍‌**

ସମ୍ପ୍ରତି ଶ୍ରୀଲଙ୍କା ଟୁରରେ ଥିବା ଓଡ଼ିଶା ଏକ୍ସପୋଜର ଟିମ୍‌ ପ୍ରଭାବୀ ବ୍ୟାଟିଂ କରିପାରି ନ ଥିଲେ ମଧ୍ୟ ଭଲ ବୋଲିଂ କରି ଶ୍ରୀଲଙ୍କା ଇମର୍ଜିଂ ଦଳ ବିପକ୍ଷରେ ଅଗ୍ରଣୀ ନେବାରେ ସକ୍ଷମ ହୋଇଛି। କଲମ୍ବୋସ୍ଥିତ ବ୍ଲୁମ୍‌ଫିଲ୍ଡ କ୍ରିକେଟ ଆଣ୍ଡ ଆଥଲେଟିକ୍‌ କ୍ଲବ ପଡ଼ିଆରେ ଚାଲିଥିବା ୩ ଦିନିଆ ମ୍ୟାଚରେ ଓଡ଼ିଶା ଦଳ ପ୍ରଥମ ଇନିଂସରେ ୧୮୮ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ସ୍ୱପ୍ନିଲ ସାମଲ ସର୍ବାଧିକ ୪୫ ଓ ରାକେଶ ମହାନ୍ତି ୪୩ ରନ୍‌ କରିଥିଲେ। ଘରୋଇ ଦଳର ମିଲାନ ହଂସକା ୪ ଉଇକେଟ ନେଇଥିଲେ। ଜବାବରେ ଶ୍ରୀଲଙ୍କା ଇମର୍ଜିଂ ଟିମ୍‌ ପ୍ରଥମ ଇନିଂସରେ ୧୫୪ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଓଡ଼ିଶାର ଅଭିଜ୍ଞ ବୋଲର ସୁମିତ୍‌ ଶର୍ମା ୬ ଉଇକେଟ ନେଇ ବିପକ୍ଷ ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଶୁକ୍ରବାର ଦ୍ୱିତୀୟ ଦିବସ ଷ୍ଟମ୍ପ ବେଳକୁ ଓଡ଼ିଶା ଦ୍ୱିତୀୟ ଇନିଂସରେ ୯ ଉଇକେଟ ହରାଇ ୧୪୪ ରନ୍‌ କରିଛି। ସନ୍ଦୀପ ପଟ୍ଟନାୟକ ସର୍ବାଧିକ ୪୫ ରନ୍‌ କରିଛନ୍ତି। ଗୋଟିଏ ଉଇକେଟ ବାକିଥାଇ ଓଡ଼ିଶା ମୋଟ ୧୭୮ ରନ୍‌ରେ ଅଗ୍ରଣୀ ଲାଭ କରିଛି। ତେବେ ଶ୍ରୀଲଙ୍କା ଇମର୍ଜିଂ ବୋଲରଙ୍କ ବିପକ୍ଷରେ ଓଡ଼ିଶାର ଅଭିଜ୍ଞ ଏକ୍ସପୋଜର ଟିମ୍‌ର ବ୍ୟାଟିଂ ବିଫଳତାକୁ ନେଇ ପ୍ରଶ୍ନ ଉଠିଛି।



ସୁମିତ୍‌ ଶର୍ମା

# ୟୁନିୟନ-ରାଇଜିଂ ଫାଇନାଲ

**ଭୁବନେଶ୍ୱର, ୨୫।୪(ତପନ ସ୍ୱାଇଁ)**

**ଫୁଲବେରୀ ଟ୍ୱିନ୍‌ ସିଟି ଟି୨୦ କ୍ରିକେଟ**

କଟକ ଜଗତପୁରସ୍ଥିତ ନିମପୁର ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଚାଲିଥିବା ଫୁଲବେରୀ ଟ୍ୱିନ୍‌ ସିଟି ଟି୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ପର୍ଯ୍ୟାୟ ଶେଷ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ରାଇଜିଂ ଷ୍ଟ୍ରେସ ୩୧ ରନରେ ବିଶ୍ୱଭାରତୀ କ୍ଲବକୁ ପରାସ୍ତ କରିଛି। ଶନିବାର ୟୁନିୟନ ସ୍ପୋର୍ଟିଂ ଓ ରାଇଜିଂ ଷ୍ଟ୍ରେସ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ଟସ୍‌ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରାଇଜିଂ ଷ୍ଟ୍ରେସ ୧୮.୪ ଓଭରରେ ୧୪୬ ରନ୍‌କରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ଆଦିତ୍ୟ ରାଉତ ୨୫ ବଲ୍‌ରୁ ସର୍ବାଧିକ ୬୦ ରନ୍‌ କରିଥିଲେ। ବିପକ୍ଷ ଦଳର ରାକେଶ ଦାସ ୩ଟି ଏବଂ ଅଭିଷେକ ଯାଦବ ଓ ସ୍ୱପ ଭୂୟାଁ ୨ଟି ଲେଖାଏ ଉଇକେଟ ନେଇଥିଲେ। ୧୪୭ ରନ୍‌ ବିଜୟ ଲକ୍ଷ୍ୟରେ ବିଶ୍ୱଭାରତୀ ୧୯.୧ ଓଭରରେ ୧୧୫ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା। ବିଜୟୀ ଦଳର ଆୟୁଷ ବାରିକ ୧୫ ରନ୍‌ରେ ୪ଟି ଏବଂ ଗୋବିନ୍ଦ ଘୋଷାଲ ଓ ଦେବବ୍ରତ ପ୍ରଧାନ ୨ଟି ଲେଖାଏ ଉଇକେଟ ନେଇଥିଲେ। ଆୟୁଷ ବାରିକ ପ୍ଲେୟର ଅଫ୍‌ ଦି ମ୍ୟାଚ୍‌ ବିବେଚିତ ହୋଇଥିଲେ। ଅମ୍ପାୟର ସତ୍ୟବ୍ରତ ମହାପାତ୍ର ଓ ତପନ କୁମାର ବେହେରା ମ୍ୟାଚ୍‌ ପରିଚାଳନା କରିଥିଲେ। ସ୍କୋରର ଥିଲେ ପ୍ରଶାନ୍ତ କୁମାର ବେହେରା ଓ ସୁନୀଲ କୁମାର ରାଉଳ। ପୂର୍ବତନ ମହିଳା କ୍ରିକେଟ ଖେଳାଳି ପଦ୍ମିନୀ କୁମାର ରାଉଳ, ଇଲେକ୍ଟ୍ରିକାଲ ଇଞ୍ଜିନିୟର ବିକାଶ ଭୋଇ, ଅଧ୍ୟାପକ ସିଦ୍ଧାନ୍ତ ବିଶ୍ୱାଳ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଗତ ଗୁରୁବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ନିମପୁର ସ୍ପୋର୍ଟ୍ସ ୭୭ ରନ୍‌ରେ ହରାଇ ୟୁନିୟନ ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଥିଲା।



ଅତିଥିମାନେ ଆୟୁଷ ବାରିକଙ୍କୁ ପ୍ଲେୟର ଅଫ୍‌ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ - ତଥାଗତ ସତପଥୀ